# ଧରିତ୍ରୀ
# DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 3/2024 Page 20 ₹ 7.00
୫୦ଶ ଭାଗ ୧୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 100 ମୂଲ୍ୟ ₹୭/-









## ସଂକ୍ଷେପରେ

### ରାଫାହରେ ଏୟାର ଷ୍ଟ୍ରାଇକ: ୧୧ ମୃତ

**ରାଫାହ, ୨।୩:** ଗାଜା ଉପରେ ଇସ୍ରାଏଲ୍ ଶନିବାର ପୁଣି ଏୟାର ଷ୍ଟ୍ରାଇକ କରିଛି। ରାଫାହ ସହରରେ ଥିବା ବିସ୍ଥାପିତ ପାଲେଷ୍ଟେନୀୟଙ୍କ ଏକ ଟେଣ୍ଟକୁ ଟାର୍ଗେଟ କରି ହୋଇଥିବା ଏୟାର ଷ୍ଟ୍ରାଇକରେ ୧୧ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ସହରର ତେଲ୍ ଅଲ୍ ସୁଲତାନ୍ ଅଞ୍ଚଳର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ଗତବର୍ଷ ଅକ୍ଟୋବର ୭ରୁ ଗାଜା ଉପରେ ଇସ୍ରାଏଲ ଆକ୍ରମଣ କରିବା ପରଠାରୁ ଏପର୍ଯ୍ୟନ୍ତ ୩୦ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ ହଜାର ନାଗରିକ ଆହତ ହୋଇଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି।

### ଆମେରିକାରେ ଭାରତୀୟ ନୃତ୍ୟଶିଳ୍ପୀଙ୍କୁ ହତ୍ୟା

**ନ୍ୟୁୟର୍କ, ୨।୩:** ଆମେରିକାରେ ଭାରତୀୟ ତଥା ଭାରତୀୟ ବଂଶୋଦ୍ଭବଙ୍କ ଉପରେ ଆକ୍ରମଣ ଥମିବା ନାଁ ନେଉନାହିଁ। ମିସୌରୀ ଅନ୍ତର୍ଗତ ସେଣ୍ଟ ଲୁଇସ୍‌ଠାରେ ଜଣେ ୩୪ ବର୍ଷୀୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ନିଜର ନୃତ୍ୟ ସ୍ୱପ୍ନକୁ ସାକାର କରିବା ପାଇଁ ଗତବର୍ଷ ଆମେରିକା ଯାଇଥିବା କୁଚିପୁଡ଼ି ଏବଂ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଅମରନାଥ ଘୋଷଙ୍କୁ ସେଣ୍ଟ ଲୁଇସ୍ ଏକାଡେମୀ ନିକଟରେ ଏକାଧିକ ଗୁଳିମାଡ଼ କରାଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଶିକାଗୋରେ ଥିବା ଭାରତୀୟ କନ୍‌ସୁଲେଟ୍ କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ପୋଲିସ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ୍ ବେଙ୍ଗାଲୁରୁ ବିସ୍ଫୋରଣର ତଦନ୍ତ କରିବ

**ବେଙ୍ଗାଲୁରୁ, ୨।୩:** ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ମାମଲାର ତଦନ୍ତ କେନ୍ଦ୍ରୀୟ କ୍ରାଇମ୍ ବ୍ରାଞ୍ଚ କରିବ ବୋଲି ପୋଲିସ କମିଶନର ବି. ଦୟାନନ୍ଦ କହିଛନ୍ତି। ଶୁକ୍ରବାର ଘଟିଥିବା ଏହି ବିସ୍ଫୋରଣରେ ୧୦ ଜଣ ଆହତ ହୋଇଥିଲେ। ସିସିଟିଭି ଫୁଟେଜ୍‌ରୁ କାଫେରେ ବୋମା ରଖିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ପୋଲିସ ୪ ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ଛାଡ଼ିଦେଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ କେତେକ ଟିମ୍ ଗଠନ କରିଛି। ମାମଲାର ସମ୍ବେଦନଶୀଳତା ଦୃଷ୍ଟିରୁ ଗଣମାଧ୍ୟମ କୌଣସି ଗୁଜବରେ ସମ୍ପୃକ୍ତ ନ ହୋଇ ସହଯୋଗ କରିବାକୁ ପୋଲିସ କମିଶନର ନିବେଦନ କରିଛନ୍ତି।

### ଗାଜାରେ ଆକାଶମାର୍ଗରୁ ଖାଦ୍ୟ ପକାଇଲା ଆମେରିକା

**ରାଫାହ, ୨।୩:** ଆମେରିକୀୟ ସେନା ଶନିବାର ଗାଜାରେ ବିମାନ ଯୋଗେ ୬୬ଟି ବଣ୍ଡଲରେ ୩୮ ହଜାର ପ୍ୟାକେଟ୍ ଖାଦ୍ୟ ପକାଇଛି। ୩ଟି ବିମାନରେ ଏହି ଖାଦ୍ୟସାମଗ୍ରୀ ପଠାଯାଇଥିଲା। ଗାଜାରେ ଏୟାରଡ୍ରପ୍ କରାଯିବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ଦିନକ ପୂର୍ବରୁ ଘୋଷଣା କରିଥିଲେ। ଗୁରୁବାର ଗାଜାରେ ଇସ୍ରାଏଲ୍ ଆକ୍ରମଣରେ ଶତାଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିଲା। ମାନବୀୟ ସହାୟତା ଅପେକ୍ଷାରେ ସେମାନେ ଧାଡ଼ିରେ ଠିଆ ହୋଇଥିବାବେଳେ ଆକ୍ରମଣ ହୋଇଥିଲା। ଏହାକୁ ମାନବିକ ବିପର୍ଯ୍ୟୟ ଓ ଦୁର୍ଭିକ୍ଷ ଦର୍ଶାଇ ଆମେରିକା ପକ୍ଷରୁ ସହାୟତା ଘୋଷଣା କରାଯାଇଥିଲା।

# ଅନୁଚ୍ଛେଦ ୨୧ ସମ୍ବିଧାନର ଆତ୍ମା

### ନାଗରିକମାନଙ୍କ ସ୍ୱାଧୀନତା ସର୍ବୋପରି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨।୩(ପି.ଟି.)



ନାଗରିକମାନଙ୍କ ସ୍ୱାଧୀନତା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଅନୁଚ୍ଛେଦ ୨୧ ସମ୍ବିଧାନର ଆତ୍ମା ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ ସମ୍ପର୍କିତ ମାମଲାରେ ହାଇକୋର୍ଟ ତ୍ୱରିତ୍ ନିଷ୍ପତ୍ତି ନେଇ ଜଣେ ବ୍ୟକ୍ତିଙ୍କୁ ତାଙ୍କର ମୂଲ୍ୟବାନ ଅଧିକାରରୁ ବଞ୍ଚିତ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

ଗତ ଜାନୁଆରୀ ୨୯ରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ମହାରାଷ୍ଟ୍ରର ଜଣେ କର୍ପୋରେଟରଙ୍କୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଅମୋଲ ବିଠଲ ବାହିଲଙ୍କୁ ବମ୍ବେ ହାଇକୋର୍ଟ ଜାମିନ ପ୍ରଦାନ କରିଥିବା ଖଣ୍ଡପୀଠ କହିଛନ୍ତି। ତେବେ ଜାନୁଆରୀ ୨୯ରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା ପୂର୍ବରୁ ହାଇକୋର୍ଟ ଜାମିନ ଆବେଦନକୁ ବିଚାର କରିବା ପରିବର୍ତ୍ତେ ବିଭିନ୍ନ କାରଣ ଦର୍ଶାଇ ଏହାକୁ ଘୁଞ୍ଚାଇ ଚାଲିଥିଲେ। ନାଗରିକଙ୍କ ସ୍ୱାଧୀନତା ସହ ଜଡ଼ିତ ମାମଲାକୁ ତୁରନ୍ତ ବିଚାର ନ କରି ଗଡ଼ାଇ ଚାଲିବା ଦ୍ୱାରା ସମ୍ପୃକ୍ତ ପକ୍ଷଙ୍କୁ ତାଙ୍କ ମୂଲ୍ୟବାନ ଅଧିକାରରୁ ବଞ୍ଚିତ କରୁଛି। ସମ୍ବିଧାନର ଅନୁଚ୍ଛେଦ ୨୧ ନାଗରିକମାନଙ୍କ ଏହି ଅଧିକାରକୁ ସୁନିଶ୍ଚିତ କରୁଥିବା ଖଣ୍ଡପୀଠ କହିଛନ୍ତି। ବମ୍ବେ ହାଇକୋର୍ଟରେ ବିଭିନ୍ନ ମାମଲାରେ ଜାମିନ ଏବଂ ଅନ୍ତରୀଣ ଜାମିନ ଆବେଦନର ତ୍ୱରିତ୍ ନିଷ୍ପତ୍ତି ନିଆଯାଉ ନ ଥିବା ସର୍ବୋଚ୍ଚ ଅଦାଲତ ଜାଣିବାକୁ ପାଇଥିଲେ। ଏଭଳି ଏକ ମାମଲାରେ ଅନ୍ତରୀଣ ଜାମିନ ଆବେଦନକୁ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଝୁଲାଇ ରଖାଯାଇଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ବିଚାରପତିମାନେ ମାମଲାର ଗୁରୁତ୍ୱକୁ ବିଚାରକୁ ନ ନେଇ ବିଭିନ୍ନ ବାହାନା କରି ସମୟ ଗଡ଼ାଇ ଚାଲୁଛନ୍ତି। ତେଣୁ ଆପରାଧିକ ମାମଲାର ବିଚାର କରୁଥିବା ସମସ୍ତ ବିଚାରପତିଙ୍କୁ ଜାମିନ କିମ୍ବା ଅନ୍ତରୀଣ ଜାମିନ ସମ୍ପର୍କିତ ମାମଲାଗୁଡ଼ିକର ବିଚାର ଯଥାସମ୍ଭବ ଶୀଘ୍ର କରିବା ନିମନ୍ତେ ସୁପ୍ରିମକୋର୍ଟଙ୍କ ଅନୁରୋଧ ଜଣାଇଦେବାକୁ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କହିଛନ୍ତି। ହାଇକୋର୍ଟର ରେଜିଷ୍ଟ୍ରାରଙ୍କୁ ଉପରୋକ୍ତ ନିର୍ଦ୍ଦେଶନାମା ଜଣାଇଦେବାକୁ ଖଣ୍ଡପୀଠ ସର୍ବୋଚ୍ଚ ଅଦାଲତଙ୍କ ରେଜିଷ୍ଟ୍ରାର (ଜୁଡିସିଆଲ୍)ଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତ ବାହିଲ ୭.୫ ବର୍ଷ ଜେଲରେ ବିତାଇବା ପରେ ନିୟମିତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଆବେଦନକୁ ବିଚାରକୁ ନ ନେଇ ତଳକୋର୍ଟକୁ ଯିବା ପାଇଁ ଗତବର୍ଷ ମାର୍ଚ୍ଚ ୩୦ରେ ନିର୍ଦ୍ଦେଶ ଦେଇଥିଲେ। ଜାମିନର ଗୁରୁତ୍ୱକୁ ବିଚାରକୁ ନ ନେବା ନ୍ୟାୟପାଳିକା ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ପାଦନ ନ କରିବା ସହ ସମାନ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

### ହଟାଇଥିବା ଭାରତୀୟ ଆପ୍‌କୁ ରିଷ୍ଟୋର୍ କଲା ଗୁଗଲ୍

ନୂଆଦିଲ୍ଲୀ, ୨।୩

ଶୁକ୍ରବାର ଗୁଗଲ୍ ପକ୍ଷରୁ କିଛି ଭାରତୀୟ ମୋବାଇଲ ଆପ୍ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସେଗୁଡ଼ିକୁ ପ୍ଲେ ଷ୍ଟୋରରୁ ହଟାଇ ଦିଆଯାଇଥିଲା। ତେବେ ଏନେଇ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହସ୍ତକ୍ଷେପ ପରେ ଗୁଗଲ୍ ନିଷ୍ପତ୍ତି ବଦଳାଇଛି। ଶନିବାର ଏନେଇ ଗୁଗଲ୍ ଅଧିକାରିଙ୍କ ସହ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଧିକାରୀକ ଭାବେ ଆଲୋଚନା କରିବା ପରେ ଏହି ଭାରତୀୟ ଆପ୍‌ଗୁଡ଼ିକର ରିଷ୍ଟୋର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଇନ୍-ଆପ୍ ପେମେଣ୍ଟ ବାବଦରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଗୁଗଲ୍‌ର ଫିସ୍ ଆଦାୟକୁ ଦୀର୍ଘ ସମୟ ଧରି ବିଭିନ୍ନ ଭାରତୀୟ କମ୍ପାନୀ ବିରୋଧ କରି ଆସୁଥିଲେ। ତେବେ ଏହି ଇନ୍ -ଆପ୍ ପେମେଣ୍ଟ ସିଷ୍ଟମର ଧାର୍ଯ୍ୟ ସର୍ଭିସ ଦେୟ ଦେଇ ନ ଥିବାରୁ ୧୦ ଭାରତୀୟ ଆପ୍ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଗୁଗଲ୍ ସେଗୁଡ଼ିକୁ ପ୍ଲେ ଷ୍ଟୋରରୁ ହଟାଇଥିଲା।

## ୮୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ପୋଷ୍ଟାଲ ବାଲଟ ସୁବିଧା

### ପକ୍ଷପାତ କଲେ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଇସିଙ୍କ ନିର୍ଦ୍ଦେଶ

ଲକ୍ଷ୍ନୌ/ନୂଆଦିଲ୍ଲୀ, ୨।୩(ପି.ଟି.)

ଆଗାମୀ ନିର୍ବାଚନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ପୋଷ୍ଟାଲ ବାଲଟ ସୁବିଧା ଯୋଗାଇଦେବା ପାଇଁ ସରକାର ନିର୍ବାଚନୀ ନିୟମାବଳୀରେ ସଂଶୋଧନ କରିଛନ୍ତି। ପୂର୍ବରୁ ଏହି ସୁବିଧା ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରମାନଙ୍କୁ ମିଳୁଥିଲା। ଲୋକ ସଭା ଏବଂ ୪ ରାଜ୍ୟର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପୂର୍ବରୁ ନିର୍ବାଚନୀ ନିୟମାବଳୀରେ ସଂଶୋଧନ କରାଯାଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ସଦ୍ୟ ଜାରି ହୋଇଥିବା ଭୋଟର ତାଲିକା ଅନୁଯାୟୀ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୧.୮୫ କୋଟି। ସେହିପରି ଶତାୟୁ ଭୋଟରଙ୍କ ସଂଖ୍ୟା




୨.୩୮ ଲକ୍ଷ ରହିଥିବା ଜଣାପଡ଼ିଛି।

ପକ୍ଷପାତିତାରେ ସମ୍ପୃକ୍ତ ଅଫିସରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତର ନିର୍ବାଚନ କମିଶନ (ଇସି) ସମସ୍ତ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକ ସଭା ନିର୍ବାଚନକୁ ପ୍ରଲୋଭନ ମୁକ୍ତ କରାଇବା ଏବଂ ସବୁ ରାଜନୈତିକ ଦଳଙ୍କୁ ସମାନ ସୁବିଧା ପ୍ରଦାନ ପାଇଁ ଇସି ଏଭଳି ପଦକ୍ଷେପ ନେଇଛନ୍ତି। ରାଜନୈତିକ ଦଳଗୁଡ଼ିକର ଅଭିଯୋଗ ଆଧାରରେ ଜିଲା ନିର୍ବାଚନ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଲକ୍ଷ୍ନୌଠାରେ ଖବରଦାତାମାନଙ୍କୁ କହିଛନ୍ତି।

### ଗୌତମ ଗମ୍ଭୀର, ଜୟନ୍ତ ସିହ୍ନା ନିର୍ବାଚନ ଲଢ଼ିବେନି

ନୂଆଦିଲ୍ଲୀ, ୨।୩

ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀର ନିର୍ବାଚନୀ ରାଜନୀତିରୁ ଓହରିଯିବେ ବୋଲି ସୂଚନା ଦେବାର କିଛି ସମୟ ପରେ ଅନ୍ୟତମ ଏମ୍‌ପି ଜୟନ୍ତ ସିହ୍ନା ମଧ୍ୟ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଚାହୁଁ ନ ଥିବା କହିଛନ୍ତି। ସେମାନଙ୍କୁ ପ୍ରତ୍ୟକ୍ଷ ନିର୍ବାଚନୀ କାର୍ଯ୍ୟରୁ ବାଦ୍ ଦେବାକୁ ଉଭୟ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ନିବେଦନ କରିଛନ୍ତି। ଜୟନ୍ତ ଦଳ ସହ ଅର୍ଥନୈତିକ ଏବଂ ଶାସନ ସମ୍ବନ୍ଧୀୟ ପ୍ରସଙ୍ଗରେ କାର୍ଯ୍ୟ ଜାରି ରଖିବେ ବୋଲି ଜଣାଇଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଚୟନ ପାଇଁ ଭାଜପା ଲୋକପ୍ରିୟ ନେତାମାନଙ୍କ ଉପରେ ସର୍ଭେ କରିଥିଲା। ସର୍ଭେରେ ଗମ୍ଭୀର ଏବଂ ସିହ୍ନାଙ୍କ ପ୍ରଦର୍ଶନ ଭଲ ନ ଥିବାରୁ ସେମାନେ ଟିକେଟ ପାଇ ନ ପାରନ୍ତି ବୋଲି ଜଣାପଡ଼ିଥିଲା।

### ସୁଖୁ ସରକାରଙ୍କ ଅଡୁଆ ବଢ଼ାଇଲେ ବିକ୍ରମାଦିତ୍ୟ

ଶିମଳା, ୨।୩

ହିମାଚଳପ୍ରଦେଶ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ ନିଜ ଫେସ୍‌ବୁକ ବାୟୋରୁ ସରକାରୀ ପଦବୀ ହଟାଇଦେଇ ପୁଣି ଥରେ କଂଗ୍ରେସ ନେତୃତ୍ୱ ପାଇଁ ଅଡୁଆ ସୃଷ୍ଟି କରିଛନ୍ତି। ପୂର୍ବରୁ ବିକ୍ରମାଦିତ୍ୟଙ୍କ ଫେସ୍‌ବୁକ୍ ବାୟୋରେ ପିଡବ୍ଲ୍ୟୁଡି ମନ୍ତ୍ରୀ ଏବଂ ଭାରତୀୟ ଜାତୀୟ କଂଗ୍ରେସ ସଦସ୍ୟ ଲେଖାଥିଲା। ତାହାକୁ ହଟାଇ ଦେଇ ସେ କେବଳ 'ହିମାଚଳର ସେବକ' ବୋଲି ଲେଖିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହାରିଯିବା ପରେ ସୁଖବିନ୍ଦର ସିଂ ସୁଖୁ ସରକାର ଭାଙ୍ଗିଯିବା ଆଶଙ୍କା ପ୍ରକାଶ ପାଇଥିଲା। ସେବେଠାରୁ ସରକାର ବଞ୍ଚାଇବା ପାଇଁ କଂଗ୍ରେସ ଲଢ଼େଇ କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁଅ ବିକ୍ରମାଦିତ୍ୟ ଶୁକ୍ରବାର ଦିଲ୍ଲୀ ଯିବା ପୂର୍ବରୁ ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ



ଭେଟିଥିଲେ। ଦିଲ୍ଲୀରେ ସେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବା ନେଇ ଚର୍ଚ୍ଚା ହେଉଛି। ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୬ କଂଗ୍ରେସ ବିଧାୟକଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରୁ ରାଜିନ୍ଦର ରାଣା କହିଛନ୍ତି, ଅନ୍ୟୂନ ୯ କଂଗ୍ରେସ ବିଧାୟକ ସେମାନଙ୍କ ସହ ସମ୍ପର୍କରେ ଅଛନ୍ତି। ତାଙ୍କ ସମେତ ଅଯୋଗ୍ୟ ଘୋଷିତ ହୋଇଥିବା ୬ ବିଧାୟକ କଂଗ୍ରେସକୁ ଫେରିବାକୁ ଚାହାନ୍ତି ନାହିଁ ବୋଲି ସେ କହିଛନ୍ତି।

## ୧୪ରେ କିଷାନ ମହାପଞ୍ଚାୟତ

### ଯୋଗଦେବେ ୪୦୦ କୃଷକ ସଂଗଠନ

ଲୁଧିଆନା, ୨।୩

ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ପୂରଣ ଲାଗି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ଆସନ୍ତା ୧୪ ତାରିଖରେ ଦିଲ୍ଲୀରେ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହେବ। ସେଥିରେ ୪୦୦ରୁ ଊର୍ଦ୍ଧ୍ୱ କୃଷକ ସଂଗଠନ ଯୋଗଦେବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ କୁହାଯାଇଛି। ଶନିବାର ୩୭ କୃଷକ ସଂଗଠନର ବୈଠକ ବସି ଦିଲ୍ଲୀର ରାମଲୀଳା ମଇଦାନରେ ମହାପଞ୍ଚାୟତ ଆୟୋଜନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଚାଷୀମାନେ ଟ୍ରାକ୍ଟର ଟ୍ରଲିରେ ନ ଯାଇ ବସ୍ ଓ ଟ୍ରେନ୍ ଯୋଗେ ଦିଲ୍ଲୀ ଯିବେ। ଦାବି ପୂରଣ ନିମନ୍ତେ ଲଢ଼େଇ ଜାରି ରହିବ ବୋଲି ଭାରତୀୟ କିଷାନ ୟୁନିୟନ (ଲାଖୋୱାଲ)ର ସାଧାରଣ ସମ୍ପାଦକ ହରିନ୍ଦର ସିଂ ଲାଖୋୱାଲ କହିଛନ୍ତି।

### ଏନ୍‌ଡିଏରେ ସାମିଲ ହେଲା ଆର୍‌ଏଲ୍‌ଡି

ନୂଆଦିଲ୍ଲୀ, ୨।୩

ଲୋକ ସଭା ନିର୍ବାଚନ ପାଇଁ ଶନିବାର ଭାଜପା ପ୍ରଥମ ଦଫାରେ ୧୯୫ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଥିବାବେଳେ ଜୟନ୍ତ ଚୌଧରୀଙ୍କ ରାଷ୍ଟ୍ରୀୟ ଲୋକଦଳ (ଆର୍‌ଏଲ୍‌ଡି) ଆନୁଷ୍ଠାନିକ ଭାବେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହୋଇଛି। ପୂର୍ବରୁ ଉତ୍ତରପ୍ରଦେଶର ଏହି ଦଳ ଇଣ୍ଡିଆ ମେଣ୍ଟରେ ରହିଥିବାବେଳେ ଖୁବ୍‌ଶୀଘ୍ର ମେଣ୍ଟ ବଦଳାଇବା ନେଇ ଚର୍ଚ୍ଚା ହେଉଥିଲା। ଗତମାସ ୯ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧରୀ ଚରଣ ସିଂଙ୍କୁ ଭାରତରତ୍ନରେ ସମ୍ମାନିତ କରାଯିବ ବୋଲି ଘୋଷଣା କରାଯିବା ପରେ ଏହି ଚର୍ଚ୍ଚା ଜୋର୍ ଧରିଥିଲା। କେନ୍ଦ୍ରର ନିଷ୍ପତ୍ତିକୁ ଆର୍‌ଏଲ୍‌ଡି ଅଧ୍ୟକ୍ଷ ସ୍ୱାଗତ କରିବା ସହ ଏହି ଘୋଷଣା ତାଙ୍କ ହୃଦୟକୁ ଜିତିନେଲା ବୋଲି ସୋସିଆଲ ମିଡିଆରେ ଲେଖିଥିଲେ।

### ଫିଲ୍ମ ଫେଷ୍ଟିଭାଲରୁ 'କିଷାନ ସତ୍ୟାଗ୍ରହ' ବାଦ୍

**ବେଙ୍ଗାଲୁରୁ, ୨।୩ :** ଚଳିତ ବର୍ଷ ବେଙ୍ଗାଲୁରୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରୁ ୨୦୨୧ର ଡକ୍ୟୁମେଣ୍ଟାରୀ ଫିଲ୍ମ 'କିଷାନ ସତ୍ୟାଗ୍ରହ'କୁ ବାଦ୍ ଦିଆଯାଇଛି। ଏହାକୁ ନେଇ କନ୍ନଡ଼ ଫିଲ୍ମ ନିର୍ମାତା କେଶରୀ ହାରାଭୁ ଶନିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଗତ ୨ ବର୍ଷ ହେଲା ଦିନକୁ ଦିନ ଆମ ସ୍ୱରକୁ ସଙ୍କୁଚିତ କରିଦିଆଯାଉଥିବା ସେ କ୍ଷୋଭର ସହ କହିଛନ୍ତି। କେନ୍ଦ୍ରର ୩ କୃଷି ଆଇନକୁ ବିରୋଧ କରି କୃଷକମାନେ ଚଳାଇଥିବା ବର୍ଷବ୍ୟାପୀ ଆନ୍ଦୋଳନ ଉପରେ ହାରାଭୁ ଡକ୍ୟୁମେଣ୍ଟାରୀ 'କିଷାନ ସତ୍ୟାଗ୍ରହ' ପ୍ରସ୍ତୁତ କରିଥିଲେ। ସୂଚନା ପ୍ରସାରଣ ମନ୍ତ୍ରଣାଳୟର ମଞ୍ଜୁରୀ ନ ମିଳିବାରୁ ବେଙ୍ଗାଲୁରୁ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରୁ ଏହାକୁ ବାଦ୍ ଦିଆଯାଇଛି। ଗତ ୨୯ ତାରିଖରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଚଳଚ୍ଚିତ୍ର ଉତ୍ସବର ଉଦ୍‌ଘାଟନ କରିଥିଲେ।

## ସତ୍ୟେନ୍ଦ୍ରଙ୍କ ବିରୋଧରେ ସିବିଆଇ ତଦନ୍ତ ହେବ

### କଏଦୀଙ୍କଠାରୁ ଚାନ୍ଦା ଆଦାୟ ମାମଲା

### ଉପରାଜ୍ୟପାଳଙ୍କ ଅନୁମତି

ନୂଆଦିଲ୍ଲୀ, ୨।୩

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲ୍‌ରେ ଥିବା କେଜ୍‌ରିୱାଲ୍ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଝଟ୍‌କା ଲାଗିଛି। ଦିଲ୍ଲୀ ଉପ ରାଜ୍ୟପାଳ ବିନୟ କୁମାର ସକ୍ସେନା ସତ୍ୟେନ୍ଦ୍ରଙ୍କ ବିରୋଧରେ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦେଇଛନ୍ତି। ଜୈନ କିଛି ଜେଲ୍ କର୍ମଚାରୀଙ୍କ ସହ ମିଶି ଅନ୍ୟ କଏଦୀଙ୍କଠାରୁ ଜବରଦସ୍ତି ଚାନ୍ଦା ଆଦାୟ କରୁଥିବା ଅଭିଯୋଗକୁ ନେଇ ଉପ ରାଜ୍ୟପାଳଙ୍କ ଏହି ନିର୍ଦ୍ଦେଶ ସାମ୍ନାକୁ ଆସିଛି। ଠକେଇ ଅଭିଯୋଗରେ ତିହାଡ଼ ଜେଲ୍‌ରେ ସଜା କାଟୁଥିବା



ସତ୍ୟେନ୍ଦ୍ର ଜୈନ

ସୁକେଶ୍ ଚନ୍ଦ୍ରଶେଖରଙ୍କ ଠାରୁ ଜୈନ ଓ ତାଙ୍କ ସାଥୀ ୧୦ କୋଟି ଟଙ୍କା ଚାନ୍ଦା ହଡ଼ପ କରିଥିବା ନେଇ ସେ ଅଭିଯୋଗ ଆଣିଥିଲେ। ସୁକେଶ୍‌ଙ୍କ ବ୍ୟତୀତ ଜେଲ୍ ମଧ୍ୟରେ ରହିଥିବା କିଛି ହାଇ ପ୍ରୋଫାଇଲ୍ କଏଦୀଙ୍କ ଠାରୁ ମଧ୍ୟ ସୁରକ୍ଷା ରାଶି ବାବଦରେ ଚାନ୍ଦା ଆଦାୟ ହୋଇଥିବା ଅଭିଯୋଗ ଆସିଥିଲା। ବଦଳରେ ଏହି କଏଦୀମାନଙ୍କୁ ଶାନ୍ତି ଓ ଆରାମଦାୟକ ଜୀବନଶୈଳୀ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଉଥିଲା। ଏହିପରି କଏଦୀଙ୍କଠାରୁ ଜବରଦସ୍ତି ଚାନ୍ଦା ଆଦାୟ କରୁଥିବା ର‌୍ୟାକେଟରେ ଜେଲ୍‌ର କିଛି କର୍ମଚାରୀ ସାମିଲ ଥିବା ନେଇ ଆସିଥିବା ଅଭିଯୋଗର ସିବିଆଇ ତଦନ୍ତ ନେଇ ଅନୁମତି ଦେଇଛନ୍ତି ଦିଲ୍ଲୀ ଉପ ରାଜ୍ୟପାଳ। ସୂଚନାଯୋଗ୍ୟ, ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୦୨୨ ମେ ମାସରେ ଜୈନଙ୍କୁ ଗିରଫ କରିଥିବା ବେଳେ ଏବେ ସେ ସ୍ୱାସ୍ଥ୍ୟଗତ କାରଣ ଯୋଗୁ କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ଜାମିନରେ ରହିଛନ୍ତି।




# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ | Bhubaneswar, Sunday, March 3/2024


# ଭାଜପାର ପ୍ରଥମ ପ୍ରାର୍ଥୀ ତାଲିକାରେ ୩୪ ମନ୍ତ୍ରୀ


ନରେନ୍ଦ୍ର ମୋଦି (ବାରାଣସୀ)


ଅମିତ ଶାହା (ଗାନ୍ଧୀନଗର)


ରାଜନାଥ ସିଂ (ଲକ୍ଷ୍ନୌ)

## ଟିକେଟରୁ ବଞ୍ଚିତ


ମୀନାକ୍ଷୀ ଲେଖି


ପ୍ରବେଶ ସିଂ ବର୍ମା


ପ୍ରଜ୍ଞା ସିଂ ଠାକୁର

**ନୂଆଦିଲ୍ଲୀ,୨।୩(ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ଭାଜପା ଶନିବାର ପ୍ରଥମ ପର୍ଯ୍ୟାୟରେ ୧୯୫ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଉକ୍ତ ତାଲିକାରେ ୩୪ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବାରାଣସୀ ଆସନରୁ ଲଢ଼ିବାକୁ ଥିବାବେଳେ ଅମିତ୍ ଶାହା ଗୁଜରାଟର ଗାନ୍ଧୀନଗରରୁ ଏବଂ ରାଜନାଥ ସିଂ ଲକ୍ଷ୍ନୌରୁ ଲଢ଼ିବେ। ପ୍ରାର୍ଥୀ ତାଲିକାରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ନାଁ ରହିଛି। ବିର୍ଲା ରାଜସ୍ଥାନର କୋଟା ଆସନରୁ ଲଢ଼ିବାକୁ ସ୍ଥିର ହୋଇଥିବାବେଳେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଦିଶା ଆସନରୁ ପ୍ରାର୍ଥୀ ହେବେ। ପ୍ରାର୍ଥୀ ତାଲିକାରେ ଥିବା ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ସ୍ମୃତି ଇରାନୀ, ମନସୁଖ ମାଣ୍ଡବ୍ୟ, ଜିତେନ୍ଦ୍ର ସିଂ, ସର୍ବାନନ୍ଦ ସୋନୋୱାଲ, ଗଜେନ୍ଦ୍ର ଶେଖାୱତ୍, ଭୂପେନ୍ଦ୍ର ଯାଦବ, ଜି. କିଷନ ରେଡ୍ଡୀ, କିରେନ୍ ରିଜିଜୁ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ☞ପୃଷ୍ଠା–୯

**ଭାଜପାର ୧୯୫ ଲୋକ ସଭା ପ୍ରାର୍ଥୀଙ୍କ ତାଲିକା** ☞ପୃଷ୍ଠା–୮

# କଟକ ତାରକସିକୁ ଜିଆଇ ଟ୍ୟାଗ୍

## ଦୀର୍ଘ ଦିନର ଦାବି ପୂରଣ ହେଲା

**କଟକ,୨।୩ (କାର୍ତ୍ତିକ ସାହୁ)**

ଦୀର୍ଘଦିନର ଦାବି ପୂରଣ ହୋଇଛି। ପ୍ରାଚୀନ କଟକ ସହରର ଅନ୍ୟତମ ଐତିହ୍ୟ ଭାବେ ପରିଗଣିତ ରୁପା ତାରକସିକୁ ଶନିବାର ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମିଳିଛି। ଏହାଦ୍ୱାରା ଓଡ଼ିଶାର ଜିଆଇ ଟ୍ୟାଗ୍ ତାଲିକାରେ ରୁପା ତାରକସି ୨୬ ନମ୍ବର ସ୍ଥାନରେ ରହିଛି। ଚେନ୍ନାଇସ୍ଥିତ ଜିଓଗ୍ରାଫିକାଲ ଇଣ୍ଡିକେଶନ ରେଜିଷ୍ଟ୍ରି ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଥିବା ଜଣାପଡିଛି।

କଟକର ରୁପା ତାରକସି କାରୁକାର୍ଯ୍ୟ ବିଶ୍ୱପ୍ରସିଦ୍ଧ। ହେଲେ ଏହି ଅନନ୍ୟ ଶିଳ୍ପକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଦି ଓଡ଼ିଶା ଷ୍ଟେଟ୍ କୋଅପରେଟିଭ ହ୍ୟାଣ୍ଡିକ୍ରାଫ୍ଟସ୍ କର୍ପୋରେଶନ ଲିମିଟେଡ୍ (ଉତ୍କଳିକା) ପକ୍ଷରୁ ରୂପା ତାରକସିକୁ ଜିଆଇ ଟ୍ୟାଗ୍ ପ୍ରଦାନ ନିମନ୍ତେ ୨୦୨୧ରେ ଆବେଦନ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା, ରୁପାର ତାରକସି କାରୁକାର୍ଯ୍ୟ ତ୍ରୟୋଦଶ ଶତାବ୍ଦୀରୁ କଟକ ସହରରେ ଆରମ୍ଭ ହୋଇଛି। ଏହି କାରୁକାର୍ଯ୍ୟ ଜରିଆରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପିନ୍ଧୁଥିବା ଗହଣା ସମେତ ବିଭିନ୍ନ ଅଳଙ୍କାର, ସାଜସଜ୍ଜା ନିମନ୍ତେ ବ୍ୟବହାର କରାଯାଉଥିବା କାରୁଖଚିତ ସାମଗ୍ରୀ, ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ମୁକ୍ତେଶ୍ୱର ମନ୍ଦିରର ପ୍ରତିକୃତି, ଦୁର୍ଗାପୂଜା ସମୟରେ ଦେବୀଙ୍କୁ ଲାଗି କରାଯାଉଥିବା ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

ଭାଜପାର ଜନ୍ମ





DSPL - 766



ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ Bhubaneswar, Sunday, March 3/2024


# ୫ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲି ୫ ସରକାରୀ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- **୪ ମେଡିକାଲ କଲେଜ ରୂପାନ୍ତରଣ ପାଇଁ ଭିତ୍ତିପ୍ରସ୍ତର**
- **୬ରୁ ସମ୍ବଲପୁରରୁ ବିଏସ୍‌କେୱାଇ ନବୀନ କାର୍ଡର ଶୁଭାରମ୍ଭ**

ଭୁବନେଶ୍ୱର,୨।୩ (ଅସମାପିକା ସାହୁ)

ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲରେ ରାଜ୍ୟର ୫ ସରକାରୀ ମେଡିକାଲ କଲେଜରେ ଟିଚିଂ ହସ୍ପିଟାଲର ଉଦ୍‌ଘାଟନ କରିଛନ୍ତି। ଏଥିସହ ୪ ମେଡିକାଲ କଲେଜର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଦ୍‌ଘାଟିତ ଟିଚିଂ ହସ୍ପିଟାଲଗୁଡ଼ିକ ହେଲା ବଲାଙ୍ଗୀରରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବାରିପଦାରେ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଆଣ୍ଡ ହସ୍ପିଟାଲ, ସୁନ୍ଦରଗଡ଼ରେ ୫୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, କେନ୍ଦୁଝରରେ ୫୦୦ ଶଯ୍ୟା ବିଶିଷ୍ଟ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ବାଲେଶ୍ୱରରେ ୬୫୦ ଶଯ୍ୟା ବିଶିଷ୍ଟ ଫକୀରମୋହନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ। ଏଥିସହ କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନ୍ସର ଗବେଷଣା ପ୍ରତିଷ୍ଠାନ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ରାଉରକେଲା ସରକାରୀ ହସ୍ପିଟାଲ ଏବଂ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଓ ଗବେଷଣା ପ୍ରତିଷ୍ଠାନକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଆଜି ଦିନଟି ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଷ୍ଟୋନ ହୋଇ ରହିବ। ଗୋଟିଏ ଦିନରେ ୫ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୨,୯୫୦ ଶଯ୍ୟା ଯୋଡ଼ିହେଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ବଲାଙ୍ଗୀରରୁ ବାରିପଦା, ସୁନ୍ଦରଗଡ଼ରୁ କେନ୍ଦୁଝର ଓ ବାଲେଶ୍ୱର ସବୁ ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ଦିନ ଥିଲା ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ସ୍ନାତକୋତ୍ତର ପ୍ରତିଷ୍ଠାନ ଗଢ଼ି ଉଠିଛି। ଆଗାମୀ ଦିନରେ ଆଉ ୩ଟି ମେଡିକାଲ କଲେଜ ମଧ୍ୟ ହେବାକୁ ଯାଉଛି। ଆଗରୁ ବର୍ଷକୁ ମାତ୍ର ୩୨୧ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୨୫୪ ଜଣ ସ୍ପେଶାଲିଷ୍ଟ ବାହାରୁଥିଲେ। ଏବେ ୨,୫୨୫ ଏମ୍‌ବିବିଏସ୍ ଡାକ୍ତର ଓ ୯୭୨ ସ୍ପେଶାଲିଷ୍ଟ ବାହାରୁଛନ୍ତି। ୪ ସ୍ୱାସ୍ଥ୍ୟାନୁଷ୍ଠାନକୁ ବିଶ୍ୱସ୍ତରୀୟ ହସ୍ପିଟାଲରେ ରୂପାନ୍ତର କରିବା ପାଇଁ ଭିତ୍ତି ଦିଆଗଲା। ଏଥିପାଇଁ ୩,୪୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁର୍ଲା କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଞ୍ଚାଳନାକରି ଏସବୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶରେ ସହଯୋଗ କରିଥିବା ☞ପୃଷ୍ଠା-୯










ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା



# ଭାଜପାର ଜନ୍ମ



**ଆକାର ପଟେଲ**

ଆସନ୍ତା ବର୍ଷ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏହାର ଶତବାର୍ଷିକୀ ପାଳନ କରିବ। ୧୯୨୫ ମସିହାରେ ନାଗପୁରର ଏକ ଶାଖାରେ ଆର୍‌ଏସ୍‌ଏସ୍ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହାର ୱେବ୍‌ସାଇଟ ଅନୁଯାୟୀ ଏବେ ସାରା ଭାରତରେ ଦୈନିକ ୫୭,୦୦୦ରୁ ଅଧିକ ଶାଖା ଚାଲୁଛି। ତେବେ ଆର୍‌ଏସ୍‌ଏସ୍ କାହିଁକି ଗଠନ ହୋଇଥିଲା ? ୨୦୦୬ ମସିହାରେ ଭାରତୀୟ ଜନତା ପାର୍ଟି (ଭାଜପା) ଦ୍ୱାରା ଔପଚାରିକ ଭାବେ ପ୍ରକାଶିତ ତା' ଇତିହାସ ସମ୍ବଳିତ ପୁସ୍ତକରେ ଏହାର କାରଣ କୁହାଯାଇଛି। ଦଳ ସୂଚନାନୁସାରେ, ହିନ୍ଦୁ ମହାସଭାର ନେତା ବି.ଏସ୍. ମୁଞ୍ଜେ କହନ୍ତି– ଯଦିଓ ନାଗପୁର ସହରରେ ୨୦,୦୦୦ ମୁସଲମାନ ଥିଲେ, ତଥାପି ସେଠାରେ ବାରମ୍ବାର ସାମ୍ପ୍ରଦାୟିକ ହିଂସା ଘଟୁଥିଲା। ଆମେ(ହିନ୍ଦୁ) ନିଜକୁ ଅସୁରକ୍ଷିତ ମନେକରୁଥିଲୁ, କାରଣ ମୁସଲମାନମାନେ ୧.୩ ଲକ୍ଷ ହିନ୍ଦୁଙ୍କୁ ଭୟକରୁ ନ ଥିଲେ। ମୁଞ୍ଜେ ଏହା ଅନୁଭବ କରିଥିଲେ, କାରଣ ହିନ୍ଦୁମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହିଥିଲେ ଓ ପ୍ରତ୍ୟେକଙ୍କର ଏକ ସ୍ୱତନ୍ତ୍ର ଏବଂ ସାଂସ୍କୃତିକ ଧାରା ଥିବାରୁ ସେମାନଙ୍କ ମଧ୍ୟରେ କୌଣସି ଏକତା ନ ଥିଲା। ଅପରପକ୍ଷରେ ମୁସଲମାନମାନେ ଏକ ମାନଦଣ୍ଡ ଓ ବିଶ୍ୱାସ ସହ ସାମୂହିକ ଏକତା ସମ୍ପନ୍ନ ସମାଜ ଗଠନ କରନ୍ତି, ଯାହା ଧର୍ମୀୟ ଦୃଷ୍ଟିରୁ ଭଲ ଭାବେ ସଂଗଠିତ ଏବଂ ଶୃଙ୍ଖଳିତ। ଏହି କାରଣରୁ ଯେକୌଣସି ସ୍ଥାନରେ ସମ୍ପ୍ରଦାୟର କୌଣସି ଅଂଶରେ କିଛି ଆଘାତ କରାଗଲେ ସମସ୍ତେ ତାହାକୁ ଗଭୀର ଭାବେ ଅନୁଭବ କରନ୍ତି।

ପୁସ୍ତକରେ ଉଲ୍ଲେଖ କରାଯାଇଛି, ମୁସଲମାନଙ୍କ ସମ୍ପର୍କକୁ ଲକ୍ଷ୍ୟକରି ହିନ୍ଦୁମାନଙ୍କ ଏକତା ଅଭାବର ସମାଧାନ କରିବାକୁ ଆର୍‌ଏସ୍‌ଏସ୍ ଗଠନ କରାଯାଇଥିଲା ଓ ଏହା ହିନ୍ଦୁ ଏକତା, ସମତା ଏବଂ ସାଂସ୍କୃତିକ ଜାତୀୟତା ଦିଗରେ କାର୍ଯ୍ୟ କରିବ। ଏହାର ପ୍ରତିଷ୍ଠାତା କେ.ବି. ହେଡ୍‌ଗେୱାର ଏକତା ଅଭାବ ଏବଂ ଜାତିପ୍ରଥା ଭଳି ଦୁଇଟି ସମସ୍ୟାର ସମାଧାନ ଲାଗି ହିନ୍ଦୁ ସମାଜକୁ ସଂଗଠିତ କରୁଥିଲେ। ସେ ଏହି ଦୁଇଟିକୁ ଶାଖାର ବ୍ୟବସ୍ଥା ମାଧ୍ୟମରେ କରିଥିଲେ, ଯେଉଁଠାରେ ସମସ୍ତ ଜାତିର ହିନ୍ଦୁମାନେ ପ୍ରତିଦିନ ୧ ଘଣ୍ଟା ପାଇଁ ଏକାଠି ହେବେ, ଖେଳିବେ, ବ୍ୟାୟାମ କରିବେ, ମାର୍ଚ୍ଚ କରିବା ଶିଖିବେ ଏବଂ କିଛି ଡ୍ରିଲ୍ କରିବେ। ସେମାନେ ଖେଳିବା ଏବଂ ଏକାଠି ଖାଇବା ଦ୍ୱାରା ଜାତି ସମସ୍ୟା ସମାଧାନ ହେବ। ଆର୍‌ଏସ୍‌ଏସ୍‌ର ତୃତୀୟ ମୁଖ୍ୟ ଏମ୍.ଡି. ଦେଓରାସ୍ ଏହାକୁ ଏହିପରି ବର୍ଣ୍ଣନା କରିଛନ୍ତି– ମୁଁ ପ୍ରଥମ ସଂଗଠନ ଶିବିରରେ ଉପସ୍ଥିତ ଥିଲି। ସେଥିରେ ବହୁ ସଂଖ୍ୟାରେ ମାହାର ଭାଇମାନେ ଥିଲେ। ଭୋଜନ ସମୟରେ କେତେଜଣ ସେମାନଙ୍କ ସହ ବସିବାକୁ ଦ୍ୱିଧା କରିବାକୁ ଲାଗିଲେ। ସେମାନେ ଜୀବନରେ ପୂର୍ବରୁ କେବେ ମାହାରଙ୍କ ସହ ଏକାଠି ବସି ଖାଇ ନ ଥିଲେ। ସେମାନଙ୍କର ସମସ୍ୟାକୁ ଡକ୍ଟରଜୀ (ହେଡ୍‌ଗେୱାର)ଙ୍କୁ ଜଣାଇଥିଲେ। କିନ୍ତୁ ସେ ଶିବିରର ଅନୁଶାସନକୁ ମାନିବାକୁ ବାଧ୍ୟକରି ନ ଥିଲେ ବି ସେମାନଙ୍କୁ ବାହାରକୁ ଯିବାକୁ କହିଥିଲେ। ଡକ୍ଟରଜୀ କେବଳ କହିଥିଲେ: ଆମର ଅଭ୍ୟାସ ହେଉଛି ଏକାଠି ବସିବା। ଆମେ ସେହି ଅନୁସାରେ ବସିବୁ। ଆମେ ସମସ୍ତେ ଏକାଠି ଭୋଜନ ପାଇଁ ବସିଥିଲୁ। ଦ୍ୱିଧା କରୁଥିବା ସେହି ଅଳ୍ପ କେତେଜଣ ଲୋକ ଏକ ପୃଥକ୍ ଧାଡ଼ିରେ ବସିଥିଲେ। କିନ୍ତୁ ପରବର୍ତ୍ତୀ ଭୋଜନ ପାଇଁ ସେହି ଲୋକମାନେ ଡକ୍ଟରଜୀଙ୍କ ନିକଟକୁ ଆସି କ୍ଷମା ମାଗିଥିଲେ ଏବଂ ନିଜ ଇଚ୍ଛାରେ ସମସ୍ତଙ୍କ ସହ ବସିଥିଲେ। ହେଡ୍‌ଗେୱାରଙ୍କର ୧୯୪୦ରେ ମୃତ୍ୟୁ ହୋଇଥିଲା। ସେତେବେଳେ ନାଗପୁର ବାହାରକୁ ଆର୍‌ଏସ୍‌ଏସ୍ ବ୍ୟାପିଥିଲା ଏବଂ ଏଥିରେ ମୋଟ ୧,୦୦,୦୦୦ ସଦସ୍ୟ ଥିଲେ। ତାଙ୍କର ଉତ୍ତରାଧିକାରୀ ଥିଲେ ଗୋଲୱାଲକର, ଯାହାଙ୍କ ଅଧୀନରେ ଆର୍‌ଏସ୍‌ଏସ୍ ବଢ଼ିବାରେ ଲାଗିଲା।

ଭାଜପା କହିଛି, ଡିସେମ୍ବର ୧୯୪୭ରେ ଦିଲ୍ଲୀରେ ଏକ ଆର୍‌ଏସ୍‌ଏସ୍ ରାଲିରେ ବହୁ ଲୋକଙ୍କ ସମାଗମ ହୋଇଥିଲ। ଆର୍‌ଏସ୍‌ଏସ୍‌ର ଏହି ଲୋକପ୍ରିୟତା କଂଗ୍ରେସ ବିଶେଷକରି ନେହେରୁଙ୍କ ପ୍ରତି ଥିଲା ସତର୍କଘଣ୍ଟି। ୩୦ ଜାନୁଆରୀ ୧୯୪୮ରେ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା। ଗାନ୍ଧୀଙ୍କ ହତ୍ୟାକାଣ୍ଡର ସବିଶେଷ ତଥ୍ୟ ବାହାରିବା ପରେ ଆର୍‌ଏସ୍‌ଏସ୍ ଅସୁବିଧାରେ ପଡ଼ିବ ବୋଲି ଗୋଲୱାଲକର ଅନୁଭବକରି ତୁରନ୍ତ ପଦକ୍ଷେପ ନେଇଥିଲେ। ହତ୍ୟା ଦିନ ଅର୍ଥାତ୍ ୩୦ ଜାନୁଆରୀରେ, ସେ ତେର ଦିନ ପାଇଁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ଲାଗି ଆର୍‌ଏସ୍‌ଏସ୍ ଶାଖାଗୁଡ଼ିକୁ ଟେଲିଗ୍ରାମ ପଠାଇଥିଲେ। ସେହିଦିନ ନେହେରୁ, ପଟେଲ ଏବଂ ଦେବଦାସ ଗାନ୍ଧୀଙ୍କୁ ଟେଲିଗ୍ରାମ ମାଧ୍ୟମରେ ଶୋକବ୍ୟକ୍ତ କରି ଏଭଳି ନିଷ୍ଠୁର ଓ ଘାତକ ଆକ୍ରମଣ ତଥା ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱର ଦୁଃଖଦ ଅନ୍ତରେ ସେ ସ୍ତବ୍ଧ ବୋଲି ପ୍ରକାଶ କରିଥିଲେ। ତା' ପରଦିନ ସେ ପୁଣି ନେହେରୁଙ୍କୁ ତାଙ୍କ ଦୁଃଖ ବ୍ୟକ୍ତକରି ଏହି ହତ୍ୟାକୁ ଅକ୍ଷମଣୀୟ ଏବଂ ଦେଶଦ୍ରୋହ କାର୍ଯ୍ୟ ବୋଲି କହିଥିଲେ। ସେହିଦିନ ସେ ପଟେଲଙ୍କୁ ମଧ୍ୟ ଲେଖିଥିଲେ: 'ମୋର ହୃଦୟ ଅତ୍ୟଧିକ ଯନ୍ତ୍ରଣା ଭୋଗୁଛି। ଏହି ଅପରାଧ କରିଥିବା ବ୍ୟକ୍ତିଙ୍କୁ ନିନ୍ଦା କରିବା ପାଇଁ ଶବ୍ଦ ଖୋଜିବା ମୋ ପାଇଁ କଷ୍ଟକର'।

ଏଥିରୁ କୌଣସିଟି ସାହାଯ୍ୟ କଲା ନାହିଁ। ୨ ଫେବୃଆରୀ ୧୯୪୮ରେ ପଟେଲ ଆର୍‌ଏସ୍‌ଏସ୍‌କୁ ନିଷେଧ କରିଥିଲେ। ୩ ଫେବୃଆରୀରେ ୨୦,୦୦୦ ସ୍ୱୟଂ ସେବକଙ୍କ ସହ ଗୋଲୱାଲକରଙ୍କୁ ଗିରଫ କରାଯାଇଥିଲା। ଏହି ପ୍ରତିବନ୍ଧକ ୧୭ ମାସ ପର୍ଯ୍ୟନ୍ତ ରହିଲା। ସମ୍ବିଧାନ ପ୍ରସ୍ତୁତ କରିବାକୁ ଆର୍‌ଏସ୍‌ଏସ୍‌କୁ କୁହାଯିବା ପରେ ଏହାକୁ ହଟାଇ ଦିଆଯାଇଥିଲା। ଏହା ଲେଖାଯାଇ ଦାଖଲ କରାଯାଇଥିଲା ଓ ୧୧ ଜୁଲାଇ ୧୯୪୯ରେ ଏହି ନିଷେଧାଦେଶ ପ୍ରତ୍ୟାହାର କରାଯାଇଥିଲା। ଏହାର ଠିକ୍ ପରେ ପରେ ଆର୍‌ଏସ୍‌ଏସ୍ ଏହାର ଖବରକାଗଜ 'ଦି ଅର୍ଗାନାଇଜର' ପୃଷ୍ଠାରେ ରାଜନୀତିରେ ପ୍ରବେଶର ବିତର୍କ ଆରମ୍ଭ କରିଦେଲା। ଏଥିରେ କେ.ଆର୍. ମାଲକାନିଙ୍କ ସମେତ ଆର୍‌ଏସ୍‌ଏସ୍ କର୍ମୀଙ୍କ ଆର୍ଟିକଲ ପ୍ରକାଶ କରିଥିଲା ଯେ, କେବଳ ନିଜକୁ ରକ୍ଷା କରିବା ପାଇଁ ନୁହେଁ ବରଂ ଅଣ ଭାରତୀୟ ଓ ଭାରତୀୟ ରାଜନୀତି ବିରୋଧୀଙ୍କୁ ଅଟକାଇବା ଏବଂ ବ୍ୟବସ୍ଥା ମାଧ୍ୟମରେ ଭାରତୀୟତାକୁ ଆଗକୁ ନେବା ଲାଗି ରାଜନୀତିରେ ଭାଗ ନେବା ଆବଶ୍ୟକ। ଏହିପରି ଭାବରେ ଆର୍‌ଏସ୍‌ଏସ୍‌ରୁ ଜନସଂଘ/ ଭାଜପା ଜନ୍ମ ନେଇଥିଲା, ଯାହା ଏବେ ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 4 | | |
| | | | 9 | | | | | |
| 6 | | | 5 | | 1 | 9 | | |
| | | | 6 | | | | | 8 |
| | 4 | 3 | | | | 2 | 5 | |
| | 8 | | 1 | | | | | |
| | | 1 | 7 | | | | | 2 |
| | | | | | | 3 | | |
| | 7 | | | 9 | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 9 | 3 | 2 | 4 | 6 | 7 |
| 7 | 2 | 6 | 5 | 4 | 8 | 3 | 9 | 1 |
| 3 | 4 | 9 | 6 | 7 | 1 | 2 | 8 | 5 |
| 9 | 6 | 1 | 8 | 2 | 5 | 7 | 3 | 4 |
| 2 | 8 | 3 | 4 | 1 | 7 | 6 | 5 | 9 |
| 4 | 5 | 7 | 3 | 6 | 9 | 1 | 2 | 8 |
| 1 | 9 | 2 | 7 | 8 | 3 | 5 | 4 | 6 |
| 6 | 3 | 5 | 1 | 9 | 4 | 8 | 7 | 2 |
| 8 | 7 | 4 | 2 | 5 | 6 | 9 | 1 | 3 |

ଗତ କାଲିର ଉତ୍ତର

# ବଦଳିଯାଉଥିବା ସମ୍ପର୍କ



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ପ୍ରାଚୀନ କାଳଖଣ୍ଡର ପୌରାଣିକ ଉପାଖ୍ୟାନମାନ କାନ ପାଇଁ ଶୁଣିବାକୁ ମିଠା ଲାଗେ ସିନା, ଏଇ ଆଧୁନିକ ଯୁଗରେ ତାହାର ବାସ୍ତବ ଦୃଷ୍ଟାନ୍ତ ସ୍ୱର୍ଗର ପାରିଜାତ ପରି ଅତ୍ୟନ୍ତ ଦୁର୍ଲଭ। ପିତୃସତ୍ୟ ପାଳନର ଶପଥ ନେଇ ଅଯୋଧ୍ୟା ରାଜ ସିଂହାସନକୁ ତୁଚ୍ଛ କରି ଅଭିଷେକର ପୂର୍ବଦିନ ନିର୍ବାସନରେ ଯାଇଥିଲେ ରାମାୟଣର ଶ୍ରୀରାମ। ପୁଣି ତାଙ୍କ ପ୍ରତିଷ୍ଠା ଓ ପ୍ରତିପତ୍ତିକୁ ପୁଞ୍ଜି କରି ନାନା ଅନୀତି ଅନାଚାରରେ ବ୍ୟାପୃତ ରହୁଥିବା ନିଜ ଉଦ୍ଦଣ୍ଡ ଆତ୍ମଜମାନଙ୍କୁ ପରୋକ୍ଷ ଭାବେ ସମୂଳେ ବିନାଶ କରିଥିଲେ ମହାଭାରତର ଶ୍ରୀକୃଷ୍ଣ। ସତ୍ୟସାଧନ ଓ ନ୍ୟାୟିକ ଏବଂ ନୈତିକ ବ୍ୟବସ୍ଥାର ପ୍ରତିଷ୍ଠା ପାଇଁ ରାମାୟଣ, ମହାଭାରତର ଏଇ ଉଚ୍ଚ ଉଦାହରଣ ସାମ୍ପ୍ରତିକ ସମୟ ପାଇଁ କେବଳ କାହାଣୀ ହୋଇ ରହିଯାଇଛି। ଯେମିତି ଅବାସ୍ତବ, ସେମିତି ଅବିଶ୍ୱସନୀୟ ନା ସେମିତି ପିତୃସତ୍ୟ ପାଳନ ପାଇଁ ବଚନବଦ୍ଧ ରାମଙ୍କ ପରି ପୁଅ ଅଛନ୍ତି ନା ନିଜ ଉଦ୍ଦଣ୍ଡ ସନ୍ତାନମାନଙ୍କୁ ଦଣ୍ଡିତ କରିବାର ସାହସ ଓ ସାମର୍ଥ୍ୟ ରଖିଥିବା କୃଷ୍ଣଙ୍କ ପରି ପିତା ଅଛନ୍ତି!

ବର୍ତ୍ତମାନ ବଦଳିଯାଇଛି ସମାଜ। ଏବେ ପତ୍ନୀ ମୋହରେ ପୀଡ଼ିତ କେହି ସତ୍ୟନିଷ୍ଠ ପିତା ଦଶରଥଙ୍କ ପରି ତାଙ୍କ ଗୋଟିଏ ପୁଅକୁ ତା'ର ଅଧିକାରରୁ ବଞ୍ଚିତ କରି ଅନ୍ୟ ପୁଅ ପ୍ରତି ମୋହାବିଷ୍ଟ ହେଲେ ପରିଣାମ ହେବ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ବଞ୍ଚିତ ପୁଅର ଠେଙ୍ଗାମାଡ଼ରେ ବାପାର ପ୍ରାଣ ଯିବ ବା ଅନ୍ୟ କେଉଁଠି ଭାଇର ଭୁଜାଲି ମାଡ଼ରେ ଅନ୍ୟ ଭାଇଟି ଅକାଳରେ ଜୀବନ ହାରିବ। ପୁଣି ନିଜ କିଶୋର ପୁଅର ଗଜୁରି ଉଠୁଥିବା ଅଶିଷ୍ଟତାକୁ ଆକଟ ନ କରି ଯେଉଁଠି ପୁତ୍ରମୋହରେ ଅନ୍ଧ ବାପା ଜଣେ ତାକୁ ନିରବ ସମର୍ଥନ ଜଣାଏ ଓ ପରବର୍ତ୍ତୀ କାଳରେ କୁଖ୍ୟାତ ଅସାମାଜିକ ପୁଅର ମୁଷ୍ଟିମାଡ଼ରେ ସେଇ ବାପାର ଦାନ୍ତ ଭାଙ୍ଗେ, ସେଠି କେଉଁଠୁ ବା ମିଳନ୍ତେ ରାମଙ୍କ ପରି ପୁଅଟିଏ ଅବା କୃଷ୍ଣଙ୍କ ପରି ବାପା ଜଣେ!

ରାମ ଓ କୃଷ୍ଣମାନେ ଆଉ ନ ମିଳନ୍ତୁ। ସମୟ ବଦଳିଚାଲୁ, ତା' ସହିତ ସମ୍ପର୍କ ବି। ଆଧୁନିକ ଜୀବନର ଅତିଭୋଗବାଦ ମଧ୍ୟରେ ଅଲୋଡ଼ା ହୋଇ ରହିଯାଉ ଅତୀତର ଆଦର୍ଶ, ଉଜୁଡ଼ିଯାଉ ସମ୍ପର୍କର ପବିତ୍ରତା। ମା'ବାପାଙ୍କ ସକଳ ତ୍ୟାଗ ମଧ୍ୟରେ ପରିପୁଷ୍ଟ ହୋଇଥିବା ସନ୍ତାନର ଶକ୍ତି ଓ ସାମର୍ଥ୍ୟ ମାତ୍ରାଧିକ ଭୋଗବାଦ ମଧ୍ୟରେ ଦିଗହରା ହୋଇ ଅବାଟରେ ମାଡ଼ିଚାଲୁ। ନିଜ ପିଲାକୁ ଭଲ ମଣିଷ ଅପେକ୍ଷା ବଡ଼ମଣିଷ ଭାବେ ଦେଖିବାକୁ ଅଧିକ ଆଗ୍ରହ ପ୍ରକାଶ କରିଥିବା ମା'ବାପା ଦୁହେଁ ନିଜ ଝିଅପୁଅଙ୍କୁ ଭୁବନେଶ୍ୱରରୁ ବାଙ୍ଗାଲୋର, ବାଙ୍ଗାଲୋରରୁ ପୁଣେ ଓ ପୁଣି ପୁଣେରୁ ଆମେରିକା ଉଡ଼ିଯାଉଥିବାର ଦେଖି ଉଲ୍ଲାସ ପ୍ରକଟ କରନ୍ତୁ। ଅଥଚ ଏ ଉଲ୍ଲାସ ଅଳ୍ପାୟୁ ହୋଇ ଅକାଳରେ ଅପସରି ଯାଇ ଯେତେବେଳେ ମାଡ଼ିବସେ ଉଦାସୀନ ପୁତ୍ରକନ୍ୟାଙ୍କ ଅସହ୍ୟ ଅବହେଳା, ସେତେବେଳେ ଯାଇ ଜଣାପଡ଼େ କେତେ ଭୟଙ୍କର ହୋଇପାରେ ସମ୍ପର୍କର ସଙ୍କଟ। ନିଜ ପିଲାମାନଙ୍କୁ ଝୁରି ଝୁରି ମାଆ ଆଖି ବୁଜିଦିଏ। ଏକପତ୍ନୀ ବିହୀନ ପୃଥିବୀରେ ଏକା ଏକା ବଞ୍ଚିବାରେ ନିଜକୁ ଅଭ୍ୟସ୍ତ କରୁଥିବା ବେଳେ ହତଭାଗ୍ୟ ବାପା ଜଣକ ନିଜକୁ ଆବିଷ୍କାର କରନ୍ତି ହସ୍ପିଟାଲ ବେଡ୍ ଉପରେ। ପୁଅ ଅତ୍ୟଧିକ କାର୍ଯ୍ୟଚାପରେ ବିଦେଶରୁ ଆସିପାରେନା। ପିଲାଙ୍କ ଆସିବା ବାଟକୁ ଚାହିଁ ଚାହିଁ ବାପା ଆଖି ବୁଜି ଦେଲା ପରେ ତାଙ୍କ ଶବକୁ ଶ୍ମଶାନକୁ ନେଇ ଦାହ ସଂସ୍କାର କରନ୍ତି କେଉଁଠି ଘରର ଭଡ଼ାଟିଆମାନେ ତ ଆଉ କେଉଁଠି ସାହିପଡ଼ିଶାର ଚିହ୍ନାଜଣାମାନେ।



ସମ୍ପର୍କର ଏଇ ସଙ୍କଟ କେବଳ ମାତାପିତା ଓ ସେମାନଙ୍କ ପିଲାମାନଙ୍କ ମଧ୍ୟରେ ସୀମିତ ଥିଲେ ଆଉ କଥା ନ ଥାନ୍ତା। ମାତ୍ର ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଅଗ୍ନିକୁ ସାକ୍ଷୀ ରଖି ସୃଷ୍ଟି ହୋଇଥିବା ସ୍ୱାମୀ–ସ୍ତ୍ରୀ ସମ୍ପର୍କ ହେଉ କି ବିନା କୌଣସି ବୈଦିକ ବନ୍ଧନରେ କେବଳ ପାରସ୍ପରିକ ଚୁକ୍ତି ଉପରେ ଆଧାରିତ ସହବାସୀ ବା ଲିଭ୍–ଇନ୍ ସମ୍ପର୍କ ହେଉ, ଦୁଇ ବିପରୀତ ଲିଙ୍ଗୀ ସମ୍ପର୍କ ବି ଏଠି ସମ ପରିମାଣରେ ରୋଗାକ୍ରାନ୍ତ, ବିନା ନୈତିକତାରେ ସଙ୍କଟଗ୍ରସ୍ତ। ପତ୍ନୀପତି ସମ୍ପର୍କର ମୂଳ ଆଧାର ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସ ଆଜି ଗୁରୁତର ଭାବେ ପ୍ରଭାବିତ। ତାହା ଯାହା ବି ଥିଲା, ଏବେ ଏବେ ମୁକ୍ତ ଚେତନା ଭଳି ଏକ ଅନ୍ଧ ଆଧୁନିକତାର ଆହ୍ୱାନରେ ପରକୀୟା ପ୍ରୀତି ଆଉ ଏକ ଅପରାଧ ଭାବେ ଗଣାଯାଉ ନ ଥିବାରୁ ସମସ୍ତ ମାନବୀୟ ସଂସ୍କାର, ସଂସ୍କୃତି ଓ ନୈତିକ ମୂଲ୍ୟବୋଧକୁ ପାଦରେ ଆଡ଼େଇ ଉଭୟ ପତ୍ନୀପତି କମ୍ ମଣିଷ, ବେଶୀ ପଶୁ ହୋଇ ଆଗେଇ ଚାଲୁଛନ୍ତି।

ପୁଣି ବିବାହ ଭଳି ଏକ ବୈଦିକ ବନ୍ଧନକୁ ଅସ୍ୱୀକାର କରି ଦୁଇ ପ୍ରାପ୍ତ ବୟସ୍କ ଯୁବକ ଯୁବତୀଙ୍କ ସହବାସୀ ସମ୍ପର୍କ ଯେଉଁ ଦିନରୁ ଉଚ୍ଚତମ ନ୍ୟାୟାଳୟର ସ୍ୱୀକୃତି ଲାଭ କଲାଣି ସେହିଦିନରୁ ପରିଲକ୍ଷିତ ହେଲାଣି ଉଚ୍ଛୃଙ୍ଖଳ ଯୁବବର୍ଗଙ୍କ ବ୍ୟକ୍ତିଜୀବନର ବିକାର ଓ ଗୋଷ୍ଠୀ ଜୀବନର ବିକୃତି। ମଣିଷତ୍ୱର ମରୁଡ଼ି ପଡ଼ିଲାଣି। ସଂସାର ସଡ଼କରେ ନିଜ ନିଜର ଜୀବନଯାତ୍ରାକୁ ସୁଖମୟ ଓ ଜଞ୍ଜାଳମୁକ୍ତ କରିବା ପାଇଁ ଜୀବନସାଥୀର ପରିଭାଷାକୁ ଜୋରଜବରଦସ୍ତ ବଦଳାଇ ଦିଆଗଲାଣି। ଅବଶ୍ୟ ଏ କଥା ଅସ୍ୱୀକାର୍ଯ୍ୟ ନୁହେଁ ଯେ ଏଭଳି ସଂସ୍କାରଚ୍ୟୁତ, ନୈତିକତା ଓ ବୈଦିକତାବିହୀନ ସମ୍ପର୍କ ପ୍ରତିଷ୍ଠା ପାଇଁ ବେଶ୍ କିଛି ଲୋକଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି। ଏଇ ଯେମିତି ଏବେ ନିଜ ଦୁର୍ଭାଗ୍ୟ ଉପରେ ମୁଣ୍ଡକୋଡ଼ି କାନ୍ଦୁଥିବା ଅଜୟର କଥା।

ଅଜୟ ଏକ ଅଶୁଭ ପୁତ୍ରର ନାମ। ଅକାଳରେ ଉଜୁଡ଼ି ଯାଇଥିବା ଏକ ଯୌବନ, ଅଧାରୁ ହଜି ଯାଇଥିବା ଏକ ସ୍ୱପ୍ନର ନାମ ଅଜୟ। ସ୍ୱଚ୍ଛଳ ପରିବାରରେ ଜନ୍ମ ନେଇପାରି ନ ଥିବା ଅଜୟ ବହୁ ବାଧାବିଘ୍ନଠୁ ବାଟ ଭାଙ୍ଗି, ବାପା ମା'ଙ୍କ ଉପରେ ବୋଝ ନ ହୋଇ ଏକ ଘରୋଇ ବ୍ୟାଙ୍କରେ କିରାଣି ଭଳି ଏକ ଅନୁଜ୍ଜ୍ୱଳ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲା। ଅନ୍ୟ ବହୁ ନିମ୍ନ ମଧ୍ୟବିତ୍ତ ପରିବାରର ଯୁବକଙ୍କ ପରି ନିଜ ଇଚ୍ଛା ମୁତାବକ ଜୀବନଟିଏ ଜିଇବାର ସମ୍ବଳ ସାମର୍ଥ୍ୟ ନ ଥିଲେ ବି ଆପଣାର ସୁନ୍ଦର ଚେହେରା ପାଇଁ ଜଣେ ରୂପବତୀ ତଥା ସ୍ୱଚ୍ଛଳ ଆଧୁନିକ ପରିବାରର କନ୍ୟାଙ୍କ ପ୍ରେମାସ୍ପଦ ହେବାର ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟ ପ୍ରେମୀଯୁଗଳଙ୍କ ପରି ବିବାହଯାଏ କଥା ଗଲା। ବାପା ମା'ଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ପରିଣତ ବୟସର ପିତାମାତାଙ୍କ ପାଇଁ ଆବଶ୍ୟକ ଥିଲା ଏକ ବୋହୂ। ମାତ୍ର ବିବାହ କଥା ଉଠୁ ଉଠୁ ସ୍ପଷ୍ଟ ମନା କରିଦେଲେ ଧନୀ ଲଳନା। କେହି କାହା ପିତାମାତାଙ୍କୁ ନ ଜଣାଇ ଦୁହେଁ ରହିଲେ ଲିଭ–ଇନ୍ ରିଲେଶନ ବା ସହବାସୀ ସମ୍ପର୍କରେ। ଝିଅର ବାପା ମା' ଜାଣିଥିଲେ କି ନାହିଁ ଜଣାନାହିଁ। ମାତ୍ର କୌଣସି ସୂତ୍ରରୁ ଅଜୟର ବାପାମା' ଜାଣି ଦୁଃଖିତ ହୋଇପଡ଼ିଲେ। ପୁଅକୁ ବହୁ ଭାବେ ବୁଝାଇଲେ ବି ସେ ବୁଝିଲା ନାହିଁ। ସେହି ଧକ୍କା ସହି ନ ପାରି ବିକଳ ଭାବେ ବୋହୂଟିକୁ ଅପେକ୍ଷା କରୁଥିବା ମାଆ ଆଖି ବୁଜିଦେଲା। ଏକା ହୋଇ ଯାଇଥିବା ଅସହାୟ ବାପା ଓ ବିବାହ ନ କରି ସହବାସୀ ସମ୍ପର୍କରେ ରହିବାକୁ ଜିଦ୍ କରୁଥିବା ପ୍ରେମିକା ମଧ୍ୟରୁ ଜଣଙ୍କୁ ବାଛିବାର ଉପକ୍ରମ କରୁଥିବା ବେଳେ ସେଇ ଘଟଣାଟି ଘଟିଲା।

ଦିନେ ମୋଟର ସାଇକେଲ ଆକ୍ସିଡେଣ୍ଟରେ ଗୁରୁତର ଆହତ ହୋଇ ଅଜୟ ହସ୍ପିଟାଲରେ ପଡ଼ିଲା ଓ ପ୍ରାୟ ଦୁଇ ମାସ ପରେ ଘରକୁ ଫେରିଲା ଗୋଟିଏ ଗୋଡ଼ ହରାଇ। ଗଭୀର ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ନେଇ ଅବଶିଷ୍ଟ ଗୋଟିଏ ଗୋଡ଼ରେ ସାରା ସଂସାର ପରିକ୍ରମା କରିବାକୁ ନିଜ ଭିତରେ ସାମର୍ଥ୍ୟ ସୃଷ୍ଟି କଲା ବେଳକୁ ଅନ୍ୟ ଗୋଡ଼ଟି ଚାଲିବା ପାଇଁ ମନା କରିଦେଲା। ପରୀକ୍ଷାରୁ ଜଣାପଡ଼ିଲା, ମେରୁଦଣ୍ଡରେ ଆଘାତ ଯୋଗୁ ପକ୍ଷାଘାତରେ ଆକ୍ରାନ୍ତ ହୋଇଛି ସେଇ ଗୋଡ଼ଟି। ବାସ୍ ତାହା ହିଁ ଥିଲା ଶରୀର ସର୍ବସ୍ୱ ସହବାସୀ ସମ୍ପର୍କର ଶେଷ ଅଙ୍କର ଶେଷ ଦୃଶ୍ୟ। ନିମ୍ନତମ ମାନବିକତା ହରାଇ ବସିଥିବା ସେଇ ଝିଅଟି ଅଜୟକୁ ପରିତ୍ୟାଗ କରି ତା' ବାପାମା'ଙ୍କ ପାଖକୁ ଫେରିଗଲା ଓ କିଛି ଦିନ ପରେ ଆଉ ଜଣଙ୍କୁ ବାହା ହୋଇଗଲା। ପଛରେ ପଡ଼ିରହିଲା ହୁଇଲ୍‌ଚେୟାର ଉପରେ ବସି ଅବଶିଷ୍ଟ ଜୀବନ ଜିଇବାକୁ ନିଜକୁ ପ୍ରସ୍ତୁତ କରୁଥିବା ଅଜୟ। ଭାବୁଥିଲା, ବଦଳି ଯାଇଥିବା ସମ୍ପର୍କରୁ ପରିଭାଷା କେଡ଼େ ଭୟଙ୍କର ସତେ! ପୁରୁଣା ଦିନର ଆଦର୍ଶବାଦ ଉପରେ ପ୍ରତିଷ୍ଠିତ ପତିପତ୍ନୀ ସମ୍ପର୍କ କ'ଣ ଏମିତି ହୋଇଥାନ୍ତା! ନିଜ ଅଥର୍ବ ସ୍ୱାମୀକୁ ଅସହାୟ ଭାବେ ଛାଡ଼ି ସ୍ତ୍ରୀଟି ଏମିତି ଅନ୍ୟ କାହାକୁ ବାହା ହୋଇ ଚାଲିଯାଇଥାନ୍ତା! କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଅଭିନବ ପ୍ରୟାସ ଜରୁରୀ



**ଇପ୍ସିତା ମହାନ୍ତି**

ଜଳବାୟୁ ପରିବର୍ତ୍ତନ ଏବଂ ତାହାର ପ୍ରଭାବ ଯୋଗୁ ସାରା ଦୁନିଆ ଦଂଶୀ ହେଉଛି। ଚଳିତବର୍ଷ ସରକାର ନିଜର ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ପରିବେଶ ସୁରକ୍ଷା ପ୍ରସଙ୍ଗକୁ ଶୀର୍ଷରେ ରଖିବା ଆବଶ୍ୟକ। ଏହି ଲେଖା ଲେଖୁଥିବା ବେଳେ ମୁଁ ଭୟଙ୍କର କାଶ ସହିତ ଛାତି ଭିତରେ ବୋଝ ବୋହିବା ଭଳି ଅଜବ ଧରଣର ସମସ୍ୟା ସହ ଲଢ଼େଇ କରୁଥିଲି। ଧୀରେଧୀରେ ରାଜଧାନୀ ଭୁବନେଶ୍ୱରର ଆକାଶପଥ ମହାଶୂନ୍ୟକୁ ଛୁଇଁବା ଆରମ୍ଭ କରୁଥିବା ଭଳି ଅନୁଭବ ହେଉଥିଲା। ବହୁଲକ୍ଷ ବିଶିଷ୍ଟ ଭୁବନେଶ୍ୱର ସହରର ଜନସଂଖ୍ୟା ଉପରେ ଏକ ନୀରବ, କିନ୍ତୁ ବ୍ୟାପକ ବିପଦ ମାଡ଼ିଆସୁଛି। କିଛି ମାସ ତଳେ ମୁଁ ଯେଉଁ ଅଞ୍ଚଳରେ ରହୁଥିଲି, ସେଠାକାର ବାୟୁ ଗୁଣବତ୍ତା ସୂଚକାଙ୍କ ୧୯୩ରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଏହା ୨୧୨କୁ ଛୁଇଁଥିଲା, ଯାହା ସହରୀକରଣର ପରିବେଶ ଉପରେ ପଡ଼ିବାକୁ ଯାଉଥିବା ଦୁଷ୍ପ୍ରଭାବର ଦିଗକୁ ସୂଚିତ କରୁଛି। ନିକଟରେ ଏରିଜୋନାର ବେରୋ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ ଜାରି କରିଥିବା ଅଧ୍ୟୟନକୁ ଦେଖିଲେ ଏହି ତଥ୍ୟ ଆହୁରି ଚିନ୍ତାଜନକ ।ଅଧ୍ୟୟନ କହୁଛି ବାୟୁ ପ୍ରଦୂଷଣ ପାର୍କିନସନ୍ସର ବିପଦକୁ ୫୬% ପର୍ଯ୍ୟନ୍ତ ବୃଦ୍ଧି କରୁଛି। ୧୯୫୦ରେ ଭୁବନେଶ୍ୱର ସହରର ଜନସଂଖ୍ୟା ଥିଲା ମାତ୍ର ୧୬ ହଜାର। ବର୍ତ୍ତମାନ ୧୨ଲକ୍ଷ ଅତିକ୍ରମ କରିସାରିଲାଣି। ବିକାଶ ପାଇଁ ଚାଲିଥିବା ନିରନ୍ତର ପ୍ରତିଯୋଗିତା ସ୍ୱାସ୍ଥ୍ୟଗତ ସଙ୍କଟକୁ ଡାକି ଆଣୁଛି।

ଭାରତ ଗୋଟିଏ ପଟେ ନିଜ ବଢ଼ୁଥିବା ଜନସଂଖ୍ୟାର ଆବଶ୍ୟକତା ପୂରଣ ପାଇଁ ସଂଘର୍ଷ କରୁଥିବା ବେଳେ ଅନ୍ୟପଟେ ନିଜ ପରିବେଶ ନିର୍ଗମନକୁ ରୋକିବା ସହ ଲକ୍ଷଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାକୁ ପ୍ରଚେଷ୍ଟା କରୁଛି। ଉନ୍ନତ ମାନର ଜୀବନଧାରଣ ପାଇଁ ଭାରତରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଶ୍ରେଣୀର ଆକାଂକ୍ଷାଗୁଡ଼ିକୁ ସାଧାରଣତଃ ଗ୍ଲୋବାଲ ନର୍ଥ ଅର୍ଥାତ୍ ବିକଶିତ ଦେଶଗୁଡ଼ିକ ଦ୍ୱାରା ଏପରି ଏକ ନକାରାତ୍ମକ ଶକ୍ତି ସ୍ୱରୂପ ଦେଖାଯାଉଛି, ଯାହା ଆମ ଉପରେ ଅତ୍ୟଧିକ ଚାପ ବଢ଼ାଉଛି। କିନ୍ତୁ ଏହି ଅଭିଳାଷଗୁଡ଼ିକ କେବଳ ଯେ ସମର୍ଥନ କରିବ ତାହା ନୁହେଁ, ବରଂ ପରିବେଶ ସୁରକ୍ଷା ସହିତ ସୁସଂଗତ ଢଙ୍ଗରେ ତାହା ନିର୍ଦ୍ଦେଶିତ ହେବା ଆବଶ୍ୟକ। ଏଥିରେ ଅଭିନବ କୌଶଳ ସହିତ ପରିବେଶ ସଂରକ୍ଷଣ ନିୟମକୁ କଡ଼ାକଡ଼ି ପାଳନ ପାଇଁ ପ୍ରତିବଦ୍ଧତା ରହିବା ଜରୁରୀ। ଏଦିଗରେ ଗ୍ଲୋବାଲ ସାଉଥ୍ ଏବଂ ଭାରତ ଅନେକ କିଛି କରିପାରିବେ।

ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ ସରକାରୀ ପ୍ୟାନେଲ (ଆଇପିସିସି) ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦୃଷ୍ଟିରୁ ଭାରତକୁ ବିପଦ ଶ୍ରେଣୀରେ ସ୍ଥାନିତ କରିଛି। ପାଣିପାଗ ଢାଞ୍ଚାରୁ ସ୍ପଷ୍ଟ ଯେ ଆମେ ଆକସ୍ମିକ ବନ୍ୟା, ବାତ୍ୟା, ମରୁଡ଼ି, ବଡ଼ ଧରଣର ବନାଗ୍ନି, ଦୀର୍ଘକାଳୀନ ଗରମର ପ୍ରକୋପ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛୁ। ଏସବୁ ବିପର୍ଯ୍ୟୟ କେବଳ ଧନଜୀବନର କ୍ଷତି ଘଟାଉ ନାହିଁ ବରଂ ଜଳସ୍ରୋତର ଉତ୍ସକୁ ନଷ୍ଟ କରିବା ସହିତ ଫସଲ ହାନି ମଧ୍ୟ ଘଟାଉଛି। କ୍ଲାଇମେଟ୍ ସେଣ୍ଟ୍ରାଲ (କେନ୍ଦ୍ରୀୟ ଜଳବାୟୁ) ଦ୍ୱାରା ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ନଭେମ୍ବର ୨୦୨୨ଠାରୁ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ବୈଶ୍ୱିକ ତାପମାତ୍ରା ରେକର୍ଡ଼ ସୃଷ୍ଟି କରିଛି। ଜଳବାୟୁ ବିଶେଷଜ୍ଞଙ୍କ ମତରେ ଜଳବାୟୁ ପରିବର୍ତ୍ତନର ଏହା ହେଉଛି ଏକ ପ୍ରତ୍ୟକ୍ଷ ପରିଣାମ। ଭାରତୀୟ କୃଷିକ୍ଷେତ୍ର ୬୦%ରୁ ଅଧିକ ଶ୍ରମ ସୃଷ୍ଟି କରିଥାଏ। ଅପ୍ରତ୍ୟାଶିତ ମରୁଡ଼ି କାରଣରୁ ଭାରତୀୟ କୃଷିକ୍ଷେତ୍ର ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି। ତାପମାତ୍ରା ବୃଦ୍ଧି ହେତୁ ବାହାରେ କାମ କରୁଥିବା ଲୋକ କଠିନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟବାଧକତାରେ ପେଟ ପାଇଁ ବାହାରେ କାମ କରୁଥିବା ଲୋକଙ୍କ ଶରୀର ଉପରେ ଅନେକ କୁପ୍ରଭାବ ପଡୁଛି। ଉଚ୍ଚ ତାପମାତ୍ରା ଏବଂ ବୃଦ୍ଧି ପାଉଥିବା ପ୍ରଦୂଷଣ କାରଣରୁ ଶ୍ରମିକଙ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହେଉଛି। ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ତଥ୍ୟ ଅନୁଯାୟୀ, ୩୫ ଡିଗ୍ରୀ ସେଲ୍‌ସିୟସଠାରୁ ଅଧିକ ତାପମାତ୍ରାରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକର କାର୍ଯ୍ୟ କ୍ଷମତା ୫୦% ପର୍ଯ୍ୟନ୍ତ ହ୍ରାସ ପାଉଛି। ଶ୍ରମ ଉତ୍ପାଦକ ହ୍ରାସ ହେତୁ ଦେଶର ଅର୍ଥନୀତି ଉପରେ ବୋଝ ପଡୁଛି। ବେକାରି ଓ ଗରିବଙ୍କ ସଂଖ୍ୟା ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଏହାଦ୍ୱାରା ଖାଦ୍ୟ ସୁରକ୍ଷା ସଂକଟ ମଧ୍ୟ ବୃଦ୍ଧି ପାଇବ। କେବଳ ଶ୍ରମିକ ନୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବ ପକାଉଛି। ଜଳବାୟୁ ପରିବର୍ତ୍ତନ କାରଣରୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପୁଛି, ଜୈବ ବିବିଧତା ନଷ୍ଟ ହେଉଛି, ବିଶୁଦ୍ଧ ବାୟୁ ସଙ୍କଟ କାରଣରୁ ଜୀବଜନ୍ତୁଙ୍କ ସହ ମନୁଷ୍ୟଙ୍କ ପ୍ରଜନନ କ୍ଷମତା ପ୍ରଭାବିତ ହେଉଛି।



ଏଭଳି ଆହ୍ୱାନର ସମାଧାନ ପାଇଁ ଅଭିନବ କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିପରି ଏକ ଉପାୟ ହେଉଛି ଉଦ୍ଭିଦଜାତ ପୁଷ୍ଟିସାର (ପ୍ରୋଟିନ୍) ଏବଂ କୃଷିଜାତ ମାଂସକୁ ପ୍ରୋତ୍ସାହିତ କରିବା। ଏହି ବିକଳ୍ପ ପାରମ୍ପରିକ ପଶୁପାଳନ ତୁଳନାରେ ଜଳ ଏବଂ ଜମିର ବ୍ୟବହାରକୁ ଯଥେଷ୍ଟ ହ୍ରାସ କରିଥାଏ। ଯାହାଦ୍ୱାରା ଜଳ, ଜମି ଭଳି ଦୁର୍ଲଭ ସମ୍ବଳ ଉପରୁ ଚାପ କମିଯିବ। ଏହି ଉପାୟ କୃଷି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଦିଗରେ ସହାୟକ ହେବ। ଏହାକୁ ଜାତୀୟ ନୀତି ଓ ଉପଭୋକ୍ତାଙ୍କ ଅଭ୍ୟାସରେ ଅନ୍ତର୍ଭୁକ୍ତ କରି ଆମେ ପରିବେଶ ଏବଂ ଅର୍ଥନୈତିକ ଆହ୍ୱାନର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିବା। ଏଥିସହିତ ସୌରଶକ୍ତି, ପବନ ଶକ୍ତି, ବାୟୋ ଇନ୍ଧନ, ବିଦ୍ୟୁତ୍‌ଚାଳିତ ଯାନ ଭଳି କ୍ଲିନ ଏନର୍ଜି ସିଷ୍ଟମ (ସ୍ୱଚ୍ଛ ଶକ୍ତି ପ୍ରଣାଳୀ) ଆମକୁ ଜୀବାଶ୍ମ ଇନ୍ଧନଠାରୁ ଦୂରେଇ ରଖିବ। ଜଳବାୟୁ ପରିବର୍ତ୍ତନକୁ ଆମେ ବର୍ତ୍ତମାନର ସଙ୍କଟ ବୋଲି ଗ୍ରହଣ ନ କରି ଭବିଷ୍ୟତର ସଙ୍କଟ ବୋଲି ବିଚାର କରୁଛୁ। କେହିକେହି ଏହାକୁ ବ୍ୟକ୍ତିଗତ ସମସ୍ୟା ଭାବେ ଗ୍ରହଣ କରନ୍ତି ନାହିଁ। ଏହା ଏକ ବୈଶ୍ୱିକ ସଙ୍କଟ ବୋଲି ଅଯଥା ଯୁକ୍ତି କରନ୍ତି। ଏଭଳି ମାନସିକତା ଆମ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ତେଣୁ ଆମେ ଏଥିପ୍ରତି ସଚେତନ ରହିବା। ଏହାର ସମାଧାନ ପାଇଁ ପ୍ରଥମେ ନିଜ ଘରୁ ଅଭିଯାନ ଆରମ୍ଭ କରିବା।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ରୋଷେଇ ଘର ବର୍ଜ୍ୟ ବହୁ ସମୟରେ ପାରିପାର୍ଶ୍ୱିକ ପରିବେଶକୁ ପ୍ରଦୂଷିତ କରିଥାଏ। ତେବେ ଏହି ସମସ୍ୟାର ଏବେ ସମାଧାନ କରିପାରିଛନ୍ତି ହାଇଦ୍ରାବାଦର ପାବନି ଲୋଲ୍ଲା। ସେ ଏକ ଦୁର୍ଗନ୍ଧ ମୁକ୍ତ ହୋମ୍ କମ୍ପୋଷ୍ଟର ନିର୍ମାଣ କରିଛନ୍ତି। ସାଧାରଣ କମ୍ପୋଷ୍ଟର ୪୫ରୁ ୬୦ ଦିନ ମଧ୍ୟରେ ଖତ ପ୍ରସ୍ତୁତ କରିପାରୁଥିବାବେଳେ ହୋମ୍ କମ୍ପୋଷ୍ଟରରେ ୭ ଦିନ ମଧ୍ୟରେ ଏହା ହୋଇପାରୁଛି। ପରିବା ଚୋପା, ବଳକା ଖାଦ୍ୟ ଭଳି ଜୈବିକ ବର୍ଜ୍ୟରୁ ଏହି ଖତ ହୋଇପାରୁଛି। ଡଷ୍ଟବିନ୍ ଭଳି ଏହାକୁ ବାଲକୋନିଠାରୁ ଆରମ୍ଭ କରି ଘରର ଯେକୌଣସି ସ୍ଥାନରେ ରଖାଯାଇପାରିବ। ଏହା ମାସକୁ ୩୦ କେଜି କିଚେନ ୱେଷ୍ଟକୁ ଖତ କରିପାରିବ। 'ଫ୍ୟୁଚର ଷ୍ଟେପ୍ସ' ଷ୍ଟାର୍ଟଅପ ମାଧ୍ୟମରେ ଏହି କମ୍ପୋଷ୍ଟର ନିର୍ମାଣ କରୁଛନ୍ତି ପାବନି, ଯେଉଁଥିରେ ସହପ୍ରତିଷ୍ଠାତା ଭାବେ ରହିଛନ୍ତି ମହେଶ ଯୁ ଓ ସିଦ୍ଧେଶ ସାକୋରେ। କର୍ନାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ତେଲଙ୍ଗାନାରେ ଏବେ ସୁଦ୍ଧା ସେ ୬,୦୦୦ରୁ ଅଧିକ କମ୍ପୋଷ୍ଟର ବିକ୍ରି କରିସାରିଲେଣି। ଗୋଟିକୁ ୩,୫୦୦ ଟଙ୍କାରେ ବିକ୍ରି କରାଯାଉଛି। ପାବନି ମଧ୍ୟ ଜଣେ ଅର୍ବାନ ଗାର୍ଡନର। ପରିବେଶ ଉପରେ କାର୍ଯ୍ୟ କରୁଥିବା ପିନାକା ପଦ୍ମା ସଂସ୍ଥା ମାଧ୍ୟମରେ ନିଜ ଅଗଣାରେ ସେ ୧୦୦୦ ଗଛ ଲଗାଇ ଏକ ବଗିଚା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୭୫

- ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଭାରତୀୟ ବିଶେଷଜ୍ଞଙ୍କୁ ନିଯୁକ୍ତି କରାଯିବା ଲକ୍ଷ୍ୟରେ ଭାରତ ଓ ଇରାକ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ସରକାରଙ୍କ ନୀତି ବିରୋଧୀ କାର୍ଯ୍ୟ ଯୋଗୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ କେନ୍ଦ୍ର ପୂର୍ତ୍ତ ଗୃହନିର୍ମାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ଧରିଆ ବରଖାସ୍ତ।

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶେ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନ୍ଧୁଣୀ ମୁଁ, ଜୀବନ–ଚାଳକ!

(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀସେତୁ ସମ୍ମୁଖରେ ଆବର୍ଜନା

ମହାଶୟ,

ବହୁ ଆଡ଼ମ୍ବରରେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀସେତୁ ଉଦ୍‌ଘାଟିତ ହୋଇଥିଲେ ବି ପୁରୀ–ସାତପଡ଼ା ରାସ୍ତା ପାଖ ଶ୍ରୀସେତୁ ସମ୍ମୁଖରେ ଯେପରି ବିସର୍ଜିତ ଦେବଦେବୀଙ୍କ ଆବର୍ଜନା ବହୁଦିନ ଧରି ପଡ଼ିରହି ଦୁର୍ଗନ୍ଧ ହେଉଛି ତାକୁ ଦେଖିବାକୁ କେହିନାହିଁ। ବାହାଘର ସରିଲେ ବେଦୀମୁହଁ ପୋଡ଼ିବା ନ୍ୟାୟରେ ଶ୍ରୀସେତୁ ଉଦ୍‌ଘାଟିତ ହୋଇସାରିବା ପରେ ଆଉ ବିସର୍ଜନ ପୋଖରୀ ସଫାହେବା ପ୍ରଶ୍ନ ଉଠୁଛି କେଉଁଠୁ ? ପୁରୀ ପୌରସଂସ୍ଥା, ଜିଲା ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ଏଥିପ୍ରତି ଦୃଷ୍ଟିଦେବେ କି ?

– ଡି.ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୨୪ | Bhubaneswar, Sunday, March 3/2024 | ପୃଷ୍ଠା-୧




## ଋଣ ବୋଝ ଅସହ୍ୟ: ଚାଷୀଙ୍କ ଆତ୍ମହତ୍ୟା

**ଛେଣ୍ଡିପଦା,୨।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସାପୋଇସାହିର ଯୁବ ଚାଷୀ ତ୍ରିନାଥ ପ୍ରଧାନ(୪୧) ଋଣ ଶୁଝି ନ ପାରି ଶନିବାର ଘରେ ଋଣି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀଙ୍କ ବଡ଼ ବାପା ବୃନ୍ଦାବନ ପ୍ରଧାନ ଏ ନେଇ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସାପୋଇସାହିର ସ୍ୱର୍ଗତ ବୈକୁଣ୍ଠ ପ୍ରଧାନଙ୍କ ପୁଅ ତ୍ରିନାଥ ଚାଷ ପାଇଁ ଲୋନ୍‌ରେ ପାୱାରଟିଲର ଆଣିଥିଲେ। କୃଷି ଋଣ ଆଣି ଚାଷ କାର୍ଯ୍ୟରେ ଖର୍ଚ୍ଚ କରିଥିଲେ। କିନ୍ତୁ ଚାଷରେ ତାଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଫଳରେ ଋଣ କିପରି ଶୁଝିବେ ସେ ନେଇ ସେ ଚିନ୍ତିତ ହୋଇପଡ଼ିଥିଲେ। ଋଣ ଟଙ୍କା ପରିଶୋଧ କରିବା ପାଇଁ ମଧ୍ୟ ତାଙ୍କ ଉପରେ ଚାପ ପଡୁଥିଲା। ଏହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ତେଣୁ ଋଣ ଭାର ସାହି ନ ପାରି ତ୍ରିନାଥ ପୂର୍ବାହ୍ନ ୧୧ଟାରେ ଘରେ ବେକରେ ଋଣି ଲଗାଇ ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ପରିବାର ଲୋକ ଏହା ଦେଖି ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତୁରନ୍ତ ମୃତ ଚାଷୀଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଣୁଅସ୍ତ୍ର ନିର୍ମାଣ ପାଇଁ ପାକିସ୍ତାନ ଯାଉଥିଲା ସରଞ୍ଜାମ

**ମୁମ୍ବାଇ,୨।୩(ପି.ଟି.)**

### ଚାଇନାରୁ ଯାଉଥିବା ଜାହାଜକୁ ଅଟକାଇଲା ଭାରତ



ଚାଇନାରୁ ପାକିସ୍ତାନକୁ ଯାଉଥିବା ଏକ ଜାହାଜକୁ ଭାରତୀୟ ସୁରକ୍ଷା ଏଜେନ୍ସି ମୁମ୍ବାଇର ନାଭା ଶେଭା ବନ୍ଦରରେ ଅଟକାଇଥିଲା। ଜାହାଜରେ ଦ୍ୱୈତ ବ୍ୟବହାର୍ଯ୍ୟ ସାମଗ୍ରୀ ଥିଲା, ଯାହା ପାକସ୍ତାନର ଅଣୁଅସ୍ତ୍ର ଏବଂ ବାଲିଷ୍ଟିକ୍ ମିଶାଇଲ୍ ପ୍ରୋଗ୍ରାମରେ ବ୍ୟବହାର କରାଯାଇପାରିବ ବୋଲି ସୀମାଶୁଳ୍କ ବିଭାଗର ଜଣେ ଅଧିକାରୀ ଶନିବାର କହିଛନ୍ତି। ମାଲ୍‌ଟାର ସିଏମ୍‌ଏ ସିଜିଏମ୍ ଆଟିଲା ଜାହାଜ ଆଣବିକ ସାମଗ୍ରୀ ନେଇ କରାଚୀ ବନ୍ଦର ଅଭିମୁଖେ ଯାଉଥିବାବେଳେ ଗତ ଜାନୁଆରୀ ୨୩ରେ ଗୋଇନ୍ଦା ସୂଚନା ପାଇବା ପରେ ସୀମାଶୁଳ୍କ ଅଧିକାରୀମାନେ ଉକ୍ତ ଜାହାଜକୁ ଅଟକାଇଥିଲେ। ଜାହାଜରେ ଇଟାଲୀ କମ୍ପାନୀ ନିର୍ମିତ ଏକ କମ୍ପ୍ୟୁଟର ନ୍ୟୁମେରିକାଲ କଣ୍ଟ୍ରୋଲ (ସିଏନ୍‌ସି) ମେଶିନ୍ ରହିଥିଲା। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଉକ୍ତ ଉପକରଣ ପାକିସ୍ତାନର କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ନିର୍ମାଣରେ ବ୍ୟବହାର ହୋଇଥାନ୍ତା। ୧୯୯୬ରୁ ସିଏନ୍‌ସି ମେଶିନ୍‌କୁ ଅନ୍ତର୍ଜାତୀୟ ଯୁଦ୍ଧାସ୍ତ୍ର ନିୟନ୍ତ୍ରଣ ବ୍ୟବସ୍ଥା ୱାସେନାର ଆରେଞ୍ଜମେଣ୍ଟରେ ରଖାଯାଇଛି। ଆଣବିକ ଅସ୍ତ୍ର ପ୍ରସାର ରୋକିବା ଲକ୍ଷ୍ୟରେ ଏହା କରାଯାଇଥିଲା। ଉତ୍ତର କୋରିଆ ଏହାର ଆଣବିକ କାର୍ଯ୍ୟକ୍ରମରେ ସିଏନ୍‌ସି ମେଶିନ୍‌ର ବ୍ୟବହାର କରିଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଏକ ଟିମ୍ ଜାହାଜରେ ଥିବା ଉକ୍ତ ସାମଗ୍ରୀଗୁଡ଼ିକୁ ଅନୁଧ୍ୟାନ କଲାପରେ ଏହା ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମରେ ବ୍ୟବହାର ହୋଇପାରେ ବୋଲି କହିଥିଲା। ଗୋଇନ୍ଦା ଅଧିକାରୀମାନେ ସତର୍କ କରାଇବା ପରେ ବନ୍ଦର କର୍ତ୍ତୃପକ୍ଷ ଭାରତୀୟ ପ୍ରତିରକ୍ଷା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଯାଞ୍ଚ ପରେ ସନ୍ଦିଗ୍ଧ ସାମଗ୍ରୀକୁ ଜବତ କରାଯାଇଛି। ପାକିସ୍ତାନ ଏବଂ ଚାଇନା ଦ୍ୱାରା ଅଣୁଅସ୍ତ୍ରର ସମ୍ଭାବ୍ୟ ପ୍ରସାର ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ସାଙ୍ଘାଇ ଜେଏକ୍ସଇ ଗ୍ଲୋବାଲ ଲଜିଷ୍ଟିକ୍ସ କମ୍ପାନୀ ଲିଃ ପାକିସ୍ତାନ ୱିଙ୍ଗ୍ସ ପ୍ରା.ଲିଃ ନିକଟକୁ ସାମଗ୍ରୀଗୁଡ଼ିକୁ ପଠାଉଥିଲା। ଅଧିକ ତଦନ୍ତ କରାଯିବା ପରେ ୨୨,୧୮୦ କେଜି ସାମଗ୍ରୀକୁ ତାଇୟୁନ ମାଇନିଂ ଇମ୍ପୋର୍ଟ ଆଣ୍ଡ ଏକ୍ସପର୍ଟ କମ୍ପାନୀ ସାମଗ୍ରୀଗୁଡ଼ିକୁ ପାକିସ୍ତାନର କସ୍‌ମସ୍ ଇଞ୍ଜିନିୟରିଂ ଉଦ୍ଦେଶ୍ୟରେ ପଠାଇଥିବା ଜଣାପଡ଼ିଥିଲା। ପାକିସ୍ତାନ ଚାଇନାକୁ ମାଧ୍ୟମ ଭାବେ ବ୍ୟବହାର କରି ଆମେରିକା ଏବଂ ୟୁରୋପରୁ ପ୍ରତିବନ୍ଧିତ ବସ୍ତୁ ସଂଗ୍ରହ କରିବାରେ ସଫଳ ହେବା ଚିନ୍ତାର ବିଷୟ ବୋଲି ଅଧିକାରୀମାନେ କହିଛନ୍ତି।

## ସ୍ପେନ୍ ମହିଳାଙ୍କୁ ଗଣବଳାତ୍କାର

**ଡୁମ୍‌କା ,୨।୩**

ସ୍ପେନ୍‌ର ଜଣେ ମହିଳା ପର୍ଯ୍ୟଟକ ତାଙ୍କ ସ୍ୱାମୀଙ୍କ ସହ ବାଇକ୍‌ରେ ବୁଲିବାକୁ ଯାଇଥିବାବେଳେ ଝାଡ଼ଖଣ୍ଡର ଡୁମ୍‌କା ଜିଲାରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଦମ୍ପତି ଶୁକ୍ରବାର ରାତିରେ ଜିଲାର ହଂସଡିହାସ୍ଥିତ ଏକ ନିଛାଟିଆ ଅଞ୍ଚଳରେ ଅଟକିଥିବାବେଳେ ଅତ୍ୟାଚାରର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ଉଭୟଙ୍କୁ ମାଡ଼ ମାରିବା ପରେ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଜରମୁଣ୍ଡି ଏସ୍‌ଡିପିଓ ସନ୍ତୋଷ କୁମାରଙ୍କ କହିବା ଅନୁଯାୟୀ ବାଂଲାଦେଶରୁ ବାଇକ୍‌ରେ ଆସିଥିବା ଉକ୍ତ ଦମ୍ପତି ଡୁମ୍‌କା ଦେଇ ବିହାରର ଭାଗଲପୁର ଯାଉଥିବାବେଳେ ଏକ ଅସ୍ଥାୟୀ ଟେଣ୍ଟରେ ରାତି କଟାଇବା ପାଇଁ ହଂସଡିହା ବଜାର ନିକଟରେ ଅଟକିଥିଲେ। ସେମାନେ ବିହାର ଦେଇ ନେପାଳ ଯାଇଥାନ୍ତେ। ପୀଡ଼ିତାଙ୍କୁ ଡୁମ୍‌କାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ତଦନ୍ତ ଜାରି ରହିଛି। ଡୁମ୍‌କା ଏସ୍‌ପି ପୀତାମ୍ବର ସିଂ ଖେରୱାରଙ୍କ କହିବା ଅନୁଯାୟୀ, ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସ୍ପେନ୍‌ର ଏହି ଦମ୍ପତିଙ୍କ ଗସ୍ତ ଏବଂ ଡୁମ୍‌କାରେ ରହଣି ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ କୌଣସି ଖବର ନ ଥିଲା ବୋଲି ସେ କହିଛନ୍ତି। ଘଟଣାର ଅନୁଧ୍ୟାନ ପାଇଁ ଏକ କମିଟି ଗଢ଼ାଯାଇଥିବା ଫୁଲୋ ଝାନୋ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଅନୁକୁରନ ପୂର୍ତ୍ତି କହିଛନ୍ତି। ଡାକ୍ତରୀ ପରୀକ୍ଷାରୁ ପୀଡ଼ିତାଙ୍କର ଆଭ୍ୟନ୍ତରୀଣ କ୍ଷତ ସମ୍ପର୍କରେ ଜଣାପଡ଼ି ନ ଥିବାରୁ ବଳାତ୍କାର କରାଯାଇଥିବା ନେଇ ସ୍ପଷ୍ଟ ହୋଇନାହିଁ। ଡାକ୍ତରୀ ଅନୁଧ୍ୟାନ ଜାରି ରହିଛି। ବିଦେଶିନୀଙ୍କୁ ଗଣବଳାତ୍କାର ଘଟଣାରେ ଝାଡ଼ଖଣ୍ଡରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା ଭାଜପା ବିଧାୟକ ଅନନ୍ତ ଓଝା କହିଛନ୍ତି। ରାଜ୍ୟରେ ବିଦେଶୀମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଝାଡ଼ଖଣ୍ଡ ମନ୍ତ୍ରୀ ବନ୍ନା ଗୁପ୍ତା ପ୍ରତିଶ୍ରୁତି ଦେଇଛନ୍ତି।



# ଜନଜାତି ବହୁଳ ଜିଲାରେ ନିୟୋଜିତ ବହୁଭାଷୀ ଶିକ୍ଷକଙ୍କ ପାରିତୋଷିକ ୧୦ହଜାରକୁ ବୃଦ୍ଧି

## ଯୋଗ୍ୟତା ଭିତ୍ତିରେ ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ଜନଜାତି ବହୁଳ ଜିଲାଗୁଡ଼ିକରେ ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ (ଏମ୍ଏଲ୍ଇ-ଇଭି) ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ କରିବା ସମୟରେ ସେମାନେ ତାଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସେମାନଙ୍କ ଦାବିକୁ ସହୃଦୟତାର ସହ ବିଚାରକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାରିତୋଷିକ ୫୩୭୯ ଟଙ୍କାରୁ ବୃଦ୍ଧିକରି ୧୦ ହଜାର ଟଙ୍କା କରିଛନ୍ତି। ଏହା ବ୍ୟତୀତ ଯୋଗ୍ୟତା ଭିତ୍ତିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗରେ ବହୁଭାଷୀ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ପିଏଚ୍ଆଇଇଭିଙ୍କ ଦରମା ୧୦ ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ତଥା ସ୍ୱତନ୍ତ୍ର ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ୨୦୧୪ରୁ ବିଭିନ୍ନ ଗ୍ରାମପଞ୍ଚାୟତରେ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ (ପିଏଚ୍ଆଇଇଭି)ମାନଙ୍କୁ ନିୟୋଜିତ କରାଯାଇଥିଲା। ବର୍ତ୍ତମାନ ଏହି ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ମାସିକ ୫୩୭୯ ଟଙ୍କା ପାରିତୋଷିକ ଦିଆଯାଉଥିଲା। ଏବେ ସେମାନଙ୍କ ଦରମା ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ ଅବସରରେ ସେମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କ ବିଭିନ୍ନ ଦାବିକୁ ବିଚାରକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାରିତୋଷିକ ୧୦,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ନିୟୋଜିତ ୧୧୧୭ ଜଣ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ ଉପକୃତ ହେବେ।

# ମାଓବାଦୀଙ୍କ ଆକ୍ରମଣ: ଭାଜପା ନେତାଙ୍କ ମୃତ୍ୟୁ


ତିରୁପତି କଟଲା

ମାଲକାନଗିରି,୨।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରର ବିଜାପୁରରେ ମାଓବାଦୀ ଭାଜପା ନେତା ତିରୁପତି କଟଲାଙ୍କ ଉପରକୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବିଜାପୁର ଜିଲାର ତୟାନାର ଗ୍ରାମକୁ ତିରୁପତି ନିଜର ସମ୍ପର୍କୀୟଙ୍କ ବାହାଘରକୁ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ସଶସ୍ତ୍ର ମାଓବାଦୀ ତିରୁପତିଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏନେଇ ତିରୁପତିଙ୍କ ସମ୍ପର୍କୀୟମାନେ ଜାଣି ତୟାନାର ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ପହଞ୍ଚି ଗୁରୁତର ଅବସ୍ଥାରେ ତିରୁପତିଙ୍କୁ ବିଜାପୁର ଜିଲା ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏନେଇ ବିଜାପୁର ଜିଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ବର୍ଷେ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ତିରୁପତିଙ୍କୁ ମିଶାଇ ୮ ଭାଜପା ନେତାଙ୍କର ମୃତ୍ୟୁ ଘଟିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଦଶମ ପର୍ଯ୍ୟାୟ ଶୁଭାରମ୍ଭ

## ଉପକୃତ ହେଲେଣି ୨୯,୬୫୧ ବରିଷ୍ଠ ନାଗରିକ

ଭୁବନେଶ୍ୱର(ବନ୍ଦନା ସେଠୀ)/ ବାଲେଶ୍ୱର,୨।୩(ମାନସ ବିଶ୍ୱାଳ)


ବାଲେଶ୍ୱର ଷ୍ଟେଶନରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଦଶମ ପର୍ଯ୍ୟାୟ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ବରିଷ୍ଠ ନାଗରିକମାନେ ଏଥିରେ ସାମିଲ ହୋଇ ଆଗ୍ରା ଓ ମଥୁରା ଯାତ୍ରା କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ କହିଛନ୍ତି, ଏହାଦ୍ୱାରା ବିଭିନ୍ନ ଅଞ୍ଚଳର ସଂସ୍କୃତି ଓ ତୀର୍ଥସ୍ଥଳ ସମ୍ପର୍କରେ ଜାଣିହେବ। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଅଦ୍ୟାବଧି ରାଜ୍ୟର ପ୍ରାୟ ୨୯ହଜାର ୬୫୧ଜଣ ବରିଷ୍ଠ ନାଗରିକ ସାମିଲ ହୋଇ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରି ଆଧ୍ୟାତ୍ମିକ ଅନୁଭବ କରିଛନ୍ତି। ଏହି ତୀର୍ଥଯାତ୍ରା ମାଧ୍ୟମରେ ପାରସ୍ପରିକ ସଦ୍‌ଭାବ ଏବଂ ଜାତୀୟ ସଂହତି ବଜାୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯାତ୍ରୀମାନେ ଶୁକ୍ରବାର ଜିଲା ପ୍ରଶାସନ ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱରର ପଦ୍ମାବତୀ ପାର୍କରେ ଅପରାହ୍ନ ୩ଟାରେ ପହଞ୍ଚିବା ପରେ ସେଠାରେ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱାଗତ କରାଯାଇଥିଲା। ସେମାନଙ୍କ ରହଣି, ଖାଦ୍ୟ ପାନୀୟ ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ଶନିବାର ପ୍ରତ୍ୟୁଷରୁ ସେମାନଙ୍କୁ ବାଲେଶ୍ୱର ରେଳଷ୍ଟେଶନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତରେ ଷ୍ଟେଶନ ପ୍ରବେଶ କରାଯାଇଥିଲା। ଆଇଆର୍‌ସିଟିସି ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ସେମାନଙ୍କୁ ଯାତ୍ରାର ଟିକେଟ୍ ଏବଂ ଆବଶ୍ୟକ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର ରେଳ ଷ୍ଟେଶନ୍‌ରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ.ଲେନିନ୍ ମହାନ୍ତି, ବରିଷ୍ଠ ନାଗରକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶେଷ ପର୍ଯ୍ୟାୟ ଯାତ୍ରାରେ ୯୭୦ଜଣ ତୀର୍ଥଯାତ୍ରୀ ଏବଂ ୩୦ଜଣ ଅଧିକାରୀ ସାମିଲ ଅଛନ୍ତି। ସେମାନେ ଆଗ୍ରା ଓ ମଥୁରାରେ ତୀର୍ଥ କରି ଆସନ୍ତା ୭ରେ ବାଲେଶ୍ୱରରେ ପହଞ୍ଚିବେ। ପୂର୍ବରୁ ଆଇଆର୍‌ସିଟିସି ସହଯୋଗରେ ଆୟୋଜିତ ୨୯ଟି ଯାତ୍ରାରେ ୨୮ ହଜାର ୬୫୧ଜଣ ବରିଷ୍ଠ ନାଗରିକ ଦେଶର ବିଭିନ୍ନ ତୀର୍ଥସ୍ଥାନକୁ ଯାତ୍ରା କରିଥିଲେ।

# ସଭା ଅଧାରୁ ଉଠିଆସିଲେ ନରସିଂହ

ବଲାଙ୍ଗୀର, ୨।୩ (ବୀରେନ୍ଦ୍ର କୁମାର ଝାଙ୍କର)


ବିଧାୟକ ନରସିଂହ ମିଶ୍ର

## ଭୀମ ଭୋଇ ମେଡିକାଲ କଲେଜ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ

## ସଭାରେ ବିଧାୟକଙ୍କୁ କହିବାକୁ ଦେଲେନାହିଁ

ବଲାଙ୍ଗୀର ଗନ୍ଧରେଲସ୍ଥିତ ଭୀମଭୋଇ ମେଡିକାଲ କଲେଜ କ୍ୟାମ୍ପସରେ ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଶନିବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବନିର୍ମିତ ହସ୍ପିଟାଲ କୋଠା ସମ୍ମୁଖରେ ଏକ ଉଦ୍‌ଘାଟନୀ ସଭା ଆୟୋଜନ କରାଯାଇଥିଲା। ଏଠାରେ ମନ୍ତ୍ରୀ ଟୁକୁନୀ ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ସଭାପତି ଦେବକୀ ସାହୁ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ପୌରାଧ୍ୟକ୍ଷା ଲିକା ସାହୁ, ମେଡିକାଲ କଲେଜ ଡିନ୍ ପ୍ରଫେସର ଡ. ସ୍ୱୟଂପ୍ରଭା ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଏହି ସଭାରେ ବିଧାୟକ ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ନ ଦେବାରୁ ସେ ସଭାମଞ୍ଚ ଛାଡି ତଳକୁ ଓହ୍ଲାଇ ଆସିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସଭାରେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇନାହିଁ। କେବଳ ବିଜେଡି ନେତାମନ୍ତ୍ରୀଙ୍କୁ ବାଛି ବାଛି କହିବାର ସୁଯୋଗ ଦିଆଯାଇଛି। ତାଙ୍କୁ କହିବାର ସୁଯୋଗ ନ ଦେଇ ଏହି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଅପମାନ କରାଯାଇଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଥିଲା। ସରକାରୀ ସଭାରେ ମନ୍ତ୍ରୀ ନିଜେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ବକ୍ତବ୍ୟ ରଖିବା ଅସାମ୍ବିଧାନିକ। ଏହାକୁ ବଲାଙ୍ଗୀରବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ବିଧାୟକ କହିଥିଲେ। ସେ ନିଜେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିବାବେଳେ ଏଠାରେ ମେଡିକାଲ କଲେଜ ଓ ହସ୍ପିଟାଲର ଶିଳାନ୍ୟାସ କରିଥିଲେ। ସରକାରୀ ଦଳ ନେତାମାନଙ୍କ ବିରୋଧ ଯୋଗୁ ଦୀର୍ଘ ବର୍ଷ ଧରି ଏହି ମେଡିକାଲ କଲେଜ ହସ୍ପିଟାଲ ହୋଇପାରି ନ ଥିଲା। ବୈଠକ ଅଧାରୁ ବିଧାୟକ ମିଶ୍ର ଉଠି ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।

# ନବୋଦୟ ବିଦ୍ୟାଳୟ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

## ହଷ୍ଟେଲରୁ ମିଳିଲା ଝୁଲନ୍ତା ମୃତଦେହ

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ

ବାସୁଦେବପୁର,୨।୩ (ନାରାୟଣ ପ୍ରସାଦ ବାରିକ୍)


ମୃତ ଛାତ୍ରୀଙ୍କ ମା'।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟର ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କ ଶନିବାର ସକାଳେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ହେଲେ ଧାମନଗର ବ୍ଲକର ପଧାନୀ ପଞ୍ଚାୟତ କୁରୁରିଆ ଗାଁର ସୁରେନ୍ଦ୍ର ବେହେରାଙ୍କ ଝିଅ ଅର୍ପିତା(୧୭)। ସୋମବାର ଫିଜିକ୍ସ ପରୀକ୍ଷା ଥିବାବେଳେ ଦିନକ ପୂର୍ବରୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସକାଳ ୬ରୁ ସାଢ଼େ ୬ ଭିତରେ ଅର୍ପିତା ମା' ଓ ସାନଭାଇଙ୍କ ସହ ଫୋନ୍‌ରେ ସ୍ୱାଭାବିକ ଭାବେ କଥା ହୋଇଥିଲେ ବୋଲି ମା' ପୁଷ୍ପଲତା କହିଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

ଅର୍ପିତା ସକାଳେ ଉଠି ବିଦ୍ୟାଳୟର ୨ଟି କ୍ଲାସ୍ କରିଥିଲେ। ପରେ ଅନ୍ୟ ଏକ କ୍ଲାସ୍‌କୁ ସେ ନ ଆସିବାରୁ ପ୍ରାୟ ୭ଟା ୪୫ ବେଳେ ମାଟ୍ରନ ମେନକା ରାଉତ ହଷ୍ଟେଲର ଅର୍ପିତାଙ୍କ ରୁମ୍‌କୁ ଯାଇଥିଲେ। ସେଠାରେ ଏକ ଆପ୍ରୋନରେ ଫାଶି ଲଗାଇ ଅର୍ପିତା ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଶିକ୍ଷୟିତ୍ରୀ କଳ୍ପନା ଦାସ କହିଛନ୍ତି। ଖବରପାଇ ଅର୍ପିତାଙ୍କ ମା' ବାପା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ଝିଅର ମୃତଦେହ ଦେଖି ସେମାନେ ହତବାକ୍ ହୋଇଯାଇଥିଲେ। ଏହି ଘଟଣା ପରେ ବିଦ୍ୟାଳୟ ପରିସରରେ ଭୟର ବାତାବରଣ ଦେଖାଦେଇଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରକୁ ନେବା ପାଇଁ ଫାଟକ ପାଖରେ ଭିଡ଼ ଜମାଇବା ସହ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ମଧ୍ୟାହ୍ନରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଏବଂ କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ କରିଛି। ବିଦ୍ୟାଳୟ ଗେଟ୍ ପାଖ ଓ କ୍ୟାମ୍ପସରେ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଛାତ୍ରୀଙ୍କ ପରିବାର ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ କଷିଆ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ କରିଛି।

# ବ୍ରାହ୍ମଣୀରେ ବୁଡ଼ି ୨ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ, ୨।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିମପୁର ଗାଁ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ମଧ୍ୟାହ୍ନରେ ୨ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ଗଭୀର ପାଣିରେ ବୁଡି ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦ୍ୱୟ ଉତ୍ତରପ୍ରଦେଶ ଆଗ୍ରା ଅଞ୍ଚଳ ତଣ୍ଡାଲା ଗ୍ରାମର ଅଜିତ କୁଆଁର(୨୨), ଜାଭେଦ୍ ଖାନ (୨୦)। ଏକ କମ୍ପାନୀର କଲରପ୍ରିଣ୍ଟ ୱାଲ କରିବାକୁ ଆସି ଫେରୁଥିବା ବେଳେ ଏପରି ଘଟଣା ଘଟିଯାଇଛି। ପଟ୍ଟାମୁଣ୍ଡାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୂଚନା ଅନୁଯାୟୀ, ଆଗ୍ରା ଅଞ୍ଚଳ ତଣ୍ଡାଲା ଗ୍ରାମର ୭ ଜଣ ଯୁବକ ଏକ କମ୍ପାନୀର ୱାଲ ରଙ୍ଗ କାମ ପାଇଁ ଦୀର୍ଘ ୧୫ ଦିନ ହେବ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଆସିଥିଲେ। କାମ ସାରି ଫେରୁଥିବା ସମୟରେ ନିମପୁର ନିକଟ ନରେନ୍ଦ୍ରପୁର ଘାଟ ପାଖରେ ଗାଡ଼ି ରଖି ୬ ଜଣ ଯୁବକ ଗାଧୋଇବାକୁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ହଠାତ୍ ୨ ଜଣ ଗଭୀର ନଦୀ ପାଣିରେ ବୁଡ଼ି ଯାଇଥିବା ବେଳେ ୪ ଅଳ୍ପକେ ବର୍ତ୍ତିଯାଇଥିଲେ। ତେବେ ଆଗ୍ରାରୁ ସାଙ୍ଗ ହୋଇ ୭ ଜଣ କାମ ପାଇଁ ଓଡ଼ିଶା ଆସିଥିଲେ। କିନ୍ତୁ ଦୁଇ ସାଙ୍ଗ ନିଖୋଜ ଥିବାରୁ ୫ ଜଣ ଚିନ୍ତାରେ ଅଛନ୍ତି। ଅଗ୍ନିଶମ କର୍ମଚାରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ବୋଟ ମାଧ୍ୟମରେ ବ୍ରାହ୍ମଣୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ନବଗଠିତ ଏନ୍ଏସିର ଜନସାଧାରଣ

## ଅନ୍ୟ ସଙ୍ଗଠନର ଅନେକ ସଦସ୍ୟ ମଧ୍ୟ ଭେଟିଲେ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ରାଜ୍ୟର ୨ଟି ନବଗଠିତ ମ୍ୟୁନିସିପାଲିଟି, ୮ଟି ବିଜ୍ଞପିତ ଅଞ୍ଚଳ ପରିଷଦର ଜନସାଧାରଣ ଓ ୪ଟି ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଶନିବାର ନବୀନ ନିବାସଠାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ପାଇଁ ସେମାନେ କୃତଜ୍ଞତା ପ୍ରକାଶ କରିଛନ୍ତି। ୫-ଟି ଅଧ୍ୟକ୍ଷ ସେମାନଙ୍କୁ ଧନ୍ୟବାଦ ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଛନ୍ତି। ସମସ୍ତଙ୍କୁ ସେ ନିଜ ପରିବାରର ସଦସ୍ୟ ବୋଲି ଭାବନ୍ତି। ସମସ୍ତେ ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନୂଆ ଓଡ଼ିଶା ଗଠନ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ରାଜ୍ୟରେ ୩୫ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୩ଟି ବିଜ୍ଞପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟି ଭାବେ ମୁଖ୍ୟମନ୍ତ୍ରୀ ଉନ୍ନୀତ କରିଥିଲେ। ଆଜି ନବଗଠିତ ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟିର ଜନସାଧାରଣ ନବୀନ ନିବାସଠାରେ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଛନ୍ତି। ସେମାନଙ୍କ ସହ କୃଷକସାଥୀ ସଂଘ, ଓମ୍‌ଫେଡ୍ ରିଟେଲର ସଂଘ, ନିଖିଳ ଓଡ଼ିଶା ଲେଫ୍ଟ ଆଉଟ ଗଣଶିକ୍ଷକ ମହାସଂଘ ଏବଂ ଓଡ଼ିଶା ପ୍ରଦେଶ ଲକ୍ଷେ ଘର ଦଳିତ ଜାତି ସମାଜ ମହାସଂଘର କର୍ମକର୍ତ୍ତାମାନେ ମଧ୍ୟ ତାଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ନବଗଠିତ ବୌଦ୍ଧଗଡ ମ୍ୟୁନିସିପାଲିଟି, କରଞ୍ଜିଆ ମ୍ୟୁନିସିପାଲିଟି, ବେତନଟୀ, ପାଣିକୋଇଲି, ଜାରକା, ବସ୍ତା, ସିମୁଳିଆ, କଣ୍ଟାମାଳ, ଶେରଗଡ ଓ ରାଇକିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ସହିତ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଧାୟକ ଅଶୋକ କୁମାର ବଳ, ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ମହିଧର ରଣା, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ପ୍ରମୁଖ ୫-ଟି ଅଧ୍ୟକ୍ଷଙ୍କୁ ଭେଟିଛନ୍ତି।

# ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ପାରିଶ୍ରମିକ ୧୦ହଜାର ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

- ଶିକ୍ଷୟିତ୍ରୀଙ୍କୁ ମିଳିବ ମାତୃତ୍ୱ ଛୁଟି
- ୨୪ ପରିବର୍ତ୍ତେ ୩୦ ପିରିୟଡ୍‌ରେ ଶିକ୍ଷାଦାନ କରିବେ
- ମାସିକିଆ ପାରିଶ୍ରମିକ ବର୍ଷକୁ ୧୦ ମାସ ବଦଳରେ ୧୨ ମାସ ପାଇବେ

ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ୭ ହଜାରରୁ ବୃଦ୍ଧିକରି ୧୦ ହଜାର ଟଙ୍କା କରିଛନ୍ତି। ଏଣିକି ସେମାନଙ୍କ ମାସିକ ପାରିଶ୍ରମିକ ବର୍ଷକୁ ୧୦ ମାସ ପରିବର୍ତ୍ତେ ପୂରା ୧୨ ମାସ ପାଇଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଘୋଷଣା କରିଛନ୍ତି। ମାସିକ ୨୪ଟି ପିରିୟଡ୍ ପରିବର୍ତ୍ତେ ୩୦ଟି ପିରିୟଡ୍‌ରେ ସେମାନେ ଶିକ୍ଷାଦାନ କରିବେ। ଏହାସହ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ପରି ମହିଳା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନେ ଆବଶ୍ୟକ ସ୍ଥଳେ ମାତୃତ୍ୱ ଛୁଟି ମଧ୍ୟ ପାଇପାରିବେ।

ସୂଚନାଯୋଗ୍ୟ ଯେ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜିଲା ଗସ୍ତ ଅବସରରେ ସେମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୪୬୦୫ ଜଣ କଳା ଶିକ୍ଷକ ଶିକ୍ଷୟିତ୍ରୀ ଉପକୃତ ହେବେ। ରାଜ୍ୟର କେତେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ କଳା ଓ ଶାରୀରିକ ଶିକ୍ଷା ତାଲିମ ଦେବା ପାଇଁ ସାମୟିକ କଳା ଓ କ୍ରୀଡ଼ା ଶିକ୍ଷକ ନିୟୋଜିତ କରାଯାଇଛି।

# ଭାପୁର ବ୍ଲକର ସାଙ୍ଗଠନିକ ପରିବର୍ତ୍ତନ କଲା ବିଜେଡି

- ଶିବପ୍ରସାଦ ବିଜେଡିର ବ୍ଲକ ସଭାପତି
- ସନ୍ତୋଷ ଯୁବ, ସତ୍ୟବ୍ରତ ଛାତ୍ର ସଭାପତି

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଶନିବାର ନୟାଗଡ଼ ଜିଲା ଭାପୁର ବ୍ଲକ ପାଇଁ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱ ବଣ୍ଟାଯାଇଛି। ଭାପୁର ବ୍ଲକ ସଭାପତି ଭାବେ ଶିବ ପ୍ରସାଦ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଭାବେ ବେଣୁଧର ପ୍ରଧାନ ଏବଂ ଉପସଭାପତି ଭାବେ ଭରତ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ଲକ୍ଷ୍ମୀଧର ସାମନ୍ତରାୟ, ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ପଠାଣି ପଟ୍ଟନାୟକ, ଶତ୍ରୁଘ୍ନ ପଣ୍ଡା, ବୈକୁଣ୍ଠ ଦାସ, ଶାନ୍ତିଲତା ବେହେରା, ଲିଙ୍ଗରାଜ ଦାସ, ଗଣନାଥ ଦାସ ଏବଂ ପ୍ରଦୀପ କୁମାର ବେହେରାଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ସେହିପରି ଭାପୁର ବ୍ଲକର ଯୁବ ସଭାପତି ଭାବେ ସନ୍ତୋଷ କୁମାର ପାଲଟାସିଂ ଏବଂ ସତ୍ୟବ୍ରତ ମହାରଣାଙ୍କୁ ବ୍ଲକର ଛାତ୍ର ସଭାପତି ଦାୟିତ୍ୱ ମିଳିଛି।

# ୨ ଏଏସ୍ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ଲାଞ୍ଚ ନେଉଥିଲେ, ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ମାହାଙ୍ଗା (ଯଯାତି ସିଂହ)/ ଡାବୁଗାଁ,୨।୩(ପ୍ରଜ୍ଞାରଞ୍ଜନ ପରିଡା)


ସୀମାଞ୍ଚଳ ମହାରଣା


ଆଲୋକ କୁମାର ଷଡ଼ଙ୍ଗୀ

ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ୨ଜଣ ପୋଲିସ ଏଏସ୍ଆଇ। ସେମାନେ ହେଲେ କଟକ ଜିଲା ଭଦ୍ରେଶ୍ୱର ଥାନାର ଏଏସ୍ଆଇ ଆଲୋକ କୁମାର ଷଡ଼ଙ୍ଗୀ ଓ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଏଏସ୍ଆଇ ସୀମାଞ୍ଚଳ ମହାରଣା। ଏଏସ୍ଆଇ ଷଡ଼ଙ୍ଗୀ ଏକ ମାମଲାରେ ସହାୟତା କରିବା ପାଇଁ ଅଭିଯୋଗକାରୀଙ୍କଠାରୁ ୮ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ସହ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଛି। ଏହାପରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଟିମ୍ ଭଦ୍ରେଶ୍ୱରସ୍ଥିତ ତାଙ୍କ ଭଡାଘର, ଜଗତ୍‌ସିଂପୁରରେ ଥିବା ପୈତୃକ ଘର ଓ ପୁରୀସ୍ଥିତ ଆବାସିକ ଘରେ ଚଢାଉ ଚାଲିଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୦୬/୨୦୨୪ ) ରୁଜୁ କରାଯାଇ ଏଏସ୍ଆଇ ଷଡଙ୍ଗୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜମିଜମା ବିବାଦକୁ ନେଇ ଜଗବନ୍ଧୁ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଭଦ୍ରେଶ୍ୱର ଥାନାରେ ଏକ ଅଭିଯୋଗ ରହିଛି। ସେହିପରି ସେ ମଧ୍ୟ ପ୍ରତିପକ୍ଷଙ୍କ ନାମରେ ଅଭିଯୋଗ କରିଛନ୍ତି। ତେବେ ଏଥିରେ ସହାୟତା କରିବାକୁ ଏଏସ୍ଆଇ ଷଡ଼ଙ୍ଗୀ ଜଗବନ୍ଧୁଙ୍କୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଜଗବନ୍ଧୁ ଭିଜିଲାନ୍ସରେ ଜଣାଇବା ପରେ ଯୋଜନା ମୁତାବକ ଥାନାରେ ଏଏସଆଇ ଷଡ଼ଙ୍ଗୀଙ୍କୁ ୮ ହଜାର ଟଙ୍କା ଦେଉଥିବାବେଳେ ସାଦା ପୋଷାକରେ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସେହିଭଳି ଏକ ଗଣ୍ଡଗୋଳ ମାମଲାରୁ ନାମ କାଟିବାକୁ ଡାବୁଗାଁ ଥାନା ଏଏସ୍ଆଇ ମହାରଣା ଶନିବାର ପାପଡ଼ାହାଣ୍ଡି ବ୍ଲକ ରାଉଁଳିଗୁଡ଼ାର ମକରନ୍ଦ ଜାନିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଥିଲେ। ତେବେ ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଲାଞ୍ଚ ଟଙ୍କାକୁ ଥାନାର ମାଲଖାନକୁ ଫୋପାଡି ଦେଇଥିଲେ। ଭିଜିଲାନ୍ସ ଅଧିକାରୀମାନେ ମାଲଖାନାରୁ ଲାଞ୍ଚ ଅର୍ଥ ଜବତ କରିବା ସହ ଦୁଇଟି ସ୍ଥାନରେ ଥିବା ଘରେ ଚଢାଉ କରୁଛନ୍ତି। ଏଥିସହ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଏଏସ୍ଆଇ ମହାରଣାଙ୍କୁ ଗିରଫ କରିଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ମକରନ୍ଦ ଗତ ୮ ତାରିଖ ସନ୍ଧ୍ୟାରେ ନାଟ ଦେଖିବାକୁ ଚାଲିଚାଲି ଯାଉଥିବାବେଳେ ଗାଁର ପଦୁସିଂ ଜାନି ବାଇକ୍ (ଓଡି-୨୪ଡି-୭୧୩୫)ରେ ଆସି ତାଙ୍କୁ ପଛପଟରୁ ଧକ୍କା ଦେଇଥିଲେ। ପ୍ରତିବାଦ କରିବାରୁ ପଦୁସିଂ ଗାଳିଗୁଲଜ କରିବା ସହ ଲୁହା ରଡ୍‌ରେ ମକରନ୍ଦଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏହା ଦେଖି ମକରନ୍ଦଙ୍କ ଭାଇ ଓ ଭାଉଜ ଅଟକାଇବାରୁ ପଦୁସିଂ ସେମାନଙ୍କୁ ମଧ୍ୟ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏନେଇ ମକରନ୍ଦ ୯ ତାରିଖରେ ପଦୁସିଂଙ୍କ ନାମରେ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩ /୨୪ରେ ଏକ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷରେ ପଦୁସିଂ ମଧ୍ୟ ମକରନ୍ଦ ଓ ତାଙ୍କ ସ୍ତ୍ରୀ ଫନୀଙ୍କ ନାମରେ ଆକ୍ରମଣ ଓ ଗାଳିଗୁଲଜ ଅଭିଯୋଗ କରିଥିଲେ। ଏନେଇ ନଂ. ୩୪/୨୪ରେ ଡାବୁଗାଁ ପୋଲିସ ଆଉଏକ ମାମଲା ରୁଜୁ କରିଛି। ଉଭୟ ମାମଲାକୁ ଏଏସ୍ଆଇ ମହାରଣା ତଦନ୍ତ କରୁଥିଲେ। ମାମଲାରୁ ଫନୀଙ୍କ ନାମ କାଟିଦେବା ପାଇଁ ଏଏସ୍ଆଇ ମକରନ୍ଦଙ୍କୁ ଲାଞ୍ଚ ମାଗିବାରୁ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶନିବାର ମଧ୍ୟାହ୍ନରେ ମକରନ୍ଦଙ୍କଠାରୁ ଏଏସ୍ଆଇ ମହାରଣା ୫ ହଜାର ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା।

# ଭୀମ ଭୋଇଙ୍କ ଜନ୍ମମାଟିକୁ ଆସି ଧନ୍ୟ ମନେକରୁଛି: ରାଷ୍ଟ୍ରପତି



ନାଗରିକ ସମ୍ବର୍ଦ୍ଧନା ସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ରେଢ଼ାଖୋଲ,୨।୩
(ଅଚ୍ୟୁତାନନ୍ଦ ପୁରୋହିତ)

ସନ୍ଥକବି ଭୀମ ଭୋଇଙ୍କ ଜନ୍ମ ମାଟିକୁ ଆସି ମୁଁ ନିଜକୁ ଧନ୍ୟ ମନେ କରୁଛି। ସମ୍ବଲପୁର ଜିଲାର ରେଢ଼ାଖୋଲ ଗସ୍ତରେ ଆସି ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ରାଷ୍ଟ୍ରପତି ଭାବେ ଶପଥ ନେବାବେଳେ ଭୀମ ଭୋଇଙ୍କ ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ' ଉଚ୍ଚାରଣ କରିଥିଲି। ଏହାକୁ ହିନ୍ଦୀ ଭାଷାରେ ବୁଝାଇବା ପରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ କରତାଳିର ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଏହି ଧ୍ୟେୟବାକ୍ୟକୁ ପାଥେୟ କରିଥିଲେ ହେଁ ଏହି ପବିତ୍ର ମାଟିକୁ ଆସିବାର ସୌଭାଗ୍ୟ ପାଇ ନ ଥିଲି। ଆପଣମାନଙ୍କ ଆମନ୍ତ୍ରଣ ପାଇ ସନ୍ଥକବିଙ୍କ ମାଟିକୁ ଆସି ମୁଁ ଆନନ୍ଦିତ। ଆଜି ଦିନଟି ମୋ ପାଇଁ ସ୍ମରଣୀୟ ହୋଇ ରହିବ। ଭୀମ ଭୋଇ ଜନ୍ମାନ୍ଧ ଥିଲେ ହେଁ ତାଙ୍କର ଅନ୍ତଃଦୃଷ୍ଟି ଥିଲା ପ୍ରଖର। ତାଙ୍କର କାଳଜୟୀ କବିତା ଓ ସାହିତ୍ୟ ମାଧ୍ୟମରେ ସେ ସମାଜରୁ ଭେଦଭାବ ଦୂର କରିବାକୁ ପ୍ରୟାସ କରିଥିଲେ। ସନ୍ଥକବିଙ୍କ ଜୀବନୀ ଓ ସାହିତ୍ୟ ବିଭିନ୍ନ ଭାଷାରେ ପ୍ରକାଶିତ ହୋଇ ସାରା ବିଶ୍ୱରେ ପ୍ରସାରିତ ହେବା ଆବଶ୍ୟକ। ଭୀମ ଭୋଇଙ୍କ ବାଣୀ ଯୁବ ସମାଜଙ୍କ ପାଥେୟ ହେଉ ବୋଲି ରାଷ୍ଟ୍ରପତି କହିଥିଲେ।

## ମହିମାଧର୍ମର ଉପାସକଙ୍କ ଦ୍ୱାରା ନାଗରିକ ସମ୍ବର୍ଦ୍ଧନା

ପ୍ରାରମ୍ଭରେ ଗୁରୁବ୍ରହ୍ମ ମହିମା ଅଲେଖ ଶରଣଂ କହି ଉପସ୍ଥିତ ମହିମା ସାଧୁସନ୍ଥମାନଙ୍କୁ ସମ୍ବୋଧନ କରିବା ସହ ଜୟ ଜଗନ୍ନାଥ ବୋଲି କହି ସମସ୍ତଙ୍କୁ ଜୁହାର କହିଥିଲେ। ସନ୍ଥକବି ଭୀମ ଭୋଇ ସ୍ମୃତି କମିଟି ଦ୍ୱାରା ମିନି ଷ୍ଟାଡିୟମରେ ଆୟୋଜିତ ସଭାରେ ମହିମାଧର୍ମୀମାନେ ରାଷ୍ଟ୍ରପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଭୀମ ଭୋଇ ସ୍ମୃତିକମିଟି ସଭାପତି ଚକ୍ରଧର ପ୍ରଧାନ, ଆନନ୍ଦ ବାବା, ସୌଭାଗ୍ୟ ବାବା, କାହ୍ନୁ ବାବା, ପ୍ରଭାକର ବାବା ମଞ୍ଚାସୀନ ଥିଲେ। ମନ୍ତ୍ରୀ ସାହୁ ତାଙ୍କ ଭାଷଣରେ ରାଷ୍ଟ୍ରପତିଙ୍କୁ ପାଇ ସମ୍ବଲପୁର ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କୁ ଯୋରନ୍ଦା ଓ ଭୀମ ଭୋଇଙ୍କ ସମାଧି ପୀଠ ଖଲିଆପାଲି ଆସିବାକୁ ନିମନ୍ତ୍ରଣ କରିବା ସହ ସନ୍ଥକବିଙ୍କ ରଚିତ ସ୍ତୁତି ଚିନ୍ତାମଣି କବିତା ସଙ୍କଳନ ରାଷ୍ଟ୍ରପତିଙ୍କୁ ଉପହାର ଦେଇଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଛତିଶଗଡର ବିଳାସପୁରସ୍ଥିତ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ଓ କୋରାପୁଟ ବିଶ୍ୱବିଦ୍ୟାଳୟରେ ସନ୍ଥକବି ଭୀମ ଭୋଇ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଭବିଷ୍ୟତରେ ଭୀମ ଭୋଇଙ୍କ ଜୀବନୀ ଓ ସାହିତ୍ୟକୁ ସ୍କୁଲ କଲେଜ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ନାଗରିକ ସମ୍ବର୍ଦ୍ଧନା ସଭାକୁ ହରପ୍ରସାଦ ଦାସ ସଂଯୋଜନା କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ପୂର୍ବାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି କଦଳୀଗଡ ହାଇସ୍କୁଲ ଖେଳପଡିଆରେ ଅବତରଣ କରିଥିଲେ। ସେଠାରୁ ସେ ମଧୁପୁର ଗ୍ରାମକୁ ଯାଇ ସନ୍ଥକବିଙ୍କ ପ୍ରାପ୍ତି ପୀଠରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଚଉଷଠୀ ସିଦ୍ଧଙ୍କ ଧୁନିମଣ୍ଡପ ଦର୍ଶନ କରିଥିଲେ। ପରେ କନ୍ଦରାସ୍ଥିତ ଦିବ୍ୟଜ୍ଞାନ ପ୍ରାପ୍ତି ପୀଠ ପରିଦର୍ଶନ କରିବା ସହ ସାଧୁସନ୍ଥଙ୍କ ଦ୍ୱାରା ଆୟୋଜିତ ଯଜ୍ଞରେ ଘୃତ ଆହୁତି ପ୍ରଦାନ କରିଥିଲେ। କନ୍ଦରାର ଦିବ୍ୟଜ୍ଞାନ ପ୍ରାପ୍ତି ପୀଠରେ ଛାତ୍ରୀଛାତ୍ରଙ୍କୁ ଚକୋଲେଟ ଦେବା ସହ ଚାରାରୋପଣ କରିଥିଲେ।

# ୬ ପ୍ରକଳ୍ପର ଉଦ୍‌ଘାଟନ, ୪୬ର ଭିତ୍ତିପ୍ରସ୍ତର ସ୍ଥାପନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

## ଚାଷୀ ଆମ ଅର୍ଥନୀତିର ସାରଥି, ସେମାନଙ୍କ ପାଇଁ କାମ କରୁଥିବି: ନବୀନ

ଚାଷୀର କଲ୍ୟାଣ ଓ କୃଷିର ବିକାଶ ତାଙ୍କ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହିଆସିଛି। ପ୍ରତିଦିନ ବିଭିନ୍ନ ଅଞ୍ଚଳର ଚାଷୀ ଭଉଣୀଭାଇମାନଙ୍କୁ ଭୁବନେଶ୍ୱରରେ ଭେଟୁଛି। ଚାଷୀଙ୍କ ପାଇଁ ଆମର ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଖୁବ୍ ଭଲ କାମ କରୁଛି। ଗତ କିଛିଦିନ ଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଛୋଟ ବଡ଼ ଅନେକ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଆସୁଛି। ଏହା ସହ ନୂଆ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଉଛି। ଏହିସବୁ ପ୍ରକଳ୍ପରେ ୫–ଟି ଉପକ୍ରମ ଅଧୀନରେ ଟେକ୍ନୋଲୋଜିର ପ୍ରୟୋଗ କରାଯାଇ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଯାଉଛି। ଭୂତଳ ପାଇପଲାଇନ ଜରିଆରେ ଜଳସେଚନ ଯୋଗୁ ବିସ୍ଥାପନ ସମସ୍ୟା ଦୂରହୋଇଛି। ଚାଷୀ ଆମ ଅର୍ଥନୀତିର ସାରଥି। ସେମାନଙ୍କ ପାଇଁ କାମ କରୁଛନ୍ତି ଏବଂ କରୁଥିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗୋଟିଏ ଦିନରେ ୩,୦୩୭ କୋଟି ଟଙ୍କାରେ ୫୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୪ ଜିଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୧୫ ଜିଲାରେ ୨୯୦୬ କୋଟି ଟଙ୍କାରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାକୁ ଉଦ୍‌ଘାଟନ କରିବା ପରେ ଜଳସେଚନ କ୍ଷେତ୍ରରେ ବର୍ତ୍ତମାନ ଏକ ସୁବର୍ଣ୍ଣ ଅଧ୍ୟାୟ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ନୟାଗଡ଼ର କୁସୁମୀ ବ୍ୟାରେଜ ଉଦ୍‌ଘାଟିତ ହୋଇଛି। ୭୦.୮୮ କୋଟି ଟଙ୍କା ବ୍ୟୟରେ ନିର୍ମିତ କୁସୁମୀ ବ୍ୟାରେଜରୁ ଜଳ ଯୋଗାଣ ନିମନ୍ତେ ୧୪୮.୧୭ କୋଟି ଟଙ୍କା ବ୍ୟୟରେ ଭୂତଳ ପାଇପଲାଇନ ବଣ୍ଟନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା ୯୨୫୪ ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇପାରିବ ଏବଂ ୩ଟି ବ୍ଲକର ୪୯ଟି ଗ୍ରାମର ୧.୫ ଲକ୍ଷ ଲୋକ ଉପକୃତ ହେବେ। ଏହା ସହ ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳକୁ ଭୂତଳ ପାଇପଲାଇନ ଦ୍ୱାରା ବଣ୍ଟନ ବ୍ୟବସ୍ଥାର ଲୋକାର୍ପଣ ମଧ୍ୟ କରାଯାଇଛି। ହାଡୁଆ ଡ୍ୟାମ୍ ଓ ତା'ର ଭୂତଳ ପାଇପ ଲାଇନ ବଣ୍ଟନ ବ୍ୟବସ୍ଥାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏହାଦ୍ୱାରା କଟକ ଜିଲାର ୮୬ ଗ୍ରାମର ୮୯୯୭ ଏକର ଚାଷଜମିକୁ ଜଳସେଚନ ଯୋଗାଇବା ସହ ୨୯୩ ଗ୍ରାମକୁ ପାନୀୟ ଜଳ ଯୋଗାଣ ଓ ୧ ମେଗାୱାଟର ବିଦ୍ୟୁତ୍ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ହାଡୁଆ ଡ୍ୟାମ୍ ଓ ତା'ର ଭୂତଳ ପାଇପ ଲାଇନ ବଣ୍ଟନ ବ୍ୟବସ୍ଥାର ବ୍ୟୟ ଅଟକଳ ଯଥାକ୍ରମେ ୨୬୫.୨୪ କୋଟି ଓ ୧୯୫.୮୯ କୋଟି ଟଙ୍କା। କଟକ ଡିମିରିଆ–ରାଉତପଡ଼ା ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ, ବୈଦେଶ୍ୱର–ଗୋପୀନାଥପୁର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଓ ନବରଙ୍ଗପୁର ଫଟକି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ– ଏହିପରି ୩ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ସହ ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ ଓ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗୀର ପାଟଣାଗଡ଼ରେ ଉପସ୍ଥିତ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ଭାବେ ଓଡ଼ିଶାର ବିକାଶକୁ ଆଗେଇ ନେଉଛନ୍ତି। ପ୍ରତ୍ୟେକ ଚାଷୀଙ୍କ ଜମିକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ପହଞ୍ଚିବ ସେ ଦିଗରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରି କହିଛନ୍ତି , ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଜିଲା ଗସ୍ତ ସମୟରେ ଜଳସେଚନ ଉପରେ ଯେଉଁସବୁ ସମସ୍ୟା ବାବଦରେ ଅଭିଯୋଗ ଆସିଥିଲା, ସେଥିମଧ୍ୟରୁ ପ୍ରାୟ ୮୦% ସମାଧାନ ହୋଇସାରିଲାଣି। ଆଜି ଭିତ୍ତିପ୍ରସ୍ତର ଦିଆଯାଇଥିବା ପ୍ରକଳ୍ପଗୁଡିକ ପାଇଁ ସମସ୍ତଙ୍କ ସହଯୋଗ ମିଳିଲେ କାମ ଖୁବ୍‌ଶୀଘ୍ର ଶେଷ ହେବ। ନୟାଗଡ଼ ଜିଲାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭକରି ସମଲେଇ ମନ୍ଦିର ପର୍ଯ୍ୟନ୍ତ ରୂପାନ୍ତରଣ କାର୍ଯ୍ୟ କରାଯାଇଛି। ଖୁବ୍‌ଶୀଘ୍ର କଣ୍ଟିଲୋ ନୀଳମାଧବ ପୀଠର ରୂପାନ୍ତରଣ କାମ ଶେଷ ହୋଇ ଲୋକାର୍ପଣ ହେବ।



ଚାଷୀର କଲ୍ୟାଣ ଓ କୃଷିର ବିକାଶ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲାରେ ୬ ପ୍ରକଳ୍ପର ଉଦ୍‌ଘାଟନ ସହ ୪୬ଟିର ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିଛନ୍ତି। ନିକଟରେ ଅଛନ୍ତି ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଗୁଣାତ୍ମକ ଉତ୍ପାଦକୁ ଗୁରୁତ୍ୱ



**କଳା ଓ ସଂସ୍କୃତି ସହ ଜଡ଼ିତ ଜଣେ କଳାପ୍ରେମୀ ତଥା ସାମାଜିକ କର୍ମୀ ସମୟ କ୍ରମେ ପରିବାରର ଆବଶ୍ୟକତାକୁ ନଜରରେ ରଖି ପ୍ରାଥମିକ ପର୍ଯ୍ୟାୟରେ ଛୋଟ ଚକି ଅଟାକଳ ଜରିଆରେ ବ୍ୟବସାୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ନିଜର ଦୃଢ଼ ସଂକଳ୍ପ ବଳରେ ସେ ବ୍ୟବସାୟର କଳେବରକୁ ବୃଦ୍ଧି କରିଥିଲେ। କାଳକ୍ରମେ ସେ ଏକ ବୃହତ୍ ଅଟାକଳ ପ୍ରତିଷ୍ଠା କରି ତାଙ୍କ ସ୍ୱପ୍ନକୁ ସାକାର କରିବା ସହ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହୋଇପାରିଛନ୍ତି। ସେହି ସଫଳ ଶିଳ୍ପୋଦ୍ୟୋଗୀ ତଥା କସ୍ତୁରୀ ଫ୍ଲୋର ମିଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାତ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**

ସୁରେଶ ଚନ୍ଦ୍ର ପାତ୍ର




**ପ୍ର– ବଜାରରେ କସ୍ତୁରୀ ଫୁଡ୍‌ର ଚାହିଦା କିଭଳି ରହିଛି?**

ଉ– ବର୍ତ୍ତମାନ କସ୍ତୁରୀ ଫୁଡ୍‌ର ଚାହିଦା ବଜାରରେ ଭଲ ରହିଛି। ଏପରିକି ଫୁଡ୍‌ର ବିଭିନ୍ନ ଉତ୍ପାଦ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କ ପାଇଁ ପ୍ରିୟ ଖାଦ୍ୟ ପାଲଟିଥିବାବେଳେ ଗୁଣାତ୍ମକ ଖାଦ୍ୟ ଓ ଗ୍ରାହକ ଚାହିଦା ପୂରଣ କରିବା ପାଇଁ ଆମେ ସର୍ବଦା ପ୍ରୟାସ କରିଥାଉ। ରାଜ୍ୟରେ ଅନ୍ୟ ଉତ୍ପାଦକ ଥିଲେ ମଧ୍ୟ ଆମର ସ୍ୱତନ୍ତ୍ର ଗ୍ରାହକ ରହିଛନ୍ତି। ଏପରିକି ଆମର ଉତ୍ପାଦଗୁଡିକ ଉଚ୍ଚମାନର ହୋଇଥିବାବେଳେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଗବେଷଣାତ୍ମକ ପଦ୍ଧତିରେ ଆମେ ଉତ୍ପାଦନ କରିଆସୁଛୁ।

**ପ୍ର– ବ୍ରାଣ୍ଡର ବିଶେଷତ୍ୱ କ'ଣ ରହିଛି?**

ଉ– ଆମେ ଗ୍ରାହକଙ୍କୁ ସର୍ବଦା ବିଶୁଦ୍ଧ ଓ ଗୁଣାତ୍ମକ ଖାଦ୍ୟ ସାମଗ୍ରୀ ଯୋଗାଇବାକୁ ଅଧିକ ଗୁରୁତ୍ୱ ଦେଇଥାଉ। କାରଣ ବ୍ରାଣ୍ଡର ପରିଚୟ ତା'ର ଖାଦ୍ୟ ସାମଗ୍ରୀର ମାନ ଓ ବିଶୁଦ୍ଧତା ଉପରେ ନିର୍ଭର କରିଥାଏ। ଏପରିକି ଗ୍ରାହକଙ୍କ ବିଶ୍ୱାସଭାଜନ ପାଇଁ ଖାଦ୍ୟ ଉତ୍ପାଦକମାନଙ୍କୁ ସ୍ୱଚ୍ଛତା ଓ ସାଧୁତା ଅବଲମ୍ବନ କରିବାକୁ ପଡ଼ିଥାଏ। ଥରେ ଗ୍ରାହକ ଖାଦ୍ୟର ମାନ ଉପରେ ପ୍ରଶ୍ନ କରିବା ଆରମ୍ଭ କଲେ ବ୍ରାଣ୍ଡର ମୂଲ୍ୟ କିଛି ରହି ନ ଥାଏ। ସେଥିପାଇଁ ଆମେ ସର୍ବଦା ଗ୍ରାହକଙ୍କୁ ଉଚ୍ଚମାନର ଉତ୍ପାଦ ଓ ଆବଶ୍ୟକତା ପୂରଣକୁ ପ୍ରାଧାନ୍ୟ ଦେଇଥାଉ।

**ପ୍ର – ବଜାରରେ ବ୍ରାଣ୍ଡର କେଉଁ ସବୁ ଉତ୍ପାଦ ଉପଲବ୍ଧ?**

ଉ– ବର୍ତ୍ତମାନ ସମୟରେ ଆମର ଛତୁଆ ଏବଂ ଅଟାର ବହୁ ଉତ୍ପାଦ ବଜାରରେ ଉପଲବ୍ଧ। ବିଶେଷକରି ଆମେ ବିଭିନ୍ନ ବର୍ଗର ଗ୍ରାହକଙ୍କ ପାଇଁ ଉତ୍ପାଦଗୁଡ଼ିକୁ ବଜାରରେ ଉପଲବ୍ଧ କରାଉଛୁ, ଛୋଟ ପିଲାଠାରୁ ଆରମ୍ଭକରି ବରିଷ୍ଠ ନାଗରିକ ଏବଂ ମଧୁମେହ (ଡାଇବେଟିସ୍) ରୋଗୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଅଟା ଓ ଛତୁଆ ଉତ୍ପାଦନ କରାଯାଉଛି। ଓଡ଼ିଶାର ପ୍ରମୁଖ ସହରରେ କସ୍ତୁରୀ ବ୍ରାଣ୍ଡର ଚାହିଦା ଅନ୍ୟ ବ୍ରାଣ୍ଡଠାରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଘରୋଇ ବଜାରରେ ବ୍ରାଣ୍ଡ୍ ଆବଶ୍ୟକତା ମଧ୍ୟ ଅଧିକ ରହିଛି।

**ପ୍ର – ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ– ଖାଦ୍ୟ ବ୍ୟବସାୟରେ ଗ୍ରାହକ ଓ ଉତ୍ପାଦ ମୁଦ୍ରାର ଉଭୟ ପାର୍ଶ୍ୱ ଭଳି କାର୍ଯ୍ୟ କରିଥାଏ। ଗୁଣାତ୍ମକ ଉତ୍ପାଦ ଓ ବିଶ୍ୱସନୀୟତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। ଗ୍ରାହକଙ୍କ ପ୍ରତିକ୍ରିୟା ଓ ପରାମର୍ଶ ସହ ଖାଦ୍ୟର ମାନ ଓ ବ୍ରାଣ୍ଡର ଚାହିଦାକୁ ଆହୁରି କିଭଳି ଅଧିକ ଭଲ କରାଯାଇପାରିବ। ଏପରିକି ବ୍ରାଣ୍ଡ ସମ୍ପର୍କରେ ଉଭୟ ଘରୋଇ ଓ ଡିଜିଟାଲ ପ୍ଲାଟ୍‌ଫର୍ମରେ ଦିଆଯାଉଥିବା ପରାମର୍ଶ ଓ ଗ୍ରାହକଙ୍କ ଆବଶ୍ୟକତା ଉପରେ ମଧ୍ୟ ଆମେ ବିଶେଷ ଧ୍ୟାନ ଦେଇଥାଉ। ବ୍ରାଣ୍ଡର ବିକାଶ ଓ ବ୍ୟବସାୟରେ ଅଭିବୃଦ୍ଧି ପାଇଁ ଆମେ ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦାକୁ ସର୍ବାଧିକ ଗୁରୁତ୍ୱ ଦେଇଥାଉ।

**ପ୍ର –ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରକୁ କିଭଳି ଦେଖୁଛନ୍ତି?**

ଉ– ବ୍ୟବସାୟରେ ପ୍ରତିଯୋଗିତା ଏକ ଉତ୍ତମ ବାତାବରଣ ସୃଷ୍ଟି କରିଥାଏ। ହେଲେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆବଶ୍ୟକ ସମନ୍ୱୟ ରଖି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ଜରୁରୀ। ଏଥିସହିତ ଗୁଣାତ୍ମକ ସେବା ଓ ବ୍ୟବସାୟରେ ସ୍ୱଚ୍ଛତା ରକ୍ଷା କରିପାରିଲେ ଆପଣ ସଫଳତା ପାଇପାରିବେ।

**ପ୍ର– ବ୍ରାଣ୍ଡର ସମ୍ପ୍ରସାରଣ ସମ୍ପର୍କରେ କ'ଣ କହିବେ?**

ଉ– ବ୍ରାଣ୍ଡର ସମ୍ପ୍ରସାରଣ ବଜାର ଚାହିଦାକୁ ଆଖି ଆଗରେ ରଖି କରିବାକୁ ହୋଇଥାଏ। ସମ୍ପ୍ରସାରଣ ବିନା ସଫଳତା ମିଳିବା କଷ୍ଟକର। ଆମେ ବ୍ୟବସାୟର ଅଭିବୃଦ୍ଧି ଓ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ କ୍ଷମତା ବୃଦ୍ଧି ସହ ଆଉଟ୍‌ଲେଟ ସଂଖ୍ୟାରେ ମଧ୍ୟ ଅଧିକ ଷ୍ଟୋରକୁ ଯୋଡ଼ିବାକୁ ଗୁରୁତ୍ୱ ଦେଉଛୁ। ସେହିଭଳି ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟରେ ମଧ୍ୟରେ ଆମର ଉତ୍ପାଦ ଚାହିଦା ବୃଦ୍ଧି ପାଉଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ଆମେ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ପ୍ଲାଟ୍‌ଫର୍ମକୁ ସୁଦୃଢ କରିବାକୁ ଯାଉଛି।

**ପ୍ର – ଆଶାୟୀ ଉଦ୍ୟୋଗୀମାନଙ୍କ ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**

ଉ– ବର୍ତ୍ତମାନ ସମୟରେ ବ୍ୟବସାୟ କରିବା ବା ଉଦ୍ୟୋଗ ଆରମ୍ଭ କରିବା ବହୁ ସହଜ ହୋଇଥିଲେ ମଧ୍ୟ ଯୁବଗୋଷ୍ଠୀଙ୍କ ନିକଟରେ ସହନଶୀଳତାର ବ୍ୟାପକ ଅଭାବ ରହିଛି। ଖାଦ୍ୟ ଶିଳ୍ପରେ ପ୍ରବେଶ କରିବା ପୂର୍ବରୁ ଅଭିଜ୍ଞତା ହାସଲ ସହିତ ମାନବ ସମ୍ବଳ ଓ କଠିନ ପରିଶ୍ରମକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଶିଳ୍ପ ପାଇଁ ସରକାର ସବୁ କିଛି ଯୋଗାଇ ଦେଉଥିବାବେଳେ ବ୍ୟବସାୟରେ ସମୟ ଓ ସ୍ୱଚ୍ଛତାକୁ ମୂଳମନ୍ତ୍ର କଲେ ନୂତନ ବ୍ୟବସାୟୀ ଏବଂ ଯୁବୋଦ୍ୟୋଗୀମାନେ ସଫଳତା ପାଇପାରିବେ।




# ରାସ୍ତାରୁ ମିଳିଥିବା ପର୍ସ ଟଙ୍କାକୁ ନେଇ ଗଣ୍ଡଗୋଳ: ଜଣେ ମୃତ, ୬ ଆହତ

ବାରିପଦା,୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଟାଉନ ଥାନା ଅଞ୍ଚଳରେ ପର୍ସ ପାଇବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାରିପଦା ୨୦ନମ୍ବର ୱାର୍ଡ ଶୁନଗଡିଆ ସାହିର ରାମ ମୁଖୀ। ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକେ ଥାନା ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ୨ ଜଣଙ୍କୁ ଅଟକ ରଖିଛି।

ରାମ ଏବଂ ତାଙ୍କ ଦୁଇ ଭାଇ ଗାଧୋଇବାକୁ ଯାଇଥିବା ବେଳେ ଗାଧୁଆ ତୁଠରୁ ଏକ ପର୍ସ ପାଇଥିଲେ। ଯେଉଁଥିରେ ୫୫୦ ଟଙ୍କା ରହିଥିବା ସେମାନେ ଦେଖିଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହି ପର୍ସଟି ତାଙ୍କର ଆଉ ସେଥିରେ ୫୫୦ ଟଙ୍କା ନୁହେଁ, ୧୩ଶହ ଟଙ୍କା ଥିବା କହିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଉଗ୍ର ରୂପ ନେବାରୁ କେତେଜଣ ଯୁବକ ରାମଙ୍କ ଘରକୁ ଯିବା ସହ ତାଙ୍କ ପରିବାର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ରାମଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇ ସେ ସେଠାରେ ଟଳି ପଡିଥିଲେ। କିଛି ସମୟ ପରେ ତାଙ୍କୁ ପିଆରଏମ୍ ମେଡିକାଲ କୁ ପଠା ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଗଣ୍ଡଗୋଳ ସମୟରେ ପୋଲିସକୁ ଖବର ଦେବା ମଧ୍ୟ ବିଳମ୍ବ ନେଇ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।



## ସଂକ୍ଷେପରେ

### ନାରାୟଣ ପ୍ରସାଦ ସିଂ ହେଲେ କେନ୍ଦୁଝର ସଦର ବିଜେଡି ଛାତ୍ର ସଂଯୋଜକ



ପୁରୀ,୨।୩ (ଅଜିତ୍ ମହାନ୍ତି): କେନ୍ଦୁଝର ସଦର ବିଜେଡି ଛାତ୍ର ସଂଯୋଜକ ଭାବେ ପୁରୀର ନାରାୟଣ ପ୍ରସାଦ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଶଙ୍ଖ ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଂ ଛାତ୍ର ବିଜେଡିର ରାଜ୍ୟ ଉପସଭାପତି ଅଛନ୍ତି। ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସିଂଙ୍କୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ଦେଇଛନ୍ତି। କେନ୍ଦୁଝର ଜିଲା ସଦର ନିର୍ବାଚନ ମଣ୍ଡଳୀର ଛାତ୍ର ବିଜେଡିର ସଂଯୋଜକ ଦାୟିତ୍ୱ ମିଳିବା ପରେ ସିଂଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦାୟିତ୍ୱ ମିଳିବା ପରେ ମୁଖିଆଙ୍କ ନେତୃତ୍ୱରେ ଦଳ ପ୍ରତି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସିଂ ପ୍ରତିଶ୍ରୁତି ଦେଇଥିଲେ।

### ପୁରୀ ଏସ୍‌ପିଙ୍କ ଅସ୍ତରଙ୍ଗ, ନୂଆଗଡ଼ ସାମୁଦ୍ରିକ ଥାନା ପରିଦର୍ଶନ

ଅସ୍ତରଙ୍ଗ,୨।୩(ପ୍ରଦୀପ୍ତ କୁମାର ଦୀକ୍ଷିତ): ପୁରୀ ଜିଲାର ନୂତନ ଏସ୍‌ପି ଭାବେ ଯୋଗ ଦେଇଥିବା ପିନାକ ମିଶ୍ର ଶନିବାର ଅସ୍ତରଙ୍ଗ ଥାନା ଓ ନୂଆଗଡ଼ ସାମୁଦ୍ରିକ ଥାନା ପରିଦର୍ଶନ କରିଛନ୍ତି। ଏସ୍‌ପି ମିଶ୍ର ଏହି ପରିଦର୍ଶନ ଅବସରରେ ଅସ୍ତରଙ୍ଗ ଅଞ୍ଚଳର ଆଇନଶୃଙ୍ଖଳା, ଆପରାଧିକ କାର୍ଯ୍ୟକଳାପ ଓ ଉପକୂଳ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଥାନାଧିକାରୀ ରାଜେଶ ବଳିୟାରସିଂ ଓ ଅଚ୍ୟୁତାନନ୍ଦ ବେହେରାଙ୍କୁ ପଚାରି ବୁଝିଥିଲେ। ଥାନାର ଭିତ୍ତିଭୂମି, ଷ୍ଟାଫ, କ୍ୱାର୍ଟର୍ସ ପ୍ରଭୃତି ସମ୍ପର୍କରେ ଅବଗତ ହୋଇଥିଲେ। ଥାନା ପାଇଁ ବିଭାଗ ପକ୍ଷରୁ ନୂତନ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ। ଏଥିସହ ଥାନା ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି, ଅସାମାଜିକ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ବଳଙ୍ଗା,୨।୩(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ଅଧୀନ ନାହାମଙ୍ଗପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧୂଳି ବେହେରାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ରବିନାରାୟଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ମଣ୍ଡଳ ସଂଯୋଜକ କେଦାରେଶ୍ୱର ମିଶ୍ର, ପ୍ରମୋଦ ପରିଡ଼ା, ସଚ୍ଚିଦାନନ୍ଦ ପ୍ରଧାନ, ଜନାର୍ଦ୍ଦନ ରଥ, ସାହେବ ପାତ୍ର, ଶିକ୍ଷକ ସୁବଳ ମାଣିଆ, ଭଗବାନ ପୃଷ୍ଟି, ପ୍ରତାପ ମିଶ୍ର, ସମିତି ସଭ୍ୟ ରଘୁନାଥ ସାହୁ, ପରିଚାଳନା ପରିଷଦ ସଭାପତି ସନ୍ତୋଷ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଉପଢୌକନ ସହ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନର ୪ ଦଫା ସମ୍ବଳିତ ଦାବିପତ୍ର

ପୁରୀ,୨।୩(ଅଜିତ୍ ମହାନ୍ତି): ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ୍ ପକ୍ଷରୁ ୪ ଦଫା ସମ୍ବଳିତ ଦାବିପତ୍ର ଶନିବାର ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ପ୍ରଦାନ କରାଯାଇଛି। ସରକାରଙ୍କ ନୀତି ନିୟମରେ ଚାଲୁଥିବା ରାଜ୍ୟର ସମସ୍ତ ସ୍ୱୀକୃତିପାପ୍ତ ଘରୋଇ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆସନ୍ତା ଏପ୍ରିଲ ସୁଦ୍ଧା ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ, ମାଗଣା ସ୍ଥାୟୀ ସିପିଆର୍ ପ୍ରଦାନ, ଶତକଡ଼ା ୨୫ ସ୍ଥାନ ସଂରକ୍ଷଣରେ ପଢୁଥିବା ବିଦ୍ୟାର୍ଥୀଙ୍କ ଆର୍ଥିକ ଅନୁଦାନପ୍ରାପ୍ୟ ପ୍ରଦାନ, ବିଧାୟକ ଏବଂ ଏମ୍‌ପି ଉନ୍ନୟନ ପାଣ୍ଠିରୁ ଘରୋଇ ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁମତି ଦେବା ନିମନ୍ତେ ଆସୋସିଏଶନ୍ ପକ୍ଷରୁ ଦାବି ହୋଇଛି। ଆଗାମୀ ଦିନରେ ସରକାର ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନର ଦାବି ପୂରଣ ନ କଲେ ଆସନ୍ତା ୬ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରାଜ୍ୟସ୍ତରୀୟ ଗଣଧାରଣା ପ୍ରଦାନ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା କମିଟି ସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ନେତୃତ୍ୱରେ ଆସୋସିଏଶନ ସଦସ୍ୟ ପ୍ରଥମେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷଙ୍କୁ ସାକ୍ଷାତ୍ କରି ବେସରକାରୀ ବିଦ୍ୟାଳୟଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସୋସିଏଶନ୍ ସଦସ୍ୟ ରବିନାରାୟଣ ପାତ୍ର, ମନୋରଞ୍ଜନ ତ୍ରିପାଠୀ, ବିମଳ ପ୍ରସାଦ ଦାଶ, ମହେନ୍ଦ୍ର ବିଶୋଇ ଏବଂ କବିରାଜ ପ୍ରଧାନଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହି ଜିଲାର ୧୯୨ ଗୋଟି ବେସରକାରୀ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଆସୋସିଏଶନ୍ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରାଯାଇଥିବା ଆସୋସିଏଶନ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି ।

# ଦିବ୍ୟାଙ୍ଗ ନାବାଳକଙ୍କୁ ଉଦ୍ଧାର କଲେ ଖବରଦାତା



ପୁରୀ,୨।୩(ଅଜିତ୍ ମହାନ୍ତି): ଜଣେ ଅସହାୟ ଦିବ୍ୟାଙ୍ଗ ନାବାଳକଙ୍କୁ ଫଟୋ ସାମ୍ବାଦିକ ସନାତନ ଭୋଇ ଉଦ୍ଧାର କରି ଓପନ ସେଲଟରକୁ ପଠାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଫଟୋ ଖବରଦାତା ସନାତନ କୌଣସି କାର୍ଯ୍ୟରେ ହୁଲୁହୁଲିଆ ପୋଲ ଦେଇ ଯାଉଥିଲେ। ଏହି ସମୟରେ ପୋଲ ନିକଟ ରେଳଧରଣା ପାଖରେ ଜଣେ ନାବାଳକ ବସି କାନ୍ଦୁଥିବା ଦେଖିଥିଲେ। ପିଲାଟି କାନ୍ଦୁଥିବା ଦେଖି ସନାତନ ଏବଂ ତାଙ୍କ ମାମୁ ପୁଅ ନାବାଳକଙ୍କୁ ତାଙ୍କ ବାବଦରେ ପଚାରିଥିଲେ। ମାତ୍ର ନାବାଳକ ଜଣଙ୍କ କିଛି ଉତ୍ତର ନ ଦେଇ କାନ୍ଦିଥିଲେ। ପରେ ସେ ନାବାଳକଙ୍କୁ ଘରକୁ ଆଣି ଖାଇବାକୁ ଦେଇ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିବାବେଳେ ସେ ମୂକ ବଧିର ବୋଲି ଜଣାପଡ଼ିଥିଲା। ନାବାଳକଙ୍କ ପାଖରେ ଏକ ନମ୍ବର ଆଉ ଗୋଟେ ଛୋଟ ବ୍ୟାଗ ଥିଲା। ଉକ୍ତ ବ୍ୟାଗରେ ଗୋଟେ ପ୍ୟାଣ୍ଟ କମ୍ବଳ ଆଉ ସାବୁନ ଥିଲା। ସେହି ନମ୍ବରରେ ଯୋଗଯୋଗ କରିବାରୁ ନାବାଳକ ଜଣଙ୍କ ତପସ୍ୱିନୀ ଏକ୍ସପ୍ରେସରେ ପୁରୀ ଆସିଥିବା ଜଣାପଡ଼ିଥିଲା। ଉକ୍ତ ନମ୍ବର ସେହି ଟ୍ରେନରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତିଙ୍କର ଥିବାବେଳେ ଏ ବାବଦରେ ନାବାଳକଙ୍କୁ କିଛି ଜଣା ନ ଥିବା ବ୍ୟକ୍ତି ଜଣଙ୍କ କହିଥିଲେ। ଶେଷରେ ନାବାଳକଙ୍କ ଠିକଣା ନ ମିଳିବାର ସନାତନ ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ପିଲାଟିକୁ ଓପନ୍ ସେଲଟ୍‌ରକୁ ପଠାଯାଇଥିଲା। ତେବେ ନାବାଳକଙ୍କ ବୟସ ୧୨ରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ନାବାଳକଙ୍କ ଡାହାଣ ହାତରେ ଇଂଲିଶ୍ ଭାଷାରେ ମା’ ବୋଲି ଟାଟୁ ରହିଛି। ଏହାଛଡା ଗୋଟିଏ ବନ୍ଧୁକର ଚିହ୍ନ ଚିତ୍ର ଓ ଷ୍ଟାର ରହିଛି। ତେବେ ପିଲାଟି ଓଡ଼ିଶା ଆଖପାଖ ସୀମାନ୍ତ ଅଞ୍ଚଳର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ‘ନୃତ୍ୟ- ସଙ୍ଗୀତର ରାସ’ କଳାକାରମାନେ ପରିବେଷଣ କରୁଛନ୍ତି ।

# ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ପୁରୀ,୨।୩(ଅଜିତ୍ ମହାନ୍ତି): ଓଡ଼ିଆ ନାଟକର ଏନ୍ତୁଡ଼ିଶାଳ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବନିର୍ମାଣ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ମୋର ପ୍ରଥମ ସଂକଳ୍ପ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଦସ୍ୟ ଭାବେ ୩ବର୍ଷ ପାଇଁ ମନୋନୀତ ହୋଇଥିବା ନାଟ୍ୟକାର ତଥା ଗୀତିକାର ବଦ୍ରି ମିଶ୍ର ଏହା କହିଥିଲେ। ମିଶ୍ର କହିଛନ୍ତି, ପୁରୀର ବିକାଶ ପାଇଁ ସଂକଳ୍ପବଦ୍ଧ ସରକାର ତଥା ଜିଲା ପ୍ରଶାସନ ସହ ଏ ଦିଗରେ ଖୁବ୍‌ଶୀଘ୍ର ଆଲୋଚନା କରାଯିବ। କେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦ, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶାନ୍ତିଲତା ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ ଓ ଲକ୍ଷ୍ମୀଧର ପୂଜାପଣ୍ଡା, ମଧୁସୂଦନ ପୂଜାପଣ୍ଡା, ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ କମିଟିର ଚକ୍ରଧର ମହାପାତ୍ର, କଣ୍ଠଶିଳ୍ପୀ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ, ଆକାଶବାଣୀ ପୁରୀର ଯତୀନ୍ଦ୍ର କର ଓ ମାନସ ନାୟକ, ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକ, ବିଶିଷ୍ଟ କବି ଅମରେଶ ପଟ୍ଟନାୟକ, ସାହିତ୍ୟିକ ବିଜୟାନନ୍ଦ ସିଂ ପ୍ରମୁଖ ଯୋଗଦେଇ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଶ୍ରୀଜଗନ୍ନାଥାୟନ ରାସରେ ଅଭିଭୂତ ଦର୍ଶକ

ପୁରୀ,୨।୩(ଅଜିତ୍ ମହାନ୍ତି): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନୃତ୍ୟ- ସଙ୍ଗୀତର ରାସ ଅନୁଷ୍ଠିତ ହୋଇଯାଇଛି। ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଶ୍ରୀକୃଷ୍ଣ - ରାଧାଙ୍କ ଅପ୍ରାକୃତ ପ୍ରେମକୁ ରାସରେ ଅମୃତମୟ କରିଥିଲେ। ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ଏହି ରାସରେ ଅଭିଭୂତ ହୋଇଥିଲେ ଦର୍ଶକ। ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା ଏଥିରେ ସଂଯୋଜନା ଓ ନିର୍ଦ୍ଦେଶକ ବିକ୍ରମ ସାହୁ ପରିଚାଳନା ରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର, ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ନାଟ୍ୟକାର ଦୟାନିଧି ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ସଂଯୁକ୍ତା ଷଡ଼ଙ୍ଗୀ ଜଗନ୍ନାଥ ଭଜନ ଓ ଜଣାଣ ପରିବେଷଣ କରିଥିଲେ।

### ଦୁର୍ଘଟଣାରେ ବାଇକ ଚାଳକ ମୃତ

ଖୁଣ୍ଟୁଣୀ, ୨।୩(ସଚ୍ଚିଦାନନ୍ଦ ପଣ୍ଡା) ଖୁଣ୍ଟୁଣୀ-ନରସିଂହପୁର ରାସ୍ତାର ଭୋଗରା ଗ୍ରାମଠାରେ ଶନିବାର ରାତି ପ୍ରାୟ ୮ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିଠାଖିଆ ଗ୍ରାମର ସୁଶାନ୍ତ ନାୟକ (୨୯)। ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସାଧାରଣ ବୈଠକ

ପୁରୀ,୨।୩(ଅଜିତ୍ ମହାନ୍ତି): ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ନବକଳେବର ରୋଡସ୍ଥିତ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ପେନ୍‌ସନ ୨୦ ଶତକଡ଼ା ପ୍ରତିଶତ ପ୍ରଚଳିତ ନିୟମ ଅନୁଯାୟୀ, ୮୦ ବର୍ଷ ବୟସରେ ପେନ୍‌ସନ ଭୋଗୀଙ୍କୁ ଦେବାକୁ ନିର୍ଦ୍ଦେଶ ନାମା ଥିଲେ ମଧ୍ୟ ୮୧ ବର୍ଷ ବୟସରେ ଦିଆଯାଇଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ୮୦ ବର୍ଷ ବୟସରେ ଦେବାକୁ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଥିଲେ। ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଚରମ ସୀମାରେ ପହଞ୍ଚିଛି। ଫଳରେ ମେଧାବୀ ପ୍ରାର୍ଥୀ ପ୍ରାର୍ଥୀନୀ ନିଯୁକ୍ତି ପାଇବାରେ ବଞ୍ଚିତ ହେଉଛନ୍ତି। ଅନ୍ୟ କର୍ମ କ୍ଷେତ୍ରରେ ମଧ୍ୟ ଅନୁରୂପ ଦେଖିବାକୁ ମିଳୁଛି। ଫଳରେ ନିଯୁକ୍ତିକାରୀ ସଂସ୍ଥା ଅଧିକାରୀଙ୍କ ଉପରୁ ଆସ୍ଥା ଓ ବିଶ୍ୱାସ ହରାଉଛନ୍ତି। ଏପରି ଦୁର୍ନୀତି ଓ ଭ୍ରଷ୍ଟାଚାର ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଦୁର୍ଭାଗ୍ୟ ଜନକ । ସତ୍ୟବାଦୀ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲୋକାର୍ପଣ ଦ୍ୱାରା ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଥିବାରୁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଉତ୍କଳମଣି ଗୋପବନ୍ଧୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭାବରେ ନାମିତ କରାଗଲେ ଏହା ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ ବୋଲି ସଂଘ ସାଧାରଣ ସମ୍ପାଦକ ବେହେରା ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ବରିଷ୍ଠ ସଭ୍ୟ ସଚିଦାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାରେ ସନ୍ତୋଷ ମହାନ୍ତି, ବ୍ରହ୍ମାନନ୍ଦ ଦାସ, ମୀନତି ଓଝା, ଆଶାଲତା ପ୍ରଧାନ, ରମେଶଚନ୍ଦ୍ର ବଳିଆରସିଂ, ବିଜୟ ପଣ୍ଡା, ସଦାଶିବ ମିଶ୍ର, ମନୋଜ ସାମନ୍ତରାୟ ଓ ବାଇଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣେଶ୍ୱର ମହାପାତ୍ର ଓ ଦାଶରଥୀ ମହାପାତ୍ର ସଭାପରିଚାଳନା କରିଥିଲେ। ସଦାଶିବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ମହାବୀର ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ

ପୁରୀ,୨।୩(ଅଜିତ୍ ମହାନ୍ତି): ତାଳବଣିଆସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଦ୍ୱିତୀୟ ଆକାଶ ମେମୋରିଆଲ ତଥା ୧୧ତମ ମହାବୀର ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାରଠାରୁ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟରେ ଜାତୀୟସ୍ତରର ଓଡ଼ିଆ କ୍ରିକେଟ୍ ଖେଳାଳିଙ୍କ ସମେତ ରାଜ୍ୟର ସମସ୍ତ ଅଗ୍ରଣୀ କ୍ରିକେଟ୍ କ୍ଲବ ପୁରୀର ପାୟୋନିଆର, କଟକର ଆର୍‌ସିସି ଓ ଯୁଭେନାଇଲ, ଭୁବନେଶ୍ୱରର ବାପୁଜୀ ଓ ରାମେଶ୍ୱର, ସମ୍ବଲପୁରର ଫୋର ସି, ରାଉରକେଲାର ଜୀମଖାନା ଏବଂ ପୁରୀର ଆୟୋଜକ ମହାବୀର କ୍ରିକେଟ୍ କ୍ଲବ ଭାଗ ନେବେ। ପ୍ରତିଯୋଗିତାଟି ସମ୍ପୂର୍ଣ୍ଣ ଆଇସିସି ନିୟମ ମୁତାବକ ଏବଂ ନକ୍ ଆଉଟ୍ ଭିତ୍ତିକ ହେବ। ପ୍ରତ୍ୟେକ ମ୍ୟାଚ୍ ୩୦ ଓଭର ହେବା ସହିତ ଫାଇନାଲ ମ୍ୟାଚ ୩୫ ଓଭର ବିଶିଷ୍ଟ ହେବ। ଧଳା ଡ୍ୟୁଜ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ଏହି ଟୁର୍ନାମେଣ୍ଟ ସକାଳ ୯ଟାରେ ଆରମ୍ଭ ହେବ। ପୁରସ୍କାର ରାଶି ବାବଦରେ ଚାମ୍ପିୟନ ଦଳକୁ ୩୦ ହଜାର, ରନର୍ସ ଅପ୍ ଦଳକୁ ୨୦ ହଜାର, ମ୍ୟାନ ଅଫ୍ ଦି ସିରିଜ୍ ପାଇଁ ୩ ହଜାର, ପ୍ରତ୍ୟେକ ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ୍ ପାଇଁ ୧ ହଜାର, ମ୍ୟାନ ଅଫ୍ ଦି ଫାଇନାଲ ପାଇଁ ଦେଢ଼ ହଜାର, ଟୁର୍ନାମେଣ୍ଟର ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର ଓ ବେଷ୍ଟ ଫିଲ୍ଡର ପାଇଁ ୨ ହଜାର ଟଙ୍କା ରହିବ ବୋଲି ଆୟୋଜକମାନଙ୍କ ପକ୍ଷରୁ ଜଣାପଡ଼ିଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସକଲେ ବିଧାୟକ

ପିପିଲି,୨।୩(ଦୁର୍ଗା ମାଧବ ମିଶ୍ର): ପିପିଲି ବ୍ଲକ ୨୪ ନଂ ଜୋନ୍‌ରେ ଶନିବାର ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ତେଇଶିପୁର ପଞ୍ଚାୟତ ମାଟି ନଦୀର କୁଶିଦାଠାରେ ପ୍ରାୟ ୫ କୋଟି ଟଙ୍କା ବିନିମୟରେ ବିଜୁ ସେତୁର ଶିଳାନ୍ୟାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବଳଙ୍ଗା ରୋଡ଼ ଝଗୋଡ଼ା ଛକଠାରୁ ମାଧି ପୋଟଳି ଜୋପନ ମାଳି ସାହି ରାସ୍ତା ପ୍ରଶସ୍ତୀକରଣ ଓ ସାତଶଙ୍ଖ-ବଳଙ୍ଗା ରାସ୍ତା ପ୍ରଶସ୍ତୀକରଣ ପାଇଁ ବିଧାୟକ ଶିଳାନ୍ୟାସ କରିଛନ୍ତି। ଝଗୋଡ଼ା ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରାୟ ୪ କୋଟି ୯୨ ଲକ୍ଷ ଓ ସାତଶଙ୍ଖ ବଳଙ୍ଗା ରାସ୍ତା ପାଇଁ ପ୍ରାୟ ୧୧ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। କାମ ସମ୍ପୂର୍ଣ୍ଣ ପାଇଁ ଏକ ବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନି ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।


ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଶିଳାନ୍ୟାସ କରୁଛନ୍ତି ।

# ତୃତୀୟ ପର୍ଯ୍ୟାୟରେ ଦୁବାଇ ଗଲେ ୨ ମହିଳା

ଗୋପ,୨।୩(ଭାରତୀ ଭୂଷଣ ଉପାଧ୍ୟାୟ): ରାଜ୍ୟ ମିଶନ ଶକ୍ତି ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ଶନିବାର ଗୋପ ବ୍ଲକ ଅଞ୍ଚଳରୁ ୨ଜଣ ମହିଳାଙ୍କୁ ଦୁବାଇ ପଠାଯାଇଛି। ପୂର୍ବାହ୍ନରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ସମ୍ପାଦିକା ରେଣୁବାଳା ନାୟକଙ୍କ ସହିତ ଅନ୍ୟ ମହିଳା ଏରବଙ୍ଗ ପଞ୍ଚାୟତ ଏମ୍ ବିକେ ସବିତା ନାୟକ, ଦେଯ୍ଥଳି ପଞ୍ଚାୟତ ସଂଘ ସଭାପତି ରଞ୍ଜନା ବାରିକଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଶୁଭ ମନାସି ଦହି ଖୁଆଇ ବିଦାୟ ଦେଇଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରୁଥିବାବେଳେ ଏପରି ଏକ ବିଦେଶ ଗସ୍ତ ମହିଳାଙ୍କ ମଧ୍ୟରେ ଅଧିକ ମାତ୍ରାରେ ସକ୍ରିୟ କରି ପାରିବାରେ ସକ୍ଷମ କରି ପାରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୯ରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ବିଦେଶ ଗସ୍ତ କରିଥିବାବେଳେ ୨୦୨୪ ରେ ମହିଳା ମହାସଂଘ ସଂପାଦିକା ରେଣୁବାଳା ନାୟକ ବିଦେଶ ଗସ୍ତ କରିଥିଲେ। ସବିତା ଏବଂ ରଞ୍ଜନାଙ୍କୁ ଦୁବାଇ ଗସ୍ତ ସମ୍ପର୍କରେ ପଚାରିବାରେ, ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଭଲ ପାଇବା ଯୋଗୁ ଆମେ ଦୁବାଇ ଯିବା ସମ୍ଭବ ହୋଇ ପାରିଛି ବୋଲି କହିଥିଲେ।


ଦୁବାଇ ଗସ୍ତରେ ୨ ମହିଳାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଉଛି ।

# ଆଜି ରାତିରୁ ୩ ଜିଲାରେ ବାଲି ପରିବହନ ବନ୍ଦ

## ସମାଧାନର ବାଟ ବାହାରିଲାନି

ଫୁଲନଖରା,୨।୩ (ସତ୍ୟରଞ୍ଜନ ଦାସମହାପାତ୍ର) ନଦୀ ଘାଟରୁ ବାଲି ପରିବହନବେଳେ ଗାଡି ମାଲିକମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବାଲି ପରିବହନ ପାଇଁ ଆବଶ୍ୟକ ଟ୍ରାନ୍‌ଜିଟ୍ ନ ମିଳିବା, ଘାଟରେ ଗାଡିର ପରିବହନ କ୍ଷମତାଠାରୁ ଅଧିକ ଓଜନର ଲୋଡ୍ ଦେବା, ବାଲି ପାଇଁ ମନମୁଖୀ ମୂଲ୍ୟ ନେବା, ଇ-ଟ୍ରାନ୍‌ଜିଟ୍ ପାସ୍ ପାଇଁ ମନଇଚ୍ଛା ସମୟ ଦିଆଯାଉଛି। ବାଲିଗାଡି ରାସ୍ତାରେ ଯିବାବେଳେ ପୋଲିସ, ଆରଟିଓ, ରେଭିନ୍ୟୁ ଓ ମାଇନ୍ସ ବିଭାଗର ଅଧିକାରୀମାନେ ଯାଞ୍ଚ କରୁଛନ୍ତି। କେତେକ ସ୍ଥାନରେ ପୋଲିସ ଅଧିକାରୀ ଯାଞ୍ଚ ନ କରି କର୍ମଚାରୀମାନେ ଯାଞ୍ଚ ଆଳରେ ଦୀର୍ଘ ସମୟ ଧରି ଗାଡିଗୁଡ଼ିକୁ ରାସ୍ତାରେ ଅଟକାଇ ରଖୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଗାଡି ମାଲିକମାନେ ପୂର୍ବରୁ ଖଣି ବିଭାଗ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିଲାନାହିଁ। ତେଣୁ ରବିବାର ମଧ୍ୟ ରାତ୍ରରୁ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବାଲି ପରିବହନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା’ ଧାକୁଲେଇ ପୀଠରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମା’ ଧାକୁଲେଇ ଟିପର ଆସୋସିଏଶନ ସଭାପତି ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ବିଭିନ୍ନ ସମସ୍ୟା ଯୋଗୁ ପ୍ରାୟ ୮୫% ଟିପ୍ପର ମାଲିକ ସେମାନଙ୍କ ଗାଡିକୁ ବାଲି ପରିବହନରେ ନିୟୋଜିତ କରୁନାହାନ୍ତି। ଯେଉଁ ହାତଗଣତି ମାଲିକ ବାଲି ପରିବହନରେ ଗାଡିକୁ ନିୟୋଜିତ କରିଛନ୍ତି ସେମାନଙ୍କୁ ଇ-ଟ୍ରାନ୍‌ଜିଟ୍ ପାସ୍ ଠିକ୍ ଭାବେ ମିଳୁ ନ ଥିବାରୁ ବାଟରେ ପୋଲିସ ଓ ଖଣି ଅଧିକାରୀମାନେ ଗାଡିକୁ ଅଟକାଇ ମୋଟା ଅଙ୍କର ଜରିମାନା ଆଦାୟ କରୁଛନ୍ତି। ଏଥିସହ ଗାଡି ଚାଳକଙ୍କୁ ଗିରଫ କରୁଛନ୍ତି। ଏହାକୁ ନେଇ ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଗାଡି ବାବଦ ଲୋନ୍ ଟଙ୍କା ସୁଝିବାରେ ଅକ୍ଷମତା ପ୍ରକାଶ କରୁଛନ୍ତି। ତେଣୁ ରବିବାର ରାତିରୁ ଟିପ୍ପର ଗାଡିଗୁଡିକ ବାଲି ପରିବହନରୁ ନିବୃତ୍ତ ରହିବ ବୋଲି ମା’ ଧାକୁଲେଇ ଟିପ୍ପର ମାଲିକ ସଂଘ ସମେତ ବିଭିନ୍ନ ଟ୍ରକ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାର ବାଲି ଗାଡିଗୁଡିକ ଯାଞ୍ଚ ପାଇଁ ଉପରୋକ୍ତ ୪ଟି ବିଭାଗରୁ ଗୋଟିଏ ବିଭାଗକୁ ଦାୟିତ୍ୱ ଦେବାକୁ ଛବୀନ୍ଦ୍ର ଦାବି କରିଛନ୍ତି। ଏନେଇ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି, ମାଇନ୍ସ ବିଭାଗ ପକ୍ଷରୁ ବାଲିଗାଡି ଯାଞ୍ଚ କରାଯାଉଛି। ସେମାନଙ୍କୁ ସହଯୋଗ କରିବା ପାଇଁ କେତେଜଣ ପୋଲିସ କର୍ମଚାରୀ ସାମିଲ ହୋଇଥାନ୍ତି।

ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ନଗରୀ ଗ୍ରାମ୍ୟ ୟୁନିୟନ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ବାରଙ୍ଗ ବ୍ଲକ ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ କୁମାର ପଣ୍ଡା, ଖୋର୍ଦ୍ଧା ଜିଲା ଟ୍ରକ୍ ଆସୋସିଏଶନ ସଭାପତି ପ୍ରଣବ ପରିଜା, ମରୁତ କୁମାର ସ୍ୱାଇଁ, ସନତ କୁମାର ମହାନ୍ତି, ବିଶ୍ୱରଞ୍ଜନ ସିଂ, ସୁଧୀର ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ଜଗନ୍ନାଥ ପଟ୍ଟନାୟକ, ପୁରୀ ବାଇପାସ୍ ରୋଡ୍ ଟ୍ରକ୍ ଆସୋସିଏଶନ ସଭାପତି ବାସୁଦେବ ମହାପାତ୍ରଙ୍କ ସମେତ କାକଟପୁର ଓ ବାଙ୍କୀ ଟ୍ରକ୍ ମାଲିକ ଆସୋସିଏଶନ ସଦସ୍ୟ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ବିଭିନ୍ନ ଆସୋସିଏଶନର କର୍ମକର୍ତ୍ତା।

## ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ସିନ୍ଧିଚୋରଙ୍କ ଉତ୍ପାତ ଥମିବାରେ ନାଁ ଧରୁନି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଥାନା ଅଞ୍ଚଳରୁ ଚୋରି କରି ରାଜଧାନୀବାସୀଙ୍କ ଧନ ସମ୍ପତ୍ତି ଲୁଟି ଚାଲିଛନ୍ତି। ଏବେ ଏହି ଚୋରଙ୍କ ଶିକାର ହୋଇଛନ୍ତି ଦିନେଶ ରାଜ ନାରାୟଣ। ଚୋରମାନେ ତାଙ୍କ ଘର କବାଟ ତାଡି ୧୦ ଭରିରୁ ଅଧିକ ସୁନା, ୫୦୦ ଗ୍ରାମ ରୁପା, ୨୦ ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ସେ ଖାରବେଳ ନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (୧୧୫/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଶାସ୍ତ୍ରୀନଗର ପ୍ଲଟ୍ ନମ୍ବର ୩୬୫ ରେ ଘର ଭଡା ନେଇ ପରିବାର ସହ ରହୁଛନ୍ତି ପୁରୀ ସତ୍ୟବାଦୀ ଅଞ୍ଚଳର ଦିନେଶ । ଗୁରୁବାର ବିଳମ୍ବିତ ସେ, ତାଙ୍କ ସ୍ତ୍ରୀ ଓ ଝିଅ ଗୋଟିଏ ରୁମ୍‌ରେ ଶୋଇଥିଲେ। ଚୋରମାନେ ତାଙ୍କ ଘର ମୁଖ୍ୟ କବାଟ ତାଡି ଘର ଭିତରେ ପଶିଥିଲେ। ଏହାପରେ ଦିନେଶ ଶୋଇଥିବା ରୁମ୍ ବାହାରୁ ତାଲା ପକାଇ ଦେଇ ଅନ୍ୟ ରୁମ୍‌ର ଆଲମାରୀ ତାଡି ସୁନା, ରୁପା ଅଳଙ୍କାର ଓ ଟଙ୍କା ଚୋରି କରିଥିଲେ। ସକାଳେ ଘଟଣା ବିଷୟରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଶୃଙ୍ଖଳିତ ଜାଗରଯାତ୍ରାକୁ ଗୁରୁତ୍ୱ

**ରାତି ୧୦ଟାରେ ଉଠିବ ମହାଦୀପ**

### ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିବ ମୋ ବସ୍

ପୁରୁଣା ଭୁବନେଶ୍ୱର,୨।୩ (ସୁବାସ ଚନ୍ଦ୍ର ପ୍ରଧାନ)


ଜାଗରଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ, ମେୟର ଓ ଅଧିକାରୀମାନେ।

ଆସନ୍ତା ୮ତାରିଖରେ ମହାଶିବରାତ୍ରି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶନିବାର ଜିଲାପାଳ ଚଞ୍ଚଳ ରଣାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ଜାଗର ଯାତ୍ରାର ନୀତିନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୮ତାରିଖ ଭୋର ୩ଟାରେ ମନ୍ଦିର ଖୋଲାଯିବା ସହ ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର କରାଯାଇଛି। ଏଥିରେ ଶ୍ରୀଜିଉଙ୍କ ସମସ୍ତ ପାଳିଆ ଓ ସେବାୟତ ମନ୍ଦିରରେ ଉପସ୍ଥିତ ପୂର୍ବକ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହ ବିଭିନ୍ନ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଶିବରାତ୍ରି ଦିନ ମୋ ବସ୍ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିବ। ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପରେ ଯଜମାନ ଦେଇଥିବା ଅମୁଣିଆ ଘିଅକୁ ଆଉ ଦୀପରେ ନ ଢ଼ାଳିବା ଉପରେ କଟକଣା କରାଯାଇଛି। ନିର୍ଦ୍ଦିଷ୍ଟ ସମର୍ଥା ସେବାୟତମାନେ ମନ୍ଦିର ଚୂଡ଼ାକୁ ଉଠିବେ। କେହି ଚୂଡ଼ାରେ ସେଲ୍ଫି ନେଇପାରିବେ ନାହିଁ। ଉତ୍ତରଦ୍ୱାର ନିକଟରେ ଆମ୍ବୁଲାନ୍ସ ସହ ଫ୍ୟାନ ରହିବା ନେଇ ସ୍ଥିର ହୋଇଛି। ମନ୍ଦିର ବେଢ଼ା ପରିଷ୍କାର ପରିଚ୍ଛନ୍ନତା, ପାଦୁକା ନାଳ ସଫା, ଆଲୋକୀକରଣ, ବ୍ୟାରିକେଡ୍, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ମୁତୟନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ତଦନୁଯାୟୀ କାର୍ଯ୍ୟ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜାଗର ଯାତ୍ରା ସମୟରେ ବିଭିନ୍ନ ସେବା ପ୍ରଦାନ ପାଇଁ ନିୟୋଜିତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ସେମାନଙ୍କ ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ମେୟର ସୁଲୋଚନା ଦାସ ଯୋଗଦେଇ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବୈଠକରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ କୁମାର ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ସମର୍ଥା ନିଯୋଗର ପାପୁନି ସମର୍ଥା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ପାଇଁ ବ୍ଲାକ୍ କାଟାଗୋରି ସୁରକ୍ଷା

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)

- ଏସ୍‌ପିଜିର କ୍ଷେତ୍ର ପରିଦର୍ଶନ, ଯାଞ୍ଚ
- ପୂରା ସୁରକ୍ଷା ବଳୟରେ ରହିବ ଦୁଇ କାର୍ଯ୍ୟକ୍ରମ ସ୍ଥଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଓଡିଶା ଆସିବେ। ଭୁବନେଶ୍ୱରରେ ପହଞ୍ଚି ହେଲିକପ୍ଟର ଯୋଗେ ଯାଜପୁର ଜିଲାର ଚଣ୍ଡିଖୋଲ ଯାଇ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସାଧାରଣ ସଭାରେ ଯୋଗଦେବେ। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ସବୁ ଅଞ୍ଚଳକୁ ବ୍ଲାକ କାଟାଗୋରି ଜୋନ୍‌ରେ ରଖାଯିବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରୋଟେକ୍ସନ ଗ୍ରୁପ (ଏସ୍‌ପିଜି) ଓଡ଼ିଶାରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିସାରିଛନ୍ତି। ସେହିପରି ବମ୍ ଡିଟେକ୍ସନ ଓ ଡିସ୍‌ପୋଜାଲ ସ୍କ୍ୱାଡ୍ ନିୟୋଜିତ ହେବେ ବୋଲି ପୋଲିସ ଡିଜି ଅରୁଣ ଷଡଙ୍ଗୀ ଶନିବାର ଡିଜିପି କ୍ୟାମ୍ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ନେଇ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରୋଟେକ୍ସନ ଗ୍ରୁପ। ଏଥିଲାଗି ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ, ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲ ଓ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ସୁରକ୍ଷା ତଦାରଖ କରିଛନ୍ତି। ବିଭିନ୍ନ ଦିଗକୁ ନେଇ ସୁରକ୍ଷା ଯାଞ୍ଚ ହୋଇଛି। ଲୋକାଲ ଇଣ୍ଟେଲିଜେନ୍ସ ରିପୋର୍ଟ ଆଧାରରେ କାର୍ଯ୍ୟକ୍ରମ ସ୍ଥିର କରାଯାଉଛି। ସବୁ ଦିଗକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ସ୍ଥଳର ସୁରକ୍ଷା ବ୍ୟବସ୍ଥା ହେବ। ସେହିଭଳି ସେଠାରେ ଥିବା ହେଲିପ୍ୟାଡର ଯାଞ୍ଚ ସହ କାର୍ଯ୍ୟକ୍ରମ ସ୍ଥଳୀରେ ପାର୍କିଂର ଆୟୋଜନ ନେଇ ମଧ୍ୟ ଧ୍ୟାନ ଦିଆଯାଉଛି। ତିନି ଅଧିକାରୀ ବିଭିନ୍ନ ଦିଗକୁ ନେଇ ସୁରକ୍ଷା ପର୍ଯ୍ୟବେକ୍ଷଣ କରୁଛନ୍ତି। ଏହାପରେ ସ୍ଥିତି ଦେଖି ପୋଲିସ ଆରେଞ୍ଜମେଣ୍ଟ କରାଯିବ। ସେହି ଅନୁସାରେ ପୋଲିସ ମୋବିଲାଇଜେଶନ ବା ମୁତୟନ କରାଯିବ। ଏନେଇ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଗାଇଡ୍‌ଲାଇନ ପାଳନ କରାଯିବ ବୋଲି ଡିଜିପି କହିଛନ୍ତି। ଏଥିପାଇଁ ପୋଲିସ ପକ୍ଷରୁ ମଧ୍ୟ ସୁରକ୍ଷା ରିହର୍ସାଲ କରାଯିବ। କାରକେଡ୍‌ଠାରୁ ସମସ୍ତ ପ୍ରକାର ଟ୍ରାଫିକ ଓ ପୁଲିସ ମୁତୟନ ଉପରେ ଧ୍ୟାନ ଦିଆଯିବ। ମିଟିଂ ଯେଉଁଠି ହେଉଛି, ସେଠାରେ ଏକ ସରକାରୀ କାର୍ଯ୍ୟକ୍ରମ ସହ ସାଧାରଣ ଲୋକଙ୍କ ବୈଠକ ମଧ୍ୟ ରହିଛି। ଆତଙ୍କୀ ଆକ୍ରମଣ ବା ଆତ୍ମଘାତୀ ଆଦିକୁ ଦୃଷ୍ଟିରେ ରଖି ସେହି ଅଞ୍ଚଳକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ଏନେଇ ଡିଟେକ୍ଟ ସ୍କ୍ୱାଡ୍, ଡିସ୍‌ପୋଜାଲ ସ୍କ୍ୱାଡ୍ ଓ ଡଗ ସ୍କ୍ୱାଡ ସହ ଅଗ୍ନିଶମ ଓ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯିବ ବୋଲି ଡିଜିପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତ।

## ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାଲକାଟୀ,୨।୩ (ମନୋଜ ମଣ୍ଡଳ)



ରାଜଧାନୀ ଉପକଣ୍ଠ ବାଲକାଟୀ ଡାକ୍ତରଖାନା ନିକଟ ନୂତନ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ପୂର୍ବତନ ବାଚସ୍ପତି ତଥା ଭୁବନେଶ୍ୱରକୁ ରାଜଧାନୀ କରିବାରେ ପ୍ରମୁଖ ବିଦ୍ୱାଣି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଶନିବାର ଅନାବରଣ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଆୟୋଜକ କମିଟି ଆବାହକ ସୁବ୍ରତ ମହାନ୍ତି ସଭାପତିତ୍ୱ କରିଥିଲେ। ଉତ୍ସବରେ ଓଡ଼ିଶାର ଉଚ୍ଚ ଶିକ୍ଷା ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘୋଟକ ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମାର୍କଫେଡ୍ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ସନ୍ତୋଷ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସତ୍ୟପ୍ରିୟ ମହାନ୍ତି ସମ୍ମାନରେ ସ୍ୱାସ୍ଥ୍ୟ ପାଇଁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବତନ ମେଡିକାଲ ଅଫିସର ସ୍ୱର୍ଗତ ଧ୍ରୁବଚରଣ ପଣ୍ଡାଙ୍କୁ ମରଣୋତ୍ତର ସମ୍ମାନ, ଶିକ୍ଷା କ୍ଷେତ୍ରରେ ପ୍ରଫେସର ପ୍ରଫୁଲ୍ଲ ସାହୁ, କ୍ରୀଡ଼ା ପାଇଁ ଆଥ୍‌ଲେଟ ଅମିୟ ମଲିକ, କଳା ଓ ସଂସ୍କୃତି ପାଇଁ ଡ. ରଜନୀ ରଞ୍ଜନଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ, ମନ୍ମଥ ରାଉତରାୟ, ପ୍ରତାପ ଜେନା, ଦୁଃଶାସନ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜଗତ ଜୀବନ ସାହୁ, ଶିକ୍ଷାବିତ୍ ଭାଗ୍ୟଧର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବସନ୍ତ ସାହୁ, କପିଳ ମହାରଣା, ବେଣୁଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଭର୍ତ୍ତି କାର୍ ଛାଡ଼ି ଦୌଡ଼ିଲେ ମହିଳା, ଡ୍ରାଇଭର

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)




ଗଞ୍ଜେଇ ଭର୍ତ୍ତି ଗାଡିକୁ ରାସ୍ତା ମଝିରେ ଛାଡି ଜଣେ ମହିଳାଙ୍କ ସମେତ କାର ଚାଳକ ଦୌଡି ପଳାଇବା ଘଟଣା ଶନିବାର ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଶନିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଗାଡିକୁ ଜବତ କରି ଥାନାକୁ ଆଣିଥିଲା। ଏହାପରେ ଗାଡି ଯାଞ୍ଚ ବେଳେ ସେଥିରୁ ୬୦ କେଜି ଗଞ୍ଜେଇ ମିଳିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜବତ କାରଟି ଚଣ୍ଡିଖୋଲ ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ବେଳେ ଫେରାର ମହିଳାଙ୍କ ସମେତ କାର ଚାଳକଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି । ସୂଚନାନୁସାରେ, ସିଆର୍‌ପି ଛକରେ ଏକ ସ୍ୱିଫ୍ଟ ଡିଜାଏର କାର୍ (ଓଆର ୦୪ଏଲ୨୨୨୨) ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍କୁଟି ଚାଳକ କାରକୁ ଗୋଡାଇବାରୁ କାରରେ ଥିବା ଡ୍ରାଇଭର ଓ ଜଣେ ମହିଳା ଇସ୍କନ ମନ୍ଦିର ସମ୍ମୁଖରେ କାରକୁ ରାସ୍ତା ମଝିରେ ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ପ୍ରବଳ ଟ୍ରାଫିକ ଜାମ ହୋଇଥିଲା। କିଛି ଲୋକ ଚାଳକ ଓ ମହିଳାଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରିପାରି ନ ଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ଗାଡିକୁ ରାସ୍ତାରୁ ହଟାଇବା ପରେ ଜବତ କରି ଥାନାକୁ ଆଣିଥିଲା।

## ବୈଦ୍ୟୁତିକ ଯାନ ବ୍ୟବହାର ପାଇଁ ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରା ଅବସରରେ ଅତିଥିମାନେ।

ଭୁବନେଶ୍ୱର,୨।୩ (ଅନୁରାଧା ମହାରଣା)

ବୈଦ୍ୟୁତିକ ଯାନର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନକୁ ସାମିଲ କରାଯାଇଥିଲା। ଇଲେକ୍ଟ୍ରିକ ସାଇକେଲଠାରୁ ଆରମ୍ଭ କରି ବିଦ୍ୟୁତ୍ ଚାଳିତ ବସ୍, ଅଟୋ ଆଦି ସାମିଲ ହୋଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ଓ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପରିବହନ କମିଶନର ଅମିତାଭ ଠାକୁର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ଚନ୍ଦ୍ର ମହାରଣା, ଓଇଆର୍‌ସିଙ୍କ ସଚିବ ପ୍ରିୟବ୍ରତ ପଟ୍ଟନାୟକ, ଗ୍ରୀଡ୍‌କୋର ନିର୍ଦ୍ଦେଶକ ଉମାକାନ୍ତ ସାହୁଙ୍କ ସମେତ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ବୈଦ୍ୟୁତିକ ଯାନ ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ।

## ଏପ୍ରିଲ ୨ରେ ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ ପ୍ରତିଯୋଗିତା

କଟକ,୨।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କଣ୍ଠଶିଳ୍ପୀ ପ୍ରତିଯୋଗିତା 'ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' ଆସନ୍ତା ଏପ୍ରିଲ ୨ରେ ଅନୁଷ୍ଠିତ ହେବ। ଏନେଇ କଟକ କ୍ଲବ୍ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ରାଜ୍ୟର ୧୫ରୁ ୨୫ ବର୍ଷ ବୟସର ପ୍ରତିଯୋଗୀମାନେ ଏଥିରେ ଭାଗ ନେଇପାରିବେ। ସେମାନେ ନିଃଶୁଳ୍କ ଭାବେ ଆସନ୍ତା ୧୦ ତାରିଖ ରାତି ୧୦ଟା ସୁଦ୍ଧା ୬୦ରୁ ୯୦ ସେକେଣ୍ଡ ମଧ୍ୟରେ ଓଡ଼ିଆ କିମ୍ବା ହିନ୍ଦୀ ଗୀତର ରେକର୍ଡିଂ କରି ହ୍ୱାଟ୍‌ସ୍‌ଆପ୍ ନମ୍ବର ୭୯୭୮୨୬୭୬୫୦ରେ ନିଜ ନାମ, ଫୋନ୍‌ନମ୍ବର ଓ ଠିକଣା ଲେଖି ପଠାଇବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ବଛା ବଛା ସଙ୍ଗୀତଜ୍ଞ ଉକ୍ତ ରେକର୍ଡିଂକୁ ବିଚାର କରି ପ୍ରତିଭା ଚୟନ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଯୋଗୀମାନେ କଟକ କ୍ଲବ ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗୀତାରେ ବିଚାରକଙ୍କ ସମ୍ମୁଖରେ ସଙ୍ଗୀତ ପରିବେଷଣ କରିବେ। ଏହାପରେ ଚୟନ ହୋଇଥିବା ପ୍ରତିଭାମାନେ ଏପ୍ରିଲ୍ ୨ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିବେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଡା. ପଣ୍ଡା କହିଛନ୍ତି। ପ୍ରତିଯୋଗିତାର ପ୍ରଥମ ବିଜେତାଙ୍କୁ ୫୦ ହଜାର ଟଙ୍କା ସହ 'ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' ଉପାଧି ଓ ଟ୍ରଫି ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ବିଜେତାଙ୍କୁ ୨୫,୦୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି ଏବଂ ତୃତୀୟ ବିଜେତାଙ୍କୁ ୧୫,୦୦୦ ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବ୍ ସମ୍ପାଦକ ଯଶୋବନ୍ତ ଦାସ କହିଛନ୍ତି।

## ତୃତୀୟ ପର୍ଯ୍ୟାୟରେ ଦୁବାଇ ଗଲେ ୨ ମହିଳା

ଗୋପ,୨।୩(ଭାରତୀ ଭୂଷଣ ଉପାଧ୍ୟାୟ): ରାଜ୍ୟ ମିଶନ ଶକ୍ତି ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ଶନିବାର ଗୋପ ବ୍ଲକ ଅଞ୍ଚଳରୁ ୨ଜଣ ମହିଳାଙ୍କୁ ଦୁବାଇ ପଠାଯାଇଛି। ପୂର୍ବାହ୍ନରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ସମ୍ପାଦିକା ରେଣୁବାଳା ନାୟକଙ୍କ ସହିତ ଅନ୍ୟ ମହିଳା ଏରବଙ୍ଗ ପଞ୍ଚାୟତ ଏମ୍ ବିକେ ସବିତା ନାୟକ, ଦେଉଳି ପଞ୍ଚାୟତ ସଂଘ ସଭାପତି ରଞ୍ଜନା ବାରିକଙ୍କୁ ପୁଷ୍ପଗୁଚ୍ଛ ଦେବା ସହ ଶୁଭ ମନାସି ଦହି ଖୁଆଇ ବିଦାୟ ଦେଇଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରୁଥିବାବେଳେ ଏପରି ଏକ ବିଦେଶ ଗସ୍ତ ମହିଳାଙ୍କ ମଧ୍ୟରେ ଅଧିକ ମାତ୍ରାରେ ସକ୍ରିୟ କରି ପାରିବାରେ ସକ୍ଷମ କରି ପାରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୯ରେ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ବିଦେଶ ଗସ୍ତ କରିଥିବାବେଳେ ୨୦୨୪ ରେ ମହିଳା ମହାସଂଘ ସଂପାଦିକା ରେଣୁବାଳା ନାୟକ ବିଦେଶ ଗସ୍ତ କରିଥିଲେ। ସବିତା ଏବଂ ରଞ୍ଜନାଙ୍କୁ ଦୁବାଇ ଗସ୍ତ ସମ୍ପର୍କରେ ପଚାରିବାରେ, ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଭଲ ପାଇବା ଯୋଗୁ ଆମେ ଦୁବାଇ ଯିବା ସମ୍ଭବ ହୋଇ ପାରିଛି ବୋଲି କହିଥିଲେ।

## ବିଏନ୍‌ଆଇ ଗ୍ରେଟର ଓଡ଼ିଶାର ୧୨୧ କନ୍‌କ୍ଲେଭ୍




କଟକ,୨।୩ (କାର୍ତ୍ତିକ ସାହୁ)

ବିଭିନ୍ନ ସହରରୁ ଉଦ୍ୟୋଗୀମାନଙ୍କୁ ନେଇ ବିଏନ୍‌ଆଇ ଗ୍ରେଟର ଓଡ଼ିଶାର ୧୨୧ କନ୍‌କ୍ଲେଭ କଟକ ଜିଲା ତ୍ରିଶୂଳିଆସ୍ଥିତ ସରସ୍ୱତୀ ସାଇନ୍ସ କଲେଜ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପ୍ରଦୀପ ଅଗ୍ରୱାଲ, ସୁନୀତା ମହାନ୍ତି ଓ ନମ୍ରତା ସାମଲଙ୍କ ନେତୃତ୍ୱରେ ଉଦ୍ୟୋଗୀମାନଙ୍କୁ ବ୍ୟବସାୟିକ ସଫଳତା ନିମନ୍ତେ ମାର୍ଗଦର୍ଶନ କରାଯାଇଥିଲା। ବିଶ୍ୱର ୭୫ଟି ଦେଶରେ ୩.୧୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟବସାୟିକ ସଦସ୍ୟ ବିଏନ୍‌ଆଇ ନେଟ୍‌ୱର୍କ ସହ ଯୋଡ଼ି ହୋଇ ରହିଛନ୍ତି। ଏହି କନ୍‌କ୍ଲେଭ ଉଦ୍ୟୋଗୀମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଗ୍ରୱାଲ କହିଥିଲେ। ସମ୍ମଥ ଦାସ, ପ୍ରଜ୍ଞା ସ୍ୱରୂପ ଦାସ, ଗୌରବ ସାହୁ, ପ୍ରଜ୍ଞା ମିଶ୍ର, ବିକାଶ ଅଗ୍ରୱାଲ, ପ୍ରୀତମ୍ ନାୟକ ଓ ଚିରାଗ ଚୌହାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜି ରାତିରୁ ୩ ଜିଲାରେ ବାଲି ପରିବହନ ବନ୍ଦ

ଫୁଲନଖରା,୨।୩(ସତ୍ୟରଞ୍ଜନ ଦାସମହାପାତ୍ର)


ଖବରଦାତା ସମ୍ମିଳନୀରେ ବିଭିନ୍ନ ଆସୋସିଏଶନର କର୍ମକର୍ତ୍ତା।

ନଦୀଘାଟରୁ ବାଲି ପରିବହନବେଳେ ଗାଡି ମାଲିକମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବାଲି ପରିବହନ ପାଇଁ ଆବଶ୍ୟକ ଟ୍ରାନ୍‌ଜିଟ୍ ନ ମିଳିବା, ଘାଟରେ ଗାଡିର ପରିବହନ କ୍ଷମତାଠାରୁ ଅଧିକ ଓଜନର ଲୋଡ୍ ଦେବା, ବାଲି ପାଇଁ ମନମୁଖି ମୂଲ୍ୟ ନେବା, ଇ-ଟ୍ରାନ୍‌ଜିଟ୍ ପାସ୍ ପାଇଁ ମନଇଚ୍ଛା ସମୟ ଦିଆଯାଉଛି। ବାଲିଗାଡି ରାସ୍ତାରେ ଯିବାବେଳେ ପୋଲିସ, ଆର୍‌ଟିଓ, ରେଭିନ୍ୟୁ ଓ ମାଇନ୍ସ ବିଭାଗର ଅଧିକାରୀମାନେ ଯାଞ୍ଚ କରୁଛନ୍ତି। କେତେକ ସ୍ଥାନରେ ପୋଲିସ ଅଧିକାରୀ ଯାଞ୍ଚ ନ କରି କର୍ମଚାରୀମାନେ ଯାଞ୍ଚ ଆଳରେ ଦୀର୍ଘ ସମୟ ଧରି ଗାଡିଗୁଡ଼ିକୁ ରାସ୍ତାରେ ଅଟକାଇ ରଖୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଗାଡି ମାଲିକମାନେ ପୂର୍ବରୁ ଖଣି ବିଭାଗ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିଲାନାହିଁ। ତେଣୁ ରବିବାର ମଧ୍ୟ ରାତ୍ରରୁ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବାଲି ପରିବହନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମା' ଧାକୁଲେଇ ଟିପର ଆସୋସିଏଶନ ସଭାପତି ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

**ସମାଧାନର ବାଟ ବାହାରିଲାନି**

ବିଭିନ୍ନ ସମସ୍ୟା ଯୋଗୁ ପ୍ରାୟ ୮୫% ଟିପ୍ପର ମାଲିକ ସେମାନଙ୍କ ଗାଡିକୁ ବାଲି ପରିବହନରେ ନିୟୋଜିତ କରୁନାହାନ୍ତି। ଯେଉଁ ହାତଗଣତି ମାଲିକ ବାଲି ପରିବହନରେ ଗାଡିକୁ ନିୟୋଜିତ କରିଛନ୍ତି ସେମାନଙ୍କୁ ଇ-ଟ୍ରାନ୍‌ଜିଟ୍ ପାସ୍ ଠିକ୍ ଭାବେ ମିଳୁ ନ ଥିବାରୁ ବାଟରେ ପୋଲିସ ଓ ଖଣି ଅଧିକାରୀମାନେ ଗାଡିକୁ ଅଟକାଇ ମୋଟା ଅଙ୍କର ଜରିମାନା ଆଦାୟ କରୁଛନ୍ତି। ଏଥିସହ ଗାଡି ଚାଳକଙ୍କୁ ଗିରଫ କରୁଛନ୍ତି। ଏହାକୁ ନେଇ ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଗାଡି ବାବଦ ଲୋନ୍ ଟଙ୍କା ଶୁଝିବାରେ ଅକ୍ଷମତା ପ୍ରକାଶ କରୁଛନ୍ତି। ତେଣୁ ରବିବାର ରାତିରୁ ଟିପ୍ପର ଗାଡିଗୁଡିକ ବାଲି ପରିବହନରୁ ନିବୃତ୍ତ ରହିବ ବୋଲି ମା' ଧାକୁଲେଇ ଟିପ୍ପର ମାଲିକ ସଂଘ ସମେତ ବିଭିନ୍ନ ଟ୍ରକ୍ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାର ବାଲି ଗାଡିଗୁଡିକ ଯାଞ୍ଚ ପାଇଁ ଉପରୋକ୍ତ ୪ଟି ବିଭାଗରୁ ଗୋଟିଏ ବିଭାଗକୁ ଦାୟିତ୍ୱ ଦେବାକୁ ଛବୀନ୍ଦ୍ର ଦାବି କରିଛନ୍ତି। ଏନେଇ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି, ମାଇନ୍ସ ବିଭାଗ ପକ୍ଷରୁ ବାଲିଗାଡି ଯାଞ୍ଚ କରାଯାଉଛି। ସେମାନଙ୍କୁ ସହଯୋଗ କରିବା ପାଇଁ କେତେଜଣ ପୋଲିସ କର୍ମଚାରୀ ସାମିଲ ହୋଇଥାନ୍ତି।

ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ନଗରୀ ଗ୍ରାମ୍ୟ ୟୁନିୟନ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ବାରଙ୍ଗ ବ୍ଲକ ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ କୁମାର ପଣ୍ଡା, ଖୋର୍ଦ୍ଧା ଜିଲା ଟ୍ରକ୍ ଆସୋସିଏଶନ ସଭାପତି ପ୍ରଣବ ପରିଜା, ମରୁତ କୁମାର ସ୍ୱାଇଁ, ସନତ କୁମାର ମହାନ୍ତି, ବିଶ୍ୱରଞ୍ଜନ ସିଂ, ସୁଧୀର ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ଜଗନ୍ନାଥ ପଟ୍ଟନାୟକ, ପୁରୀ ବାଇପାସ୍ ରୋଡ୍ ଟ୍ରକ୍ ଆସୋସିଏଶନ ସଭାପତି ବାସୁଦେବ ମହାପାତ୍ରଙ୍କ ସମେତ କାକଟପୁର ଓ ବାଙ୍କୀ ଟ୍ରକ୍ ମାଲିକ ଆସୋସିଏଶନ ସଦସ୍ୟ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ ଚାଳକ ମୃତ

ଖୁଣ୍ଟୁଣୀ, ୨।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ-ନରସିଂହପୁର ରାସ୍ତାର ଭୋଗରା ଗ୍ରାମଠାରେ ଶନିବାର ରାତି ପ୍ରାୟ ୮ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ପିଠାଖିଆ ଗ୍ରାମର ସୁଶାନ୍ତ ନାୟକ (୨୯)। ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ସୁଶାନ୍ତ ଆଠଗଡ଼ରେ ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ସେ କାମ ସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ଆଉ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଚହଟା ଘାଟ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୨।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୮ନଂ. ୱାର୍ଡସ୍ଥିତ ଚହଟା ଘାଟ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଭାନୁ ସେନାପତି, ଶିବେନ୍ଦ୍ର ବେହେରା, ଟୁକୁନା ସେନାପତି, ସୁବାସ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାମନ୍ତ, ବିନୋଦ କୁମାର ମିଶ୍ର, ଭଗବାନ ଚାନ୍ଦ, ଗୁଣଚନ୍ଦ୍ର ବେହେରା, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମ୍ୟ ରାସ୍ତାର ଶିଳାନ୍ୟାସ

କଟକ ସଦର, ୨।୩(ସୁଶାନ୍ତ କୁମାର ଜେନା)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ୪୨ ମୌଜାସ୍ଥିତ ଆର୍ଡ଼ି ରାସ୍ତାରୁ-ବସନ୍ତକୁଣ୍ଡଳ ପର୍ଯ୍ୟନ୍ତ ନୂତନ ରାସ୍ତାର ଶିଳାନ୍ୟାସ ଶନିବାର କରାଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାର ଶିଳାନ୍ୟାସ କରିଥିଲେ। ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ମିଶନ ଶକ୍ତି ସଂଯୋଜକ ଶରତ କୁମାର ରାୟ, ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ସମିତି ସଭ୍ୟା ପିଙ୍କି ଭୋଇ, ବନମାଳୀ ବିହାରୀ, ଅଜୟ ଦଳାଇ, ମନୋଜ ନାୟକ, ଗଣେଶ ପରିଡ଼ା, ସୁଶାନ୍ତ ପରିଡ଼ା, ବିଜୟ ନାୟକ ଓ ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ଚୌଧୁରୀ ବିବରଣୀ ପାଠ ଓ କଳପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ପ୍ରଧାନ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ୫କି.ମି. ରାସ୍ତା ପାଇଁ ୪ କୋଟି ୧୪ ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ।

# ଆଜି ରାତିରୁ ୩ ଜିଲାରେ ବାଲି ପରିବହନ ବନ୍ଦ

ଫୁଲନଖରା, ୨।୩(ସତ୍ୟରଞ୍ଜନ ଦାସମହାପାତ୍ର)



ଖବରଦାତା ସମ୍ମିଳନୀରେ ବିଭିନ୍ନ ଆସୋସିଏଶନର କର୍ମକର୍ତ୍ତା।

ନଦୀଘାଟରୁ ବାଲି ପରିବହନବେଳେ ଗାଡି ମାଲିକମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବାଲି ପରିବହନ ପାଇଁ ଆବଶ୍ୟକ ଟ୍ରାନ୍‌ଜିଟ୍ ନ ମିଳିବା, ଘାଟରେ ଗାଡିର ପରିବହନ କ୍ଷମତାଠାରୁ ଅଧିକ ଓଜନର ଲୋଡ୍ ଦେବା, ବାଲି ପାଇଁ ମନମୁଖି ମୂଲ୍ୟ ନେବା, ଇ-ଟ୍ରାନ୍‌ଜିଟ୍ ପାସ୍ ପାଇଁ ମନଇଚ୍ଛା ସମୟ ଦିଆଯାଉଛି। ବାଲିଗାଡି ରାସ୍ତାରେ ଯିବାବେଳେ ପୋଲିସ, ଆର୍‌ଟିଓ, ରେଭିନ୍ୟୁ ଓ ମାଇନ୍ସ ବିଭାଗର ଅଧିକାରୀମାନେ ଯାଞ୍ଚ କରୁଛନ୍ତି। କେତେକ ସ୍ଥାନରେ ପୋଲିସ ଅଧିକାରୀ ଯାଞ୍ଚ ନ କରି କର୍ମଚାରୀମାନେ ଯାଞ୍ଚ ଆଳରେ ଦୀର୍ଘ ସମୟ ଧରି ଗାଡିଗୁଡ଼ିକୁ ରାସ୍ତାରେ ଅଟକାଇ ରଖୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଗାଡି ମାଲିକମାନେ ପୂର୍ବରୁ ଖଣି ବିଭାଗ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିଲାନାହିଁ। ତେଣୁ ରବିବାର ମଧ୍ୟ ରାତ୍ରରୁ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବାଲି ପରିବହନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମା' ଧାକୁଲେଇ ଟିପର ଆସୋସିଏଶନ ସଭାପତି ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

**ସମାଧାନର ବାଟ ବାହାରିଲାନି**

ବିଭିନ୍ନ ସମସ୍ୟା ଯୋଗୁ ପ୍ରାୟ ୮୫% ଟିପ୍ପର ମାଲିକ ସେମାନଙ୍କ ଗାଡିକୁ ବାଲି ପରିବହନରେ ନିୟୋଜିତ କରୁନାହାନ୍ତି। ଯେଉଁ ହାତଗଣତି ମାଲିକ ବାଲି ପରିବହନରେ ଗାଡିକୁ ନିୟୋଜିତ କରିଛନ୍ତି ସେମାନଙ୍କୁ ଇ-ଟ୍ରାନ୍‌ଜିଟ୍ ପାସ୍ ଠିକ୍ ଭାବେ ମିଳୁ ନ ଥିବାରୁ ବାଟରେ ପୋଲିସ ଓ ଖଣି ଅଧିକାରୀମାନେ ଗାଡିକୁ ଅଟକାଇ ମୋଟା ଅଙ୍କର ଜରିମାନା ଆଦାୟ କରୁଛନ୍ତି। ଏଥିସହ ଗାଡି ଚାଳକଙ୍କୁ ଗିରଫ କରୁଛନ୍ତି। ଏହାକୁ ନେଇ ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଗାଡି ବାବଦ ଲୋନ୍ ଟଙ୍କା ଶୁଝିବାରେ ଅକ୍ଷମତା ପ୍ରକାଶ କରୁଛନ୍ତି। ତେଣୁ ରବିବାର ରାତିରୁ ଟିପ୍ପର ଗାଡିଗୁଡିକ ବାଲି ପରିବହନରୁ ନିବୃତ୍ତ ରହିବ ବୋଲି ମା' ଧାକୁଲେଇ ଟିପ୍ପର ମାଲିକ ସଂଘ ସମେତ ବିଭିନ୍ନ ଟ୍ରକ୍ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାର ବାଲି ଗାଡିଗୁଡିକ ଯାଞ୍ଚ ପାଇଁ ଉପରୋକ୍ତ ୪ଟି ବିଭାଗରୁ ଗୋଟିଏ ବିଭାଗକୁ ଦାୟିତ୍ୱ ଦେବାକୁ ଛବୀନ୍ଦ୍ର ଦାବି କରିଛନ୍ତି। ଏନେଇ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି, ମାଇନ୍ସ ବିଭାଗ ପକ୍ଷରୁ ବାଲିଗାଡି ଯାଞ୍ଚ କରାଯାଉଛି। ସେମାନଙ୍କୁ ସହଯୋଗ କରିବା ପାଇଁ କେତେଜଣ ପୋଲିସ କର୍ମଚାରୀ ସାମିଲ ହୋଇଥାନ୍ତି।

ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ନଗରୀ ଗ୍ରାମ୍ୟ ୟୁନିୟନ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ବାରଙ୍ଗ ବ୍ଲକ ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ କୁମାର ପଣ୍ଡା, ଖୋର୍ଦ୍ଧା ଜିଲା ଟ୍ରକ୍ ଆସୋସିଏଶନ ସଭାପତି ପ୍ରଣବ ପରିଜା, ମରୁତ କୁମାର ସ୍ୱାଇଁ, ସନତ କୁମାର ମହାନ୍ତି, ବିଶ୍ୱରଞ୍ଜନ ସିଂ, ସୁଧୀର ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ଜଗନ୍ନାଥ ପଟ୍ଟନାୟକ, ପୁରୀ ବାଇପାସ୍ ରୋଡ୍ ଟ୍ରକ୍ ଆସୋସିଏଶନ ସଭାପତି ବାସୁଦେବ ମହାପାତ୍ରଙ୍କ ସମେତ କାକଟପୁର ଓ ବାଙ୍କୀ ଟ୍ରକ୍ ମାଲିକ ଆସୋସିଏଶନ ସଦସ୍ୟ ଯୋଗଦେଇଥିଲେ।

# ଆଜିଠୁ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ

କଟକ, ୨।୩ (କାର୍ତ୍ତିକ ସାହୁ)

କଟକ ଜିଲାରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ ମାର୍ଚ୍ଚ ୩ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋଟିଏ ପର୍ଯ୍ୟାୟରେ ଜିଲାରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯିବ। ଜିଲାର ମୋଟ୍ ୨,୩୬,୨୬୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ୩ ଦିନିଆ ପଲ୍‌ସ ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଜିଲାର ମୋଟ୍ ୧୧୫୬ଟି ବୁଥ୍ ନିମନ୍ତେ ୨୩୧୨ ଟିମ୍ ଓ ୨୩୮ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ସେହିପରି ୫୩ ଟ୍ରାଞ୍ଜିଟ୍ ପଏଣ୍ଟ ଓ ୨୬ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ଟୋଲ୍‌ଗେଟ୍ ଓ ଇଟାଭାଟିରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିଭାଗ ସମେତ ସମସ୍ତ ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଅତିରିକ୍ତ ଜିଲାପାଳ ଶିବ ଟପୋ କହିଛନ୍ତି।

# ବିଧାୟକଙ୍କ ଜନସମ୍ପର୍କ ପଦଯାତ୍ରା



ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହିତ ବିଧାୟକ ମହମ୍ମଦ ମୋକିମ ଆଲୋଚନା କରୁଛନ୍ତି।

କଟକ, ୨।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧ ନମ୍ବର ୱାର୍ଡରେ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେ ସ୍ଥାନୀୟ ଅଞ୍ଚଳର ମୁରବୀ ଓ ବରିଷ୍ଠ ନାଗରିକଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, କର୍ପୋରେଟର ଭାନୁ ସେନାପତି, କିଶୋର କୁମାର କର, ସତ୍ୟବ୍ରତ ବେହେରା, ମଧୁସୂଦନ ମଲ୍ଲିକ, କେଦାରନାଥ ବେହେରା, ଶିଶିର କୁମାର ନାୟକ, ଟୁକୁନା ସେନାପତି, ମନୋଜ ବେହେରା, ଶରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏନ୍‌ଆଇ ଗ୍ରେଟର ଓଡ଼ିଶାର ୧୨୧ କନ୍‌କ୍ଲେଭ୍




କଟକ, ୨।୩ (କାର୍ତ୍ତିକ ସାହୁ)

ବିଭିନ୍ନ ସହରରୁ ଉଦ୍ୟୋଗୀମାନଙ୍କୁ ନେଇ ବିଏନ୍‌ଆଇ ଗ୍ରେଟର ଓଡ଼ିଶାର ୧୨୧ କନ୍‌କ୍ଲେଭ କଟକ ଜିଲା ତ୍ରିଶୂଳିଆସ୍ଥିତ ସରସ୍ୱତୀ ସାଇନ୍ସ କଲେଜ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପ୍ରଦୀପ ଅଗ୍ରୱାଲ, ସୁନୀତା ମହାନ୍ତି ଓ ନମ୍ରତା ସାମଲଙ୍କ ନେତୃତ୍ୱରେ ଉଦ୍ୟୋଗୀମାନଙ୍କୁ ବ୍ୟବସାୟିକ ସଫଳତା ନିମନ୍ତେ ମାର୍ଗଦର୍ଶନ କରାଯାଇଥିଲା। ବିଶ୍ୱର ୭୫ଟି ଦେଶରେ ୩.୧୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟବସାୟିକ ସଦସ୍ୟ ବିଏନ୍‌ଆଇ ନେଟ୍‌ୱର୍କ ସହ ଯୋଡ଼ି ହୋଇ ରହିଛନ୍ତି। ଏହି କନ୍‌କ୍ଲେଭ ଉଦ୍ୟୋଗୀମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅଗ୍ରୱାଲ କହିଥିଲେ। ସମ୍ପଥ ଦାସ, ପ୍ରଜ୍ଞା ସ୍ୱରୂପ ଦାସ, ଗୌରବ ସାହୁ, ପ୍ରଜ୍ଞା ମିଶ୍ର, ବିକାଶ ଅଗ୍ରୱାଲ, ପ୍ରୀତମ୍ ନାୟକ ଓ ଚିରାଗ ଚୌହାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର୍, ଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

କଟକ, ୨।୩ (କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ପୋଲିସ ଏକ କାର୍ ସହ ବିପୁଳ ପରିମାଣର ଦେଶୀମଦ ଶନିବାର ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଜଗତପୁର ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର ବ୍ରାହ୍ମଣସାହିର ସନ୍ତୋଷ ରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ଗୋଟିଏ କାର୍, ୪୩୨ ଲିଟର ଦେଶୀମଦ, ୨୫ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୬୨/୨୪) ରୁଜୁ ହୋଇଛି। ଶୁକ୍ରବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରେ ୧୮ଟି ରବର ବ୍ଲାଡରରେ ଦେଶୀମଦ ଥିବା ଦେଖିବାକୁ ମିଳିଥିଲା।

# ୧୧୬ ପରିବାରକୁ ମିଳିବ ଜମି ପଟ୍ଟା

ଚୌଦ୍ୱାର, ୨।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଲେବର ଟେନାମେଣ୍ଟରେ ରହୁଥିବା ୧୧୬ ପରିବାରକୁ ଜମି ପଟ୍ଟା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କଟକ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ କଟକ ଏଡିଏମ୍ ଉମାକାନ୍ତ ରାଜ ଶନିବାର ଟେନାମେଣ୍ଟ ଅଞ୍ଚଳରେ ପହଞ୍ଚି ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ସାମଲଙ୍କ ଉପସ୍ଥିତିରେ ପୂର୍ବ ନିର୍ଦ୍ଧାରିତ ୧୧୬ ପରିବାର ମଧ୍ୟରୁ ୫୦ ପରିବାରକୁ ସେମାନେ ରହୁଥିବା ଘରର ପଟ୍ଟା ପ୍ରଦାନ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରାଇଥିଲେ। ପ୍ରତି ପରିବାର ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିବା ସହିତ ଘର ପାଇଁ ଧାର୍ଯ୍ୟ ଖଜଣା ପ୍ରଦାନ କରି ପାଉତି ହାସଲ କରିଥିଲେ।

ସୂଚନାଯୋଗ୍ୟ, ଲେବର ଟେନାମେଣ୍ଟ ଅଞ୍ଚଳରେ ଥିବା ସରକାରୀ କ୍ୱାର୍ଟର୍ସରେ ମୋଟ୍ ୨୨୮ ପରିବାର ୪୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ରହିଆସୁଛନ୍ତି। ସେମାନେ ରହୁଥିବା ଘରର ପଟ୍ଟା ସେମାନଙ୍କ ନାମରେ କରିବା ପାଇଁ ଦୀର୍ଘଦିନ ହେବ ଦାବି କରିଆସୁଥିଲେ। ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଜିଲା ପ୍ରଶାସନ, ରାଜସ୍ୱ ବିଭାଗକୁ ପଠାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୧୬ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ଯଯାତି କେଶରୀ କ୍ଲବ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଆଇ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ ତହସିଲ କର୍ମଚାରୀ ଯୋଗଦେଇ ହିତାଧିକାରୀଙ୍କଠାରୁ ୧୮ ହଜାର ଟଙ୍କା ଖଜଣା ଆଦାୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟେନାମେଣ୍ଟ ଉନ୍ନୟନ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ।

# 'ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସିଦ୍ଧହସ୍ତ ଥିଲେ ନରିମାନ୍'

କଟକ, ୨।୩ (କାର୍ତ୍ତିକ ସାହୁ)

ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ଖ୍ୟାତନାମା ଆଇନଜୀବୀ ଫଲୀ ଏସ୍. ନରିମାନ୍‌ଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ହାଇକୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ଘାସିରାମ ବର୍ମା ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ନରିମାନ୍ ଆଇନ ଜଗତର ଜଣେ ଜ୍ୟୋତିଷ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ ଥିଲେ, ଯାହା ତାଙ୍କୁ ବିଶ୍ୱଦରବାରରେ ପରିଚିତ କରାଇ ପାରିଥିଲା। ଭୋପାଳ ଗ୍ୟାସ୍ ଦୁର୍ଘଟଣା, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ମାମଲା ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଫୋରମ୍‌ର ସାଧାରଣ ସମ୍ପାଦକ ଅନନ୍ତ ମହାପାତ୍ର କହିଥିଲେ, ନରିମାନ୍ ବମ୍ବେ ହାଇକୋର୍ଟରେ ଓକିଲାତି ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସର୍ବୋଚ୍ଚ ନ୍ୟାୟାଳୟରେ ବରିଷ୍ଠ ଆଇନଜୀବୀ ଭାବେ ଦୀର୍ଘ ୫୦ ବର୍ଷର ଓକିଲାତି ଜୀବନ ବିତାଇଥିଲେ। ଯୁଗ୍ମ ସମ୍ପାଦକ ଅଧିବକ୍ତା ତାପସ କୁମାର ଦ୍ୱିବେଦୀ କହିଥିଲେ, ନରିମାନ୍ ୧୯୭୨ରେ ଅତିରିକ୍ତ ସଲିସିଟର ଜେନେରାଲ ଭାବେ ନିଯୁକ୍ତି ପାଇଥିଲେ। ମାତ୍ର ଦେଶର ଜରୁରୀ ପରିସ୍ଥିତି ପାଇଁ ମାନବିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ୧୯୯୯ରେ ରାଜ୍ୟ ସଭାକୁ ସେ ମନୋନୀତ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ, ପଦ୍ମ ବିଭୂଷଣ ଉପାଧି ହାସଲ କରିବାରେ ସେ ଅନନ୍ୟ ବ୍ୟକ୍ତି ଥିଲେ। ଏଭଳି ଜଣେ ଆଇନ ବିଶାରଦଙ୍କୁ ଦେଶ ହରାଇ ଥିବାରୁ ଆଇନ ଜଗତର ଏକ ଅପୂରଣୀୟ କ୍ଷତି ହେଲା। କାର୍ଯ୍ୟାଳୟ ସମ୍ପାଦକ ସୁନୀଲ ବର୍ମା, ନୀହାରକାନ୍ତି ମହାପାତ୍ର, ଘନଶ୍ୟାମ ନାମତୋର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଏପ୍ରିଲ ୨ରେ ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ ପ୍ରତିଯୋଗିତା

କଟକ, ୨।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କଣ୍ଠଶିଳ୍ପୀ ପ୍ରତିଯୋଗିତା 'ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' ଆସନ୍ତା ଏପ୍ରିଲ ୨ ତାରିଖରେ ଅନୁଷ୍ଠିତ ହେବ। ଏନେଇ କଟକ କ୍ଲବ୍ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ରାଜ୍ୟର ୧୫ରୁ ୨୫ ବର୍ଷ ବୟସର ପ୍ରତିଯୋଗୀମାନେ ଏଥିରେ ଭାଗ ନେଇପାରିବେ। ସେମାନେ ନିଃଶୁଳ୍କ ଭାବେ ଆସନ୍ତା ୧୦ ତାରିଖ ରାତି ୧୦ଟା ସୁଦ୍ଧା ୬୦ରୁ ୯୦ ସେକେଣ୍ଡ ମଧ୍ୟରେ ଓଡ଼ିଆ କିମ୍ବା ହିନ୍ଦୀ ଗୀତର ରେକର୍ଡିଂ କରି ହ୍ୱାଟ୍‌ସ୍‌ଆପ୍ ନମ୍ବର ୭୯୭୮୨୬୭୬୫୦ରେ ନିଜ ନାମ, ଫୋନ୍ ନମ୍ବର ଓ ଠିକଣା ଲେଖି ପଠାଇବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ବଛା ବଛା ସଙ୍ଗୀତଜ୍ଞ ଉକ୍ତ ରେକର୍ଡିଂକୁ ବିଚାର କରି ପ୍ରତିଭା ଚୟନ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିଯୋଗୀମାନେ କଟକ କ୍ଲବ ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗୀତାରେ ବିଚାରକଙ୍କ ସମ୍ମୁଖରେ ସଙ୍ଗୀତ ପରିବେଷଣ କରିବେ। ଏହାପରେ ଚୟନ ହୋଇଥିବା ପ୍ରତିଭାମାନେ ଏପ୍ରିଲ୍ ୨ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିବେ। ବିଚାରକଙ୍କ ନିଷ୍ପତ୍ତି ଅନୁଯାୟୀ କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତା ସମ୍ପର୍କରେ ଅଧିକ ବିବରଣୀ ଜାଣିବା ପାଇଁ ଉପରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଡା. ପଣ୍ଡା କହିଛନ୍ତି। ପ୍ରତିଯୋଗିତାର ପ୍ରଥମ ବିଜେତାଙ୍କୁ ୫୦ ହଜାର ଟଙ୍କା ସହ 'ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' ଉପାଧି ଓ ଟ୍ରଫି ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ବିଜେତାଙ୍କୁ ୨୫,୦୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି ଏବଂ ତୃତୀୟ ବିଜେତାଙ୍କୁ ୧୫,୦୦୦ ଟଙ୍କା, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି କ୍ଲବ୍ ସମ୍ପାଦକ ଯଶୋବନ୍ତ ଦାସ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କ୍ଲବ୍ ଉପସଭାପତି ବସନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଡା. ଜୟନ୍ତ ପଣ୍ଡାଙ୍କ ସମେତ ଅନ୍ୟମାନେ।

# ଅବ୍ୟବସ୍ଥାରେ ଖୁଣ୍ଟୁଣୀ ଡାକ୍ତରଖାନା

ଖୁଣ୍ଟୁଣୀ, ୨।୩(ସଚ୍ଚିଦାନନ୍ଦ ପଣ୍ଡା)



କାୟାକଳ୍ପ ଅଧିକାରୀ ଡା. ବଟକୃଷ୍ଣ ମହଲାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ।

- ଛାତରୁ ପାଣି ଗଳୁଛି, ସିମେଣ୍ଟ ଖଣ୍ଡ ଖସୁଛି
- ଭିତ୍ତିଭୂମି ଯାଞ୍ଚ କଲା କାୟାକଳ୍ପ ଟିମ୍
- କର୍ମଚାରୀଙ୍କୁ ତାଗିଦ୍

ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଡାକ୍ତର ନାହାନ୍ତି। ଫଳରେ ଫାର୍ମାଶିଷ୍ଟ ଏହି ଦାୟିତ୍ୱ ତୁଲାଉଛନ୍ତି। ବ୍ରିଟିଶ ଅମଳର ଏହି ଡାକ୍ତରଖାନାରେ ଏପର୍ଯ୍ୟନ୍ତ ଭିତ୍ତିଭୂମିରେ ସୁଧାର ଆସିପାରିଲା ନାହିଁ। ଶନିବାର ମଧ୍ୟାହ୍ନରେ କାୟାକଳ୍ପ ଅଧିକାରୀ ତଥା ଅତିରିକ୍ତ ଜିଲା ମେଡିକାଲ ଅଫିସର ଡା. ବଟକୃଷ୍ଣ ମହଲା ୪ ଜଣିଆ ଟିମ୍‌କୁ ନେଇ ଖୁଣ୍ଟୁଣୀ ଡାକ୍ତରଖାନାରେ ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିଥିଲେ। ସେଠାରେ ଥିବା ବିଭିନ୍ନ ଅବ୍ୟବସ୍ଥା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଡା. ମହଲା ପ୍ରଥମେ ଡାକ୍ତରଖାନାର ଆଟେଣ୍ଡାଣ୍ଟ ରେଜିଷ୍ଟର ଯାଞ୍ଚ କରିବାରୁ ଦୈନିକ ଶତାଧିକ ରୋଗୀ ଆସୁଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। କାୟାକଳ୍ପ ପାଇଁ ଲଗାଯାଇଥିବା ଫୁଲଗଛ ଓ ବିଭିନ୍ନ ଗଛର ଚାରା ସୁଖୀ ମରିଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳାରୁ ଏପରି ହୋଇଥିବା ଜାଣି ତୁରନ୍ତ ସେମାନଙ୍କୁ ତାଗିଦ୍ କରିଥିଲେ। ଡାକ୍ତରଖାନାରେ ସଫେଇ କର୍ମଚାରୀ ଓ ରାତି ଆଟେଣ୍ଡାଣ୍ଟ ନ ଥିବା, ଡାକ୍ତରଖାନାର ମୁଖ୍ୟ ଫାଟକ ନ ଥିବାରୁ ଗୋରୁମାନେ ପଶିଯାଇ ଗଛଗୁଡିକ ନଷ୍ଟ କରୁଥିବା କର୍ମଚାରୀମାନେ ଡା. ମହଲାଙ୍କୁ ଜଣାଇଥିଲେ। ପରେ ମହଲା ପରିମଳ ବ୍ୟବସ୍ଥା, ଜଳଯୋଗାଣ ଓ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନାରେ ଜଳଯୋଗାଣ କରୁଥିବା କର୍ମଚାରୀଙ୍କୁ ୬ ବର୍ଷ ହେବ ଆଠଗଡ଼କୁ ବଦଳି କରାଯାଇଛି। ହେଲେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ଷାଦିନେ ମୁଖ୍ୟ ଛାତରୁ ପାଣି ଗଳିବା ସହ ସିମେଣ୍ଟ ଖଣ୍ଡ ଖସୁଛି। ଏ ସମ୍ପର୍କରେ ଗ୍ରାମ କମିଟି ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା ବିଡ଼ିଓଙ୍କୁ ଜଣାଇଥିଲେ ମଧ୍ୟ ୨ ବର୍ଷ ହେ କାମ ହୋଇପାରୁନାହିଁ। ଏ ନେଇ ଡା. ମହଲାଙ୍କୁ ପଣ୍ଡା ଅବଗତ କରାଇଥିଲେ। ଏହି ପରିଦର୍ଶନବେଳେ ଡା. ଦୀପ୍ତିରଞ୍ଜନ ଦାସ, ଜୟଶ୍ରୀ କର, ଫାର୍ମାସିଷ୍ଟ ଦିଲୀପ ଦାସ, ସୁପଭାଇଜର ରମାକାନ୍ତ ସିହ୍ନାଙ୍କ ସମେତ ଡାକ୍ତରଖାନା କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଖୁଣ୍ଟୁଣୀ, ୨।୩(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ-ନରସିଂହପୁର ରାସ୍ତାର ଭୋଗରା ଗ୍ରାମଠାରେ ଶନିବାର ରାତି ପ୍ରାୟ ୮ଟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ପିଠାଖିଆ ଗ୍ରାମର ସୁଶାନ୍ତ ନାୟକ (୨୯)। ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ସୁଶାନ୍ତ ଆଠଗଡ଼ରେ ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ସେ କାମ ସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ଆଉଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବୈଦ୍ୟୁତିକ ଯାନ ବ୍ୟବହାର ପାଇଁ ଶୋଭାଯାତ୍ରା

**ଭୁବନେଶ୍ୱର, ୨।୩(ଅନୁରାଧା ମହାରଣା):** ବୈଦ୍ୟୁତିକ ଯାନର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନକୁ ସାମିଲ କରାଯାଇଥିଲା। ଇଲେକ୍ଟ୍ରିକ ସାଇକେଲଠାରୁ ଆରମ୍ଭ କରି ବିଦ୍ୟୁତ୍ ଚାଳିତ ବସ୍, ଅଟୋ ଆଦି ସାମିଲ ହୋଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ଓ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସିର ମିଳିତ ଉଦ୍ୟମରେ ଆୟୋଜିତ ଏହି ଶୋଭାଯାତ୍ରାକୁ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପରିବହନ କମିଶନର ଅମିତାଭ ଠାକୁର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ଚନ୍ଦ୍ର ମହାରଣା, ପ୍ରିୟବ୍ରତ ପଟ୍ଟନାୟକ, ଉମାକାନ୍ତ ସାହୁ ଯୋଗଦେଇ ବୈଦ୍ୟୁତିକ ଯାନ ବ୍ୟବହାରକୁ ଗୁରୁତ୍ୱ ଦେଇଥିଲେ।

### ଡବ୍ଲ୍ୟୁଏସ୍‌ସିରେ ଖୋଲିବ ଏସ୍‌ଏଆଇ କେନ୍ଦ୍ର

**ଭୁବନେଶ୍ୱର, ୨।୩(ଅସମାପିକା ସାହୁ):** ସାରା ବିଶ୍ୱରେ ଏବେ ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ବଢ଼ି ଚାଲିଛି। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଓଡ଼ିଶାର ଯୁବପିଢ଼ି ତାଲିମ ନେଇ କିପରି ନିଜ ଦକ୍ଷତା ବୃଦ୍ଧି କରିପାରିବେ ସେଥିପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ରେ ଏକ 'ସ୍ମାର୍ଟଆଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'(ଏସ୍‌ଏଆଇ) କେନ୍ଦ୍ର ସ୍ଥାପନ କରାଯିବ। ଏନେଇ ଶୁକ୍ରବାର ସିଙ୍ଗାପୁରସ୍ଥିତ ଆଇଟିଇ ଏଜୁକେଶନ ସର୍ଭିସେସ୍(ଆଇଟିଇଇଏସ୍) ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଡବ୍ଲ୍ୟୁଏସ୍‌ସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏଥିରେ ଡବ୍ଲ୍ୟୁଏସ୍‌ସିର ସିଓଓ ତଥା ବିଭାଗୀୟ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଏବଂ ଆଇଟିଇଇଏସର ସିଇଓ ବ୍ରୁସ୍ ପୋହ ଦସ୍ତଖତ କରିଥିଲେ। ଏହି ସମୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଉଷା ପାଢ଼ୀ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ରାତିରୁ ୩ ଜିଲାରେ ବାଲି ପରିବହନ ବନ୍ଦ

**ଫୁଲନଖରା, ୨।୩ (ସତ୍ୟରଞ୍ଜନ ଦାସମହାପାତ୍ର)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନଦୀ ଘାଟରୁ ବାଲି ପରିବହନବେଳେ ଗାଡି ମାଲିକମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବାଲି ପରିବହନ ପାଇଁ ଆବଶ୍ୟକ ଟ୍ରାନ୍‌ଜିଟ୍ ନ ମିଳିବା, ଘାଟରେ ଗାଡିର ପରିବହନ କ୍ଷମତାଠାରୁ ଅଧିକ ଓଜନର ଲୋଡ୍ ଦେବା, ବାଲି ପାଇଁ ମନମୁଖୀ ମୂଲ୍ୟ ନେବା, ଇ-ଟ୍ରାନ୍‌ଜିଟ୍ ପାସ୍ ପାଇଁ ମନଇଚ୍ଛା ସମୟ ଦିଆଯାଉଛି। ବାଲିଗାଡି ରାସ୍ତାରେ ଯିବାବେଳେ ପୋଲିସ, ଆରଟିଓ, ରେଭିନ୍ୟୁ ଓ ମାଇନ୍ସ ବିଭାଗର ଅଧିକାରୀମାନେ ଯାଞ୍ଚ କରୁଛନ୍ତି। କେତେକ ସ୍ଥାନରେ ପୋଲିସ ଅଧିକାରୀ ଯାଞ୍ଚ ନ କରି କର୍ମଚାରୀମାନେ ଯାଞ୍ଚ ଆଳରେ ଦୀର୍ଘ ସମୟ ଧରି ଗାଡିଗୁଡ଼ିକୁ ରାସ୍ତାରେ ଅଟକାଇ ରଖୁଛନ୍ତି। ଏଭଳି ସମସ୍ୟାର ସମାଧାନ ପାଇଁ ଗାଡି ମାଲିକମାନେ ପୂର୍ବରୁ ଖଣି ବିଭାଗ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିଲାନାହିଁ। ତେଣୁ ରବିବାର ମଧ୍ୟ ରାତ୍ରରୁ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାରେ ବାଲି ପରିବହନ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା’ ଧାକୁଲେଇ ପୀଠରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମା’ ଧାକୁଲେଇ ଟିପର ଆସୋସିଏଶନ ସଭାପତି ଛବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବିଭିନ୍ନ ସମସ୍ୟା ଯୋଗୁ ପ୍ରାୟ ୮୫% ଟିପ୍ପର ମାଲିକ ସେମାନଙ୍କ ଗାଡିକୁ ବାଲି ପରିବହନରେ ନିୟୋଜିତ କରୁନାହାନ୍ତି। ଯେଉଁ ହାତଗଣତି ମାଲିକ ବାଲି ପରିବହନରେ ଗାଡିକୁ ନିୟୋଜିତ କରିଛନ୍ତି ସେମାନଙ୍କୁ ଇ-ଟ୍ରାନ୍‌ଜିଟ୍ ପାସ୍ ଠିକ୍ ଭାବେ ମିଳୁ ନ ଥିବାରୁ ବାଟରେ ପୋଲିସ ଓ ଖଣି ଅଧିକାରୀମାନେ ଗାଡିକୁ ଅଟକାଇ ମୋଟା ଅଙ୍କର ଜରିମାନା ଆଦାୟ କରୁଛନ୍ତି। ଏଥିସହ ଗାଡି ଚାଳକଙ୍କୁ ଗିରଫ କରୁଛନ୍ତି। ଏହାକୁ ନେଇ ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଗାଡି ବାବଦ ଲୋନ୍ ଟଙ୍କା ସୁଝିବାରେ ଅକ୍ଷମତା ପ୍ରକାଶ

**ସମସ୍ୟା ସମାଧାନର ବାଟ ବାହାରିଲାନି**

କରୁଛନ୍ତି। ତେଣୁ ରବିବାର ରାତିରୁ ଟିପ୍ପର ଗାଡିଗୁଡିକ ବାଲି ପରିବହନରୁ ନିବୃତ୍ତ ରହିବ ବୋଲି ମା’ ଧାକୁଲେଇ ଟିପ୍ପର ମାଲିକ ସଂଘ ସମେତ ବିଭିନ୍ନ ଟ୍ରକ ଆସୋସିଏଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସରକାର ବାଲି ଗାଡିଗୁଡିକ ଯାଞ୍ଚ ପାଇଁ ଉପରୋକ୍ତ ୪ଟି ବିଭାଗରୁ ଗୋଟିଏ ବିଭାଗକୁ ଦାୟିତ୍ୱ ଦେବାକୁ ଛବୀନ୍ଦ୍ର ଦାବି କରିଛନ୍ତି। ଏନେଇ କଟକ ସଦର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି, ମାଇନ୍ସ ବିଭାଗ ପକ୍ଷରୁ ବାଲିଗାଡି ଯାଞ୍ଚ କରାଯାଉଛି। ସେମାନଙ୍କୁ ସହଯୋଗ କରିବା ପାଇଁ କେତେଜଣ ପୋଲିସ କର୍ମଚାରୀ ସାମିଲ ହୋଇଥାନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରତାପ ନଗରୀ ଗ୍ରାମ୍ୟ ୟୁନିୟନ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ବାରଙ୍ଗ ବ୍ଲକ ଟ୍ରକ୍ ମାଲିକ ସଂଘ ସଭାପତି ବିଜୟ କୁମାର ପଣ୍ଡା, ଖୋର୍ଦ୍ଧା ଜିଲା ଟ୍ରକ୍ ଆସୋସିଏଶନ ସଭାପତି ପ୍ରଣବ ପରିଜା, ମରୁତ କୁମାର ସ୍ୱାଇଁ, ସନତ କୁମାର ମହାନ୍ତି, ବିଶ୍ୱରଞ୍ଜନ ସିଂ, ସୁଧୀର ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ଜଗନ୍ନାଥ ପଟ୍ଟନାୟକ, ପୁରୀ ବାଇପାସ୍ ରୋଡ୍ ଟ୍ରକ୍ ଆସୋସିଏଶନ ସଭାପତି ବାସୁଦେବ ମହାପାତ୍ରଙ୍କ ସମେତ କାକଟପୁର ଓ ବାଙ୍କୀ ଟ୍ରକ୍ ମାଲିକ ଆସୋସିଏଶନ ସଦସ୍ୟ ଯୋଗ ଦେଇଥିଲେ।

# ଡଲ୍‌ଫିନ୍ ସୁରକ୍ଷା ସଚେତନତା ଶିବିର

**କୃଷ୍ଣପ୍ରସାଦ, ୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଡଲଫିନଙ୍କ ସୁରକ୍ଷା ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନୃସିଂହ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଯୋଗଦେଇ ଡଲଫିନ ସୁରକ୍ଷା ହେଉଛି ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଶତାବ୍ଦୀ ମିଶ୍ର, ପ୍ରମୋଦ କୁମାର ସେଠୀ, ବ୍ରାହ୍ମଣଦେଓ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର ବିଶ୍ୱାଳ, ପରିବେଶବିତ୍ ସାମନ୍ତ କଲ୍ୟାଣ କୁମାର ରଣସିଂହ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ସାହୁ, ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା, ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ, ବନପାଳ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଡଲଫିନ ଏବଂ ଚିଲିକାର ସୁରକ୍ଷା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବନରକ୍ଷୀ ଅନୀଲ କୁମାର ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ସନ୍ତୋଷ ସାହୁଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଭାସୀ ମାଧ୍ୟମରେ ବରିଷ୍ଠ ବିଶେଷଜ୍ଞ ଡ.ପ୍ରଦୀପ୍ତ ମୁଦୁଲି ଯୋଗଦେଇ ସୁରକ୍ଷା ଓ ମୁକ୍ତ କରିବା ଦିଗରେ ଆଲୋଚନା କରିଥିଲେ। ଶିବିରରେ ଚିଲିକା ବନଖଣ୍ଡ ଅନ୍ତର୍ଗତ ସମସ୍ତ ବନାଞ୍ଚଳର କର୍ମକର୍ତ୍ତା, ଡଲଫିନ ସୁରକ୍ଷା ବାହିନୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।


ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରାଙ୍ଗଣସ୍ଥ ଉତ୍କଳ ରଙ୍ଗମଞ୍ଚଠାରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ନୃତ୍ୟ ନୈବେଦ୍ୟ ସମ୍ମାନ' ପ୍ରଦାନ କରାଯାଉଛି।

# କୁମ୍‌କୁମ୍ ମହାନ୍ତିଙ୍କୁ 'ନୃତ୍ୟ ନୈବେଦ୍ୟ ସମ୍ମାନ'

**ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରାଙ୍ଗଣସ୍ଥ ଉତ୍କଳ ରଙ୍ଗମଞ୍ଚ ଠାରେ ଶନିବାର ନୃତ୍ୟନୈବେଦ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ନୃତ୍ୟ ନୈବେଦ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପରିବେଷଣରେ ବୃନ୍ଦ ମର୍ଦ୍ଦଳ ବାଦନକୁ ନେଇ ମଞ୍ଚକୁ ଆସିଥିଲେ ବାଦ୍ୟବାଣୀ ଅନୁଷ୍ଠାନର ଶିଳ୍ପୀମାନେ। ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଶିଳ୍ପୀ ସୌଭାଗ୍ୟ ନାରାୟଣ ଛୋଟରାୟ, ସୀତାକାନ୍ତ ଜେନା, ରୋହିତ ପ୍ରଧାନ ଏବଂ ବିଭୂତି ଭୂଷଣ ଚମ୍ପତି ପ୍ରମୁଖ ଆଦି ତାଳର ବହୁବିଧ ବିଭବ ବାଦନ କରିଥିଲେ। ପରେ ସଞ୍ଜୀବ ପ୍ରଧାନ ଏକକ ଓଡ଼ିଶୀ ନୃତ୍ୟରେ ରାଗ ସରସ୍ୱତୀ, ତାଳ ଖେମଟାରେ ନିବଦ୍ଧ 'ସରସ୍ୱତୀ ପଲ୍ଲବୀ' ଏବଂ ଅଭିନୟରେ ରାଗ ରାଗମାଳିକା, ତାଳ ତାଳମାଳିକାରେ ନିବଦ୍ଧ 'ଶୃତାପକ୍ଷୀ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ଗୁରୁ ରାମହରି ଦାସ ଦେଇଥିବାବେଳେ ବାଦ୍ୟରେ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟକୁ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ନୃତ୍ୟ ନୈବେଦ୍ୟର କଳାକାର ଦଳଗତ ଓଡ଼ିଶୀ ନୃତ୍ୟରେ 'ଷଡରିପୁ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ମାତୃପ୍ରସାଦ ଦାସ ଦେଇଥିବାବେଳେ ବାଦ୍ୟରେ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟଗୁରୁ ପ୍ରଭାତ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ରତିକାନ୍ତ ମହାପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ଏକାମ୍ର ୱାକ୍‌ସରେ ନୂଆ ଟ୍ରେଲ୍: 'ଭରତପୁର ଜଙ୍ଗଲରେ ଏକ ସନ୍ଧ୍ୟା'

**ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)**

ଭୁବନେଶର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ପରିଚାଳିତ 'ଏକାମ୍ର ୱାକ୍‌ସ' ଅନ୍ତର୍ଗତ ଏକ ରୋମାଞ୍ଚକର ନୂଆ ଟ୍ରେଲ 'ଭରତପୁର ଜଙ୍ଗଲରେ ଏକ ସନ୍ଧ୍ୟା' ଆରମ୍ଭ ହୋଇଛି। ଏହି ନାଇଟ ଜଙ୍ଗଲ ସଫାରିରେ ଅତିଥିମାନେ ରାତି ସମୟରେ ଜଙ୍ଗଲରେ ବୁଲିବାର ରୋମାଞ୍ଚକର ଅନୁଭବ ପାଇପାରିବେ। ନାଇଟ ଜଙ୍ଗଲ ସଫାରି ପ୍ରତ୍ୟେକ ସପ୍ତାହାନ୍ତରେ ଆୟୋଜନ କରାଯିବ। ଏକାମ୍ର ହାଟରୁ ଏହି ଯାତ୍ରା ସନ୍ଧ୍ୟା ୬ଟା ୧୫ରୁ ଆରମ୍ଭ ହୋଇ ୮ଟା ୩୦ ପର୍ଯ୍ୟନ୍ତ ଚାଲିବ। ଅଭିଜ୍ଞ ଗାଇଡ୍‌ଙ୍କ ସହ ଏକ ସୁରକ୍ଷିତ ବସ୍‌ରେ ଅତିଥିମାନେ ୧ଘଣ୍ଟା ପାଇଁ ଭରତପୁରର ଘଞ୍ଚ ଜଙ୍ଗଲର ରହସ୍ୟମୟ ଦୁନିଆରେ ପ୍ରବେଶ କରିବେ। ଏହି ଦୁଃସାହସିକ ଯାତ୍ରାରେ ସେମାନେ ରାତ୍ରିଚର ଜଙ୍ଗଲି ଜୀବଙ୍କୁ ଦେଖିବା ସହ ଜଙ୍ଗଲ ବିଷୟରେ ଅଧିକ ଜାଣିବାକୁ ପାଇବେ। ରାତ୍ରିଚର ଜୀବଙ୍କର ବାସସ୍ଥାନ, ଜୀବଜଗତର ଗତିଶୀଳତା ଏବଂ ସେମାନଙ୍କର ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ବିଶେଷଜ୍ଞଙ୍କଠାରୁ ଜାଣିବାକୁ ପାଇବେ। ଚଳିତ ବର୍ଷ ଜାନୁଆରୀ ମାସରୁ ଆରମ୍ଭ ହେଇଥିବା 'ଏକାମ୍ର ୱାକ୍‌ସ'ର ବିଭିନ୍ନ ଟ୍ରେଲ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର, ଶନିବାର ଏବଂ ରବିବାର ଆୟୋଜନ କରାଯିବ। 'ପ୍ରକୃତିର ପଦଯାତ୍ରା', 'ଆମ ସଂସ୍କୃତି ଆମ ଐତିହ୍ୟ', 'କୋମଳ ମନର କୌତୁହଳ ଯାତ୍ରା' ସହିତ 'ଓଡ଼ିଆ ଖାଦ୍ୟ ପସରା' ଟ୍ରେଲ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନେ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟର ଆନନ୍ଦ ନେଉଛନ୍ତି।

# ସୋସିଆଲ ମିଡିଆରୁ ପୁଅକୁ ଚିହ୍ନିଲେ ପରିବାର

**ଭୁବନେଶ୍ୱର, ୨।୩ (ସୂର୍ଯ୍ୟକାନ୍ତ ବେହେରା)**

**ବିହାରରୁ ନିଖୋଜ ଯୁବକ ଭୁବନେଶ୍ୱରରୁ ଠାବ**

ଦୀର୍ଘବର୍ଷ ଧରି ନିଖୋଜ ଥିବା ବିହାରର ଜଣେ ଯୁବକଙ୍କୁ ଭୁବନେଶ୍ୱର ପଟିଆ ଅଞ୍ଚଳରୁ ଠାବ କରିଛନ୍ତି ପରିବାର ଲୋକେ। ତାଙ୍କ ନାଁ ରାଜନ କୁମାର (୨୨)। ସେ ପ୍ରାୟ ଏକବର୍ଷ ହେବ ପଟିଆ ଅଞ୍ଚଳର ଏକ ହୋଟେଲରେ କାମ କରୁଥିଲେ। ତେବେ ରାଜନକୁ ପାଇବା ପରେ ପରିବାର ଲୋକେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା। ସୂଚନାନୁସାରେ, ରାଜନ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାଙ୍କ ଗାଁ ଲୋକଙ୍କ ସହ ଦେବସରାଇ ରେଳ ଷ୍ଟେଶନ ଆସି ଟ୍ରେନ ଯୋଗେ ଓଡ଼ିଶା ଚାଲିଆସିଥିଲେ। ଭୁବନେଶ୍ୱର ରାସ୍ତାରେ ଭିକ୍ଷାବୃତ୍ତି କରୁଥିବା ଦେଖି ଜଣେ ବ୍ୟକ୍ତି ତାଙ୍କୁ ନେଇ ହୋଟେଲରେ ରହିବା ଖାଇବା ସହ ସେଠାରେ ନିଯୁକ୍ତି ଦେଇଥିଲେ। ହେଲେ ଠିକଣା ପଚାରିଲେ ସେ କିଛି ମନେ ପଡୁନାହିଁ ବୋଲି କହୁଥିଲେ। ହୋଟେଲ ମାଲିକଙ୍କର ଜଣେ ସମ୍ପର୍କୀୟ ତାଙ୍କର ଏକ ଭିଡିଓ କରି ସୋସିଆଲ ମିଡ଼ିଆରେ ଛାଡିଥିଲେ। ଉକ୍ତ ଭିଡିଓକୁ ଦେଖି ପରିବାର ଲୋକେ ନିଜ ନିଖୋଜ ପୁଅକୁ ଚିହ୍ନି ପାରିଥିଲେ। ପରେ ଟ୍ରେନ ଯୋଗେ ଭୁବନେଶ୍ୱର ଆସି ସୋସିଆଲ ମିଡ଼ିଆରେ ଦିଆଯାଇଥିବା ନମ୍ବରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ଶନିବାର ସେମାନେ ହୋଟେଲରେ ପହଞ୍ଚି ପୁଅକୁ ପାଖରେ ପାଇ କାନ୍ଦି ପକାଇଥିଲେ। ଏନେଇ ହୋଟେଲ ମାଲିକ ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ପୋଲିସକୁ ସୂଚନା ଦେଇ ରାଜନକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ଏନ୍‌ଟିପିସି ଇଞ୍ଜିନିୟର ଭୁବନେଶ୍ୱରରୁ ନିଖୋଜ

**ଭୁବନେଶ୍ୱର, ୨।୩ (ସୂର୍ଯ୍ୟକାନ୍ତ ବେହେରା)**

ଏନ୍‌ଟିପିସିର ମେକାନିକାଲ ଇଞ୍ଜିନିୟର ତଥା ମଧ୍ୟପ୍ରଦେଶ ଗ୍ୱାଲିୟରର ବିଷ୍ଣୁ ସିଂ ଭୁବନେଶ୍ୱରରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ବଡ ଭାଇ ସତ୍ୟେନ୍ଦ୍ର ପ୍ରତାପ ସିଂ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ବିଷ୍ଣୁ ଓଡ଼ିଶା ଏନ୍‌ଟିପିସିରେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। କୌଣସି କାମରେ ଦିଲ୍ଲୀ ଯିବାକୁ ସେ ଶୁକ୍ରବାର ରାତି ପ୍ରାୟ ୭ଟା ୨୦ରେ ଟ୍ରେନ୍ ଯୋଗେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଷ୍ଟେଶନରେ ପହଞ୍ଚିବା ପରେ ସେ ତାଙ୍କ ଭାଇଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ତାଙ୍କ ଫ୍ଲାଇଟ୍ ରାତି ପ୍ରାୟ ୧୨ଟା ୩୦ରେ ରହିଥିଲା। କିନ୍ତୁ ପରେ ତାଙ୍କ ଫୋନ୍ ସୁଇଚ ଅଫ୍ ଆସିଥିଲା। ପରିବାର ଲୋକେ ବାରମ୍ବାର ତାଙ୍କ ଫୋନ୍‌କୁ କଲ୍ କରିବା ପରେ କେହି ଜଣେ ଅଜଣା ବ୍ୟକ୍ତି ତାଙ୍କ ଫୋନ ଉଠାଇ ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଭରତପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଥିବା ଜଣାଇ କଲ୍ କାଟି ଦେଇଥିଲେ। ପରେ ତାଙ୍କ ଭାଇ ତୁରନ୍ତ ଫ୍ଲାଇଟ ଯୋଗେ ଭୁବନେଶ୍ୱରରେ ପହଞ୍ଚି ବିଭିନ୍ନ ଅଞ୍ଚଳ ଓ ହସ୍ପିଟାଲରେ ଖୋଜାଖୋଜି କରିଥିଲେ ମଧ୍ୟ ବିଷ୍ଣୁଙ୍କର କୌଣସି ଖୋଜ ଖବର ପାଇପାରି ନାହାନ୍ତି।

# ବିମଳ କିଶୋର ମିଶ୍ର କିମ୍ବଦନ୍ତୀ ପୁରୁଷ ଥିଲେ

**ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)**



ବିମଳ କିଶୋର ମିଶ୍ର ଓଡ଼ିଶାର ପ୍ରଶାସନିକ, ବୌଦ୍ଧିକ, ସାଂସ୍କୃତିକ, ଶିକ୍ଷା ତଥା ଇତିହାସରେ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ। ତାଙ୍କର ନିଷ୍ଠା, ବିଚାରଧାରା, ଭାରତୀୟ ପ୍ରଶାସନ ସର୍ବୋପରି ଓଡ଼ିଶାର ଶିକ୍ଷା ଜଗତକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଉତ୍ତରପୁରୁଷ, ପ୍ରଶାସନ ଓ ଶିକ୍ଷାବିତ୍ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଶନିବାର ସୂଚନା ଭବନଠାରେ ବିମଳ କିଶୋର ମିଶ୍ର ଶତବାର୍ଷିକୀ କାର୍ଯ୍ୟକ୍ରମ ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଏଥିରେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନ ଓ ସାଧନା ବାସ୍ତବରେ ଅନୁକରଣୀୟ ବୋଲି ମତ ଦେଇଥିଲେ। ସ୍ମୃତି କମିଟି ଅଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା ସଭାପତିତ୍ୱ କରି ସ୍ୱର୍ଗତ ମିଶ୍ର ପ୍ରଶାସନିକ ସଂସ୍କାରରେ ଅଦ୍ୱିତୀୟ, ସଂସ୍କୃତିସଂପନ୍ନ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସେହିପରି ସହନଶୀଳତା ତାଙ୍କର ପରିଭାଷା ଥିଲା ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ମାରକ ପ୍ରାଧୀକରଣର ଅଧ୍ୟକ୍ଷ କିଶୋର କୁମାର ବସା 'ପ୍ରଥମ ବିମଳ କିଶୋର ସ୍ମାରକୀ' ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ, ସମସ୍ୟା ଓ ସମ୍ଭାବନା ଶୀର୍ଷକ ବକ୍ତବ୍ୟ ପ୍ରଦାନ କରି ଓଡିଶାର ପ୍ରତ୍ନତତ୍ତ୍ୱ ପ୍ରାଚୀନ ଓ ଏହା ଅନେକ ସଂସ୍କୃତିର ବିଚାର ଭାବ ବହନ କରେ ବୋଲି ମତ ଦେଇଥିଲେ। କମିଟିର ସଂପାଦକ ଡ. ବିଜୟାନନ୍ଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ୱର୍ଗତ ବିମଳ ମିଶ୍ର ଗଣିତ, ସଂସ୍କୃତ, ସଂସ୍କୃତି ଓ ଶିକ୍ଷାର ପ୍ରଗାଢ ଜ୍ଞାନର ଅଧିକାରୀ ଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିମଳ କିଶୋର ମିଶ୍ର ଶତବାର୍ଷିକୀ ସ୍ମରଣିକା 'ଶ୍ରଦ୍ଧେୟ ସ୍ମୃତିରେଖା' ସହିତ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଶଶିକାନ୍ତ ମିଶ୍ରଙ୍କ ରଚିତ ବିମଳ କିଶୋର ମିଶ୍ରଙ୍କ ଜୀବନୀ ସଂପର୍କିତ ପୁସ୍ତକ 'ଅବିଚଳ ବିମଳ' ଓ ଏହାର ଇଂରାଜୀ ଅନୁବାଦର ଦ୍ୱିତୀୟ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କ୍ଷେତ୍ରମଣି ସ୍ମାରକୀ ପୁରସ୍କାର ଡା. ବି.ସୁରାଗାଙ୍କୁ ପ୍ରଦାନ କରାଯାଇଥିଲା। କମିଟିର ସଦସ୍ୟ ଦେବସ୍ମାନ ଦାସ ଧନ୍ୟବାଦ ଦେଇଥିଲେ।

# ରାତି ୧୦ଟାରେ ଉଠିବ ମହାଦୀପ

**ପୁରୁଣା ଭୁବନେଶ୍ୱର, ୨।୩(ସୁବାସ ଚନ୍ଦ୍ର ପ୍ରଧାନ)**



ଆସନ୍ତା ୮ତାରିଖରେ ମହାଶିବରାତ୍ରି। ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶନିବାର ଜିଲାପାଳ ଚଞ୍ଚଳ ରଣାଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜାଗର ଯାତ୍ରାର ନୀତିନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୮ତାରିଖ ଭୋର ୩ଟାରେ ମନ୍ଦିର ଖୋଲାଯିବା ସହ ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର କରାଯାଇଛି। ଏଥିରେ ଶ୍ରୀଜିଉଙ୍କ ସମସ୍ତ ପାଳିଆ ଓ ସେବାୟତ ମନ୍ଦିରରେ ଉପସ୍ଥିତ ପୂର୍ବକ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏଥିସହ ବିଭିନ୍ନ ଦାୟିତ୍ୱ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଶିବରାତ୍ରି ଦିନ ମୋ ବସ୍ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିବ। ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପରେ ଯଜମାନ ଦେଇଥିବା ଅମୁଣିଆ ଘିଅକୁ ଆଉ ଦୀପରେ ନ ଢ଼ାଳିବା ଉପରେ କଟକଣା କରାଯାଇଛି। ନିର୍ଦ୍ଦିଷ୍ଟ ସମର୍ଥା ସେବାୟତମାନେ ମନ୍ଦିର ଚୂଡ଼ାକୁ ଉଠିବେ। କେହି ଚୂଡ଼ାରେ ସେଲ୍ଫି ନେଇପାରିବେ ନାହିଁ। ଉତ୍ତରଦ୍ୱାର ନିକଟରେ ଆମ୍ବୁଲାନ୍ସ ସହ ଫ୍ୟାନ ରହିବା ନେଇ ସ୍ଥିର ହୋଇଛି। ମନ୍ଦିର ବେଢ଼ା ପରିଷ୍କାର ପରିଚ୍ଛନ୍ନତା, ପାଦୁକା ନାଳ ସଫା, ଆଲୋକୀକରଣ, ବ୍ୟାରିକେଡ୍, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ମୁତୟନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ତଦନୁଯାୟୀ କାର୍ଯ୍ୟ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଗର ଯାତ୍ରା ସମୟରେ ବିଭିନ୍ନ ସେବା ପ୍ରଦାନ ପାଇଁ ନିୟୋଜିତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯାଇ ସେମାନଙ୍କ

**ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ନେଇ ପ୍ରସ୍ତୁତି ବୈଠକ**

ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ମେୟର ସୁଲୋଚନା ଦାସ ଯୋଗଦେଇ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଏମ୍‌ସି ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ କୁମାର ପୂଜାପଣ୍ଡା, ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ସମର୍ଥା ନିଯୋଗର ପାପୁନି ସମର୍ଥା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ସାକ୍ଷୀଗୋପାଳ,୨।୩(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):

ସତ୍ୟବାଦୀ ବ୍ଲକ ଅଧୀନ ପରଜାପଡ଼ା ପଞ୍ଚାୟତ ବିଜିପୁର ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ତ୍ରିନାଥ ଭୋଇଙ୍କ ୪ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ମନୋଜ ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ତ୍ରିନାଥ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କୁ ପଚାରିବାରେ, ଅଭିଯୋଗ ଅନୁଯାୟୀ ତଦନ୍ତ ଚାଲିଛି। ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀଙ୍କ ସହିତ ଯୋଗାଯୋଗ କରାଯିବାରେ, ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆର୍ଆଇ ମମତା ବେହେରା ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ପଲିଥିନ ଓ ଅଗ୍ନିକାଣ୍ଡର କ୍ଷୟକ୍ଷତି ସମୀକ୍ଷା କରିଥିବା କହିଥିଲେ। ତୁରନ୍ତ ସରକାରୀ ସହାୟତା ଓ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଭୋଟର ସଚେତନତା, ପଞ୍ଜୀକରଣ କାର୍ଯ୍ୟକ୍ରମ

ନିମାପଡ଼ା,୨।୩ (ରଞ୍ଜନ ପଟ୍ଟନାୟକ):

କେନ୍ଦ୍ର ସରକାରଙ୍କ ଅଧୀନ କ୍ରୀଡ଼ା ଓ ଯୁବ ବିକାଶ ବିଭାଗ ଏବଂ ନେହେରୁ ଯୁବକେନ୍ଦ୍ର ପୁରୀ ସହାୟତାରେ, ନିମାପଡ଼ାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିହିଡ଼ା' ପକ୍ଷରୁ ସ୍ଥାନୀୟ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ଭୋଟର ସଚେତନ ଓ ପଞ୍ଜୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ନୂତନ ଭୋଟର ଏବଂ ଯୁବଗୋଷ୍ଠୀ ଅନଲାଇନ ମାଧ୍ୟମରେ ଫର୍ମଫିଲପ କରି ନାମ ପଞ୍ଜୀକୃତ କରିବା ସହିତ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ 'ନିହିଡ଼ା' ସମ୍ପାଦକ ଭକ୍ତବିହାରୀ ମିଶ୍ର ପରାମର୍ଶ ଦେଇଥିଲେ। ଉପସ୍ଥିତ ପ୍ରଶିକ୍ଷାର୍ଥୀ ମିଥ୍ୟା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ମତଦାନ କରିବାକୁ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଶିକ୍ଷକ ବିପିନ ବିହାରୀ ସାହୁ ପରାମର୍ଶ ଦେଇଥିଲେ। ମୋଟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଶଶୀଶେଖର ପଣ୍ଡା ଏବଂ ବିଭୁତି ଭୂଷଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସଂଯୋଜନା କରିଥିଲେ।

### ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଆଳିବାଡ଼ ଗ୍ରାମ ଆଳିହରିପୁର ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳୁଚରଣ ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଜିତ୍ ପଲାଇ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ କଣାସ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କଣାସ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ କାର୍ତ୍ତିକ ବେହେରା, ପୂର୍ବତନ ସହ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା, ବିରବର ପ୍ରଧାନ, ବ୍ରହ୍ମାନନ୍ଦ ମହାରଣା, ପ୍ରତାପ ଛୋଟରାୟ, ସୁଶାନ୍ତ ନରେନ୍ଦ୍ର, ପ୍ରହ୍ଲାଦ ମାନସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷକ ପରିଡ଼ାଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ ଛାତ୍ରୀଛାତ୍ର, ଗ୍ରାମବାସୀ, ପରିଚାଳନା କମିଟି ସଭ୍ୟସଭ୍ୟା ଓ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ଉପଢୌକନ, ମାନପତ୍ର, ଫୁଲହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପ୍ରାରମ୍ଭିକ ପର୍ଯ୍ୟାୟ ଅସ୍ତରଙ୍ଗ ବନ୍ଦର କାର୍ଯ୍ୟ ଆରମ୍ଭ

## ସମୁଦ୍ର ନିକଟବର୍ତ୍ତୀ ଦେବୀ ନଦୀରେ ମୃତ୍ତିକା ପରୀକ୍ଷଣ

ଅସ୍ତରଙ୍ଗ,୨।୩(ପ୍ରଦୀପ୍ତ ଦୀକ୍ଷିତ):

ଦୀର୍ଘ ଦିନର ପ୍ରଚେଷ୍ଟା ପରେ ପ୍ରସ୍ତାବିତ ବନ୍ଦର ନିର୍ମାଣ ପାଇଁ ହାଇଦ୍ରାବାଦସ୍ଥିତ ନବଯୁଗ କମ୍ପାନୀ ପକ୍ଷରୁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ସମୁଦ୍ର ନିକଟବର୍ତ୍ତୀ ଦେବୀ ନଦୀର ନୂଆଗଡ଼ରୁ ଗୁଣ୍ଡଳବା ମଧ୍ୟରେ ଅଞ୍ଚଳରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ମୃତ୍ତିକା ପରୀକ୍ଷଣ କାର୍ଯ୍ୟ ସ୍ୱତନ୍ତ୍ର ମେଶିନ ଦ୍ୱାରା କରାଯାଇଛି। ଭୂତଳ ମୃତ୍ତିକା ସମ୍ପର୍କରେ ପରୀକ୍ଷା ସ୍ଥିତି ପରୀକ୍ଷା କରାଯାଉଛି। ଗତ କିଛି ଦିନ ତଳେ ପୁରୀ ଉପଜିଲାପାଳ ଭବଚରଣ ସାହୁଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ସାମୁଦ୍ରିକ ଥାନା ନିକଟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବନ୍ଦର ପ୍ରତିଷ୍ଠା ପାଇଁ ୨୦୦୮ ଡିସେମ୍ବରରେ ନବଯୁଗ ଇଞ୍ଜିନିୟର କମ୍ପାନୀ ଲିମିଟେଡ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ବନ୍ଦର ପାଇଁ ଆବଶ୍ୟକ ଜମି ଅଧିଗ୍ରହଣରେ ଆଇନଗତ ପ୍ରତିବନ୍ଧକ ଯୋଗୁ କୋଟି କୋଟି ଟଙ୍କାର ପ୍ରକଳ୍ପ ଆଗେଇ ପାରୁ ନ ଥିଲା। ୨୦୨୧ରେ ମାମଲା ଫଇସଲା ହେବା ପରେ ଏବେ ବନ୍ଦର ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କମ୍ପାନୀ ପକ୍ଷରୁ କୋଟି କୋଟି ଟଙ୍କା ବିନିଯୋଗରେ ୩ଟି ପର୍ଯ୍ୟାୟରେ ବନ୍ଦର ନିର୍ମାଣ କାର୍ଯ୍ୟ ହେବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଏକର ଏକର ସ୍ଥାନୀୟ ଲୋକଙ୍କ ସ୍ଥିତିବାନ ଜମି ସହ ସରକାରୀ ଜମି ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ବନ୍ଦର ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳ ଯୁବକ ନିଯୁକ୍ତି ପାଇବେ ବୋଲି ସୂଚନା ମିଳିଛି।



# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ

କଣାସ,୨।୩(ବିଭୂତି ଭୂଷଣ ତ୍ରିପାଠୀ):

ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମତା ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଜନଶିକ୍ଷଣ ସଂସ୍ଥାନ ପୁରୀ ଦ୍ୱାରା ଆୟୋଜିତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଶନିବାର ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟାଯାଇଛି। କଣାସ ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ପ୍ରଥମ ପର୍ଯ୍ୟାୟରେ ୩ଟି କୌଳିକ ବୃତ୍ତିଧାରୀ ଯଥା ବାରିକ, ରାଜମିସ୍ତ୍ରୀ ଓ ସିଲେଇ ବର୍ଗର ମୋଟ ୯୦ଜଣ କାରିଗରଙ୍କୁ ବେସିକ୍ ସ୍କିଲିଙ୍ଗ ଟ୍ରେନିଙ୍ଗର ପ୍ରମାଣପତ୍ର ଦିଆଯାଇଥିଲା। ଉତ୍ସବରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, କଣାସ ବିଡିଓ ନାରାୟଣ ସାହୁ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିଚାଳକ ଦେବାଶିଷ ପ୍ରଧାନ, ଜନଶିକ୍ଷଣ ସଂସ୍ଥା ଅଧ୍ୟକ୍ଷ କଣ୍ଟୁରିଚରଣ ଚମ୍ପତି, ନୀଳାଚଳ ସେବା ପ୍ରତିଷ୍ଠାନ ପରିଚରଳନା ପରିଷଦ ସଦସ୍ୟ ସୁଦର୍ଶନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ର, ପୁରୀ ଜିଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ବିଭିନ୍ନ ଧନ୍ଦାମୂଳକ ତାଲିମ ସଂପର୍କରେ ବିବରଣୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଜିଲାର ବିଭିନ୍ନ ଗ୍ରାମରୁ ଆସିଥିବା ୯୦ଜଣ ହିତାଧିକାରୀ ତାଲିମ ପ୍ରମାଣପତ୍ର ଗ୍ରହଣ କରିଥିଲେ।



ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଶନିବାର ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟାଯାଇଛି।

# ବସ୍ ଚକାତଳୁ ଅଳ୍ପକେ ବର୍ତ୍ତିଲେ ବାଳକ

## ବସ୍, ଚାଳକ ଅଟକ

ଗୋପ,୨।୩( ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ – କୋଣାର୍କ ରାସ୍ତାର ଗୋପ ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଯାତ୍ରୀବାହୀ ବସ୍ ଚକାତଳୁ ଶନିବାର ଜଣେ ୯ ବର୍ଷୀୟ ବାଳକ ଅଳ୍ପକେ ରକ୍ଷା ପାଇଥିବା ଥାନା ପକ୍ଷରୁ ଜଣାପଡ଼ିଛି। ଘଟଣାସ୍ଥଳରେ ଗୋପ ଥାନା ଏଏସ୍ଆଇ ଜହୁର୍ ଖାଁ ପହଞ୍ଚି ଯାତ୍ରୀବାହୀ ବସ୍ ସହ ଚାଳକ ପ୍ରଦୀପ୍ତ ବେହେରାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ବାଳକଙ୍କ ହାତରେ ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ମଧ୍ୟାହ୍ନରେ କୁଶୁପୁରୁ ଅଞ୍ଚଳର ଜଣେ ବାଳକ ସାଇକେଲ ଯୋଗେ ଗୋପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଘରକୁ ଯାଉଥିଲେ। ଏକ ବସ୍ ଯାତ୍ରୀ ନେଇ ଗୋପ ଷ୍ଟେଟ ବ୍ୟାଙ୍କ ନିକଟ ଦେଇ ଭୁବନେଶ୍ୱର ଯାଉଥିବାବେଳେ ବାଳକ ଜଣଙ୍କ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଏହି ସମୟରେ ଚାଳକ ବେହେରା ବ୍ରେକ ମାରିଦେବାରୁ ବାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ଲଗ୍ନ ପୂଜା

ଚାରିଛକ,୨।୩(ଶିଶିର ସ୍ୱାଇଁ):

ନିମାପଡ଼ା ଅଞ୍ଚଳର ସାମାଜିକ କର୍ମୀ ଅରୁଣ ସାହୁଙ୍କ ତତ୍ତ୍ୱାବଧାନରେ କନ୍ତିଆ ସିଦ୍ଧ ମହାବୀର ଆଶ୍ରମ ପରିସରରେ ଏକ ନୂତନ ରାମ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଅର୍ପଣ ରଥ ପରିକ୍ରମା କରିବାକୁ ଶନିବାର ତିଥି ଲଗ୍ନ ଧରିବା ସହ ଏକ ହୋମ ପୂଜା ହୋଇଯାଇଛି। ପଣ୍ଡିତ ନିରଞ୍ଜନ ମିଶ୍ରଙ୍କ ଦ୍ୱାରା ପାଞ୍ଜି ଦେଖି ଦିନ ତାରିଖ ଲଗ୍ନ ତିଥି ଠିକ୍ ହୋଇଥିଲା। ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପାଇଁ ଚଳିତ ମାର୍ଚ୍ଚ ୧୪ରେ ଅପରାହ୍ନ ୨ଟାରୁ ୪ଟା ୪୫ ମିନିଟ୍ ମଧ୍ୟରେ ଶୁଭ ଅନୁକୂଳ ତିଥି ଧରାଯାଇଥିଲା। ଏହି ଅର୍ପଣ ରଥ ଆଶ୍ରମରୁ ନିର୍ଦ୍ଦିଷ୍ଟ ଦିନରେ ବାହାରି ଶ୍ରୀକ୍ଷେତ୍ର ପୁରୀକୁ ଯିବ। ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ଆଜ୍ଞା ମାଳ ପାଇଲା ପରେ ନିମାପଡ଼ାକୁ ଆସି ଅଞ୍ଚଳ ପରିକ୍ରମା କରିବା ପରେ ସାରା ରାଜ୍ୟରେ ପରିକ୍ରମା କରିବ ବୋଲି ସାମାଜିକ କର୍ମୀ ସାହୁ ସୂଚନା ଦେଇଥିଲେ। ହୋମ ପୂଜା କାର୍ଯ୍ୟକ୍ରମରେ ପୂଜକ ରାମଚନ୍ଦ୍ର ପଣ୍ଡା, ବାମଦେବ ପଣ୍ଡା ଓ ବରିଷ୍ଠ ଖବରଦାତା ଅକ୍ଷୟ ନାୟକ ସମେତ ୨ ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ପ୍ରାଚୀ ପରିକ୍ରମା ପଦଯାତ୍ରୀ ଦଳଙ୍କୁ ଭବ୍ୟ ସ୍ୱାଗତ

କାକଟପୁର,୨।୩(ଶୁଭଦର୍ଶନ ମିଶ୍ର):

ପୂଣ୍ୟତୋୟା ପ୍ରାଚୀନଦୀର ମାହାତ୍ମ୍ୟ ଓ ଐତିହ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାର ଚେଷ୍ଟା ଓ ଅବକ୍ଷୟମୁଖୀ ନଦୀର ପୁନରୁଦ୍ଧାର ଦାବିରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ପ୍ରାଚୀ ଉପତ୍ୟକାର ପ୍ରସିଦ୍ଧ ଅନ୍ଧ କପିଳେଶ୍ୱର ଶୈବପୀଠଠାରେ ତ୍ରୟୋଦଶ ପ୍ରାଚୀ ପରିକ୍ରମା ପଦଯାତ୍ରା ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପରମହଂସ ପ୍ରଜ୍ଞାନାନନ୍ଦ ଗିରି ମହାରାଜା ଏଥିରେ ତତ୍ତ୍ୱାବଧାନ କରିଥିଲେ। ଏହି ପଦଯାତ୍ରୀ ଦଳ ଶନିବାର କାକଟପୁର ପହଞ୍ଚିବା କ୍ଷଣି କାକଟପୁର ନାଗରିକ ମଞ୍ଚ ଓ କାକଟପୁର ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାରରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ ଜେନା, ଭାଗବତ ସ୍ୱାଇଁ ତାଙ୍କୁ ଶୁଦ୍ଧ ପାଣି ଓ ଫଳ ବଣ୍ଟନ କରିଥିଲେ। ପଦଯାତ୍ରୀ ଦଳ ମା' ମଙ୍ଗଳାଙ୍କୁ ଦର୍ଶନ କରିବା ସହିତ ଦେଉଳି ମଠଠାରେ ପହଞ୍ଚି ପ୍ରାଚୀ ସରସ୍ୱତୀଙ୍କୁ ବନ୍ଦାପନା କରି ପ୍ରାଚୀ ଆଳତି କରିଥିଲେ। ପଦଯାତ୍ରାରେ ପ୍ରଜ୍ଞାନ ନନ୍ଦଙ୍କ ସହିତ ମହନ୍ତ ଚିନ୍ତାମଣି ପର୍ବତ, ରାଧା ବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ମହାରାଜ ନୂଆ ମଠ ବାବାଜୀ ଦାମୋଦର ଦାସ, ବାବାଜୀ ରାମ ଦାସ, ବାବା ସତ୍ୟାନନ୍ଦ ଦାସ, ବାବା ଦୀନବନ୍ଧୁ ଦାସ, ସୁଧାନନ୍ଦ ଗିରି, ଜଗନ୍ନାଥ ଦାସ, ମହନ୍ତ ତ୍ରିଲୋଚନ ଦାସ, ସମର୍ପଣା ନନ୍ଦ ଗିରିଙ୍କ ସମେତ କ୍ରିୟା ଯୋଗ ଆଶ୍ରମର ସାଧୁ ବ୍ରହ୍ମଚାରୀ ଯୋଗଦେଇଛନ୍ତି। ଅନେକ ବିଦେଶିନୀ ମହିଳା ଭକ୍ତ ପରିକ୍ରମା ପଦଯାତ୍ରାରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।


ପ୍ରାଚୀନଦୀ କୂଳରେ ପ୍ରାଚୀ ପରିକ୍ରମା ପଦଯାତ୍ରା ପାଇଁ ପୂଜା କରାଯାଉଛି ।

# ହରିନାମ ସଂକୀର୍ତ୍ତନ, ଭାଗବତ ପାଠ

କାକଟପୁର,(ଶୁଭଦର୍ଶନ ମିଶ୍ର)/ କୋଣାର୍କ(ଜ୍ୟୋତିରାଜ ମହାନ୍ତି)୨।୩:

କାକଟପୁର ବ୍ଲକ ଅଧୀନ ଆଖୁରିଆ ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ଓ ସାମୁହିକ ହରିହାଟ ଭାଗବତ ପାଠ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଗ୍ରାମର ଛୁଆଠୁ ବୁଢ଼ା ଓ ସମସ୍ତ ଝିଅ ବୋହୂ ମହିଳା ମିଶି ହରି ନାମ ରସାମୃତ ପାନ କରିଥିଲେ। ସୁହାନପୁର ପଞ୍ଚାୟତ ଆଖୁରିଆ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମରେ ଦୀର୍ଘ ୨୬ ବର୍ଷ ହେବ ଅଷ୍ଟ ପ୍ରହର ନାମଯଜ୍ଞ ଆୟୋଜନ ହେଉଥିବାବେଳେ ୧୧ବର୍ଷ ଧରି ସାମୁହିକ ଭାଗବତ ପାଠ ତଥା ହରିହାଟ ମହା ଆଡ଼ମ୍ବରରେ ପାଳିତ ହେଉଛି। ଯାହା ସାରା ସମାଜକୁ ଆଧାତ୍ମିକ ବାର୍ତ୍ତା ଯୋଗାଇଛି। ହରିହାଟ କରିବାବେଳେ ଗ୍ରାମର ୬୪ଜଣ ଭାଗବତ ପାଠ କରିଥିଲେ। ଭାଗବତ ପ୍ରତି ଘରେ ବା ଗାଁରେ ପାଠ କରିବା ସହିତ କଳି ଯୁଗରୁ ବର୍ତ୍ତିବାକୁ ହେଲେ ହରି ନାମ ପାନ କରିବାକୁ ପଡ଼ିବ ବୋଲି ବରିଷ୍ଠ ନାଗରିକ ମାନେ ମତପ୍ରକାଶ କରିଛନ୍ତି। ଉତ୍ସବରେ ନିକଟ ଅଞ୍ଚଳର ପ୍ରାୟ ୧୨ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରି ନାମ ରସପାନ କରିଥିଲେ। ମହୋତ୍ସବକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।



ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକ ପାଳନ ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡେଲାଙ୍ଗ,୨।୩(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ଅଧୀନ ଜେନାପୁର ପଞ୍ଚାୟତର ବ୍ରାହ୍ମଣବାଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଦାଶିବ ବିଶ୍ୱାଳଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ହାକପଡା କ୍ଲଷ୍ଟର ସମେତ ବ୍ଲକର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ବିଶ୍ୱାଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ନ ହେଲେ ୪ରେ ବିଦ୍ୟାଳୟରେ ତାଲା ପକାଇବେ ଅଭିଭାବକ

## ଆବଶ୍ୟକ ଶିକ୍ଷକ ନ ଥିବା ନେଇ ବିଇଓଙ୍କୁ ଅଭିଯୋଗ

ଡେଲାଙ୍ଗ,୨।୩(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ରେଙ୍ଗଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବା ନେଇ ଅଭିଭାବକ ମଣ୍ଡଳୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୪୨ ଜଣ ଛାତ୍ରୀଛାତ୍ର ଅଧ୍ୟନ କରୁଥିବାବେଳେ ପ୍ରଧାନ ଶିକ୍ଷକ ଓ ୪ ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି। ଏନେଇ ବାରମ୍ବାର ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଭାବକ ମତବ୍ୟକ୍ତ କରିଛନ୍ତି। ସେହିପରି ବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ୧୫ ଦିନ ରହିଥିବାବେଳେ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଗଲା ଭଳି ମନେ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଯଥାଶୀଘ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ବିଦ୍ୟାଳୟରେ ତାଲା ପକାଯିବ। ଏନେଇ ଅଭିଭାବକ କାହ୍ନୁଚରଣ ମାଣିଆ, ଝୁନା ବେହେରା, ମନୋରଞ୍ଜନ ସ୍ୱାଇଁ, ଝରଣା ପରିଡ଼ା, ବିଜୁ ବେହେରା, ବାଘ ବେହେରା, ତପନ ମାଣିଆ, ଗୋବିନ୍ଦ ବରାଳ, ହାଲୁ ବରାଳ, ଜାହ୍ନକୁ ପରିଜା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମହିଳା ଚାଷୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ

ସାକ୍ଷୀଗୋପାଳ,୨।୩(ଭରତ ରାଉତ):

କେନ୍ଦ୍ରୀୟ ମହିଳା କୃଷି ବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ସହଯୋଗରେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଧୀନ ମହୁରା ପଞ୍ଚାୟତରେ ବନରାଜ କୁକୁଡ଼ା ଏବଂ ଆନୁସଙ୍ଗିକ ଉପକରଣ ସହିତ ମାଛ ଦାନା ମହିଳା ଚାଷୀଙ୍କୁ କୁକୁଡ଼ା ଚିଆଁ ବିତରଣ କରାଯାଇଥିଲା। ମହିଳା ବିକାଶ ସଂଗଠନ, ସିଦ୍ଧ ମହାବୀର ପାଟଣା, ପୁରୀ, ସମ୍ପାଦିକା ମଧୁସ୍ମିତା ସେନାପତି ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଏହି ବିତରଣ ପାଇଁ ମହିଳା ବିକାଶ ସଂଗଠନ ପକ୍ଷରୁ ସିଆଇଡବ୍ଲ୍ୟୁଏ ନିର୍ଦ୍ଦେଶିକା ଡ. ମୃଦୁଳା ଦେବୀଙ୍କୁ ଭୂୟସୀ ପ୍ରଶଂସା ଓ ଧନ୍ୟବାଦ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷା ଚିନାମଣି ମାଣିଆ, ଉପସଭାନେତ୍ରୀ ଜୟନ୍ତୀ ମିଶ୍ର, ଯୁଗ ସମ୍ପାଦିକା ସୁନେଇ ଦାସ ଓ ପ୍ରତିମା ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ଦିନରେ ସିଆଇଡବ୍ଲ୍ୟୁଏ ଭୁବନେଶ୍ୱର ମାଧ୍ୟମରେ ପୁରୀ ଜିଲାର ସମସ୍ତ ଗ୍ରାମ ପଞ୍ଚାୟତରେ ନାରୀ ସଶକ୍ତୀକରଣ ଏବଂ ଆତ୍ମ ନିର୍ଭରଶୀଳ ହେବାକୁ ଖସଡ଼ା ପ୍ରସ୍ତୁତ କରିବାକୁ ସଂଗଠନ ପକ୍ଷରୁ ନିର୍ଦ୍ଦେଶିକା ଡ. ଦେବୀଙ୍କୁ ଅନୁରୋଧ କରାଯାଇଥିଲା।


ମହିଳାଙ୍କୁ କୁକୁଡା ଚିଆଁ ବଣ୍ଟାଯାଇଛି ।

# ବ୍ଲକ୍ ଶିକ୍ଷା ବିଭାଗ ସମ୍ମୁଖରେ ପାଚିକା ସଂଘର ବିକ୍ଷୋଭ

କାକଟପୁର,୨।୩(ଶୁଭଦର୍ଶନ ମିଶ୍ର):

ପାରିଶ୍ରମିକ ବୃଦ୍ଧି ଦାବିରେ କାକଟପୁର ବ୍ଲକ ଶାଖା ମଧ୍ୟାହ୍ନ ଭୋଜନ ପାଚିକା ସଂଘ (ସିଆଇଟିୟୁ) ପକ୍ଷରୁ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଥିଲା। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ପଙ୍କଜିନି ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ପୁରୀ ଜିଲା ପାଚିକା ସଂଘ ସଭାପତି ପୀତବାସ ବେହେରା, ବ୍ଲକ ସଭାପତି ବାସନ୍ତି ବେହେରା, ସମ୍ପାଦିକା ଶୁଭଲକ୍ଷ୍ମୀ ସାହୁ, ରାଜ୍ୟନେତ୍ରୀ ବାସନ୍ତିଲତା ବେହେରାଙ୍କ ନେତୃତ୍ୱରେ କାକଟପୁର ଡାକ୍ତରଖାନା ଛକଠାରୁ ଶତାଧିକ ପାଚିକା ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ଚାକିରିଆଙ୍କ ଦରମା ଓ ଭତ୍ତା ଆଦି ବୃଦ୍ଧି କରୁଥିବାବେଳେ ପାଚିକାଙ୍କ ଦରମା ମାତ୍ର ୬ଶହ ଟଙ୍କା ବୃଦ୍ଧି ହୋଇ ୨ ହଜାରରେ ପହଞ୍ଚିଛି। ଉଭୟ ସରକାରଙ୍କ ପାଚିକାଙ୍କ ଦାବି କଥା ବୁଝିଲେନାହିଁ। ମାସିକ ୨ହଜାର ଟଙ୍କା ଦରମାରେ କେମିତି ଚଳିବୁ ବୋଲି ପାଚିକା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପାଚିକାଙ୍କ ପାଇଁ ପେନ୍ସନର ବ୍ୟବସ୍ଥା ନାହିଁ। ଆୟୋଜିତ ଏହି ବିକ୍ଷୋଭରେ ସଭାନେତ୍ରୀ ଟିକିନା ପାଲ, ସୁଶିଳା ସାହୁ, ସୁଲୋଚନା ଦାଶ, ମୀନତୀ ସାହୁ, ରୋଜାଲିନ ଗୁରୁ, ଗୀତାଞ୍ଜଳି କାଣ୍ଡି, ଗେଲି ପରିଡ଼ା, ସବିତା ସାହୁ, ଶାନ୍ତିଲତା ବାରିକ, ପ୍ରଭାତୀ ନନ୍ଦିନୀ ଦାସ, ବିନତି କାଣ୍ଡି, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ କର୍ମକର୍ତ୍ତା ଓ ପାଚିକା ଉପସ୍ଥିତ ଥିଲେ। କାକଟପୁର, ଅସ୍ତରଙ୍ଗ ବ୍ଲକ ଶତାଧିକ ପାଚିକା କର୍ମୀ ଏହି ବିକ୍ଷୋଭରେ ଯୋଗଦେଇଥିଲେ।



ପାଚିକା ସଂଘ ପକ୍ଷରୁ ବ୍ଲକ ଶିକ୍ଷା ବିଭାଗ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

## ସଂକ୍ଷେପରେ

### ଦୀପକଙ୍କୁ ଭୁବନେଶ୍ୱରରୁ ୧ ବର୍ଷ ପାଇଁ ତଡ଼ିପାର ନିର୍ଦ୍ଦେଶ

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ଭିଡ ବସ୍ତିରେ ରହୁଥିବା ନୟାଗଡର ଅପରାଧୀ ଦୀପକ ନାୟକଙ୍କୁ ତଡିପାର ନିର୍ଦ୍ଦେଶ ହୋଇଛି। ଭୁବନେଶ୍ୱର ଅର୍ବାନ ଜିଲା ପୋଲିସ ପକ୍ଷରୁ ଆପରାଧିକ ମାମଲା ପାଇଁ ଦୀପକଙ୍କୁ ୧ ବର୍ଷ ପାଇଁ ଭୁବନେଶ୍ୱରରୁ ତଡ଼ିପାର ନିର୍ଦ୍ଦେଶ ଦିଆଯାଇଛି। କ୍ୟାପିଟାଲ ଥାନା ଅଞ୍ଚଳର ପେଶାଦାର ତଥା ଅଭ୍ୟାସଗତ ଅପରାଧୀ ହେଉଛନ୍ତି ଦୀପକ। ତାଙ୍କ ନାମରେ ଚୋରି, ଛିନତାଇ, ଦାଦାବଟି, ଲୋକଙ୍କୁ ଧମକାଇବା ଭଳି ୧୦ ମାମଲା ରହିଛି । ଆଗକୁ ନିର୍ବାଚନ ଆସୁଥିବାରୁ ପେସାଦାର ଅପରାଧୀଙ୍କ ପ୍ରତି ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ସବୁ ଥାନା ଅଞ୍ଚଳରେ ଥିବା ପୁରୁଣା ତଥା ପେଶାଦାର ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରି ତୁରନ୍ତ ଗିରଫ କରିବା ସହ ସେମାନଙ୍କୁ ତଡିପାର କରିବାକୁ ଯୋଜନା ରଖିଛି କମିଶନରେଟ ପୋଲିସ।

### ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଲୋୟର ପିଏମଜିରେ ଅଞ୍ଚଳବାସୀ ଧାରଣା ଦେଇଛନ୍ତି। ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ନୀଳାଦ୍ରିପ୍ରସାଦ ଓ ଦାମିଆବରବରା ମାଡା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତିର ଆଦିବାସୀଙ୍କ ପାଇଁ ମୁଖ୍ୟ ଦପ୍ତର ଖୋର୍ଦ୍ଧା ୧୧୫ କିମିରୁ ଅଧିକ ଦୂରରେ ଅବସ୍ଥିତ ବୋଲି ଅଞ୍ଚଳବାସୀ ଦର୍ଶାଇଛନ୍ତି। ବାଣପୁରର ପ୍ରତ୍ୟେକ ବିଭାଗ ଦପ୍ତର ଉପଖଣ୍ଡର ମାନ୍ୟତା ପାଇ ସାରିଥିବାବେଳେ ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ। ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ବାଣପୁରକୁ ନିର୍ବାଚନ ମଣ୍ଡଳୀ ଭାବେ ଗ୍ରହଣ କରାଯାଇଥିବାବେଳେ ରାଜସ୍ୱ ଉପଖଣ୍ଡର ସଦର ମହକୁମା ବାଣପୁରରେ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ୪୦ କିମିରୁ ଊର୍ଦ୍ଧ୍ୱ ପରିମିତ ବାଣପୁର ଭୂଖଣ୍ଡ ହୋଇଥିବାବେଳେ ୨୦୧୧ ଜନଗଣନା ଅନୁସାରେ ଏଠାରେ ଜନସଂଖ୍ୟା ୧,୬୧,୨୭୬ରୁ ଅଧିକ ଏବଂ ବାଣପୁର ବ୍ଲକ୍ ଜନସଂଖ୍ୟା ୧,୨୫,୯୪୮, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସଂଖ୍ୟା ୧୭,୬୮୪, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସଂଖ୍ୟା ୧୭,୬୩୫ । ତେଣୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇବା ପାଇଁ ଏହି ଅଞ୍ଚଳ ଯୋଗ୍ୟ ବୋଲି ମତ ପ୍ରକାଶ ପାଇଛି। ବିଭିନ୍ନ ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାଏ ଦାବି ପୂରଣ ହୋଇନାହିଁ। ତେଣୁ ପୁଣିଥରେ ବିଭିନ୍ନ ବିଭାଗ ମାଧ୍ୟମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯାଇଥିବା ଅଞ୍ଚଳବାସୀ ଶେଷଦେବ ବରାଳ, ଅବିନାଶ ସାହୁ, ନିରଞ୍ଜନ ପ୍ରଧାନ, ଦେବରାଜ ସାହୁ, ଗିରିଧାରୀ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ଏନ୍‌ଟିପିସି ଇଞ୍ଜିନିୟର ଭୁବନେଶ୍ୱରରୁ ନିଖୋଜ

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)



ଏନ୍‌ଟିପିସିର ମେକାନିକାଲ ଇଞ୍ଜିନିୟର ତଥା ମଧ୍ୟପ୍ରଦେଶ ଗ୍ୱାଲିୟରର ବିଷ୍ଣୁ ସିଂ ଭୁବନେଶ୍ୱରରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ବଡ ଭାଇ ସତ୍ୟେନ୍ଦ୍ର ପ୍ରତାପ ସିଂ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ବିଷ୍ଣୁ ଓଡ଼ିଶା ଏନ୍‌ଟିପିସିରେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି। କୌଣସି କାମରେ ଦିଲ୍ଲୀ ଯିବାକୁ ସେ ଶୁକ୍ରବାର ରାତି ପ୍ରାୟ ୭ଟା ୨୦ରେ ଟ୍ରେନ୍ ଯୋଗେ ଆସି ଭୁବନେଶ୍ୱର ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଷ୍ଟେଶନରେ ପହଞ୍ଚିବା ପରେ ସେ ତାଙ୍କ ଭାଇଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ତାଙ୍କ ଫ୍ଲାଇଟ୍ ରାତି ପ୍ରାୟ ୧୨ଟା ୩୦ରେ ରହିଥିଲା। କିନ୍ତୁ ପରେ ତାଙ୍କ ଫୋନ୍ ସୁଇଚ ଅଫ୍ ଆସିଥିଲା। ପରିବାର ଲୋକେ ବାରମ୍ବାର ତାଙ୍କ ଫୋନ୍‌କୁ କଲ୍ କରିବା ପରେ କେହି ଜଣେ ଅଜଣା ବ୍ୟକ୍ତି ତାଙ୍କ ଫୋନ ଉଠାଇ ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଭରତପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଥିବା ଜଣାଇ କଲ୍ କାଟି ଦେଇଥିଲେ। ପରେ ତାଙ୍କ ଭାଇ ତୁରନ୍ତ ଫ୍ଲାଇଟ ଯୋଗେ ଭୁବନେଶ୍ୱରରେ ପହଞ୍ଚି ବିଭିନ୍ନ ଅଞ୍ଚଳ ଓ ହସ୍ପିଟାଲରେ ଖୋଜାଖୋଜି କରିଥିଲେ ମଧ୍ୟ ବିଷ୍ଣୁଙ୍କର କୌଣସି ଖୋଜ ଖବର ପାଇପାରି ନାହାନ୍ତି। ତେବେ ଏନେଇ ସେ ଜିଆରପି ଥାନାରେ ଅଭିଯୋଗ କରିବାକୁ କହିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ନ ଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ସୋସିଆଲ ମିଡିଆରୁ ପୁଅକୁ ଚିହ୍ନିଲେ

**ବିହାରରୁ ନିଖୋଜ ଯୁବକ ଭୁବନେଶ୍ୱରରୁ ଠାବ**

ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା)

ଦୀର୍ଘବର୍ଷ ଧରି ନିଖୋଜ ଥିବା ବିହାରର ଜଣେ ଯୁବକଙ୍କୁ ଭୁବନେଶ୍ୱର ପଟିଆ ଅଞ୍ଚଳରୁ ଠାବ କରିଛନ୍ତି ପରିବାର ଲୋକେ। ତାଙ୍କ ନାଁ ରାଜନ କୁମାର (୨୨)। ସେ ପ୍ରାୟ ଏକବର୍ଷ ହେବ ପଟିଆ ଅଞ୍ଚଳର ଏକ ହୋଟେଲରେ କାମ କରୁଥିଲେ। ତେବେ ରାଜନକୁ ପାଇବା ପରେ ପରିବାର ଲୋକେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା।

ସୂଚନାନୁସାରେ, ରାଜନ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ତାଙ୍କ ଗାଁ ଲୋକଙ୍କ ସହ ଦେବସରାଇ ରେଳ ଷ୍ଟେଶନ ଆସି ଟ୍ରେନ ଯୋଗେ ଓଡିଶା ଚାଲିଆସିଥିଲେ। ଭୁବନେଶ୍ୱର ରାସ୍ତାରେ ଭିକ୍ଷାବୃତ୍ତି କରୁଥିବା ଦେଖି ଜଣେ ବ୍ୟକ୍ତି ତାଙ୍କୁ ନେଇ ହୋଟେଲରେ ରହିବା ଖାଇବା ସହ ସେଠାରେ ନିଯୁକ୍ତି ଦେଇଥିଲେ। ହେଲେ ଠିକଣା ପଚାରିଲେ ସେ କିଛି ମନେ ପଡୁନାହିଁ ବୋଲି କହୁଥିଲେ। ହୋଟେଲ ମାଲିକଙ୍କର ଜଣେ ସମ୍ପର୍କୀୟ ତାଙ୍କର ଏକ ଭିଡିଓ କରି ସୋସିଆଲ ମିଡ଼ିଆରେ ଛାଡିଥିଲେ। ଉକ୍ତ ଭିଡିଓକୁ ଦେଖି ପରିବାର ଲୋକେ ନିଜ ନିଖୋଜ ପୁଅକୁ ଚିହ୍ନି ପାରିଥିଲେ। ପରେ ଟ୍ରେନ ଯୋଗେ ଭୁବନେଶ୍ୱର ଆସି ସୋସିଆଲ ମିଡ଼ିଆରେ ଦିଆଯାଇଥିବା ନମ୍ବରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ। ଶନିବାର ସେମାନେ ହୋଟେଲରେ ପହଞ୍ଚି ପୁଅକୁ ପାଖରେ ପାଇ କାନ୍ଦି ପକାଇଥିଲେ। ଏନେଇ ହୋଟେଲ ମାଲିକ ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ପୋଲିସକୁ ସୂଚନା ଦେଇ ରାଜନକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।



ପ୍ରିୟଦର୍ଶିନୀ ଡ୍ୟାନ୍ସ ମ୍ୟୁଜିକ୍ ଆଣ୍ଡ୍ ନାଟକ ସମାଜ ଭୁବନେଶ୍ୱର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ନାଟ୍ୟଧାରାରେ ପରିବେଷିତ ନାଟକ 'ଶେଷ କଥା'ର ଏକ ଦୃଶ୍ୟ।

## 'ଭରତପୁର ଜଙ୍ଗଲରେ ଏକ ସନ୍ଧ୍ୟା'

**ଏକାମ୍ର ୱାକ୍‌ସରେ ନୂଆ ଟ୍ରେଲ୍**

ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)

ଭୁବନେଶର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ପରିଚାଳିତ 'ଏକାମ୍ର ୱାକ୍ସ' ଅନ୍ତର୍ଗତ ଏକ ରୋମାଞ୍ଚକର ନୂଆ ଟ୍ରେଲ 'ଭରତପୁର ଜଙ୍ଗଲରେ ଏକ ସନ୍ଧ୍ୟା' ଆରମ୍ଭ ହୋଇଛି। ଏହି ନାଇଟ ଜଙ୍ଗଲ ସଫାରିରେ ଅତିଥିମାନେ ରାତି ସମୟରେ ଜଙ୍ଗଲରେ ବୁଲିବାର ରୋମାଞ୍ଚକର ଅନୁଭବ ପାଇପାରିବେ। ନାଇଟ ଜଙ୍ଗଲ ସଫାରି ପ୍ରତ୍ୟେକ ସପ୍ତାହାନ୍ତରେ ଆୟୋଜନ କରାଯିବ। ଏକାମ୍ର ହାଟରୁ ଏହି ଯାତ୍ରା ସନ୍ଧ୍ୟା ୬ଟା ୧୫ରୁ ଆରମ୍ଭ ହୋଇ ୮ଟା ୩୦ ପର୍ଯ୍ୟନ୍ତ ଚାଲିବ। ଅଭିଜ୍ଞ ଗାଇଡ୍‌ଙ୍କ ସହ ଏକ ସୁରକ୍ଷିତ ବସ୍‌ରେ ଅତିଥିମାନେ ୧ଘଣ୍ଟା ପାଇଁ ଭରତପୁରର ଘଞ୍ଚ ଜଙ୍ଗଲର ରହସ୍ୟମୟ ଦୁନିଆରେ ପ୍ରବେଶ କରିବେ। ଏହି ଦୁଃସାହସିକ ଯାତ୍ରାରେ ସେମାନେ ରାତ୍ରିଚର ଜଙ୍ଗଲି ଜୀବଙ୍କୁ ଦେଖିବା ସହ ଜଙ୍ଗଲ ବିଷୟରେ ଅଧିକ ଜାଣିବାକୁ ପାଇବେ। ରାତ୍ରିଚର ଜୀବଙ୍କର ବାସସ୍ଥାନ, ଜୀବଜଗତର ଗତିଶୀଳତା ଏବଂ ସେମାନଙ୍କର ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ବିଶେଷଜ୍ଞଙ୍କଠାରୁ ଜାଣିବାକୁ ପାଇବେ। ଚଳିତ ବର୍ଷ ଜାନୁଆରୀ ମାସରୁ ଆରମ୍ଭ ହେଇଥିବା 'ଏକାମ୍ର ୱାକ୍‌ସ'ର ବିଭିନ୍ନ ଟ୍ରେଲ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର, ଶନିବାର ଏବଂ ରବିବାର ଆୟୋଜନ କରାଯିବ। 'ପ୍ରକୃତିର ପଦଯାତ୍ରା', 'ଆମ ସଂସ୍କୃତି ଆମ ଐତିହ୍ୟ', 'କୋମଳ ମନର କୌତୂହଳ ଯାତ୍ରା' ସହିତ 'ଓଡ଼ିଆ ଖାଦ୍ୟ ପସରା' ଟ୍ରେଲ ମାଧ୍ୟମରେ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକମାନେ ଭୁବନେଶ୍ୱରର ପ୍ରାକୃତିକ ଏବଂ ଐତିହାସିକ ସୌନ୍ଦର୍ଯ୍ୟର ଆନନ୍ଦ ନେଉଛନ୍ତି। 'ଏକାମ୍ର ୱାକ୍'ରେ ସାମିଲ ହେବାପାଇଁ ଆଗ୍ରହୀ ବ୍ୟକ୍ତିମାନେ www.ekamrawalks.comରୁ କାର୍ଯ୍ୟକ୍ରମର ସମୟ ସାରଣୀ ଓ ରୁଟ୍ ବିଷୟରେ ଅଧିକ ସୂଚନା ପାଇବା ସହ ପଞ୍ଜୀକରଣ କରିପାରିବେ।

## କୁମ୍‌କୁମ୍ ମହାନ୍ତିଙ୍କୁ 'ନୃତ୍ୟ ନୈବେଦ୍ୟ ସମ୍ମାନ'



ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରାଙ୍ଗଣସ୍ଥ ଉତ୍କଳ ରଙ୍ଗମଞ୍ଚ ଠାରେ ଶନିବାର ନୃତ୍ୟନୈବେଦ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ନୃତ୍ୟ ନୈବେଦ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପରିବେଷଣରେ ବୃନ୍ଦ ମର୍ଦ୍ଦଳ ବାଦନକୁ ନେଇ ମଞ୍ଚକୁ ଆସିଥିଲେ ବାଦ୍ୟବାଣୀ ଅନୁଷ୍ଠାନର ଶିଳ୍ପୀମାନେ। ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଶିଳ୍ପୀ ସୌଭାଗ୍ୟ ନାରାୟଣ ଛୋଟରାୟ, ସୀତାକାନ୍ତ ଜେନା, ରୋହିତ ପ୍ରଧାନ ଏବଂ ବିଭୂତି ଭୂଷଣ ଚମ୍ପତି ପ୍ରମୁଖ ଆଦି ତାଳର ବହୁବିଧ ବିଭବ ବାଦନ କରିଥିଲେ। ପରେ ସଞ୍ଜୀବ ପ୍ରଧାନ ଏକକ ଓଡ଼ିଶୀ ନୃତ୍ୟରେ ରାଗ ସରସ୍ୱତୀ, ତାଳ ଖେମଟାରେ ନିବଦ୍ଧ 'ସରସ୍ୱତୀ ପଲ୍ଲବୀ' ଏବଂ ଅଭିନୟରେ ରାଗ ରାଗମାଳିକା, ତାଳ ତାଳମାଳିକାରେ ନିବଦ୍ଧ 'ଶୃତାପକ୍ଷୀ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ଗୁରୁ ରାମହରି ଦାସ ଦେଇଥିବାବେଳେ ବାଦ୍ୟରେ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟକୁ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ନୃତ୍ୟ ନୈବେଦ୍ୟର କଳାକାର ଦଳଗତ ଓଡ଼ିଶୀ ନୃତ୍ୟରେ 'ଷଡରିପୁ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ମାତୃପ୍ରସାଦ ଦାସ ଦେଇଥିବାବେଳେ ବାଦ୍ୟରେ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟଗୁରୁ ପ୍ରଭାତ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ରତିକାନ୍ତ ମହାପାତ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ଆଜିଠୁ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ

କଟକ,୨।୩ (କାର୍ତ୍ତିକ ସାହୁ)

କଟକ ଜିଲାରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ ମାର୍ଚ୍ଚ ୩ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋଟିଏ ପର୍ଯ୍ୟାୟରେ ଜିଲାରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯିବ। ଜିଲାର ମୋଟ୍ ୨,୩୬,୨୬୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ୩ ଦିନିଆ ପଲ୍‌ସ ପୋଲିଓ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଜିଲାର ମୋଟ୍ ୧୧୫୬ଟି ବୁଥ୍ ନିମନ୍ତେ ୨୩୧୨ ଟିମ୍ ଓ ୨୩୮ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ସେହିପରି ୫୩ ଟ୍ରାଞ୍ଜିଟ୍ ପଏଣ୍ଟ ଓ ୨୬ଟି ମୋବାଇଲ୍ ଟିମ୍ ଗଠନ କରାଯାଇଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ଟୋଲ୍‌ଗେଟ୍ ଓ ଇଟାଭାଟିରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିଭାଗ ସମେତ ସମସ୍ତ ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଅତିରିକ୍ତ ଜିଲାପାଳ ଶିବ ଟପୋ କହିଛନ୍ତି।

## ଡବ୍ଲ୍ୟୁଏସ୍‌ସିରେ ଖୋଲିବ ଏସ୍‌ଏଆଇ କେନ୍ଦ୍ର



**ସିଙ୍ଗାପୁରସ୍ଥିତ ଆଇଟିଇଏସ ସହ ବୁଝାମଣାପତ୍ର ସ୍ୱାକ୍ଷର**

ଭୁବନେଶ୍ୱର, ୨।୩(ଅସମାପିକା ସାହୁ)

ସାରା ବିଶ୍ୱରେ ଏବେ ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ଆବଶ୍ୟକତା ବଢ଼ି ଚାଲିଛି। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଓଡ଼ିଶାର ଯୁବପିଢ଼ି ତାଲିମ ନେଇ କିପରି ନିଜ ଦକ୍ଷତା ବୃଦ୍ଧି କରିପାରିବେ ସେଥିପାଇଁ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ରେ ଏକ 'ସ୍ୱାର୍ଣିଆଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'(ଏସ୍‌ଏଆଇ) କେନ୍ଦ୍ର ସ୍ଥାପନ କରାଯିବ। ଏନେଇ ଶୁକ୍ରବାର ସିଙ୍ଗାପୁରସ୍ଥିତ ଆଇଟିଇ ଏଜୁକେଶନ ସର୍ଭିସେସ୍(ଆଇଟିଇଏସ୍) ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଡବ୍ଲ୍ୟୁଏସ୍‌ସିଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏଥିରେ ଡବ୍ଲ୍ୟୁଏସ୍‌ସିର ସିଓଓ ତଥା ବିଭାଗୀୟ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଏବଂ ଆଇଟିଇଏସର ସିଇଓ ବ୍ରୁସ୍ ପୋହ ଦସ୍ତଖତ କରିଥିଲେ। ଏହି ସମୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଉଷା ପାଢ଼ୀ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି 'ସ୍ୱାର୍ଣିଆଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' କେନ୍ଦ୍ର ୨୦୨୫ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗାପୁରର ଆଇଟିଇଏସ୍ ସହଯୋଗିତାରେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ତା'ଛଡ଼ା ଅତ୍ୟାଧୁନିକ ଲାବୋରେଟୋରି ଏବଂ ଡିଜିଟାଲ ଲର୍ନିଂ ସେଣ୍ଟର ସ୍ଥାପନ କରାଯିବା ସହ ଅନ୍ତର୍ଜାତୀୟମାନର ଉପକରଣ ଆଦି ଯୋଗାଇ ଦିଆଯିବ। ଫଳରେ ଛାତ୍ରୀଛାତ୍ର ଅତ୍ୟାଧୁନିକ ଏଆର୍, ଭିଆର୍ ଏବଂ ଏକ୍ସଆର୍ ଆଦି ବ୍ୟବହାର କରି ବିଭିନ୍ନ ବିଷୟରେ ତାଲିମ ନେବା ସହ ନିଜର ଜ୍ଞାନର ପରିସୀମାକୁ ବ୍ୟାପକ କରିପାରିବେ।

## କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ପ୍ରତିନିଧି ଦଳର ନନ୍ଦନକାନନ ପରିଦର୍ଶନ

ବାରଙ୍ଗ,୨।୩(ଲିଙ୍ଗରାଜ ରାଉତ)

କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ୨ ଜଣିଆ ପ୍ରତିନିଧି ଦଳ ଶନିବାର ନନ୍ଦନକାନନ ପରିଦର୍ଶନରେ କରିଛନ୍ତି। ଏହି ପ୍ରତିନିଧି ଦଳରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଟେକ୍ନିକାଲ କମିଟି ସଦସ୍ୟ ତ୍ୟାଗି ଏବଂ ମନିଟରିଂ ଇଭାଲ୍ୟୁଏଶନ ଅଫିସର ଡାଭିନ୍ଦର କୁମାର ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଆସିବା ସୂଚନା ପୂର୍ବରୁ ଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ପୂର୍ବ ପ୍ରସ୍ତୁତି ମୁତାବକ ସଜାଗ ଥିଲେ। ପ୍ରତି ୩ ବର୍ଷ ବ୍ୟବଧାନରେ କେନ୍ଦ୍ରୀୟ ଚିଡ଼ିଆଖାନା ପକ୍ଷରୁ ଦେଶର ବିଭିନ୍ନ ଚିଡ଼ିଆଖାନାକୁ ଯାଇ ଅନୁଧ୍ୟାନ କରାଯାଇଥାଏ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନୀତି ନିୟମ ଓ ସର୍ତ୍ତାବଳୀକୁ ଅନୁପାଳନ କରି ଚିଡ଼ିଆଖାନା କିପରି ଚାଲୁଛି ଆସିଥିବା ଦଳ ଏହାକୁ ଅନୁଧ୍ୟାନ କରି ଫେରିବା ପରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପାଖରେ ଏକ ରିପୋର୍ଟ ପେଠ କରାଯାଏ। ଏହା ପରେ କର୍ତ୍ତୃପକ୍ଷ ପୁନଃ ଚିଡ଼ିଆଖାନାକୁ ୩ ବର୍ଷ ପାଇଁ ଚଳାଇବାକୁ ଅନୁମତି ମିଳିଥାଏ। ଏହି ଆଧାରରେ ଆସିଥିବା ପ୍ରତିନିଧି ଦଳ ନନ୍ଦନକାନନର ବିଭିନ୍ନ ଏନ୍‌କ୍ଲୋଜର, ପ୍ରାଣୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା, ଚିକିତ୍ସାଳୟର ସୁବିଧା, ଦର୍ଶକ ଗ୍ୟାଲେରି, ପ୍ରାଣୀଙ୍କ ବିଷୟରେ ଥିବା ନାମଫଳକ ଓ ସବିଶେଷ ବିବରଣୀ, ନିସଙ୍ଗ ଜୀବନ ଜିଉଥିବା ପ୍ରାଣୀଙ୍କ ପାଇଁ ସାଥୀ ଆଣିବା ବ୍ୟବସ୍ଥା, ନୂଆ ପ୍ରାଣୀଙ୍କ ଲିପିବଦ୍ଧ ତାଲିକା, ସୁରକ୍ଷା ପ୍ରାଚୀର, ପରିଷ୍କାର ପରିଚ୍ଛନ୍ନତା, ତାରଜାଲି ରଙ୍ଗ, ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଆଦି ବିଷୟରେ ତର୍ଜମା କରିବା ସହ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଏହି ଦଳ ବୃନ୍ଦଙ୍ଗ ସହ ବଟାନିକାଲ ଗାର୍ଡେନ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳଙ୍କ ସହ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସାଙ୍ଗରେ ରହି ପରିଦର୍ଶନ କରାଇଥିଲେ। ତେବେ ସ୍ୱତନ୍ତ୍ର ଭାବେ ଏହି ପ୍ରତିନିଧି ଦଳ ରାଜ୍ୟର ରାଉରକେଲାର ଇନ୍ଦିରା ଗାନ୍ଧୀ ପାର୍କ ଓ ନନ୍ଦନକାନନକୁ ତର୍ଜମା କରିବାକୁ ୫ ଦିନ ପାଇଁ ଆସିଥିବା ଜଣାପଡ଼ିଛି।

## ଏକାମ୍ରରେ ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଅଭିଯାନ




ପୁରୁଣା ଭୁବନେଶ୍ୱର,୨।୩(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ଶନିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାଗମରା ବରବାରିଠାରୁ ଧର୍ମବିହାର, ଜାଗମରା ଗ୍ରାମ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରିମୟୀ ମିଶ୍ରଙ୍କୁ ଅନ୍ତେବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଜାଗମରା ସିଦ୍ଧେଶ୍ୱର ମନ୍ଦିରର ମଣ୍ଡପ ଉଦ୍‌ଘାଟନ, ବିଶ୍ୱେଶ୍ୱର ମନ୍ଦିର ଗୋଷ୍ଠୀ ଗୃହ, ଗ୍ରୀନ ପାର୍କ ୱେଲ ଫାୟାର ଗୋଷ୍ଠୀଗୃହକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ସେହିପରି ଅପରାହ୍ନରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ପୁନାମାଗେଟ, କୁଞ୍ଜପାଟଣା ସାହି, ଗୋଷାଗରେଶ୍ୱର ଛକ, ବଡ଼ଦାଣ୍ଡ, ବଢ଼େଇବାଙ୍କ ଛକ, ଜମେଶ୍ୱର ପାଟଣା,ବଣିଆ ସାହି, ମଙ୍ଗଳା ସାହି, ହରଚଣ୍ଡି ସାହି, ହରଚଣ୍ଡି ବାରିକ ସାହି, ମିଶ୍ର ସାହି, ଗୋଡ଼ିପୋଖରି ସାହି, ପଣସ ତୋଟା ଏବଂ ଡାକ ବଙ୍ଗଳା ଛକ ଅଞ୍ଚଳ ପରିକ୍ରମା ବେଳେ ବିଭିନ୍ନ ସାହିର ମୁରବୀ, ନିଯୋଗ ସମିତିର କର୍ମକର୍ତ୍ତା ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, କର୍ପୋରେଟର ଶିବ ପ୍ରସାଦ ବେହେରା, ମହାମାୟା ସ୍ୱାଇଁ, ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ଛବି ଦାସ, ରୁନୁ ଜେନା, ରଘୁ ସାହୁ, ଦାଶରଥି ଗରାବଡୁ, ସମରେଶ ବେଉରା, ରାଜେଶ ପାତ୍ର, ଶିବ ପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଛବି ସ୍ୱାଇଁ, ଗୋପାଳ ମକଦମ, ଅମରେନ୍ଦ୍ର ଗରାବଡୁ, ହେମାଦ୍ରି ମହାପାତ୍ର, ଦିବ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିମଳ କିଶୋର ମିଶ୍ର କିମ୍ବଦନ୍ତୀ ପୁରୁଷ ଥିଲେ

ଭୁବନେଶ୍ୱର, ୨।୩ (ବନ୍ଦନା ସେଠୀ)



ବିମଳ କିଶୋର ମିଶ୍ର ଓଡିଶାର ପ୍ରଶାସନିକ, ବୌଦ୍ଧିକ, ସାଂସ୍କୃତିକ, ଶିକ୍ଷା ତଥା ଇତିହାସରେ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ। ତାଙ୍କର ନିଷ୍ଠା, ବିଚାରଧାରା, ଭାରତୀୟ ପ୍ରଶାସନ ସର୍ବୋପରି ଓଡ଼ିଶାର ଶିକ୍ଷା ଜଗତକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ଉତ୍ତରପୁରୁଷ, ପ୍ରଶାସନ ଓ ଶିକ୍ଷାବିତ୍ ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ। ଶନିବାର ସୂଚନା ଭବନଠାରେ ବିମଳ କିଶୋର ମିଶ୍ର ଶତବାର୍ଷିକୀ କାର୍ଯ୍ୟକ୍ରମ ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଏଥିରେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନ ଓ ସାଧନା ବାସ୍ତବରେ ଅନୁକରଣୀୟ ବୋଲି ମତ ଦେଇଥିଲେ। ସ୍ମୃତି କମିଟି ଅଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା ସଭାପତିତ୍ୱ କରି ସ୍ୱର୍ଗତ ମିଶ୍ର ପ୍ରଶାସନିକ ସଂସ୍କାରରେ ଅଦ୍ୱିତୀୟ, ସଂସ୍କୃତିସଂପନ୍ନ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସେହିପରି ସହନଶୀଳତା ତାଙ୍କର ପରିଭାଷା ଥିଲା ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ମାରକ ପ୍ରାଧୀକରଣର ଅଧ୍ୟକ୍ଷ କିଶୋର କୁମାର ବସା 'ପ୍ରଥମ ବିମଳ କିଶୋର ସ୍ମାରକୀ' ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡିଶାର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ, ସମସ୍ୟା ଓ ସମ୍ଭାବନା ଶୀର୍ଷକ ବକ୍ତବ୍ୟ ପ୍ରଦାନ କରି ଓଡିଶାର ପ୍ରତ୍ନତତ୍ତ୍ୱ ପ୍ରାଚୀନ ଓ ଏହା ଅନେକ ସଂସ୍କୃତିର ବିଚାର ଭାବ ବହନ କରେ ବୋଲି ମତ ଦେଇଥିଲେ। କମିଟିର ସଂପାଦକ ଡ. ବିଜୟାନନ୍ଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ୱର୍ଗତ ବିମଳ ମିଶ୍ର ଗଣିତ, ସଂସ୍କୃତ, ସଂସ୍କୃତି ଓ ଶିକ୍ଷାର ପ୍ରଗାଢ଼ ଜ୍ଞାନର ଅଧିକାରୀ ଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିମଳ କିଶୋର ମିଶ୍ର ଶତବାର୍ଷିକୀ ସ୍ମରଣିକା 'ଶ୍ରଦ୍ଧେୟ ସ୍ମୃତିରେଖା' ସହିତ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର ଶଶିକାନ୍ତ ମିଶ୍ରଙ୍କ ରଚିତ ବିମଳ କିଶୋର ମିଶ୍ରଙ୍କ ଜୀବନୀ ସଂପର୍କିତ ପୁସ୍ତକ 'ଅବିଚଳ ବିମଳ' ଓ ଏହାର ଇଂରାଜୀ ଅନୁବାଦର ଦ୍ୱିତୀୟ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାରୋହରେ କର୍କଟ ରୋଗ ସମ୍ପର୍କରେ ବିଶେଷ ଗବେଷଣା ପାଇଁ ବିମଳ କିଶୋରଙ୍କ ଧର୍ମପତ୍ନୀଙ୍କ ନାମରେ କ୍ଷେତ୍ରମଣି ସ୍ମାରକୀ ପୁରସ୍କାର ଡା. ବି.ସୁରାଗାଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ବିମଳ କିଶୋର ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଡାକ ଲଫାଫା ମଧ୍ୟ ଉନ୍ମୋଚିତ ହୋଇଥିଲା। ସେହିପରି ଏକ ସଂକ୍ଷିପ୍ତ ବୃତ୍ତଚିତ୍ର 'କର୍ମଯୋଗୀ ବିମଳ କିଶୋର' ପ୍ରଦର୍ଶନ କରାଯାଇଥିଲା। କମିଟିର ସଦସ୍ୟ ଦେବସ୍ମାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫଳ ପ୍ରକାଶିତ

ବଡମ୍ବା, ୨।୩(ମାୟାଧର ମଲ୍ଲିକ)

କଟକ ଜିଲା ବଡମ୍ବା ବ୍ଲକର ଆଦର୍ଶ ବିଦ୍ୟାଳୟର ଫଳ ଶନିବାର ପ୍ରକାଶିତ ହୋଇଛି। ଏଥିରେ ସାଧାରଣ ବର୍ଗରେ ପ୍ରଥମ ସ୍ଥାନରେ ରହିଥିବା ସ୍ୱାତୀ ସୋନୀ ପ୍ରିୟଦର୍ଶିନୀ ୬୦ରୁ ୫୭ନମ୍ବର ରଖିଛନ୍ତି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ୪୫ ନମ୍ବର ସର୍ବନିମ୍ନ କଟଅଫ ମାର୍କ ରଖା ଯାଇଛି। ସେଭଳି ଅନୁସୂଚିତ ବର୍ଗରେ ସର୍ବାଧିକ ୪୭ ନମ୍ବର ଯାଇଥିଲାବେଳେ ୩୮ ନମ୍ବର ସର୍ବନିମ୍ନ ରଖାଯାଇଛି। ମୋଟ ୮୦ ଜଣଙ୍କୁ ନାମଲେଖା ପାଇଁ ଆହ୍ୱାନ କରାଯାଇଛି। ଉକ୍ତ ଫଳାଫଳରେ ସରସ୍ୱତୀ ଶିଶୁମନ୍ଦିରର ୩ ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଶ୍ରେୟସ ସ୍ଥିତପ୍ରଜ୍ଞ, ଏସ.ଆର. ସ୍ୱୟଂ ସ୍ୱରାଜ ରାଉତ ଏବଂ ଡି.ଏସ.ରୁଦ୍ରାକ୍ଷ। ଏହାବ୍ୟତୀତ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ସ୍ନେହାଶ୍ରୀ ସିଂହ ମଧ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ସାଲେପୁର,୨।୩(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ଅନ୍ତର୍ଗତ ମଧକଛ ପଞ୍ଚାୟତରେ ଥିବା ଶ୍ରୀଶ୍ରୀ ଲକ୍ଷ୍ମୀନୃସିଂହ ପୀଠରେ ୯ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଯଜ୍ଞାନୁଷ୍ଠାନରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା,କଳସ ପୂଜା ଓ ନିତ୍ୟ ଘୃତାହୁତି ସହ ସନ୍ଧ୍ୟାଆଳତି ପରେ ବିଶ୍ରାମ ହୋଇଥାଏ । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଛୋଟ ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷ ଦୁଇ ରାତି ଶ୍ରୀ ଲକ୍ଷ୍ମୀନୃସିଂହ ଆଞ୍ଚଳିକ ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ କରାଯାଇଥିଲା । ପୂର୍ଣ୍ଣାହୁତି ଉତ୍ସବରେ ୧୫,୦୦୦ ଭକ୍ତ ପ୍ରସାଦ ସେବନ କରିଥିଲେ। ଯଜ୍ଞ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ପୋଲିସ ପ୍ରଶାସନ , ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକ ସହଯୋଗ କରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ଆନୁକୂଲ୍ୟରେ ନିଶୁଳ୍କ ଜୋତା ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଥିଲା। ଟାଙ୍ଗି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନବିଧାୟକ ପ୍ରକାଶ ବେହେରା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶ୍ରୀଶ୍ରୀ ଲକ୍ଷ୍ମୀନୃସିଂହ ମହାପ୍ରଭୁ ଟ୍ରଷ୍ଟବୋର୍ଡ ଓ ବିଶ୍ୱଶାନ୍ତି ମହାଯଜ୍ଞ କମିଟିର ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଛି।



# କର୍କଟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ପ୍ରୟାସ

## ଏଏଚ୍‌ପିଜିଆଇସି ସମ୍ପ୍ରସାରଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

କଟକ,୨।୩(ଶିଲ୍ପା ପ୍ରିୟଦର୍ଶିନୀ)



କାର୍ଯ୍ୟକ୍ରମରେ ବିଧାୟକ, ମେୟର, ଜିଲାପାଳ, ସିଡିଏ ଅଧକ୍ଷ ଓ ରାଜ୍ୟ ସଭା ସଦସ୍ୟଙ୍କ ସମେତ ଅନ୍ୟମାନେ।

କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ର (ଏଏଚ୍‌ପିଜିଆଇସି)ର ସମ୍ପ୍ରସାରଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏନେଇ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ର ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କହିଛନ୍ତି, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହାକୁ କେବଳ କଥାରେ ନୁହେଁ କାମରେ ପରିଣତ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୋଟିଏ ଜୀବନ ମୂଲ୍ୟବାନ। ଏହାକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ କରାଯାଉଛି। କର୍କଟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସହ ସମସ୍ତ ସୁବିଧା ଯୋଗାଇ ଦେବା ନେଇ ମୁଖ୍ୟମନ୍ତ୍ରୀ ଏଭଳି ପ୍ରୟାସ କରିଥିବା ବିଶ୍ୱାଳ କହିଛନ୍ତି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି, କେବଳ ଓଡ଼ିଶା ନୁହେଁ ସମଗ୍ର ବିଶ୍ୱରେ ଏହି ମେଡିକାଲ କର୍କଟ କେନ୍ଦ୍ର ଭାବେ ଏକ ମୁଖ୍ୟ ମେଡିକାଲ ହୋଇପାରିଛି। ଏଠାରେ ରୋଗୀଙ୍କ ସମସ୍ତ ସୁବିଧାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରି ଆଉ ଏକ ଇତିହାସ ରଚିଛନ୍ତି ବୋଲି ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଜିଲାପାଳ ବିନୀତ୍ ଭରଦ୍ୱାଜ, ସିଡିଏ ଅଧକ୍ଷ ଅନିଲ ସାମଲ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ୯୫୦ କୋଟି ଟଙ୍କା ବ୍ୟୟରେ ଜି ପ୍ଲସ୍-୧୫ ମହଲାର ନିର୍ମାଣ କାର୍ଯ୍ୟ ଓବିସିସିକୁ ଦିଆଯାଇଛି। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ରକୁ ନୂଆ ରୂପ ଦେଇ ବେଡ୍ ସଂଖ୍ୟା ୧୦୦୦କୁ ବୃଦ୍ଧି କରିବା, ଆଇସିୟୁ ସଂଖ୍ୟା ୯୦ ଓ କ୍ୟାବିନ୍ ସଂଖ୍ୟା ୫୦କୁ ବୃଦ୍ଧି କରିବା ପାଇଁ ଯୋଜନା ରହିଛି। ଏବେ ଏହି କେନ୍ଦ୍ରରେ ୫୦୦ ବେଡ୍ ଥିବାବେଳେ ଆଗାମୀ ଦିନରେ ଆଉ ୫୦୦ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ଓଟି କମ୍ପ୍ଲେକ୍ସକୁ ବୃଦ୍ଧି କରାଯାଇ ୧୦ ଆଇସିୟୁ ବେଡ୍‌କୁ ୯୦ ଓ ୨୪ଟି କ୍ୟାବିନ୍‌କୁ ୫୦କୁ ବୃଦ୍ଧି କରିବା ପାଇଁ ଯୋଜନା କରାଯାଇଛି। ୧୫ ମହଲା ଟାୱାରରେ ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆହାର କେନ୍ଦ୍ର ଓ ଅଡିଟୋରିୟମ୍ ବ୍ୟବସ୍ଥା କରାଯିବ।

# ଗ୍ରାମାଞ୍ଚଳ ଯୁବକଙ୍କୁ ପ୍ରୋତ୍ସାହନ ଦିଆଯାଉ

ନିଶ୍ଚିନ୍ତକୋଇଲି, ୨।୩
(ଅଶୋକ କୁମାର ମହାପାତ୍ର)

ଯୁବଶକ୍ତି ରାଷ୍ଟ୍ର ଗଠନରେ ସ୍ୱତନ୍ତ୍ର ସ୍ଥାନ ପାଇଥାନ୍ତି। ଗ୍ରାମାଞ୍ଚଳର ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହନ ମିଳିଲେ ସେମାନେ ନିଜ ଦକ୍ଷତା ପ୍ରତିପାଦନ କରିପାରିବେ। କିନ୍ତୁ ବଣମଲ୍ଲୀ ବଣରେ ମଉଳିଲା ଭଳି ଯୁବଶକ୍ତିକୁ ଜାଗରଣ କରାଯାଇପାରୁନାହିଁ। ଯୁବକଙ୍କ ପ୍ରତିଭାର ବିକାଶରେ ସରକାର ଦୃଷ୍ଟି ଦେଉନାହାନ୍ତି। ଜାତୀୟ କଂଗ୍ରେସ ଦଳ ସଦାବେଳେ ଯୁବ ଶକ୍ତି ଜାଗରଣ ପାଇଁ ପ୍ରୟାସ କରିଆସିଛି ବୋଲି ଦହପଡା ଯୁବା ସଂଘର ରୌପ୍ୟ ଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହମ୍ମଦ ସଦାମଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିସିସି ସଭ୍ୟ ପ୍ରଦିପ୍ତ ଦାସ ଯୋଗଦେଇ ଗ୍ରାମାଞ୍ଚଳରେ ଯୁବଶକ୍ତିର ଜାଗରଣ ପାଇଁ ଆହ୍ୱାନ ଦେବା ସହ କ୍ରିକେଟ ଏକ ଲୋକପ୍ରିୟ ଖେଳରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଇଂ.ସିଦ୍ଧାର୍ଥ ଦାଶ ଯୋଗଦେଇ ଯୁବକମାନେ ସକରାତ୍ମକ ଚିନ୍ତା ଓ ଚେତନାକୁ ଜାଗ୍ରତ କରି କୌଣସି କାର୍ଯ୍ୟକଲେ ସଫଳତା ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ତଫିମୁଲ କନିୟନ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ୧୬ଟି କ୍ରିକେଟ ଦଳକୁ ନେଇ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଦୀଲିପ ରାଉତ, ଯୁବନେତା ସଞ୍ଜୟ ବେହେରା ସମେତ ବହୁ ସଂଖ୍ୟାଲଘୁ ନେତୃମଣ୍ଡଳୀ ଯୋଗଦେଇଥିଲେ।




ଦହପଡା ଯୁବକ ସଙ୍ଘର ରୌପ୍ୟଜୟନ୍ତୀରେ ମଞ୍ଚାସୀନ ଅତିଥିମାନେ।

# ଓଡ଼ିଶାକୁ ଉଚ୍ଚତର ସୋପାନରେ ପହଞ୍ଚାଇବାରେ ମହାନାୟକ ସାଜିଛନ୍ତି ମୁଖ୍ୟମନ୍ତ୍ରୀ



ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଥିବା ବେଳେ ନିକଟରେ ବିଧାୟକ ଓ ଅନ୍ୟମାନେ।

## ୨୨୯୬ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ, ଶୁଭାରମ୍ଭ

ବଡ଼ମ୍ବା, ୨।୩(ମାୟାଧର ମଲ୍ଲିକ )

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଆଭାସି ମାଧ୍ୟମରେ ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏନେଇ ବଡ଼ମ୍ବା କଲେଜ ପଡିଆରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ଏହ ଅବସରରେ ହାଡୁଆ ମଧମ ସେତୁ ପ୍ରକଳ୍ପର ଡ୍ୟାମ, କେନାଲ ସିଷ୍ଟମ ଓ କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହ ମହାନଦୀରେ ଗୋପୀନାଥପୁର ବୈଦେଶ୍ୱର ଟି-ସେତୁ ସଂଲଗ୍ନ ଅନ୍ତଃସ୍ରୋତ ସଂରକ୍ଷଣ ବ୍ୟବସ୍ଥା ଓ ନରସିଂହପୁରର ଡିମିରିଆଠାରୁ ଗଣିଆର ରାଉତପଡ଼ା ଯାଏ ଅନ୍ତଃସ୍ରୋତ ଜଳଭଣ୍ଡାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଉଦ୍‌ଘୋଷଣା କରିଛନ୍ତି। ଏଥିରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପରୋକ୍ତ ଆକଳିତ ୨୨୯୬ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଓଡ଼ିଶା ବିକାଶକୁ ଉଚ୍ଚତର ସୋପାନକୁ ନେବା ପାଇଁ ସେ ମହାନାୟକ ସାଜିଛନ୍ତି ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ଆଭାସୀ କାର୍ଯ୍ୟକ୍ରମକୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିବା ବେଳେ ରାଜ୍ୟ ଉନ୍ନୟନ କମିଶନର ଅନୁଗର୍ଗ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବା ଆଗରୁ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ବକ୍ତବ୍ୟ ରଖିଥିଲେ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର କଟକ ଜିଲା ପରିଷଦ ସଭାପତି କିଶୋର ମିଶ୍ର, କଟକ ଜିଲାପାଳ ବିନିତ୍ ଭରଦ୍ୱାଜ, ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, କୃପାସିନ୍ଧୁ ଦାଶ, ସୁଶାନ୍ତ ଜେନା, ନିର୍ମଳ ଜେନା, ନାରଣ ନାୟକ ପମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୮ ହଜାରରୁ ଉର୍ଦ୍ଧ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ନରସିଂହପୁରରୁ ଏକ ବିଶାଳ ମୋଟର ବାଇକ ଶୋଭାଯାତ୍ରା ବଡ଼ମ୍ବା ସଭାସ୍ଥଳକୁ ଯାଇଥିଲା।

### ୯ରୁ ଶ୍ରୀଜଗନ୍ନାଥଙ୍କ ପାଞ୍ଚରାତ୍ର ମହୋତ୍ସବ

ସାଲେପୁର,୨।୩(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ହରିଡାପଡିଆରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ଓ ଠାକୁରଙ୍କ ଚବିଶ ବେଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସାଲେପୁରର ମା'ସାହେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ଚିତ୍ତରଞ୍ଜନ ପଣ୍ଡା, ବିଶ୍ୱରଞ୍ଜନ ସାହୁ, ସୁରେଶ କୁମାର ରାଉତ, ବିଜୟ କୁମାର ଶତପଥି, ଶରତ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ କୁହାଯାଇଥିଲା ଚଳିତ ମାସ ୯ ତାରିଖରୁ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପାଞ୍ଚ ଦିନ ବ୍ୟାପି ଚାଲିବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ତଥା ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ପ୍ରବଚନ ଦେବେ। ଏହି ଆଧାତ୍ମିକ କାର୍ଯ୍ୟରେ ବହୁସଂଖ୍ୟକ ଭକ୍ତ ଯୋଗଦେବାକୁ ଭକ୍ତ ସମାଜ ପକ୍ଷରୁ ଅନୁରୋଧ କରାଯାଇଛି।



# ‘ବର୍ଦ୍ଧିତ ଦରମା ଆଇନଜୀବୀଙ୍କ ଦକ୍ଷତା, ନ୍ୟାୟିକ ଆଇନ ବ୍ୟବସ୍ଥାକୁ ସୁଦୃଢ଼ କରିବ’



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଆଇନଜୀବୀମାନେ।

## ଆଠଗଡ଼ ବିଜୁ ଆଇନ ସାମ୍ମୁଖ୍ୟ ପକ୍ଷରୁ ଖବରଦାତା ସମ୍ମିଳନୀ

ଆଠଗଡ,୨।୩(ସତ୍ୟ ପ୍ରସାଦ ରଥ)

ରାଜ୍ୟ ସରକାରଙ୍କ ଦ୍ୱାରା ଅଣକ୍ୟାଡର ସରକାରୀ ଓକିଲମାନଙ୍କ ୫୦ ଶତକଡା ଦରମା ବୃଦ୍ଧି ଫଳରେ ଓଡ଼ିଶାର ବିଭିନ୍ନ ଅଦାଲତର କାର୍ଯ୍ୟ କରୁଥିବା ୧୨୧୫ଜଣ ଉପକୃତ ହୋଇଛନ୍ତି । ଏହାଦ୍ୱାରା ଆଠଗଡ ଓ ଟିଗିରିଆରେ ୧୨ ଜଣ ଆଇନଅଧିକାରୀ ଉପକୃତ ହୋଇଛନ୍ତି। ଏହି ବର୍ଦ୍ଧିତ ଦରମା ଓ ଦୈନିକ ଭତ୍ତା ସରକାରୀ ଆଇନଜୀବୀମାନଙ୍କ ଦକ୍ଷତା ବୃଦ୍ଧି ସହ ଅଦାଲତରେ ନ୍ୟାୟିକ ବ୍ୟବସ୍ଥାର ବିକାଶରେ ସହାୟତା ହେବ ବୋଲି ଆଠଗଡସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିଜୁ ଆଇନଜୀବୀ ସାମୁଖ୍ୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ସଭାପତି ସଞ୍ଜୟ କୁମାର ଦାଶ, ଆଠଗଡ ଓକିଲ ସଂଘ ପୂର୍ବତନ ସଭାପତି ପ୍ରସନ୍ନ କୁମାର ରାଉତ, ପ୍ରଶାନ୍ତ ପଟ୍ଟନାୟକ,ସତ୍ୟେନ ପଣ୍ଡା,ବିନୟ କୁମାର ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶିଶୁଙ୍କୁ ବିଦ୍ୟାଳୟମୁଖୀ କରାଇ ସୁସ୍ଥ ସମାଜ ଗଠନ କର

## ପଞ୍ଚାୟତ ସମୂହ ଶିଶୁ ଅଧିକାର, ସୁରକ୍ଷା କର୍ମଶାଳା

ନରସିଂହପୁର, ୨।୩ (ନିରଞ୍ଜନ ଦେବକୁମାର )

କଟକ ଜିଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି ତରଫରୁ ପଞ୍ଚାୟତ ସମୂହ ଶିଶୁ ଅଧକାର ସଚେତନତା ଶିବିର ସ୍ଥାନୀୟ ସାଗର ପଞ୍ଚାୟତ ଅନ୍ତର୍ଗତ କୋଳତାଚଷା ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଏକ ଦିବସୀୟ ପ୍ରଶିକ୍ଷଣ ଶିବିରରେ ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ଚିତ୍ତ ରଞ୍ଜନ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଥିବା ଆଇନ ଓ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ ନିର୍ଯାତନା, ବାଲ୍ୟବିବାହକୁ କେଉଁଭଳି ରୋକାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମାଜରେ ବାଲ୍ୟବିବାହ ଓ ଶିଶୁ ଶ୍ରମିକଭଳି କୁପ୍ରଥାକୁ ହଟାଇ ପ୍ରତିଟି ଶିଶୁଙ୍କୁ ବିଦ୍ୟାଳୟମୁଖୀ କରାଇ ଏକ ସୁସ୍ଥ ସମାଜ ଗଠନ କରାଇବା ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ପ୍ରଶିକ୍ଷଣ ଶିବିରରେ ଆଲୋଚନା କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା କଂଗ୍ରେସ ରାଉତ ଶୁଭଲକ୍ଷ୍ମୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଳରା ବନ୍ଧହୁଡା ସାଗର ଅଢେଇଗୁଣ୍ଡି ବକଡ଼ା ଗୋଡିବନ୍ଧ ନୁଖାପଡା ପ୍ରଭୃତି ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ ।



ଶିଶୁ ଅଧିକାର, ସୁରକ୍ଷା କର୍ମଶାଳାରେ ଯୋଗଦେଇଥିବା ମହିଳାମାନେ।

# ୟୁଥ୍ କ୍ଲବ କରଡ଼ାପଲ୍ଲୀ ଚାମ୍ପିୟନ

## ଯୁବ ଅହମ୍ମଦିୟା ଫୁଟ୍‌ବଲ ଟୁର୍ନାମେଣ୍ଟ:

ଟିଗିରିଆ,୨।୩(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀଠାରେ ଯୁବ ଅହମ୍ମଦିୟା କରଡ଼ାପଲ୍ଲୀ ପକ୍ଷରୁ ଆୟୋଜିତ ସପ୍ତମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରଧାପୁର ସ୍ପୋର୍ଟ ଆସୋସିଏସନ( ଖୋର୍ଦ୍ଧା )କୁ ୧-୦ ଗୋଲରେ ପରାସ୍ତ କରି ୟୁଥ କ୍ଲବ କରଡ଼ାପଲ୍ଲୀ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳର ୩ ମିନିଟରେ କରଡ଼ାପଲ୍ଲୀ ଦଳର ୧୫ ନମ୍ବର ଖେଳାଳି ଅମିତ ନାୟକ ଏକମାତ୍ର ଗୋଲସ୍କୋର କରି ଦଳକୁ ବିଜୟୀ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଟିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ଯୁବ ନେତା ପନିଆ ଖାଁ, ବୃଦ୍ଧ ଅହମ୍ମଦିୟା ଭାରତର ଉପସଭାପତି ମହମ୍ମଦ ସଫାରତ, ରଡ଼ାପଲ୍ଲୀ ଗ୍ରାମ୍ୟ କମିଟି ଉପସଭାପତି ଏସ. କେ ଅବଦୁଲ ତୋୟବ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟରେ ରନର ଅଫ୍ ହୋଇଥିବା ଶରଧାପୁର ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଚାମ୍ପିୟନ ଦଳ ୟୁଥ କ୍ଲବ କରଡ଼ାପଲ୍ଲୀକୁ ଟ୍ରଫି ସହ୨୦ ହଜାର ଟଙ୍କା ଦିଆଯାଇଥିଲା। ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଶରଧାପୁରର ସୌମ୍ୟରଞ୍ଜନ ସ୍ୱାଇଁ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବେ କରଡ଼ାପଲ୍ଲୀ ଦଳର ଏସ. କେ. କମାଲ, ଏସ. କେ. ଫରିଦଙ୍କୁ ଅତିଥିମାନେ ସ୍ୱତନ୍ତ୍ର ରୂପେ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଶକ୍ତିରଞ୍ଜନ ମହାପାତ୍ର ଓ ଶିରୋଜ ବକ୍ସ ସହାୟତା କରିଥିଲେ।




ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ର ମୃତ

ବୋଲଗଡ଼,୨।୩(ଦେବବ୍ରତ ହୋତା)

ପୋଖରୀରେ ବୁଡ଼ିଯିବାରୁ ଶନିବାର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଗବଡ଼ିହ ଗ୍ରାମର ସତ୍ୟଜିତ୍ ବେହେରା। ସୂଚନା ମୁତାବକ, ସତ୍ୟଜିତ୍ ମାମୁଘର ବଡ଼କୁମାରୀ ପଞ୍ଚାୟତ କାଉଁରିପାଟଣା ସାହିରେ ରହି ପଢୁଥିଲେ। ପୂର୍ବାହ୍ନ ୧୧ଟାରେ ସତ୍ୟଜିତ୍ ସ୍କୁଲରୁ ଫେରି ଗାଧୋଇବା ପାଇଁ ବଜାର ନିକଟ ପୋଖରୀକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ମାମୁଘରଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ତାଙ୍କ ମୃତଦେହ ଜବତ ହୋଇଥିଲା। ଖବରପାଇ ବାଙ୍କୋଇ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ୨ ଦିନିଆ ତାଲିମ ଶିବିର ଉଦ୍‌ଯାପିତ

କୃଷ୍ଣପ୍ରସାଦ,୨।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପଡ଼ା ପରିସରରେ ଚାଲିଥିବା ବ୍ଲକସ୍ତରୀୟ ସାମାଜିକ ବିଜ୍ଞାନ ଏବଂ ଇଂରାଜୀ ବିଷୟ ଭିତ୍ତିକ ଚାଲିଥିବା ଦୁଇ ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ପ୍ରମୁଖ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକଭାବେ ଲକ୍ଷ୍ମୀଧର ବେହେରା, ବିଜୟ କୁମାର ଜେନା, ମୀରା ସୁନ୍ଦରୀ ଜେନା, ପ୍ରଦ୍ୟୁମ୍ନ କୁମାର ମହାରଣା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସିଆର୍‌ସିସି ସୁନୀଲ କୁମାର ଜେନା, ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ କୁମାର ମାଝୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୨।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆ ଗ୍ରାମରେ ହନୁମାନ ଦେବଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ଯଜ୍ଞ ଉତ୍ସବରେ ଗୁରୁବାର ପ୍ରଥମ ଦିବସରେ ଅଙ୍କୁରାରୋପଣ, ସାଲାମଣ୍ଡନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଜଳ ଯାତ୍ରା, ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ଆଳତି ଏବଂ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ବ୍ରତଧାରୀ କଳସ ଯାତ୍ରାରେ ସାମିଲ ହେବା ସହ କଳସ ସ୍ଥାପନ କରିଥିଲେ। ତୃତୀୟ ଦିବସରେ ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା ପରେ ମହାବୀରଙ୍କ ଷୋଡ଼ଶ ଉପଚାର ପୂଜା ସହିତ ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ମହାଯଜ୍ଞ ଉଦଯାପିତ ହୋଇଥିଲା। ଯଜ୍ଞ ଉତ୍ସବକୁ ପ୍ରମୋଦ କୁମାର ପାଢ଼ୀ ଶର୍ମା ପରିଚାଳନା କରିଥିବା ଅନ୍ୟ ପଣ୍ଡିତମାନେ ସହଯୋଗ କରିଥିଲେ। କନ୍ତିଆ ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୨।୩(ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ହରିକୁଣ୍ଡବରଡ଼ି ରଙ୍କନିଧି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁସ୍ଥିତ କାଳିଜାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଚିଲିକା ବିଆର୍‌ସିସି ମିନତୀ ଶତପଥୀ, ମୁଖ୍ୟ ବକ୍ତା ଦୁର୍ଗାଚରଣ ଚିଲିକା ମହାବିଦ୍ୟାଳୟ ଟାଙ୍ଗୀର ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ଶତପଥୀ, ସମ୍ମାନିତ ଅତିଥି ଚିଲିକା ଏବିଓ ଗୀତାଞ୍ଜଳି ନାୟକ, ପୂର୍ବତନ ଏବିଇଓ ବୈକୁଣ୍ଠନାଥ ପାଇକରାୟ, ଚିଲିକା ସେବାନିବୃତ୍ତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ବିରଞ୍ଚିନାରାୟଣ ପ୍ରସାଦ ନାୟକ, ଖୋର୍ଦ୍ଧା ଜିଲା ଓସ୍ତାର କାର୍ଯ୍ୟକାରୀ କମିଟି ସଭ୍ୟ ଆଶିଷ ପତି, ପୂର୍ବତନ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ଆଶୁତୋଷ ପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସିଆର୍‌ସିସି ବୃନ୍ଦାବନ ମହାରଣା ଧନ୍ୟବାଦ ଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭିତ୍ତିଭୂମି ସତ୍ତ୍ୱେ ଅଣଦେଖା, ତେଜୁଛି ଅସନ୍ତୋଷ

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବୋଲଗଡ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗ**

- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ
- ଭୋଟ ବର୍ଜନ ନେଇ ଚେତାବନୀ

ରାଜ୍ୟ ସରକାର ନିକଟରେ ୩୫ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଘୋଷଣା କରିଛନ୍ତି। ସେଥିରୁ ବୋଲଗଡ଼ ବାଦ୍ ପଡିଛି। ଏନ୍‌ଏସି ଗଠନ ହେବା ଲାଗି ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ବୋଲଗଡ଼କୁ ବାଦ୍ ଦିଆଯିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଗତ ବୁଧବାର ବୋଲଗଡ଼ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୋଲଗଡ଼ ବନ୍ଦ କରାଯାଇଥିଲା। ଶନିବାର ପୁଣି କମିଟି ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପହଞ୍ଚି ଏ ସମ୍ପର୍କରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

କମିଟି ସଭାପତି ଗୋପୀନାଥ ଖାଡଙ୍ଗାଙ୍କ କହିବାନୁଯାୟୀ, ୨୦୧୯ରେ ରାଜ୍ୟରେ ୧୭ଟି ନୂତନ ଏନ୍‌ଏସି ଗଠନ ପାଇଁ ସରକାରଙ୍କ ପ୍ରସ୍ତାବ ରହିଥିବା ବେଳେ ବିଧାନସଭାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଥିଲେ। ୧୭ ଏନ୍‌ଏସି ତାଲିକାରେ ବୋଲଗଡ଼ ସ୍ଥାନ ପାଇଥିଲା। ପ୍ରସ୍ତାବିତ ସ୍ଥାନଗୁଡିକୁ ଏନ୍‌ଏସି ଘୋଷଣା ପରେ ନୂଆ ସହରୀ ଯୋଜନା ପ୍ରଣୟନ କରି ବିକଶିତ ଆଦର୍ଶ ସହରରେ ପରିଣତ କରାଯିବା ପାଇଁ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସେହି ସମୟରେ ଜଣାଇଥିଲେ। ତେବେ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ନୂତନ ତାଲିକାରେ ବୋଲଗଡକୁ ବାଦ୍ ଦିଆଯିବା, ବୋଲଗଡବାସୀଙ୍କୁ ମର୍ମାହତ କରିଛି। ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନ ନେଲେ ବୋଲଗଡ଼ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏନ୍‌ଏସି ଘୋଷଣା କରାନଗଲେ ସମୂହ ଭାବେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଖାଡ଼ଙ୍ଗା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପଦେଷ୍ଟା କୃଷ୍ଣମୋହନ ପାଲଟାସିଂ, ଅକ୍ଷୟ କୁମାର ପଟ୍ଟନାୟକ, ରବୀନ୍ଦ୍ର ପରିଡା, ଉପସଭାପତି ରଘୁନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ରଘୁନାଥ ଦଳବେହେରା, ସହ ସମ୍ପାଦକ ବିଜୟ ସାହୁଙ୍କ ସମେତ କମିଟିର ଏକାଧିକ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଧାୟକ ସାହୁ କହିଛନ୍ତି, ବେଗୁନିଆ ନୂତନ ତାଲିକାରେ ସ୍ଥାନ ପାଇଥିବା ବେଳେ ବୋଲଗଡ଼କୁ ଏଥିରୁ ବାଦ୍ ଦିଆଯିବା ନେଇ ସ୍ଥାନୀୟ ସ୍ତରରେ ଜନଅସନ୍ତୋଷ ରହିଛି। ସ୍ଥାନୀୟ ବିଧାୟକଭାବେ ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରିଛି। ମୁଖ୍ୟମନ୍ତ୍ରୀ ବେଗୁନିଆ ଓ ବୋଲଗଡ଼ର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏହା ଉପରେ ବିଚାର କରିବେ ବୋଲି ଆଶା ରହିଛି। ସେହିପରି ଜିଲାପାଳ ରାଣା କହିଛନ୍ତି, କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲୋକଙ୍କ ଦାବି ସମ୍ପର୍କରେ ସରକାର, ବିଭାଗୀୟ ସଚିବ, ମନ୍ତ୍ରୀଙ୍କୁ ଅବଗତ କରାଯିବ।

## କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ପ୍ରତିନିଧି ଦଳର ନନ୍ଦନକାନନ ପରିଦର୍ଶନ

ବାରଙ୍ଗ,୨।୩(ଲିଙ୍ଗରାଜ ରାଉତ)

କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ୨ ଜଣିଆ ପ୍ରତିନିଧି ଦଳ ଶନିବାର ନନ୍ଦନକାନନ ପରିଦର୍ଶନରେ ପହଞ୍ଚିଥିଲେ। ଏହି ପ୍ରତିନିଧି ଦଳରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଟେକ୍ନିକାଲ କମିଟି ସଦସ୍ୟ ତ୍ୟାଗି ଏବଂ ମନିଟରିଂ ଇଭାଲ୍ୟୁଏଶନ ଅଫିସର ଡାଭିନ୍ଦର କୁମାର ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ଆସିବା ସୂଚନା ପୂର୍ବରୁ ଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ପୂର୍ବ ପ୍ରସ୍ତୁତି ମୁତାବକ ସଜାଗ ଥିଲେ। ପ୍ରତି ୩ବର୍ଷ ବ୍ୟବଧାନରେ କେନ୍ଦ୍ରୀୟ ଚିଡ଼ିଆଖାନା ପକ୍ଷରୁ ଦେଶର ବିଭିନ୍ନ ଚିଡ଼ିଆଖାନାକୁ ଯାଇ ଅନୁଧ୍ୟାନ କରାଯାଇଥାଏ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଙ୍କ ନୀତି ନିୟମ ଓ ସର୍ତ୍ତବଳୀକୁ ଅନୁପାଳନ କରି ଚିଡ଼ିଆଖାନା କିପରି ଚାଲୁଛି ଆସିଥିବା ଦଳ ଏହାକୁ ଅନୁଧ୍ୟାନ କରି ଫେରିବା ପରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପାଖରେ ଏକ ରିପୋର୍ଟ ପେଶ କରାଯାଏ। ଏହା ପରେ କର୍ତ୍ତୃପକ୍ଷ ପୁନଃ ଚିଡ଼ିଆଖାନାକୁ ୩ ବର୍ଷ ପାଇଁ ଚଳାଇବାକୁ ଅନୁମତି ମିଳିଥାଏ। ତେବେ ସ୍ୱତନ୍ତ୍ର ଭାବେ ଏହି ଦଳ ରାଉରକେଲାର ଇନ୍ଦିରାଗାନ୍ଧୀ ପାର୍କ ଓ ନନ୍ଦନକାନନକୁ ତର୍ଜମା କରିବାକୁ ୫ ଦିନ ପାଇଁ ଆସିଥିବା ଜଣାପଡ଼ିଛି।

# ଜିଲାସ୍ତରୀୟ ନିଯୁକ୍ତି ମେଳା ଆରମ୍ଭ



ନିଯୁକ୍ତିମେଳାରେ ଯୋଗଦେଇଥିବା ବିଭିନ୍ନ ସଂସ୍ଥାର ଅଧିକାରୀ ଏବଂ ଆଶାୟୀ ଯୁବତୀ ଯୁବକ।

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଆନୁକୂଲ୍ୟରେ ଜିଲା ପ୍ରଶାସନର ସହଯୋଗରେ ଦୁଇଦିନିଆ ଜିଲାସ୍ତରୀୟ ନିଯୁକ୍ତି ମେଳା ସ୍ଥାନୀୟ ହାବେଳି ପଡିଆରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା ଅତିଥିଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଦକ୍ଷତା ବିକାଶ ଓ ନିୟୋଜନ ଭୁବନେଶ୍ୱର ଉପନିର୍ଦ୍ଦେଶକ ବିକାଶ ପାତ୍ର, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଏହି ମେଳାରେ ୨୬ଟି ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଯୋଗଦେଇଥିବା ବେଳେ ଓଏସ୍‌ଡିଏ ସହ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଥିବା ୧୦ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଏପରିକି ଭାରତୀୟ ନୌସେନା ମଧ୍ୟ ଯୋଗଦେଇଛି। ଏହି ଅବସରରେ ଜିଲାପାଳ ରାଣା କହିଥିଲେ, ଚାକିରି ଅନ୍ୱେଷଣରେ ରହିଥିବା ଶିକ୍ଷିତ ଯୁବତୀ, ଯୁବକଙ୍କୁ ଭଲ ମାର୍ଗ ପ୍ରଶସ୍ତ କରିବ। ଦକ୍ଷତା ବିକାଶ ନିୟୋଜନ ଉପ ନିର୍ଦ୍ଦେଶକ ପାତ୍ର କହିଛନ୍ତି, ସମସ୍ତ ନିଯୁକ୍ତିଦାତା ସଂସ୍ଥାରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ ଜିଲା ମଧ୍ୟରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ମାଟ୍ରିକ ପାସ୍‌ଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଏଏନ୍‌ଏମ, ଜିଏନ୍‌ଏମ ପାସ୍ କରିଥିବା ଆଗ୍ରହୀ ଯୁବତୀ ଯୁବକମାନେ ନାମ ପଞ୍ଜୀକରଣ କରି ଏହି ମେଳାରେ ଭାଗ ନେଇପାରିବେ। ଏହି ମେଳାରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଜଟଣୀ ଓ ଖୋର୍ଦ୍ଧା ପୌର ପରିଷଦ, ବାଣପୁର ଓ ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ପ୍ରାର୍ଥୀ ପ୍ରାର୍ଥିନୀମାନେ ଏହି ମେଳାରେ ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ୧୩୩୪ଜଣ ପଞ୍ଜୀକରଣ କରିଥିବା ବେଳେ ୬୧୪ଜଣଙ୍କୁ ଚୟନ କରିଛନ୍ତି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା। ୨୩୭ ଜଣ ନିଯୁକ୍ତିଭିତ୍ତିକ ତାଲିମ ପାଇଁ ଚୟନ ହୋଇଛନ୍ତି।

## ଟାଙ୍ଗୀ ବ୍ଲକରେ ୬୨ ବୁଥ୍, ୩ ସାଧାରଣ ସ୍ଥାନ

### ପଲ୍ସ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ

ଟାଙ୍ଗୀ,୨।୩(ରଘୁନାଥ ସାହୁ)

ରବିବାରଠାରୁ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପଲ୍ସ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ ସାରା ରାଜ୍ୟରେ ଅନୁଷ୍ଠିତ ହେବ। ୫ ବର୍ଷ ପର୍ଯ୍ୟନ୍ତ ପିଲାମାନେ କେନ୍ଦ୍ରକୁ ଯାଇ ଦୁଇ ବୁନ୍ଦା ପୋଲିଓ ନେବେ। ଏଥିପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟାଙ୍ଗୀ ବ୍ଲକରେ ୫ବର୍ଷରୁ କମ୍ ବୟସ ପିଲାଙ୍କ ସଂଖ୍ୟା ୧୧,୯୭୧। ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ୬୨ଟି ବୁଥ, ୩ଟି ସର୍ବସାଧାରଣସ୍ଥାନ ନିରାକାରପୁର ରେଳ ଷ୍ଟେଶନ, ରାମେଶ୍ୱର ବସ୍‌ଷ୍ଟାଣ୍ଡ, ମା'ଉଗ୍ରତାରା ମନ୍ଦିର ଠାରେ ବୁଥ୍‌ର ବ୍ୟବସ୍ଥା ହୋଇଛି। ୨୪୮ଜଣ ପୁରୁଷ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିବେ। ୧୨ଜଣ ସୁପରଭାଇଜର କାର୍ଯ୍ୟ ତଦାରଖ କରିବେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସତ୍ୟ ରଞ୍ଜନ ନନ୍ଦ, ତପନ କୁମାର ମଣ୍ଟୁ ଓ ଝୁମାରାଣୀ ଚକ୍ରବର୍ତ୍ତୀ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିବେ। ପିଲାମାନଙ୍କର ସୁରକ୍ଷା ପାଇଁ ପୋଲିଓ ବୁନ୍ଦା ନେବାକୁ ସମସ୍ତ ଅଭିଭାବକଙ୍କୁ ଡା.ନନ୍ଦ ନିବେଦନ କରିଛନ୍ତି।

## ଖୋର୍ଦ୍ଧାରେ ନୂତନ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

ଖୋର୍ଦ୍ଧା,୨।୩(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାର ନୂତନ ଏସ୍‌ପି ଭାବେ ବରିଷ୍ଠ ଆଇପିଏସ୍ ଅଧିକାରୀ ବି.ଯୁଗଳ କିଶୋର ଶନିବାର ଯୋଗଦେବା ସହ ଦାୟିତ୍ୱ ଗ୍ରହଣ କରିଛନ୍ତି। ସନ୍ଧ୍ୟାରେ ସେ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଥାନା ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ପୋଲିସ ଅଧିକାରୀଙ୍କ ସହ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ। ପୋଲିସ ସେବାକୁ ଅଧିକ ଲୋକାଭିମୁଖୀ, ଜନତାଙ୍କ ସହ ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ୨୦୧୧ ବ୍ୟାଚ୍ ଓଡ଼ିଶା କ୍ୟାଡରର ଏହି ବରିଷ୍ଠ ଅଧିକାରୀ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଅବସ୍ଥାପିତ ଥିବା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ କେନ୍ଦ୍ରାପଡ଼ାକୁ ବଦଳି ହୋଇଛି। ତେବେ ଆଇନଶୃଙ୍ଖଳା, ଅବାଧ ନିରପେକ୍ଷ ନିର୍ବାଚନ, ନିଶାମୁକ୍ତ ଖୋର୍ଦ୍ଧା ନୂତନ ଏସ୍‌ପିଙ୍କ ପାଇଁ ଚାଲେଞ୍ଜ ରହିବ।

## କଂଗ୍ରେସର ସ୍ଥିତି ପରଖିଲେ ଏଆଇସିସି ସମ୍ପାଦକ


ଏଆଇସିସି ସମ୍ପାଦକ ଶାହନାୱାଜ ଚୌଧୁରୀ ଏବଂ କଂଗ୍ରେସ କର୍ମୀମାନେ।

ବୋଲଗଡ଼,୨।୩(ଦେବବ୍ରତ ହୋତା)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଶନିବାର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଂଗ୍ରେସର ସ୍ଥିତି ପରଖିଛନ୍ତି ଓଡ଼ିଶା ସହପ୍ରଭାରୀଭାବେ ନିଯୁକ୍ତ ଏଆଇସିସି ସମ୍ପାଦକ ଶାହନାୱାଜ ଚୌଧୁରୀ। ତାଙ୍କୁ ସ୍ଥାନୀୟ କଂଗ୍ରେସକର୍ମୀମାନେ ଯୁବ ସଙ୍ଗଠକ ପ୍ରକାଶ କୁମାର ରଥଙ୍କ ନେତୃତ୍ୱରେ ବୋଲଗଡ଼ ପେଟ୍ରୋଲ ପମ୍ପ ନିକଟରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହା ପରେ ଚୌଧୁରୀ ସେଠାରେ କଂଗ୍ରେସ କର୍ମୀମାନଙ୍କ ସହିତ ଆଲୋଚନା କରିବା ସହ ସ୍ଥିତି ପରଖିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ପ୍ରଭାରୀ ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରସିକ ଚାନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ମହାନ୍ତି, ଧୀରେଶ ମହାପାତ୍ର, ସୀମାଞ୍ଚଳ ଖଣ୍ଡାଇ, ସୁଶାନ୍ତ ତ୍ରିପାଠୀ, ବାବନ ମହାପାତ୍ର, ପ୍ରସନ୍ନ ସାମନ୍ତରାୟ, ସନ୍ତୋଷ ପ୍ରଧାନ, ସନ୍ତୋଷ ତ୍ରିପାଠୀ, ଭାସ୍କର ମଙ୍ଗରାଜ, ନବକିଶୋର ପଣ୍ଡା, ଛବି ମହାନ୍ତି ପ୍ରମୁଖ ଏଆଇସିସି ସମ୍ପାଦକ ଚୌଧୁରୀଙ୍କୁ ସ୍ଥାନୀୟ ଅଞ୍ଚଳର ତୃଣମୂଳସ୍ତରର ସଙ୍ଗଠନ ବାବଦରେ ଅବଗତ କରାଇଥିଲେ। ପରେ ଚୌଧୁରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଓଡ଼ିଶାରେ ବହୁ ସମ୍ପଦ ଥିବା ବେଳେ ଲୋକମାନେ ଗରିବ । ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ବିଜେଡି ଓ ଭାଜପା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ରାଜ୍ୟର ଉନ୍ନତି ପାଇଁ ସାଧାରଣଲୋକ ଏଥର କଂଗ୍ରେସକୁ ଭୋଟ ଦେବା ପାଇଁ ମନସ୍ଥ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ଅସନ୍ତୋଷ

ବୋଲଗଡ଼,୨।୩(ଦେବବ୍ରତ ହୋତା)

**ବଦଳି ଦାବିରେ ଜିଲାପାଳଙ୍କ ନିକଟରେ ଅଭିଯୋଗ**

ବୋଲଗଡ଼ ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ଅନ୍ୟମାନେ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ବଦଳି ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ତହସିଲଦାର ଲୋକଙ୍କ ସମସ୍ୟା ସମାଧାନ କରୁନାହାନ୍ତି। ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟାଳୟକୁ ଆସି ଅପରାହ୍ନ ୨ଟାରେ ପଳାଉଛନ୍ତି। ଏପରିକି ବିନା ଟଙ୍କାରେ କୌଣସି କାର୍ଯ୍ୟ ହେଉନାହିଁ ବୋଲି ଜନପ୍ରତିନିଧିମାନେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଜମି ପଞ୍ଜୀକରଣରେ ଅବହେଳା କରିବା ସହିତ ଲାଞ୍ଚ ନ ଦେଲେ କାର୍ଯ୍ୟ ହେଉ ନାହିଁ। ଏପରିକି ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯାଇ ଅର୍ଥ ନିଆଯାଉଛି। ଫଳରେ ସାଧାରଣଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟ ସାଧାରଣ ଲୋକଙ୍କୁ ପ୍ରଭାବିତ କରିବ ବୋଲି ଜନପ୍ରତିନିଧିମାନେ କହିଛନ୍ତି। ବ୍ଲକ ଅଧ୍ୟକ୍ଷ ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପୁଷ୍ପଲତା ଭଞ୍ଜ, ସମିତି ସଭ୍ୟ ନିର୍ମଳା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ ପ୍ରମୁଖ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଘଟଣାର ତଦନ୍ତ କରାଯାଇ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## କମ୍ପ୍ୟୁଟର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ



କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୨।୩(ରଘୁନାଥ ସାହୁ)

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ ସହାୟତାରେ ଗ୍ରାମାଞ୍ଚଳରେ କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର ତଥା ଯୁବତୀଯୁବକଙ୍କୁ ସଚେତନ କରିବା ପାଇଁ ଏକ ଗାଡ଼ି ପରିକ୍ରମା କରୁଛି। ସୋରଣ ଭଗବତୀପୁର ସତ୍ୟ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ୍‌ଠାରେ ଗୁରୁ ଦ୍ରୋଣାଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ କୁବେର ଚନ୍ଦ୍ର ବେହେରା ଏହି ସଚେତନତା ଗାଡ଼ିକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଅମୂଲ୍ୟ ପାତ୍ର, ବାଦଲ ଚମ୍ପତି, ଭାଗୀରଥି ମୁଦୁଲି, ଜ୍ୟୋତିର୍ମୟୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ସତ୍ୟବାଦୀ ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ତରାଷ୍ଟ୍ରୀୟ ମାନର କମ୍ପ୍ୟୁଟର ଶିକ୍ଷା ଏହା ମାଧ୍ୟମରେ ଦିଆଯାଇପାରିବ ବୋଲି ଅତିଥିମାନେ କହିଥିଲେ।

# ପୂର୍ବଶତ୍ରୁତାକୁ ନେଇ ହୋଇଥିଲା ବୋମାମାଡ଼, ୩ ଗିରଫ

ଜଟଣୀ,୨।୩(ରବୀନ୍ଦ୍ରନାଥ ମହାକୁଡ଼)

**ବେଣାପଞ୍ଜରୀରେ ବୋମାମାଡ଼ ଘଟଣା**

- ୨ ବାଇକ୍, ମୋବାଇଲ ଓ ବୋମା ସାମଗ୍ରୀ ଜବତ


ଗିରଫ ୩ ଅଭିଯୁକ୍ତ।

ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମରେ ଶୁକ୍ରବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଗ୍ରାମ ଟାଙ୍ଗୀସାହିର ଏମ୍.ଡି. ମଖାର ଓରଫ ବାବୁ (୩୪), ଏମ୍.ଡି.ନୁରସତ ଓରଫ ଚନ୍ଦୁ(୩୨) ଏବଂ ଏମ୍.ଡି. ଅମଜାଦ ଓରଫ ଅମ୍(୪୫)। ଏମାନଙ୍କ ନିକଟରୁ ଦୁଇଟି ବାଇକ୍, ଗୋଟିଏ ମୋବାଇଲ ଫୋନ ଏବଂ କିଛି ବୋମା ସାମଗ୍ରୀ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୮୪/୨୪) ରୁଜୁ ହୋଇଛି। ପୂର୍ବଶତ୍ରୁତାରୁ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ବୋମାମାଡ଼ କରିଥିଲେ ବୋଲି ଶନିବାର ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ଗତ ୩ ମାସ ପୂର୍ବେ ବେଣାପଞ୍ଜରୀ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ସେହି ସମୟରେ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟାର ସମାଧାନ କରାଯାଇଥିଲା। ହେଲେ ଉଭୟ ଗୋଷ୍ଠୀର ଯୁବକମାନେ ପରସ୍ପରଠାରୁ ପ୍ରତିଶୋଧ ନେବା ଅପେକ୍ଷାରେ ରହିଥିଲେ। ଶୁକ୍ରବାର ଅପରାହ୍ନରେ ନୂଆ ମସଜିଦ ସାହିର କେତେଜଣ ଯୁବକ ତରାବୋଇ ଗ୍ରାମକୁ କ୍ରିକେଟ ଖେଳ ଦେଖିବା ପାଇଁ ଯାଇଥିଲେ। ଉପରୋକ୍ତ ଅଭିଯୁକ୍ତମାନେ ମଧ୍ୟ ସେଠାରେ ଥିଲେ। ଏହି ସମୟରେ ଅଭିଯୁକ୍ତମାନେ ନୂଆ ମସଜିଦ ସାହିର ଯୁବକମାନଙ୍କୁ ଗାଳିଗୁଲଜ କରିଥିଲେ। ଯାହା ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହା ପରେ ସେମାନେ ଗ୍ରାମକୁ ଫେରି ଆସିଥିଲେ। ପରେ ରାତିରେ ଅଭିଯୁକ୍ତମାନେ ନୂଆ ମସଜିଦ ସାହିକୁ ଯାଇ ମହମ୍ମଦ ସୁଫିୟାନଙ୍କ ଘର ନିକଟରେ ବୋମାମାଡ଼ କରିଥିଲେ। ଏଥିରେ ସୁଫିୟାନଙ୍କ ମା' ଓ ଜଣେ ଯୁବକ ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବାଇକ୍, ମୋବାଇଲ ଜବତ କରିବା ସହ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲା। ଏନେଇ ସୁଫିୟାନଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇବା ସହ ଶନିବାର ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟରୁ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ୨ ହାତ ଭାଙ୍ଗିଲା

ନରସିଂହପୁର,୨।୩
(ନିରଞ୍ଜନ ଦେବକୁମାର)

ବିଦ୍ୟାଳୟକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିବାବେଳେ ଶିକ୍ଷକମାନେ କିନ୍ତୁ ଏଥିପ୍ରତି ଧ୍ୟାନ ନ ଦେଇ ପିଲାଙ୍କୁ ଅନେକ ସମୟରେ ଦଣ୍ଡ ଦେଉଛନ୍ତି। ଏହାର ଉଦାହରଣ କଟକ ଜିଲା ନରସିଂହପୁର ବ୍ଲକ ଚକାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଲିକିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଣେ ଛାତ୍ରଙ୍କୁ ମାଡ଼ ମାରି ତାର ୨ ହାତ ଭାଙ୍ଗି ଦେଇଛନ୍ତି। ଏନେଇ ଶୁକ୍ରବାର ଯୋଡ଼ୁମୁ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଗତ ଫେବୃୟାରୀ ୨୯ରେ ଖେଳଛୁଟି ସମୟରେ ବାଲିକିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖେଳୁଥିଲେ। ଏହି ସମୟରେ କ୍ରିକେଟ


ସନ୍ତୋଷ ପ୍ରତିହାରୀ

## କ୍ରିକେଟ୍ ବଲ୍ ଦେହରେ ବାଜିବାରୁ ମିଳିଲା ଦଣ୍ଡ

ବଲ୍‌ଟି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ବାଘଙ୍କ ଦେହରେ ବାଜିଥିଲା। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ୪ର୍ଥ ଶ୍ରେଣୀରେ ପଢୁଥିବା ବାରଭାୟା ଗ୍ରାମର ସନ୍ତୋଷ ପ୍ରତିହାରୀ (୯)ଙ୍କୁ ଏକ ବାଉଁଶ ବାଡ଼ିରେ ମରଣାନ୍ତକ ମାଡ଼ ମାରିଥିଲେ। ଛାତ୍ର ଜଣକ ଶାରୀରିକ କଷ୍ଟ ଓ ଯନ୍ତ୍ରଣା ଅନୁଭବ କରିବାରୁ ଘରକୁ ଯିବାପରେ ପରିବାର ଲୋକଙ୍କୁ ଜଣାଇଥିଲେ। ବାରଭାୟା ଗ୍ରାମ ବନ ଜଙ୍ଗଲ ଘେରା ଉପାନ୍ତ ଅଞ୍ଚଳରେ ହୋଇଥିବାବେଳେ ଆହତ ଶିଶୁର ବାପା ସଂସାରୀ ପ୍ରତିହାରୀ ରୋଗଗ୍ରସ୍ତ। ଏନେଇ ପରିବାର ସଦସ୍ୟ ସନ୍ତୋଷକୁ ଉକ୍ତ ଦିନ ଚିକିତ୍ସାଳୟକୁ ନେଇପାରି ନ ଥିଲେ। ପରଦିନ ମଧ୍ୟ ଯନ୍ତ୍ରଣା ଉପଶମ ନ ହେବାରୁ ତାକୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ସନ୍ତୋଷର ହାତ ଦୁଇଟିର ଏକ୍ସ-ରେ କରାଯାଇଥିଲା। ଉକ୍ତ ରିପୋର୍ଟରୁ ଉଭୟ ହାତର ହାଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା। ଏନେଇ ଥାନାରେ ପୀଡ଼ିତଙ୍କ ମା' ରିନା ପଡ଼ିଆରୀ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି ଅଭୟ କୁମାର ବେହେରା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।


**ଓଃ କି ଖରା:** ଭୁବନେଶ୍ୱର ରାସ୍ତାରେ ଯୁବତୀମାନେ ଖରା ଦାଉରୁ ରକ୍ଷା ପାଇବା ପାଇଁ ଛତା ଧରି ମାସ୍କ ପିନ୍ଧି ଯାଉଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୨।୦୩।୨୦୨୪

| ୨,୧୭, ୩୭୨ ଟଙ୍କା | |
|---|---|
| ସୁନା | ୨.୮୦୦ ଗ୍ରାମ୍ |
| ରୁପା | ୩୪.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଜଟଣୀ ବିଧାୟକଙ୍କ ନାଁରେ ଅଭିଯୋଗ

**ଭୁବନେଶ୍ୱର,୨।୩ (ସୂର୍ଯ୍ୟକାନ୍ତ ବେହେରା):** ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କୁ ତାଚ୍ଛଲ୍ୟ କରି ସାମାଜିକ ଗଣମାଧ୍ୟମରେ ଟିପ୍ପଣୀ ଦେଇଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନାମରେ ଶୁକ୍ରବାର ରାଷ୍ଟ୍ରୀୟ ଗୋସେବା ପରିଷଦ ପକ୍ଷରୁ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପରିଷଦର ଅଭିଯୋଗ ଅନୁସାରେ, ବିଧାୟକ କେତେକ ସାମାଜିକ ଗଣମାଧ୍ୟମରେ ରାମଚନ୍ଦ୍ରଙ୍କୁ ତାଚ୍ଛଲ୍ୟ କରି ଟିପ୍ପଣୀ ଦେଇଥିଲେ। ପରିଷଦ ସଦସ୍ୟମାନେ ଏହା ଜାଣିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ ଓ ମାତା ସୀତା ହିନ୍ଦୁ ସନାତନ ଧର୍ମର ଆରାଧ୍ୟ ଠାକୁର। ହେଲେ ବିଧାୟକ ହୋଇ ଆମ ସନାତନ ଧର୍ମ ଉପରେ ଏଭଳି ମନ୍ତବ୍ୟ ଦେବା ସହ ବିଭ୍ରାନ୍ତିକର ତଥ୍ୟ ଗଣମାଧ୍ୟମ ଦ୍ୱାରା ପରିପ୍ରକାଶ କରିବା ନିନ୍ଦନୀୟ। ତେଣୁ ବିଧାୟକ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଛି।

### ୪ରେ ପେନ୍‌ସନଭୋଗୀଙ୍କ ରାଜ୍ୟସ୍ତରୀୟ କନ୍‌ଭେନଶନ

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା):** ରାଜ୍ୟର ୩.୫ ଲକ୍ଷ ପେନସନ ଭୋଗୀଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୪ ତାରିଖରେ ରାଜ୍ୟସ୍ତରୀୟ ଖୋଲା କନଭେନଶନ ଆୟୋଜନ କରାଯାଇଛି। ବିଭିନ୍ନ ସରକାରୀ ସୁବିଧାରୁ ପେନ୍‌ସନଭୋଗୀମାନେ ବଞ୍ଚିତ ହେଉଥିବା ଅଭିଯୋଗରେ ଲୋୟର ପିଏମଜିରେ ଏହି ସମାବେଶ ଆୟୋଜିତ ହେବ। ଏନେଇ ମହାସଂଘ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଚିକିତ୍ସା ଭତ୍ତା - ସ୍ୱାସ୍ଥ୍ୟ ସେବା ଯୋଜନା ଓ ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗକୁ ପୁନଃ ସ୍ଥାପନ ଆଦି ମହାସଂଘର ଦାବି ରହିଛି। ତେବେ ଏଥିପାଇଁ ରାଜନୈତିକ ଦଳର ମୁଖ୍ୟଙ୍କ ସମର୍ଥନ ଲୋଡ଼ାଯାଇଛି। ରାଜ୍ୟର ୩୦ଟି ଜିଲାର ମହାସଂଘର ୧୦୬ ଶାଖା ସଂଘ ଓ ଜୋନାଲ କମିଟିଗୁଡ଼ିକରୁ ପ୍ରତିନିଧିମାନେ ଏହି କନ୍‌ଭେନସନରେ ଯୋଗ ଦେବେ।

# ଜ୍ୟାକ୍ ସାହାଯ୍ୟରେ ଉପରକୁ ଉଠିଲା ଘର

ପୁରୀ,୨।୩( ଅଜିତ୍ ମହାନ୍ତି)

ଦେଶର ବଡ଼ ବଡ଼ ସହରରେ ଘର କିମ୍ବା ଗଛଗୁଡ଼ିକୁ ଅନେକ ସମୟରେ ନ ଭାଙ୍ଗି ତାଙ୍କୁ ଆଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯିବାର ଅନେକ ନଜିର ଦେଖିବାକୁ ମିଳିଛି। ତେବେ ଏଭଳି କାର୍ଯ୍ୟ ଏବେ ପୁରୀରେ ମଧ୍ୟ କରାଯାଉଛି। ପୁରୀ ସଦର ତଥା ସହର ଉପକଣ୍ଠ ଗୋପୀନାଥପୁରରେ ଏକ ୨୦ବର୍ଷର ପୁରୁଣା ଘରେ ୧୦୦ଟି ଜ୍ୟାକ୍ ଲଗାଯାଇ ୫ଫୁଟ ଘର ଉଠାଯାଉଛି। ଏହା ଅଜୟ କୁମାର ସାହୁଙ୍କ ଘର ହୋଇଥିବାବେଳେ ଏହା ୬୦୦ ବର୍ଗଫୁଟରେ ନିର୍ମାଣ ହୋଇଥିଲା। ତଳୁଆ ଅଞ୍ଚଳରେ ଘର ନିର୍ମାଣ ହୋଇଥିବାରୁ ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଥିଲା। ବିଶେଷ କରି ଘର ଚାରିପାଖରେ ଅନେକ ସମୟରେ ପାଣି ଜମା ହୋଇ ରହୁଥିଲା। ଫଳରେ ଯାତାୟାତ କରିବାରେ ପରିବାର ଲୋକେ ଅନେକ ସମସ୍ୟା ଭୋଗୁଥିଲେ। ବୀରହରେକୃଷ୍ଣପୁର - ମଙ୍ଗଳାଘାଟ ନୂତନ ବାଇପାସ୍ ରାସ୍ତା ନିର୍ମାଣ ହେବା ପରେ ତଳୁଆ ଅଞ୍ଚଳ ହୋଇଥିବାରୁ ଏହି ସମସ୍ୟା ଆହୁରି ବଢ଼ିଯାଇଛି। ଏପରି କି କମ୍ ବର୍ଷାରେ ମଧ୍ୟ ଘର ଭିତରକୁ ପାଣି ପଶିଯାଉଛି। ପୁରୀ ଜିଲା ଆଇନ ସେବା ପ୍ରାଧିକରଣରେ କାର୍ଯ୍ୟ କରୁଥିବା ଅଜୟ ସାହୁଙ୍କୁ ଘରେ ପାଣି ପଶିବା ଚିନ୍ତା ଘାରିଥିଲା। ଘର ଭାଙ୍ଗିବେ କି ଜ୍ୟାକ୍ ରଡ଼ ଲଗାଇ ଘର ଟେକିବେ ସେ ନେଇ ଦ୍ୱନ୍ଦ୍ୱରେ ରହିଥିଲେ। ଶେଷରେ ବିହାରର ଜୟ ଶ୍ରୀରାମ ସନ୍ସ କମ୍ପାନୀ ସହଯୋଗରେ ସେ ଗତ ୨୦ ତାରିଖରୁ ଜ୍ୟାକ୍ ରଡ୍ ଲଗାଇ ଘର ୫ ଫୁଟ ଟେକିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଘର ଟେକିବା ପାଇଁ ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ଖୋଳାଖୋଳି ସହ ପ୍ରାୟ ୮୦ଟି ଜ୍ୟାକ୍ ଲଗାଯାଇଛି। କାମ ସମ୍ପୂର୍ଣ୍ଣ କରିବାକୁ ଆଉ ୬/୭ ଦିନ ସମୟ ଲାଗିବ ବୋଲି କହିଛନ୍ତି। ଜ୍ୟାକ୍ ରଡ୍ ଲଗାଉଥିବା କମ୍ପାନୀ କର୍ମଚାରୀ ସୁମନ୍ କୁମାର କହିଛନ୍ତି କି ପ୍ରଥମେ ଘର ଚାରିପାଖର ମାଟି କଢାଯାଇଥାଏ। ପରେ କାନ୍ଥ ଭାଙ୍ଗି ସେଠାରେ ଜ୍ୟାକ୍ ଓ ବିଭିନ୍ନ ଜିନିଷ ଲଗାଇ ଘରକୁ ଉଠାଯାଇଥାଏ। ତେବେ ଉକ୍ତ ଘର ପାଇଁ ୮୦ ଟି ଜ୍ୟାକ୍ ଲାଗିଛି। ସମୁଦାୟ ୩ ଗୋଟି ଘରକୁ ଉଠାଯିବ। ବର୍ଗ ଫୁଟ ଅନୁଯାୟୀ ଟଙ୍କା ଖର୍ଚ୍ଚ ହୋଇଥାଏ। ତଳେ ବେସ୍ କରାଯାଇ ଘରକୁ ଧୀରେ ଧୀରେ ଉପରକୁ ଉଠାଯାଇଥାଏ। ତେଣୁ ଏହା ଏକ ଭଲ ପଦକ୍ଷେପ। କାର୍ଯ୍ୟ ସରିବା ପରେ ଘରେ ଆଉ ପାଣି ପଶିବ ନାହିଁ ବୋଲି ସୁମନ କହିଛନ୍ତି।


ପୁରୀ ଗୋପୀନାଥପୁରରେ ଅଜୟ କୁମାର ସାହୁଙ୍କ ଘରକୁ ଜ୍ୟାକ୍ ସାହାଯ୍ୟରେ ଉପରକୁ ଉଠାଯାଉଛି।

## ସେନ୍ସର ସ୍କ୍ରିନିଂ ପାଇଁ ଓଏଫ୍‌ଡିସି ଲାଞ୍ଚ ନେଉଥିବା ଅଭିଯୋଗ ଆଣିଲେ ପ୍ରଯୋଜକ

ଭୁବନେଶ୍ୱର, ୨।୩
(ବନ୍ଦନା ସେଠୀ)

ଓଡ଼ିଶା ଫିଲ୍ମ ଉନ୍ନୟନ କର୍ତ୍ତୃପକ୍ଷ (ଓଏଫ୍‌ଡିସି) ଟଙ୍କା ଲୁଟୁଥିବା ନେଇ ସିନେ ପ୍ରଯୋଜକ ସ୍ମିତ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ସେନ୍ସର ସ୍କ୍ରିନିଂ ପାଇଁ ମିନି ଥିଏଟରରେ ୧୨ହଜାର ଟଙ୍କା ଗଣିବାକୁ ପଡୁଥିବା ସ୍ମିତ ସୋସିଆଲ ମିଡିଆରେ ଲେଖିଛନ୍ତି। ପୂର୍ବରୁ ଓଏଫ୍‌ଡିସିର ପ୍ରିଭ୍ୟୁ ଥିଏଟର ଥିବା ସତ୍ତ୍ୱେ କାହିଁକି ଏହି ଅର୍ଥ ଆଦାୟ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିରେ ଆଜିପର୍ଯ୍ୟନ୍ତ ସିନେ ନିର୍ମାତାଙ୍କର କୌଣସି ସୁଫଳ ହୋଇ ନ ଥିବାବେଳେ ଓଏଫ୍‌ଡିସି କର୍ତ୍ତୃପକ୍ଷ ଅନ୍ତତଃ ରାଜ୍ୟର ସିନେମା ଶିଳ୍ପ ବଞ୍ଚିବା ପାଇଁ ସିନେ ନିର୍ମାତାଙ୍କ ମୁଣ୍ଡରୁ ବୋଝ ହାଲୁକା କରନ୍ତୁ ବୋଲି ସ୍ମିତ କହିଛନ୍ତି। ତେବେ ଏହି ଅଭିଯୋଗକୁ ନେଇ ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି, ପ୍ରଯୋଜକ ସ୍ମିତ ପଟ୍ଟନାୟକ ଫିଲ୍ମ ସ୍କ୍ରିନିଂ ନେଇ ଅର୍ଥ ବାବଦକୁ ଯେଉଁ ଟୁଇଟ୍ କରିଛନ୍ତି ତାହା ଠିକ୍ ନୁହେଁ। କାରଣ ସମ୍ପୃକ୍ତ ଅର୍ଥ ଲାଞ୍ଚ ନୁହେଁ, ଦେୟ। ଆଗରୁ ଓଏଫ୍‌ଡିସିରେ ସ୍କ୍ରିନିଂ ପାଇଁ ଯନ୍ତ୍ରପାତି ବାହାରୁ ମଗାଯାଉଥିଲା। ଏବେ ଆମର ନିଜର ପ୍ରିଭ୍ୟୁ ଥିଏଟର ଅର୍ଥାତ୍ ଯେଉଁଠି ସ୍କ୍ରିନିଂ ହେଉଛି, ତାହାର ମରାମତି ହୋଇ ନୂଆ ମେଶିନ ଲାଗିଛି। ତେଣୁ ସେହି ତୁଳନାରେ ଦେୟ ମଧ୍ୟ ଧାର୍ଯ୍ୟ ରଖାଯାଇଛି। ଅପରପକ୍ଷେ ଯଦି କେହି ଓଏଫ୍‌ଡିସି କର୍ମଚାରୀ କୌଣସି ପ୍ରଯୋଜକଙ୍କଠାରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ପଇସା ନେଇଛନ୍ତି, ତେବେ ସେ ସିଧାସଳଖ ଓଏଫ୍‌ଡିସି କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିପାରିବେ ବୋଲି କୁନା କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରସନ୍ନ


@ ସ୍ୱପ୍ନଜିତ୍


@ ସସ୍ମିତା


@ ସତ୍ୟଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଭୁବନେଶ୍ୱର ରୋଡ୍‌ରେ ୱାକ୍ କରିବା ସୁନ୍ଦର ଅନୁଭୂତି'


ଅଭିନେତ୍ରୀ ସାନ୍ୟା ମାଲ୍‌ହୋତ୍ରା

ବଲିଉଡ୍ ଜଗତର ଜଣେ ସୁପରିଚିତ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା। ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ସାନ୍ୟା ୨୦୧୬ରେ ଚଳଚ୍ଚିତ୍ର 'ଦଙ୍ଗଲ୍'ରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିରେ ସେ ଅମିର ଖାନ୍‌ଙ୍କ ଝିଅ ବବିତା କୁମାରୀଙ୍କ ଚରିତ୍ର ନିଭାଇଥିଲେ। ପ୍ରଥମ ଚଳଚ୍ଚିତ୍ରର ସଫଳତା ପରେ ଇତିମଧ୍ୟରେ ସେ 'ପଟାଖା', 'ବଧାଇ ହୋ', 'ଫଟୋଗ୍ରାଫ', 'ସକୁନ୍ତଳା ଦେବୀ', 'କଠଲ୍', 'ଯବାନ୍' ଭଳି ଅନେକ ହିଟ୍ ଚଳଚ୍ଚିତ୍ରରେ କାମ କରି ସାରିଛନ୍ତି। ଶନିବାର ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସାନ୍ୟା ଆସିଥିବାବେଳେ ତାଙ୍କ ସହ ଧରିତ୍ରୀର ସାକ୍ଷାତ୍‌କାର।

**➡ ଭୁବନେଶ୍ୱର ବିଷୟରେ କ'ଣ କହିବେ?**

ଭୁବନେଶ୍ୱର ବହୁତ ସୁନ୍ଦର। ମୁଁ ଆଗରୁ ଥରେ ଆସିଥିଲି। ଏବେ ଭୁବନେଶ୍ୱରକୁ ଦେଖିବା ପରେ ଏଠାରେ ସବୁବେଳେ ରହିବାକୁ ଇଚ୍ଛା ହେଉଛି। ଏଠାକାର ରାସ୍ତାଘାଟ, ପାର୍କ ସବୁ ସୁନ୍ଦର ଓ ପରିଷ୍କାର। ଆମଭଳି ମୁମ୍ବାଇବାଲାଙ୍କ ପାଇଁ ଭୁବନେଶ୍ୱର ରୋଡ୍‌ରେ ୱାକ୍ କରିବା ଏକପ୍ରକାର ସୁନ୍ଦର ଅନୁଭୂତି। ମୁଁ ଚାହୁଁଛି ଯେ ଏଠାରେ କିଛି ଶୁଟ୍ କରିବାକୁ ମତେ ସୁଯୋଗ ମିଳିବ। ଏଠାକାର ଖାଇବା ସହ ବହୁତ ଜାଗା ବୁଲିବାକୁ ମିଳିବ।

**ସବୁବେଳେ ଚ୍ୟାଲେଞ୍ଜିଂ ରୋଲ୍ କରିବାକୁ ଭଲଲାଗେ**

**➡ 'ଦଙ୍ଗଲ୍'ର ବବିତା, 'ପଟାଖା'ର ଛୁଟ୍‌କୀ - କେଉଁ ଚରିତ୍ର ଅଧିକ ଚ୍ୟାଲେଞ୍ଜିଂ ଲାଗିଥିଲା?**

ଦୁଇଟି ଯାକ ମୋ ପାଇଁ ଚ୍ୟାଲେଞ୍ଜିଂ ଥିଲା। ତେବେ ଛୁଟ୍‌କୀ ଚରିତ୍ର ପାଇଁ ଅଧିକ ପରିଶ୍ରମ କରିବାକୁ ପଡିଥିଲା। ଅଡିଶନ୍ ପୂର୍ବରୁ ପ୍ରଡ୍ୟୁସର ବିଶାଲ୍‌ଙ୍କ ସହ ମୋର ଦେଖା ହୋଇଥିଲା। ସେ ମୋତେ ଦେଖି ଖୁସି ନ ଥିଲେ। କାରଣ ଛୁଟ୍‌କୀ ବହୁତ ରାଗି, ଜିଦିଆ, ଝଗଡ଼ା କରୁଥିବା ଚରିତ୍ର ଥିଲା। ଆଉ ମୁଁ ବିଲ୍‌କୁଲ୍ ବି ସେମିତି ନୁହେଁ। ତେଣୁ ମୋ ମୁହଁ ଦେଖିବା ପରେ ସେ ଭାବିଥିଲେ ଯେ ମୁଁ ଏହା କରିପାରିବି ନାହିଁ। ମାତ୍ର ମୁଁ ଏଭଳି ଏକ ଚରିତ୍ର କରିବା ପାଇଁ ଉତ୍ସାହିତ ଥିଲି ଏବଂ ଅଡିଶନ୍‌ରେ ହିଁ ମୁଁ ସମସ୍ତଙ୍କୁ ଖୁସି କରିଦେଇଥିଲି। ଏଥିପାଇଁ ମୋତେ ୨ସପ୍ତାହ ମଧ୍ୟରେ ୧୫ କେଜି ଓଜନ ବଢାଇବାକୁ ପଡିଥିଲା।

**➡ କରୋନା ସମୟରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହୋଇଥିବା 'ସକୁନ୍ତଳା ଦେବୀ' ଚଳଚ୍ଚିତ୍ର ସମ୍ପର୍କରେ କ'ଣ କହିବେ?**

ଏଥିରେ ମୁଁ ଶକୁନ୍ତଳା ଦେବୀ ଚରିତ୍ର ନିଭାଉଥିବା ଅଭିନେତ୍ରୀ ବିଦ୍ୟା ବାଲାନ୍‌ଙ୍କ ଝିଅ ଭୂମିକାରେ ଅଭିନୟ କରିଥିଲି। ତାଙ୍କ ସହ କାମ କରିବା ଏକ ଅଲଗା ପ୍ରକାରର ଅନୁଭବ ଦେଇଥିଲା। କରୋନା ପାଇଁ ଏହା ହଲ୍‌କୁ ଯାଇ ପାରି ନ ଥିଲା। କିନ୍ତୁ ଫିଲ୍ମଟି ଓଟିଟିରେ ବହୁତ ଭଲ କରିଥିଲା। ଏହାପରେ ମୋର 'ଲୁଡୋ', 'ପଗଲୟତ୍' ମଧ୍ୟ ଓଟିଟିରେ ରିଲିଜ୍ ହୋଇଥିଲା।

**➡ ଓଟିଟି ଏବଂ ପ୍ରେକ୍ଷାଳୟ ରିଲିଜ୍ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି?**

କିଛି ବି ପାର୍ଥକ୍ୟ ନାହିଁ। ଦୁଇଟି ଯାକ ମନୋରଞ୍ଜନ କରିବାର ବଳିଷ୍ଠ ମାଧ୍ୟମ।

**➡ ଅଭିନେତ୍ରୀ ହେବା ପାଇଁ କାହିଁକି ମନ ବଳାଇଲେ?**

ଛୋଟବେଳୁ ହିଁ ମୋର ଅଭିନୟ ପ୍ରତି ଦୁର୍ବଳତା ଥିଲା। ପରେ ଅଭିନେତ୍ରୀ ହେବାର ଇଚ୍ଛା ହେଲା। ଟିଭିରେ ଅନ୍ୟମାନଙ୍କୁ ଦେଖି, ଆୱାର୍ଡ ଶୋ' ଦେଖି ମୋର ବି ଇଚ୍ଛା ଥିଲା ଯେ ବଡ଼ ହୋଇ ମୁଁ ଏମିତି କରିବି।

**➡ ଆପଣଙ୍କ ଡ୍ରିମ୍ ରୋଲ୍?**

ମୋତେ ସବୁବେଳେ ଚ୍ୟାଲେଞ୍ଜିଂ ରୋଲ୍ କରିବାକୁ ଭଲଲାଗେ। କାରଣ ଚ୍ୟାଲେଞ୍ଜ ନ ଥିଲେ କାମ କରିବାକୁ ଭଲ ଲାଗିବନି, କିଛି ବି ନୂଆ ଶିଖିବାକୁ ମିଳିବନି।

**➡ ନୂଆ ଆର୍ଟିଷ୍ଟଙ୍କୁ କ'ଣ କହିବେ?**

ନିଜ ଉପରେ ଭରସା ରଖିବା ଦରକାର। ସବୁବେଳେ କିଛି ନା କିଛି ନୂଆ ଶିଖିବାକୁ ଚେଷ୍ଟା କରିବା ଦରକାର। ସବୁକିଛି ଜାଣିଛି...ଏହି ଧାରଣା ମନରୁ କାଢିବା ନିହାତି ଆବଶ୍ୟକ।

**➡ ଆଗକୁ ଅନ୍ତର୍ଜାତୀୟ ମହିଳା ଦିବସ ଆସୁଛି, କ'ଣ କହିବେ?**

ଆଖପାଖରେ ଥିବା ମହିଳାଙ୍କୁ ଦେଖି ମୋତେ ପ୍ରେରଣା ମିଳେ। କେବଳ ମାର୍ଚ୍ଚ ୮ରେ ନୁହେଁ, ବରଂ ସବୁଦିନ ମହିଳାମାନେ ସେଲିବ୍ରେଟ୍ କରିବା ଦରକାର। ଏଥିସହ ନିଜର ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ନିଜେ ଦୃଢ଼ ହେବା ଆବଶ୍ୟକ।

ସାକ୍ଷାତ୍‌କାର-ବନ୍ଦନା ସେଠୀ, ଭୁବନେଶ୍ୱର

# ୧୫ରୁ ୧ମରୁ ୮ମ ବାର୍ଷିକ ପରୀକ୍ଷା

**ଭୁବନେଶ୍ୱର,୨।୩(ଅସମାପିକା ସାହୁ)**

ରାଜ୍ୟରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ୧ମରୁ ୮ମ ଶ୍ରେଣୀ ବାର୍ଷିକ ପରୀକ୍ଷା ବା ସମ୍ମେଟିଭ-୨ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏହି ଲିଖିତ ପରୀକ୍ଷା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୌଖିକ ପରୀକ୍ଷା ୧୩ ଏବଂ ୧୪ ତାରିଖରେ ଅନୁଷ୍ଠିତ ହେବ। ୧ମ ଓ ୨ୟ ଶ୍ରେଣୀ ପିଲାଙ୍କ ପରୀକ୍ଷା ୧୯ ତାରିଖରେ ଶେଷ ହେବାକୁ ଥିବାବେଳେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ୨୦ ତାରିଖରେ ସରିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ପରୀକ୍ଷା ଦେଢ଼ଘଣ୍ଟା ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଅବଧି ୨ଘଣ୍ଟା ରହିବ। ଏ ନେଇ ଶନିବାର ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ପରୀକ୍ଷା ପରିଚାଳନା ପାଇଁ ପୂର୍ବରୁ ଏସ୍ଓପି ପ୍ରସ୍ତୁତ ହୋଇ ଦିଆଯାଇଥିଲା। ତାହାକୁ ପାଳନ କରିବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# ଘରୋଇ କଳହରୁ ଭଉଣୀଭାଇଙ୍କ ଆତ୍ମହତ୍ୟା

**ଭଦ୍ରକ(ସନାତନ ରାଉତ)/ ଧାମନଗର (ସନ୍ତୋଷ କୁମାର ମହାପାତ୍ର), ୨।୩**


ସନାତନ ବେହେରା


ନିରୁପମା ବେହେରା

ଜମିବାଡ଼ି ବିବାଦକୁ ନେଇ ଅନେକ ଦିନ ଧରି ପାରିବାରିକ କଳହ ଲାଗି ରହିଥିଲା। ଭାଇ-ଭାଇଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହେଉଥିଲା। ଶନିବାର ସକାଳେ ଘର ଛପର କରିବାକୁ କେନ୍ଦ୍ର କରି ୨ ଭାଇଙ୍କ ମଧ୍ୟରେ କଳି ଝଗଡ଼ା ହେବାରୁ ଏଥିରେ ମର୍ମାହତ ହୋଇ ସାନବାପାଙ୍କ ପୁଅ ଆତ୍ମହତ୍ୟା କରିବା ପରେ ଏହାକୁ ସହି ନ ପାରି ବଡ଼ବାପାଙ୍କ ଝିଅ ମଧ୍ୟ ଆତ୍ମହତ୍ୟା କରିଛନ୍ତି। ଏପରି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ କୋଠାର ପାଟଣାସାହିରେ। ସୂଚନା ଅନୁଯାୟୀ, ପାଟଣାସାହିର ଦୁଇଭାଇ କାଳନ୍ଦୀ ବେହେରା ଓ ବିଦ୍ୟାଧର ବେହେରାଙ୍କ ମଧ୍ୟରେ ଘର ଛପରକୁ ନେଇ କଳିଝଗଡ଼ା ହୋଇଥିଲା। ଏଥିରେ ମର୍ମାହତ ହୋଇ ସାନଭାଇ ବିଦ୍ୟାଧରଙ୍କ ପୁଅ ସନାତନ ବେହେରା(୨୨) ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ସନାତନ ବାହାରେ ରହି କାମ କରୁଥିବା ବେଳେ ୧୫ଦିନ ତଳେ ଘରକୁ ଫେରିଥିଲେ। ସେ ଜଣେ ଶାନ୍ତ, ସରଳ ପିଲା ଥିଲେ। ପରିବାର ମଧ୍ୟରେ ଝଗଡ଼ାକୁ ସହି ନ ପାରି ଏପରି ଚରମ ନିଷ୍ପତ୍ତି ନେଇଥିବା ଗାଁରେ ଆଲୋଚନା ହେଉଛି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ସନାତନଙ୍କ ମୃତଦେହ ବ୍ୟବଚ୍ଛେଦ ହେଉଥିବା ବେଳେ ତାଙ୍କ ବଡ଼ବାପା କାଳନ୍ଦୀ ବେହେରାଙ୍କ ଝିଅ ନିରୁପମା(୨୯) ବେକରେ ରଶି ଲଗାଇ ଘର ଭିତରେ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଥିବା ସମ୍ପର୍କୀୟମାନଙ୍କୁ ଏହି ଖବର ହତବାକ୍ କରିଥିଲା। ଗୋଟିଏ ପରିବାର ଭିତରେ ଗୋଟିଏ ଦିନରେ ଭାଇ ଭଉଣୀଙ୍କ ଆତ୍ମହତ୍ୟାକୁ କେହି ସହଜେ ଗ୍ରହଣ କରିପାରୁ ନ ଥିବା ବେଳେ କାନ୍ଦବୋବାଳିରେ ଗାଁଟା ଫାଟି ପଡୁଛି। ଭାଇଭଉଣୀ ଦୁଇଜଣଙ୍କ ମଧ୍ୟରେ ଖୁବ୍ ଭଲ ସମ୍ପର୍କ ଥିଲା। ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଘରୋଇ କଳିରୁ ୨ଟି ନିରୀହ ଜୀବନ ଅକାଳରେ ଝଡ଼ି ପଡ଼ିଲା କୁହାଯାଉଛି। ଧୂଷୁରୀ ଥାନା ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ୨ଟି ଅପମୃତ୍ୟୁ ମାମଲା (ନଂ. ୬/୨୪ ଓ ୮/୨୪) ରୁଜୁ କରାଯାଇଛି। ଘଟଣାର ଅଧିକ ତଦନ୍ତ କରାଯାଉଛି ବୋଲି ଧୂଷୁରୀ ଥାନା ଅଧିକାରୀ ଶାନ୍ତନୁ ଜେନା କହିଛନ୍ତି।

# ମାଲାବାର ଚନ୍ଦ୍ରଶେଖରପୁର ଷ୍ଟୋରରେ ହୀରା ପ୍ରଦର୍ଶନୀ




**ଭୁବନେଶ୍ୱର,୨।୩**

ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ 'ଡାଇମଣ୍ଡସ ଶୋ' ସର୍ବଭାରତୀୟସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ବ୍ରାଣ୍ଡର ବ୍ରାଣ୍ଡେଡ ହୀରା ଗହଣା ଓ ଅତ୍ୟାଧୁନିକ ଡିଜାଇନ ଓ ଅଳଙ୍କାରଗୁଡିକୁ ଉକ୍ତ ଶୋ'ରେ ପ୍ରଦର୍ଶନୀ ସହିତ ବିକ୍ରୟ ମଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ମାଲାବାର ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଏକ ୯ଦିନିଆ ହୀରା ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଏହି ଅବସରରେ ଅଭିନେତ୍ରୀ ତଥା ଯୋଗ ପ୍ରଶିକ୍ଷକ କାଜଲ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାରର ଚନ୍ଦ୍ରଶେଖରପୁର ଷ୍ଟୋରର ବରିଷ୍ଠ ଅଧିକାରୀ, କର୍ମଚାରୀ, ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଆଉଟଲେଟ ଠାରେ ଏକ ୯ ଦିନିଆ ହୀରା ପ୍ରଦର୍ଶନୀ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ୨୦୨୪ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ପ୍ରଦର୍ଶନୀରେ ବ୍ରାଣ୍ଡର ବ୍ରାଣ୍ଡେଡ ହୀରା ଅଳଙ୍କାର ଯଥା ମାଇନ ଡାଇମଣ୍ଡସ ସମେତ ଅନ୍ୟାନ୍ୟ ଡିଜାଇନ ସହିତ ବିଭିନ୍ନ ବର୍ଗର ଗହଣାମାନ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ।

# କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର,୨।୩(ଅସମାପିକା ସାହୁ)**

- ଉପକୃତ ହେବେ ୭ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର
- ପରିବାର ପିଛା ମିଳିବ ୫ ଚିଆଁ




ଅପପୁଷ୍ଟି ଦୂରୀକରଣ ପାଇଁ 'ଘରଦୁଆରେ ପୁଷ୍ଟି ଯୋଜନା'ରେ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ଭର୍ଚ୍ଚୁଆଲରେ ଏହାର ଶୁଭାରମ୍ଭ କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିବା ବିଭାଗୀୟ ଅଧିକାରୀମାନେ ନିଜ ଜିଲାରେ ଚିହ୍ନଟ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସୁସ୍ଥ ମା' ଓ ସୁସ୍ଥ ଶିଶୁର ପରିକଳ୍ପନା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ସ୍ୱରୂପ 'ଘରଦୁଆରେ ପୁଷ୍ଟି ଯୋଜନା' ଆରମ୍ଭ କରାଯାଇଛି। ଏଥିମଧ୍ୟରେ ଚିହ୍ନଟ ହିତାଧିକାରୀ ପରିବାରଙ୍କୁ ଫଳ ଓ ପନିପରିବା ଚାରା ବଣ୍ଟନ ଏବଂ କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରାଣିଜ ପୁଷ୍ଟିସାର ଯୋଗାଇଦେବା ପାଇଁ କୁକୁଡ଼ା ଚିଆଁ ବଣ୍ଟନ କାରାଯାଉଛି। ରାଜ୍ୟର ୭ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଏଥିରେ ଉପକୃତ ହେବେ। ପରିବାର ପ୍ରତି ୫ଟି ୨୮ଦିନିଆ କୁକୁଡ଼ା ଚିଆଁ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଦିନିକିଆ କୁକୁଡ଼ା ଚିଆଁ ତୁଳନାରେ ୨୮ ଦିନିଆ କୁକୁଡ଼ା ଚିଆଁ ପାଳନ ସୁବିଧାଜନକ ହୋଇଥିବାରୁ ବିଭାଗ ତରଫରୁ ଏହାକୁ ଯୋଗାଇ ଦିଆଯାଉଛି। ଏହି କୁକୁଡ଼ାରୁ ହିତାଧିକାରୀ ପରିବାରଙ୍କୁ ହାତପାଆନ୍ତାରେ ଅଣ୍ଡା ମିଳିବ ଏବଂ ଅଣ୍ଡା ପୁଷ୍ଟି ସାଧନରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨୪ କୋଟି ଟଙ୍କା ବ୍ୟୟ ହେବ ଏବଂ ଏଥିରୁ ଦୈନିକ ପ୍ରାୟ ୪ ଲକ୍ଷ ୫୦ ହଜାର ଅଣ୍ଡା ଓ ବର୍ଷକୁ ପ୍ରାୟ ୧୬ କୋଟି ଅଣ୍ଡା ଉତ୍ପାଦନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ବିଭାଗ ଅନ୍ତର୍ଗତ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଅପପୁଷ୍ଟିରେ ପୀଡ଼ିତ ପରିବାରଙ୍କୁ ସଜନା, କଦଳୀ, ଅମୃତଭଣ୍ଡା, କନ୍ଦମୂଳ ଆଦି ଚାରା ବଣ୍ଟନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କୃଷି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ଅତିରିକ୍ତ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଝାରପଡ଼ା ଜେଲରେ ବନ୍ଦୀ ଗୁରୁତର

**ଭୁବନେଶ୍ୱର,୨।୩(ସୂର୍ଯ୍ୟକାନ୍ତ ବେହେରା)**



ଝାରପଡ଼ା ଜେଲରେ ବିଚାରାଧୀନ ଥିବା ଜଣେ ବନ୍ଦୀ ଶନିବାର ରାତିରେ ଗୁରୁତର ହୋଇଛନ୍ତି। ସେ ହେଲେ ରଞ୍ଜନ ବେହେରା। ନିଶା ସେବନ କାରଣରୁ ରଞ୍ଜନ ଗୁରୁତର ହୋଇଥିବା ସନ୍ଦେହ କରାଯାଉଥିବାବେଳେ ଜେଲ ଅଧିକାରୀଙ୍କ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। ସୂଚନା ଅନୁସାରେ ଶନିବାର ରାତିରେ ରଞ୍ଜନଙ୍କ ମୁଣ୍ଡ ବୁଲେଇବା ସହିତ ବାନ୍ତି ହୋଇଥିଲା। ସେ ଏନେଇ ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲର ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ରବିବାର ସକାଳେ ମେଡିସିନ ବିଭାଗରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

# ମାଟ୍ରିକ ପରୀକ୍ଷା: କପି କରି ୯ ପରୀକ୍ଷାର୍ଥୀ ଧରାପଡ଼ିଲେ

**କଟକ,୨।୩ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ଶନିବାର ବିଜ୍ଞାନ ବିଷୟରେ କପି କରି ୯ ଜଣ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ମାତୃଭାଷା ପରୀକ୍ଷାରେ ୧୦ ପରୀକ୍ଷାର୍ଥୀ, ଦ୍ୱିତୀୟ ଭାଷା ଇଂଲିଶରେ ୪୨, ଗଣିତରେ ୫୧ ଓ ତୃତୀୟ ଭାଷା ପରୀକ୍ଷାରେ ୭ ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିଲେ। ମାଟ୍ରିକ ପରୀକ୍ଷା ସୂଚୀ ଅନୁଯାୟୀ ଆସନ୍ତା ୪ରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ।

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2024-04, ତା.23.02.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ 36(ଛତିଶ) ମାସ ସମୟ ଅବଧି ନିମନ୍ତେ ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ଼ (TIB) (19 ଷ୍ଟେସନ), କୋଚ୍ ଇଣ୍ଡିକେସନ୍ ବୋର୍ଡ଼ (CIB) (12 ଷ୍ଟେସନ) ଏବଂ ଆଟ୍ ଏ ଗ୍ଲାନ୍ସ (At a Glance) ଡିସ୍ପ୍ଲେ ବୋର୍ଡ଼ (3 ଷ୍ଟେସନ) ଗୁଡ଼ିକର ଅନ୍ ସାଇଟ୍ (Onsite) ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ଟେଣ୍ଡର ମୂଲ୍ୟ (₹):** 2,20,91,084.46, EMD (₹): 2,60,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 11,800/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.03.2024ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-1140/O/23-24

## ବିଦ୍ୟୁତ୍ ସରବରାହ ସଂକ୍ରାନ୍ତୀୟ ସର୍ବସାଧାରଣ ବିଜ୍ଞପ୍ତି

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଲିଖିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଅଛି କି, ସେଠାରେ **ତା୨୧।୦୩।୨୦୨୪ରିଖ କିମ୍ବା ତାହାପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ଓୟାରଗୁଡ଼ିକରେ ବିଜୁଳି ସରବରାହ ଆରମ୍ଭ କରିଦିଆଯିବ। ତା୨୧।୦୩।୨୦୨୪ରିଖ** ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ ଉକ୍ତ ଓଭରହେଡ୍ ଲାଇନ୍ ନିକଟରେ କୌଣସି ଅଣଅଧିକୃତ ବ୍ୟକ୍ତି ଯିବେନାହିଁ କିମ୍ବା କୌଣସି କାମ କରିବେ ନାହିଁ। **ସେକ୍ସନ:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ବିଏନ୍‌ଡିଏମ୍-ଓଆର୍‌ଜିଏ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ବିଜିକେଏ-ଲିଙ୍କ୍ ବି ସେକ୍ସନ ମଧ୍ୟରେ ଫିଡର୍ ଲାଇନ୍ ସମେତ ଅବସ୍ଥିତି ନଂ. ୫୭୪/୨୯ (କିମି ଚେନେଜ୍ ୫୭୪/୮୬୧.୦୦ ) ରୁ ୫୭୪/୩୧ (କିମି ଚେନେଜ୍ ୫୭୪/୯୨୪.୦୦) ମଧ୍ୟରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ଗୁଡ଼ିକରେ ଶକ୍ତି ସରବରାହ ଆରମ୍ଭ କରିବ। **ଶକ୍ତି ସରବରାହ ଆରମ୍ଭ ତାରିଖ: ୨୧।୦୩।୨୦୨୪।**

(PR-1194) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ରାଉରକେଲା

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505
No. CAD-4422

No.-CHEP/TW-02 (Vol.-VI)/1057 Date: 01.03.2024

TENDER CALL NOTICE NO.-CHEP-90/2023-24

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of different types of MCCB, MPCB and Auxiliary Contactors required for Generating Units of CHEP, Chiplima | Rs.2,360/- (Rs.2,000/- + GST @18%) | Rs.3,120/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.04.03.2024 up to 12:30 PM of dtd.18.03.2024.

OIPR-04006/11/0070/2324 Sd/- C & P Head, CHEP, Chiplima

## Directorate of Textiles, Odisha

No.CAD-4438

Satyanagar, Bhubaneswar-751007

INVITING APPLICATIONS FOR EMPANELMENT OF MCP

ADVERTISEMENT REFERENCE: SADHAC L.N 178/ 01.03.2024

Directorate of Textiles, Odisha invites fresh applications from interested skilled Weavers/ Dyers from Handloom sector for empanelment as State Level Master Crafts Person (MCP) to impart training indifferent trades like (i) Basic weaving (ii) weaving with Jalla & Dobby (iii) Weaving with Jacquard (iv) Tie & dye making and weaving (v) Dyeing (vi) Gurusishya Parampara under capacity building program (skill up gradation training) of the scheme POHI. **Last Date for submission of Application form: Date-20.03.2024, time-5:00 PM**. Bio-data Form for empanelment in the list of MCP and Formal structure & Syllabus of the training programme can be downloaded from the websites: www.sadhacodisha.org.in, https://handloom.odisha.gov.in , https://textiles.odisha.gov.in, https://www.sambalpuribastralaya.com https://www.boyanika.com.

Interested candidates are requested to send their applications along with duly filled in Bio-data by Regd./ Speed Post on address. State Agency for Development of Handloom Clusters (SADHAC) At: Directorate of Textiles, Odisha 1st floor, Satyanagar, Bhubaneswar-751007 (Odisha), Ph. No.0674-2572256

OIPR-31012/11/0002/2324 Sd/- Member Secretary, SADHAC

## झारखण्ड सरकार
कार्यपालक अभियंता का कार्यालय
ग्रामीण कार्य विभाग,कार्य प्रमण्डल,लोहरदगा

ई – अतिअल्पकालीन पुनर्निविदा आमंत्रण सूचना

ई– अतिअल्पकालीन पुनर्निविदा संख्याः– **14/2023-24 / RWD /LOHARDAGA** दिनांक 01.03.2024

कार्यपालक अभियंता,ग्रामीण कार्य विभाग , कार्य प्रमण्डल, लोहरदगा द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि ( रूपये में ) अंक में | अक्षर में | कार्य समाप्ति की तिथि | टेन्डर कॉल नं0 |
|---|---|---|---|---|---|---|
| 1 | EE RWD/ LOHARDAGA / 04/ STPKG -04/ 2023-24 | खिजरी मोड़ से खवासखिजरी तक पथ की सुदृढ़ीकरण कार्य। (लं0– 0.750 कि0 मी0)<br>नगजुआ से गोपालगंज तक पथ की सुदृढ़ीकरण कार्य। (लं0– 5.500 कि0 मी0)<br>नगजुआ से ख्वासअम्बा तक पथ की सुदृढ़ीकरण कार्य। (लं0– 2.100 कि0मी0)<br>बड़गांई मोड़ से बड़गांई तक पथ की सुदृढ़ीकरण कार्य। (लं0– 1.900 कि0 मी0)<br>नरौली से खण्डा तक पथ की सुदृढ़ीकरण कार्य। (लं0– 3.400 कि0 मी0)<br>गजनी मोड़ से उलटी तक पथ की सुदृढ़ीकरण कार्य। (लं0– 1.700 कि0 मी0)<br>नगजुआ रेलवे स्टेशन से गाराडीह मोड़ तक पथ की सुदृढ़ीकरण कार्य। (लं0– 1.600 कि0 मी0)<br>चटटी कैरो पी0 डब्लू0 डी0 पथ पचगांई से अम्बाटोली तक पथ की सुदृढ़ीकरण कार्य। (लं0– 1.590 कि0 मी0)<br>चेरिमा से सिया टोली तक पथ की सुदृढ़ीकरण कार्य। (लं0– 1.400 कि0 मी0)<br>नरौली मोड़ से नरौली तक पथ की सुदृढ़ीकरण कार्य। (लं0– 1.400 कि0 मी0)<br>आर0 ई0 ओ0 पथ (हल्दी बगीचा) नगजुआ से गजनी तक पथ की सुदृढ़ीकरण कार्य। (लं0– 2.600 कि0 मी0) | 13,22,12,100.00 | तेरह करोड़ बाईस लाख बारह हजार एक सौ रू0 मात्र । | 15 माह | तृतीय |

2. वेबसाईट में निविदा प्रकाशन की तिथि :– 02.03.2024 ।
3. ई–निविदा प्राप्ति की अंतिम तिथि एवं समय :– 09.03.2024 अपराह्न 5.00 बजे ।
4. निविदा खोलने की तिथि एवं समय 11.03.2024 अपराह्न 12.30 बजे ।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग ,कार्य प्रमण्डल, लोहरदगा पुराना डी0 आर0 डी0 ए0 भवन, लोहरदगा, पिन कोड– 835302
6. ई– निविदा प्रकोष्ठ का दूरभाष सं0.– 06526316381
7. निविदा शुल्क एवं अग्रधन की राशि विभागीय पत्रांक 3130 (अनु0 ) दिनांक 09.10.2023 के निदेशानुसार केवल Online Mode द्वारा स्वीकार्य होगी ।
8. निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा ,उसी खाते में अग्रधन की राशि वापस होगी । अगर खाता को बंद कर दिया जाता है तो उसकी सारी जबावदेही निविदादाता की होगी ।

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रा0 का वि0 ,
कार्य प्रमण्डल, लोहरदगा

PR 321242 Lohardaga(23-24).D

## GOVERNMENT OF JHARKHAND
OFFICE OF THE EXECUTIVE ENGINEER
R.C.D. , ROAD DIVISION, SAHIBGANJ

e- Procurement Notice

e-Tender Reference no.- RCD/SAHIBGANJ/ 177/2023-24 Dated : 01.03.2024

| | | |
|---|---|---|
| 1 | Name of Work | Reconstruction work of Khairbani (on NH-133A) to Sanmani (on RCD, ODR Road) via Jhumarbandh, Dibrikol, Chhota Orsa Pahar Road (Total Length-7.580 KM) under Road Division, Sahibganj for the year 2023-24 |
| 2 (a) | Estimated Cost (Rs) | **Rs. 40,27,19,600.00** (Rupees Forty Crore Twenty Seven Lakh Nineteen Thousand Six Hundred and Zero Paise) Only. |
| (b) | Bid Security (Rs) | **40,28,000.00** (Rupees Forty Lakh and Twenty Eight Thousand) Only. |
| 3 | Time of Completion | 13 (Thirteen) Months |
| 4 | Last date / Time for receipt of bids | 18.04.2024 upto 12.00 Noon |
| 5 | Pre-Bid Meeting | 26.03.2024 from 03.00 P.M. |
| 6 | Date of Publication of Tender on website | 16.03.2024 from 10.30 A.M. |
| 7 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 8 | Contact no. of Procurement officer | 8271102250 |
| 9 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

Note : Estimated Cost may increase or decrease

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 321146 (Road)23-24*D

No.W–55

ACCESS TO JUSTICE FOR ALL

## ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୪

ତା୦୯।୦୩।୨୦୨୪ରିଖ (ଦ୍ୱିତୀୟ ଶନିବାର) ଜିଲ୍ଲା ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଓ ୧୭।୦୩।୨୦୨୪ (ରବିବାର) ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ

ବିଶେଷ ସୂଚନା

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା / ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୦୯।୦୩।୨୦୨୪ରିଖ (ଦ୍ୱିତୀୟ ଶନିବାର) ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଓ ତା ୧୭।୦୩।୨୦୨୪ରିଖ (ରବିବାର) ଦିନ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା(ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) / ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ /ଜିଲ୍ଲା / ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା / ଖାଉଟି ବିବାଦ / ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) / ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.- ୯୪୩୮୫୭୮୫୮୬ / ୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com

OIPR–18008/11/0019/2324

# ୧୨୦ ବିଧାନସଭା, ୧୭ ଲୋକ ସଭା ଆସନରେ ଜିତିବ ବିଜେଡି: ସସ୍ମିତ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)



### ଭାଜପାର କେତେଜଣ ନେତା ମେଣ୍ଟ ଗୁଜବ ଚଳାଇଛନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ୫-ଟି ପ୍ରକରଣରେ ସାରା ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ଯୋଗୁ ବିଜେଡି ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୃଢ଼ ସ୍ଥାନରେ ରହିଛି। ଆଗାମୀ ନିର୍ବାଚନରେ ବିଜେଡି ୧୨୦ରୁ ଅଧିକ ବିଧାନସଭା ଏବଂ ୧୭ରୁ ଅଧିକ ଲୋକ ସଭା ଆସନରେ ଜିତିବ ବୋଲି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସସ୍ମିତ କହିଛନ୍ତି, ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ବିପୁଳ ଆଶୀର୍ବାଦ କରିବା ସହ ରେକର୍ଡ ସଂଖ୍ୟକ ଆସନ ଜିତାଇବାକୁ ସାଢେ ୪ କୋଟି ରାଜ୍ୟବାସୀ ମନ ସ୍ଥିର କରିସାରିଲେଣି। ଜନବିରୋଧୀ କାର୍ଯ୍ୟ କରି ବିଜେଡିରୁ ଯେଉଁମାନେ ବିଦା ହୋଇଛନ୍ତି ଏବଂ ଆଗାମୀ ନିର୍ବାଚନରେ ଯେଉଁମାନେ ଟିକେଟ ପାଇବା ସମ୍ଭାବନା ନାହିଁ କିମ୍ବା ଯାହାର ଭବିଷ୍ୟତ ବିଜେଡିରେ ନାହିଁ, ସେମାନଙ୍କୁ ଭାଜପା ରାଜ୍ୟ ଶାଖା ପାଛୋଟି ନେଉଛି । କାରଣ ଓଡ଼ିଶା ଭାଜପା ପାଖରେ ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ପାଇଁ ପ୍ରାର୍ଥୀ ନାହାନ୍ତି। ବିଜେଡି ସବୁବେଳେ ଜନତାଙ୍କ ପାଇଁ କାର୍ଯ୍ୟ କରିଛି ଏବଂ ଜନତାଙ୍କ ସହ ରହିଛି, ଆଗାମୀ ଦିନରେ ମଧ୍ୟ ରହିବ। ଭାଜପାର କେତେଜଣ ହାତଗଣତି ନେତା ଓଡ଼ିଶାରେ ମେଣ୍ଟ ହେବା ନେଇ ଗୁଜବ ସୃଷ୍ଟି କରୁଛନ୍ତି ବୋଲି ସସ୍ମିତ କହିଛନ୍ତି ।

# ବିଜେଡିରୁ ଇସ୍ତଫା ଦେଲେ ବିଧାୟକ ଅରବିନ୍ଦ ଢାଲି

ଭୁବନେଶ୍ୱର,୨।୩ (ସୁନିତ୍ ମିଶ୍ର)

### ଆଜି ଭାଜପାରେ ଯୋଗଦେବେ ବୋଲି ଦେଲେ ଆଗୁଆ ସୂଚନା



ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ପାର୍ଟି ଭିତରେ ଦଳ ଡିଆଁ ପର୍ବ ଆରମ୍ଭ ହୋଇଯାଇଛି। ବିଜେଡିର ବରିଷ୍ଠ ନେତା ତଥା ୫ ଥରର ବିଧାୟକ ଅରବିନ୍ଦ ଢାଲି ଦଳରୁ ଇସ୍ତଫା ଦେଇଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀରୁ ବିଧାୟକ ଥିବା ଢାଲି ଶନିବାର ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଇ-ମେଲ୍ ଯୋଗେ ସେ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ରବିବାର ସେ ଭାଜପାରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି।

ଦଳ ଛାଡ଼ିବା ନେଇ କୌଣସି ନିର୍ଦ୍ଦିଷ୍ଟ କାରଣ ନ କହି ଅରବିନ୍ଦ କହିଛନ୍ତି, ସେ ଜଣେ ଅନୁଶାସିତ କାର୍ଯ୍ୟକର୍ତ୍ତା। ୩୫ ବର୍ଷ ହେଲାଣି ରାଜନୀତିରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ସମସ୍ତଙ୍କର ନିଜର ଆଶା ରହିଛି। କିନ୍ତୁ ଏହା କେତେଦୂର ସମ୍ପୂର୍ଣ୍ଣ ହେବ ତାହା ସମୟ କହିବ। ମନ ହେଲା ବୋଲି ଦଳ ଛାଡ଼ି ସେ ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦେବା ବେଳେ ହିଁ ଛାଡ଼ିବାର କାରଣ କହିବେ ବୋଲି ଢାଲି କହିଛନ୍ତି। ଢାଲି ୧୯୯୦, ୧୯୯୫ ଏବଂ ୨୦୦୦ରେ ମାଲକାନଗିରିରୁ ବିଧାୟକ ଥିଲେ। ଏହାପରେ ଭାଜପା-ବିଜେଡି ମେଣ୍ଟ ଭାଙ୍ଗିବା ପରେ ବିଜେଡିରେ ମିଶିଥିଲେ। ୨୦୦୯ ଓ ୨୦୧୯ରେ ୨ଥର ବିଜେଡି ଟିକେଟରେ ଜୟଦେବ ଆସନରୁ ବିଧାୟକ ହୋଇଥିଲେ। ବିଜେଡିରୁ ବିଦା ହୋଇଥିବା ୨ ଜଣ ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦେବ ନିକଟରେ ଭାଜପାରେ ଯୋଗଦେଇଥିବା ବେଳେ କିଛିଦିନ ତଳେ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାଏକ ମଧ୍ୟ ଦଳରୁ ଇସ୍ତଫା ଦେଇସାରିଛନ୍ତି। ହେଲେ ପ୍ରେମାନନ୍ଦ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଦଳରେ ଯୋଗ ଦେଇନାହାନ୍ତି।

# ୪ରେ ପଦ୍ମ ଧରିବେ ରାଜୁ

ଭଦ୍ରକ,୨।୩ (ସନାତନ ରାଉତ)



ପଦ୍ମ ଧରିବେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ(ରାଜୁ)। ଆସନ୍ତା ୪ ତାରିଖରେ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଭାଜପାରେ ସାମିଲ ହେବେ ବୋଲି ରାଜେନ୍ଦ୍ର କହିଛନ୍ତି। ଧାମନଗରର ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ମୃତ୍ୟୁ ପରେ ୨୦୨୨ରେ ହୋଇଥିବା ଉପନିର୍ବାଚନରେ ବିଜେଡିରୁ ଟିକେଟ ନ ମିଳିବାରୁ ରାଜେନ୍ଦ୍ର ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେତେବେଳେ ବିଜେଡିକୁ ହରାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜେନ୍ଦ୍ର ରାଜ୍ୟରେ ଚର୍ଚ୍ଚିତ ଚେହେରା ପାଲଟିଥିଲେ। ଉପନିର୍ବାଚନରେ ମାତ୍ର ୮,୧୫୩ ଭୋଟ୍ ପାଇଥିଲେ ମଧ୍ୟ ଶାସକ ଦଳର ବିଜୟଧାରାରେ ବ୍ରେକ୍ ଲଗାଇବାରେ ତାଙ୍କର ବଡ଼ ଭୂମିକା ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଟିକେଟରେ ଲଢ଼ିଥିବା ରାଜେନ୍ଦ୍ର ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀଙ୍କଠାରୁ ୪,୬୨୫ ଭୋଟ୍‌ରେ ପରାଜିତ ହୋଇଥିଲେ। ଉପନିର୍ବାଚନରେ ତାଙ୍କୁ ଟିକେଟ ନ ଦେଇ ବିଜେଡି ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିଥିଲା। କିନ୍ତୁ ରାଜେନ୍ଦ୍ର ତାଙ୍କର ଅସନ୍ତୋଷ ବ୍ୟକ୍ତ କରି ବିଜେଡିର ସବୁ ରଣକୌଶଳକୁ ବିଫଳ କରିଦେଇଥିଲେ। ବିଦ୍ରୋହୀ ପ୍ରାର୍ଥୀ ହେବା ପରେ ବିଜେଡି ପକ୍ଷରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ଉପନିର୍ବାଚନ ପରେ ରାଜେନ୍ଦ୍ର କେଉଁ ଦଳକୁ ଯିବେ ଏବଂ ତାଙ୍କର ରାଜନୈତିକ ଭବିଷ୍ୟତ କ'ଣ ହେବ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଗତ କିଛିଦିନ ଧରି ସେ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଲାଗି ରହିଥିଲା। ଏବେ ସବୁ କଳ୍ପନା ଜଳ୍ପନାର ଅନ୍ତଃ ଘଟାଇ ଭାଜପାରେ ସାମିଲ ହେବେ ବୋଲି ସେ କହିଛନ୍ତି।

# ପିପିଲି ଭାଜପାରେ ଛକାପଞ୍ଝା

**ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ**

### ଟିକେଟ ଆଶାରେ ଆଶ୍ରିତ, ରାଧାମୋହନ, ସରୋଜ



ଆଶ୍ରିତ ପଟ୍ଟନାୟକ



ରାଧାମୋହନ



ସରୋଜ ପ୍ରଧାନ

ପିପିଲି, ୨।୩ (ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି-ଡେଲାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପ୍ରାର୍ଥୀ ହେବା ଲାଗି ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଅଦ୍ୟାବଧି ଟିକେଟ୍ ପାଇବା ପାଇଁ ଏମାନେ ନିଜ ଢଙ୍ଗରେ ଚେଷ୍ଟା ଚଳାଇଛନ୍ତି। ସେମାନେ ହେଲେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଯୁବ ସାମାଜିକ କର୍ମୀ ରାଧାମୋହନ ଓ ଯୁବ ଭାଜପା ନେତା ସରୋଜ ପ୍ରଧାନ। ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରୁ ଆଶ୍ରିତ ପଟ୍ଟନାୟକ ଥରେ ସ୍ୱାଧୀନ ଓ ଦୁଇ ଥର ଭାଜପାରୁ ଟିକେଟ ପାଇ ହାରିଛନ୍ତି। ଆଶ୍ରିତ ପୁରୀ ଜିଲା ଭାଜପା ସଭାପତି ରହିଥିବା ବେଳେ ତାଙ୍କର ପିପିଲି ବ୍ଲକ ସଂଗଠନ ସୁଦୃଢ଼ ରହିଛି। ସେହିପରି ରାଧାମୋହନଙ୍କ ଡେଲାଙ୍ଗ ବ୍ଲକରେ ସମର୍ଥନ ରହିଥିବା କୁହାଯାଉଥିବା ବେଳେ ସରୋଜ ଏହି ନିର୍ବାଚନମଣ୍ଡଳୀରେ ଚା'ଖଟି ଠାରୁ ଆରମ୍ଭ କରି ଅନ୍ୟଦଳର କର୍ମୀଙ୍କୁ ଭାଜପାରେ ସାମିଲ କରି ନିଜର ସଙ୍ଗଠନକୁ ମଜଭୁତ କରୁଛନ୍ତି।

ଏହି ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) ଗଡ଼ ଭାବେ ବେଶ୍ ପରିଚିତ । ୧୯୮୫ ମସିହାଠାରୁ ୨୦୧୯ ପର୍ଯ୍ୟନ୍ତ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କର ଏଠାରେ ପ୍ରଭାବ ରହିଆସିଥିଲା। ସେ ୭ଥର ବିଧାୟକ ହୋଇଥିଲେ। ସ୍ୱର୍ଗତ ମହାରଥୀଙ୍କୁ କଡ଼ା ଟକ୍କର ଦେଇ ଥରେ ମାତ୍ର ୧୯୯୫ ରୁ ୧୯୯୯ ଯାଏ କଂଗ୍ରେସର ବିଧାୟକ ହୋଇଥିଲେ ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟ । ତେବେ କଂଗ୍ରେସ ବିଶେଷକରି ସାମନ୍ତରାୟଙ୍କ ସମର୍ଥନରେ ୨୦୦୭ରେ ପିପିଲି ବ୍ଲକ ଅଧ୍ୟକ୍ଷ ଓ ୨୦୧୨ରେ କଂଗ୍ରେସର ଜିଲା ପରିଷଦ ସଭ୍ୟ ହୋଇଥିଲେ ଆଶ୍ରିତ ପଟ୍ଟନାୟକ । ଜିଲାପରିଷଦ ସଭ୍ୟ ହେବା ପରେ ପିପିଲି ନିର୍ବାଚନମଣ୍ଡଳୀରୁ ୨୦୧୪ରେ ସେ ସ୍ୱାଧୀନ ଭାବେ ବିଧାୟକ ପ୍ରାର୍ଥୀ ହୋଇ ୧୮ହଜାର ଭୋଟ ପାଇଥିଲେ । ସେ ସ୍ୱାଧୀନ ପ୍ରାର୍ଥୀ ହେବା ଯୋଗୁ ପୂର୍ବତନ ବିଧାୟକ ସାମନ୍ତରାୟ ବହୁ ଭୋଟ ବ୍ୟବଧାନରେ ମହାରଥୀଙ୍କଠାରୁ ହାରିଯାଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ପିପିଲି ଯୁବ ଭାଜପା ନେତା ଜନ୍ମେଜୟ ଜେନାଙ୍କ ନେତୃତ୍ୱରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ୬ଟି ଜିଲା ପରିଷଦ ଜୋନ୍‌ରୁ ଭାଜପାକୁ ୫୪ ହଜାର ଭୋଟ ମିଳିଥିଲା । ୨୦୧୯ରେ ଆଶ୍ରିତ ପଟ୍ଟନାୟକ ଭାଜପାରେ ମିଶିବା ସହ ବିଧାୟକ ପ୍ରାର୍ଥୀ ହୋଇ ୭୨ହଜାର ୭୩୧ଖଣ୍ଡ ଭୋଟ ପାଇଥିଲେ। ପ୍ରଦୀପ ମହାରଥୀଙ୍କଠାରୁ ଆଶ୍ରିତ ପଟ୍ଟନାୟକ ୧୫ହଜାର ୭୮୨ଖଣ୍ଡ ଭୋଟରେ ହାରିଥିଲେ। ୨୦୨୦ ଅକ୍ଟୋବର ୪ରେ ପ୍ରଦୀପ ମହାରଥୀଙ୍କ ଅକାଳ ବିୟୋଗ ପରେ ୨୦୨୧ରେ ଏହି ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୯ଜଣ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପାରୁ ଆଶ୍ରିତ ପଟ୍ଟନାୟକ, ବିଜେଡିରୁ ସ୍ୱର୍ଗତ ମହାରଥୀଙ୍କ ପୁତ୍ର ରୁଦ୍ରପ୍ରତାପ ମହାରଥୀଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ରୁଦ୍ରପ୍ରତାପ ନିର୍ବାଚିତ ହୋଇଥିଲେ।

ଅଦ୍ୟାବଧି କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ ଜଣାପଡ଼ି ନ ଥିଲା ବେଳେ ଭାଜପାରୁ ଉପରଲିଖିତ ନେତାଙ୍କ ସହ ନିର୍ବାଚନ ପାଖେଇ ଆସିଲେ ଆଉ କିଏ ଯୋଡ଼ି ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ତେବେ ଯାହା ଚର୍ଚ୍ଚା ହେଉଛି, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ଟିକେଟ ପାଇବା ପାଇଁ ଆଶା ରଖିଥିବା ବେଳେ ତାଙ୍କ ରାସ୍ତାରେ ଦୁଇ ଯୁବ ସଙ୍ଗଠକ ରାଧାମୋହନ ଓ ସରୋଜ ପ୍ରଧାନ କଣ୍ଟା ସାଜିପାରନ୍ତି। ତେଣୁ ଏ ଦୁହିଁଙ୍କ ସମର୍ଥକ ନିର୍ବାଚନମଣ୍ଡଳୀରେ ନୂଆ ପ୍ରାର୍ଥୀଙ୍କୁ ଟିକେଟ ମିଳିବା ଦରକାର ବୋଲି କହୁଛନ୍ତି।

# ଲୋକ ସଭା ନିର୍ବାଚନ: ଭାଜପା ପ୍ରଥମ ପ୍ରାର୍ଥୀ ତାଲିକା

| | | |
|---|---|---|
| | **ଉତ୍ତରପ୍ରଦେଶ** | |
| ୧. | ବାରାଣସୀ | ନରେନ୍ଦ୍ର ମୋଦି |
| | **ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ** | |
| ୨. | ଆଣ୍ଡାମାନ ଏବଂ ନିକୋବର | ବିଷ୍ଣୁପଦ ରାୟ |
| | **ଅରୁଣାଚଳ ପ୍ରଦେଶ** | |
| ୩. | ଅରୁଣାଚଳ ପଶ୍ଚିମ | କିରେନ ରିଜିଜୁ |
| ୪. | ଅରୁଣାଚଳ ପୂର୍ବ | ଟାପିର ଗାଓ |
| | **ଆସାମ** | |
| ୫. | କରିମଗଞ୍ଜ | କ୍ରିପନାଥ ମଲ୍ଲ |
| ୬. | ସିଲଚର୍ | ପରିମଳ ଶୁକ୍ଲବୈଦ୍ୟ |
| ୭. | ସ୍ୱୟଂଶାସିତ ଜିଲା | ଅମରସିଂହ ଟିସୋ |
| ୮. | ଗୁଆହାଟି | ବିଜୁଳି କଳିତା ମେଧି |
| ୯. | ମଙ୍ଗଳଦୋଇ | ଦିଲୀପ ସାଇକିଆ |
| ୧୦. | ତେଜପୁର | ରଞ୍ଜିତ ଦତ୍ତ |
| ୧୧. | ନାଓଗଙ୍ଗ | ସୁରେଶ ବୋରା |
| ୧୨. | କାଲିଆବୋର | କାମାକ୍ଷାପ୍ରସାଦ ତସା |
| ୧୩. | ଜୋରହାଟ | ତପନ କୁମାର ଗୋଗଇ |
| ୧୪. | ଡିବ୍ରୁଗଡ଼ | ସର୍ବାନନ୍ଦ ସୋନୋୱାଲ |
| ୧୫. | ଲଖିପୁର | ପ୍ରଧାନ ବରୁଆ |
| | **ଛତିଶଗଡ଼** | |
| ୧୬. | ସର୍ଗୁଜା | ଚିନ୍ତାମଣି ମହାରାଜ |
| ୧୭. | ରାୟଗଡ଼ | ରାଧେଶ୍ୟାମ ରାଠିଆ |
| ୧୮. | ଜାଞ୍ଜଗିର-ଚମ୍ପା | କମଲେଶ ଜାଙ୍ଗଡ଼ |
| ୧୯. | କୋର୍ବା | ସୁଶ୍ରୀ ସରୋଜ ପାଣ୍ଡେ |
| ୨୦. | ବିଲାସପୁର | ତୋଖନ ସାହୁ |
| ୨୧. | ରାଜନନ୍ଦଗାଁ | ସନ୍ତୋଷ ପାଣ୍ଡେ |
| ୨୨. | ଦୁର୍ଗ | ବିଜୟ ବଘେଲ |
| ୨୩. | ରାୟପୁର | ବ୍ରିଜ୍‌ମୋହନ ଅଗରୱାଲ |
| ୨୪. | ମହାସମୁନ୍ଦ | ରୁପ କୁମାରୀ ଚୌଧରୀ |
| ୨୫. | ବସ୍ତର | ମହେଶ କାଶ୍ୟପ |
| ୨୬. | କାଙ୍କେର | ଭୋଜରାଜ ନାଗ |
| | **ଦାଦ୍ରା ଏବଂ ନଗର ହାବେଳି ଏବଂ ଡାମନ ଓ ଡିଉ** | |
| ୨୭. | ଡାମନ ଓ ଡିଉ | ଲାଲୁଭାଇ ପଟେଲ |
| | **ଦିଲ୍ଲୀ** | |
| ୨୮. | ଚାନ୍ଦନୀଚୌକ | ପ୍ରବୀଣ ଖଣ୍ଡେଲୱାଲ |
| ୨୯. | ଉତ୍ତର ପୂର୍ବ ଦିଲ୍ଲୀ | ମନୋଜ ତିୱାରୀ |
| ୩୦ | ନୂଆଦିଲ୍ଲୀ | ସୁଶ୍ରୀ ବାଂଶୁରୀ ସ୍ୱରାଜ |
| ୩୧. | ପଶ୍ଚିମଦିଲ୍ଲୀ | କୁ. କମଲଜିତ ସହରାବତ |
| ୩୨. | ଦକ୍ଷିଣଦିଲ୍ଲୀ | ରାମବୀର ସିଂହ ବିଧୁରୀ |
| | **ଗୋଆ** | |
| ୩୩. | ଉତ୍ତରଗୋଆ | ଶ୍ରୀପଦ ୟେସୋ ନାଏକ |
| | **ଗୁଜରାଟ** | |
| ୩୪. | କଚ୍ଛ (ଏସ୍‌ସି) | ବିନୋଦଭାଇ ଲଖମାସି ଚଭଦା |
| ୩୫. | ବନାସକାଣ୍ଠା | ରେଖାବେନ ହିତେଶଭାଇ ଚୌଧରୀ |
| ୩୬. | ପାଟନା | ଭରତସିଂହଜୀ ଡାଭି |
| ୩୭. | ଗାନ୍ଧୀନଗର | ଅମିତ୍ ଶାହ |
| ୩୮. | ଅହମ୍ମଦାବାଦ ପଶ୍ଚିମ | ଦିନେଶ ଭାଇ କୋଦାରଭାଇ ମକୱାନା |
| ୩୯. | ରାଜକୋଟ | ପରଷୋତ୍ତମ ରୁପାଲା |
| ୪୦. | ପୋରବନ୍ଦର | ମନସୁଖଭାଇ ମାଣ୍ଡବ୍ୟ |
| ୪୧. | ଜାମନଗର | ପୁନମବେନ୍ ମାଡମ |
| ୪୨. | ଆନନ୍ଦ | ମିତେଶଭାଇ ଆର.ପଟେଲ |
| ୪୩. | ଖେଡା | ଦେବୁସିଂହ ଚୌହାନ |
| ୪୪. | ପଞ୍ଚମହଲ | ରାଜପାଲ ସିଂହ ମହେନ୍ଦ୍ରସିଂହ ଯାଦବ |
| ୪୫. | ଜୋହାଦ (ଏସ୍‌ଟି) | ଜଶୱନ୍ତସିଂହ ଭାଭୋର |
| ୪୬. | ଭରୁଚ୍ | ମନସୁଖଭାଇ ବସାଭା |
| ୪୭. | ବର୍ଦୋଲି (ଏସ୍‌ଟି) | ପ୍ରଭୁଭାଇ ଏନ୍. ବସାଭା |
| ୪୮. | ନବସାରୀ | ସି. ଆର୍. ପାଟିଲ |
| | **ଜମ୍ମୁ ଏବଂ କଶ୍ମୀର** | |
| ୪୯. | ଉଧମପୁର | ଜିତେନ୍ଦ୍ର ସିଂହ |
| ୫୦. | ଜମ୍ମୁ | ଯୁଗଳକିଶୋର ଶର୍ମା |
| | **ଝାଡ଼ଖଣ୍ଡ** | |
| ୫୧. | ରାଜମହଲ (ଏସ୍‌ଟି) | ତାଲା ମାରାଣ୍ଡି |
| ୫୨. | ଦୁମ୍‌କା (ଏସ୍‌ଟି) | ସୁନିଲ ସୋରେନ୍ |
| ୫୩. | ଗୋଡ୍ଡା | ନିଶିକାନ୍ତ ଦୁବେ |
| ୫୪. | କୋଡର୍ମା | ଅନ୍ନପୂର୍ଣ୍ଣା ଦେବୀ |
| ୫୫. | ରାଞ୍ଚି | ସଞ୍ଜୟ ସେଠ୍ |
| ୫୬. | ଜାମସେଦପୁର | ବିଦ୍ୟୁତ୍ ବରଣ ମହାତୋ |
| ୫୭. | ସିଂହଭୂମ (ଏସ୍‌ଟି) | ଗୀତା କୋଡା |
| ୫୮. | ଖୁଣ୍ଟି (ଏସ୍‌ଟି) | ଅର୍ଜୁନ ମୁଣ୍ଡା |
| ୫୯. | ଲୋହାରଦଗା | ସମୀର ଓରାଓଁ |
| ୬୦. | ପଲାମୁ (ଏସ୍‌ଟି) | ବିଷ୍ଣୁଦୟାଲ ରାମ |
| ୬୧. | ହଜାରିବାଗ | ମନୀଷ ଜୟସ୍ୱାଲ |
| | **କେରଳ** | |
| ୬୨. | କାଶରଗୋଡ଼ | ଏମ୍.ଏଲ୍. ଅଶ୍ୱିନୀ |
| ୬୩. | କନ୍ନୁର | ସି. ରଘୁନାଥ |
| ୬୪. | ବଡ଼କରା | ପ୍ରଫୁଲ୍ଲ କ୍ରିଷ୍ଣା |
| ୬୫. | କୋଝିକୋଡ଼ | ଏମ୍.ଟି. ରମେଶ |
| ୬୬. | ମଲ୍ଲପୁରମ୍ | ଡ. ଅବଦୁଲ ସଲାମ |
| ୬୭. | ପୋନାନୀ | ନିବେଦିତା ସୁବ୍ରମଣିଅନ |
| ୬୮. | ପଲକାଢ | ସି. କ୍ରିଷ୍ଣକୁମାର |
| ୬୯. | ଥ୍ରୀସୁର | ସୁରେଶ ଗୋପୀ |
| ୭୦. | ଅଲପୁଝା | ଶୋଭା ସୁରେନ୍ଦ୍ରନ୍ |
| ୭୧. | ପଠାନମହିତା | ଅନୀଲ କେ. ଆଣ୍ଟୋନି |
| ୭୨. | ଆଣ୍ଟିଗଲ | ଭି. ମୁରଲୀଧରନ୍ |
| ୭୩. | ଥିରୁଭାନନ୍ତପୁରମ୍ | ରାଜୀବ ଚନ୍ଦ୍ରଶେଖର |
| | **ମଧ୍ୟପ୍ରଦେଶ** | |
| ୭୪. | ମୋରେନା | ଶିବମଙ୍ଗଳସିଂହ ତୋମାର |
| ୭୫. | ଭିଣ୍ଡ (ଏସ୍‌ସି) | ସନ୍ଧ୍ୟା ରାୟ |
| ୭୬. | ଗ୍ୱାଲିଅର | ଭରତସିଂହ ଖୁସ୍‌ୱା |
| ୭୭. | ଗୁନା | ଜ୍ୟୋତିରାଦିତ୍ୟ ସିନ୍ଧିଆ |
| ୭୮. | ସାଗର | ଲତା ୱାଙ୍ଖେଡେ |
| ୭୯. | ଟିକମଗଡ଼ (ଏସ୍‌ସି) | ବୀରେନ୍ଦ୍ର ଖାତିକ |
| ୮୦. | ଦମୋହ | ରାହୁଲ ଲୋଧି |
| ୮୧. | ଖଜୁରାହୋ | ଭି.ଡି. ଶର୍ମା |
| ୮୨. | ସତନା | ଗଣେଶ ସିଂହ |
| ୮୩. | ରେବା | ଜନାର୍ଦ୍ଦନ ମିଶ୍ର |
| ୮୪. | ସିଧି | ରାଜେଶ ମିଶ୍ର |
| ୮୫. | ସାହଡୋଲ (ଏସ୍‌ଟି) | ହୀମାଦ୍ରି ସିଂହ |
| ୮୬. | ଜବଲପୁର | ଆଶିଷ ଦୁବେ |
| ୮୭. | ମଣ୍ଡଲ (ଏସ୍‌ଟି) | ଫଗନସିଂହ କୁଲାସ୍ତେ |
| ୮୮. | ହୋସାଙ୍ଗବାଦ | ଦର୍ଶନସିଂହ ଚୌଧରୀ |
| ୮୯. | ବିଦିଶା | ଶିବରାଜସିଂହ ଚୌହାନ |
| ୯୦. | ଭୋପାଳ | ଆଲୋକ ଶର୍ମା |
| ୯୧. | ରାଜଗଡ଼ | ରୋଡମଲ ନାଗର |
| ୯୨. | ଦେବାସ (ଏସ୍‌ଟି) | ମହେନ୍ଦ୍ରସିଂହ ସୋଲାଙ୍କି |
| ୯୩. | ମଣ୍ଡସୌର | ସୁଧିର ଗୁପ୍ତା |
| ୯୪. | ରତଲାମ (ଏସ୍‌ଟି) | ଅନୀତା ନାଗର ସିଂହ ଚୌହାନ |
| ୯୫. | ଖର୍ଗୋନ (ଏସ୍‌ଟି) | ରାଜେନ୍ଦ୍ର ପଟେଲ |
| ୯୬. | ଖଣ୍ଡୱା | ଜ୍ଞାନେଶ୍ୱର ପାଟିଲ |
| ୯୭. | ବେଟୁଲ (ଏସ୍‌ଟି) | ଦୁର୍ଗାଦାଶ ଉଇକେ |
| | **ରାଜସ୍ଥାନ** | |
| ୯୮. | ବିକାନେର (ଏସ୍‌ଟି) | ଅର୍ଜୁନରାମ ମେଘୱାଲ |
| ୯୯. | ଚୁରୁ | ଦେବେନ୍ଦ୍ର ଝାଝରିଆ |
| ୧୦୦. | ସିକର | ସ୍ୱାମୀ ସୁମେଧାନନ୍ଦ ସରସ୍ୱତୀ |
| ୧୦୧. | ଅଲୱାର | ଭୂପେନ୍ଦ୍ର ଯାଦବ |
| ୧୦୨. | ଭରତପୁର (ଏସ୍‌ସି) | ରାମସ୍ୱରୂପ କୋଲି |
| ୧୦୩. | ନାଗୁଆର | ଜ୍ୟୋତି ମିର୍ଦ୍ଧା |
| ୧୦୪. | ପାଲି | ପି.ପି. ଚୌଧରୀ |
| ୧୦୫. | ଯୋଧପୁର | ଗଜେନ୍ଦ୍ରସିଂହ ଶେଖାୱତ |
| ୧୦୬. | ବାର୍‌ମେର | କୈଳାଶ ଚୌଧରୀ |
| ୧୦୭. | ଜାଲୋର | ଲୁମ୍ବାରାମ ଚୌଧରୀ |
| ୧୦୮. | ଉଦୟପୁର (ଏସ୍‌ଟି) | ମନ୍ନାଲାଲ ରାୱତ |
| ୧୦୯. | ବଂଶାରା (ଏସ୍‌ଟି) | ମହେନ୍ଦ୍ର ମାଲବ୍ୟ |
| ୧୧୦. | ଚିତ୍ତୋରଗଡ଼ | ସି.ପି. ଯୋଶୀ |
| ୧୧୧. | କୋଟା | ଓମ୍ ବିର୍ଲା |
| ୧୧୨. | ଝଲୱାର ବାରାଁ | ଦୁଶ୍ୟନ୍ତ ସିଂହ |
| | **ତେଲଙ୍ଗାନା** | |
| ୧୧୩. | କରିମନଗର | ବଣ୍ଡି ସଞ୍ଜୟ କୁମାର |
| ୧୧୪. | ନିଜାମବାଦ | ଅରବିନ୍ଦ ଧର୍ମପୁରୀ |
| ୧୧୫. | ଜହିରାବାଦ | ବି.ବି. ପାଟଲ |
| ୧୧୬. | ମଲକାଜାଗିର | ଏଟେଲା ରାଜେନ୍ଦର |
| ୧୧୭. | ସିକନ୍ଦରାବାଦ | ଜି.କିଷାନ ରେଡ୍ଡୀ |
| ୧୧୮. | ହାଇଦ୍ରାବାଦ | ମାଧବୀ ଲତା |
| ୧୧୯. | ଚେଲ୍‌ବେଲ୍ଲା | କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ |
| ୧୨୦. | ନଗରକୁର୍ନୁଲ | ପି. ଭରତ |
| ୧୨୧. | ଭୋଙ୍ଗିର | ବୋରା ନରଶାହ ଗୌଡ |
| | **ତ୍ରିପୁରା** | |
| ୧୨୨. | ତ୍ରିପୁରା ପଶ୍ଚିମ | ବିପ୍ଲବ କୁମାର ଦେବ |
| | **ଉତ୍ତରାଖଣ୍ଡ** | |
| ୧୨୩. | ଟେହରି ଗଡୱାଲ | ମାଲା ରାଜ୍ୟଲକ୍ଷ୍ମୀ ଶାହ |
| ୧୨୪. | ଅଲମୋରା | ଅଜୟ ଟମ୍‌ଟା |
| ୧୨୫. | ନୈନିତାଲ-ଉଧମସିଂହ ନଗର | ଅଜୟ ଭଟ୍ଟ |
| | **ଉତ୍ତରପ୍ରଦେଶ** | |
| ୧୨୬. | କୈରାନା | ପ୍ରଦୀପ କୁମାର |
| ୧୨୭. | ମୁଜାଫରନଗର | ସଞ୍ଜୀବ କୁମାର ବଲ୍ୟାନ |
| ୧୨୮. | ନାଗିନା (ଏସ୍‌ସି) | ଓମ୍ କୁମାର |
| ୧୨୯. | ରାମପୁର | ଘନଶ୍ୟାମ ଲୋଧି |
| ୧୩୦. | ସମ୍ଭଲ | ପରମେଶ୍ୱରଲାଲ ସାଇନି |
| ୧୩୧. | ଅମରୋହା | କନୱାରସିଂହ ତନୱାର |
| ୧୩୨. | ଗୌତମବୁଦ୍ଧନଗର | ମହେଶ ଶର୍ମା |
| ୧୩୩. | ବୁଲନ୍ଦସହର | ଭୋଲା ସିଂହ |
| ୧୩୪. | ମଥୁରା | ହେମା ମାଲିନୀ |
| ୧୩୫. | ଆଗ୍ରା (ଏସ୍‌ସି) | ସତ୍ୟପାଲସିଂହ ବଘେଲ |
| ୧୩୬. | ଫତେପୁର ସିକ୍ରି | ରାଜକୁମାର ଚହର |
| ୧୩୭. | ଏଟା | ରାଜବୀର ସିଂହ (ରାଜୁ ଭୋୟା) |
| ୧୩୮. | ଅମ୍ବଲା | ଧର୍ମେନ୍ଦ୍ର କାଶ୍ୟପ |
| ୧୩୯. | ଶାହାଜାହନପୁର | ଅରୁଣ କୁମାର ସାଗର |
| ୧୪୦. | ଖେରି | ଅଜୟ ମିଶ୍ରା 'ଟେନି' |
| ୧୪୧. | ଧୌରହରା | ରେଖା ବର୍ମା |
| ୧୪୨. | ସୀତାପୁର | ରାଜେଶ ବର୍ମା |
| ୧୪୩. | ହାର୍ଦୋଇ (ଏସ୍‌ସି) | ଜୟପ୍ରକାଶ ରାୱତ |
| ୧୪୪. | ମିଶ୍ରିଖ (ଏସ୍‌ସି) | ଅଶୋକ କୁମାର ରାୱତ |
| ୧୪୫. | ଉନ୍ନାଓ | ସାକ୍ଷୀ ମହାରାଜ |
| ୧୪୬. | ମୋହନଲାଲଗଞ୍ଜ | କୌଶଲ କିଶୋର |
| ୧୪୭. | ଲକ୍ଷ୍ନୌ | ରାଜନାଥ ସିଂହ |
| ୧୪୮. | ଆମେଠି | ସ୍ମୃତି ଇରାନୀ |
| ୧୪୯. | ପ୍ରତାପଗଡ଼ | ସଙ୍ଗମଲାଲ ଗୁପ୍ତା |
| ୧୫୦. | ଫାରୁଖାବାଦ | ମୁକେଶ ରାଜପୁତ |
| ୧୫୧. | ଇଟାୱା (ଏସ୍‌ସି) | ରାମଶଙ୍କର କଠେରିଆ |
| ୧୫୨. | କନୌଜ | ସୁବ୍ରତ ପାଠକ |
| ୧୫୩. | ଆକବରପୁର | ଦେବେନ୍ଦ୍ର ସିଂହ 'ଭୋଲେ' |
| ୧୫୪. | ଜଲାନ (ଏସ୍‌ସି) | ଭାନୁପ୍ରତାପ ସିଂହ ବର୍ମା |
| ୧୫୫. | ଝାନ୍‌ସି | ଅନୁରାଗ ଶର୍ମା |
| ୧୫୬. | ହମିରପୁର | କୁଅଁର ପୁଷ୍ପେନ୍ଦ୍ର ସିଂହ ଚନ୍ଦେଲ |
| ୧୫୭. | ବାନ୍ଦା | ଆର୍.କେ. ସିଂହ ପଟେଲ |
| ୧୫୮. | ଫତେପୁର | ସାଧ୍ୱୀ ନିରଞ୍ଜନ ଜ୍ୟୋତି |
| ୧୫୯. | ବାରବାଙ୍କୀ (ଏସ୍‌ସି) | ଉପେନ୍ଦ୍ର ସିଂହ ରାୱତ |
| ୧୬୦. | ଫୈଜାବାଦ | ଲାଲୁ ସିଂହ |
| ୧୬୧. | ଆମ୍ବେଡକରନଗର | ରିତେଶ ପାଣ୍ଡେ |
| ୧୬୨. | ଶ୍ରାବସ୍ତି | ସାକେତ ମିଶ୍ରା |
| ୧୬୩. | ଗୋଣ୍ଡା | କୀର୍ତ୍ତି ବର୍ଦ୍ଧନ ସିଂହ(ରାଜା ଭାୟା) |
| ୧୬୪. | ଦୋମାରିଆଗଞ୍ଜ | ଜଗଦମ୍ବିକା ପାଲ |
| ୧୬୫. | ବସ୍ତି | ହରିଶ ଦ୍ୱିବେଦୀ |
| ୧୬୬. | ଶାନ୍ତକବିରନଗର | ପ୍ରବୀଣ କୁମାର ନିଶାଦ |
| ୧୬୭. | ମହାରାଜଗଞ୍ଜ | ପଙ୍କଜ ଚୌଧରୀ |
| ୧୬୮. | ଗୋରଖପୁର | ରବି କିଶାନ |
| ୧୬୯. | କୁଶିନଗର | ବିଜୟ କୁମାର ଦୁବେ |
| ୧୭୦. | ବାଂଶଗାଓଁ (ଏସ୍‌ସି) | କମଲେଶ ପାଶ୍ୱାନ |
| ୧୭୧. | ଲାଲଗଞ୍ଜ (ଏସ୍‌ସି) | ନିଲମ ସୋନକର |
| ୧୭୨. | ଆଜମଗଡ଼ | ଦୀନେଶ ଲାଲ ଯାଦବ 'ନିରହୁଆ' |
| ୧୭୩. | ସାଲେମପୁର | ରବୀନ୍ଦ୍ର କୁଶୱାହା |
| ୧୭୪. | ଯୋନପୁର | କୃପାଶଙ୍କର ସିଂହ |
| ୧୭୫. | ଚନ୍ଦାଉଲି | ମହେନ୍ଦ୍ର ନାଥ ପାଣ୍ଡେ |
| ୧୭୬. | କୁଚବିହାର (ଏସ୍‌ସି) | ନୀତିଶ ପ୍ରମାଣିକ |
| ୧୭୭. | ଆଲିପୁରଦୁଆର | ମନୋଜ ଟିଗା |
| ୧୭୮. | ବାଲୁରଘାଟ | ସୁକାନ୍ତ ମଜୁମଦାର |
| ୧୭୯. | ମାଲଦାହା ଉତ୍ତର | ଖଗେନ ମୁର୍ମୁ |
| ୧୮୦. | ମାଲଦାହା ଦକ୍ଷିଣ | ଶ୍ରୀରୂପା ମିତ୍ରା ଚୌଧରୀ |
| ୧୮୧. | ବହରାମପୁର | ନିର୍ମଳ କୁମାର ଶାହା |
| ୧୮୨. | ମୁର୍ଶିଦାବାଦ | ଗୌରୀଶଙ୍କର ଘୋଷ |
| ୧୮୩. | ରାଣାଘାଟ (ଏସ୍‌ସି) | ଜଗନ୍ନାଥ ସରକାର |
| ୧୮୪. | ବନଗାଓଁ (ଏସ୍‌ସି) | ଶାନ୍ତନୁ ଠାକୁର |
| ୧୮୫. | ଜୟନଗର (ଏସ୍‌ସି) | ଅଶୋକ କଣ୍ଡାରୀ |
| ୧୮୬. | ଯାଦବପୁର | ଅନିର୍ବାଣ ଗାଙ୍ଗୁଲି |
| ୧୮୭. | ହାୱଡା | ରଥିନୀ ଚକ୍ରବର୍ତ୍ତୀ |
| ୧୮୮. | ହୁଗ୍‌ଲି | ଲୋକେତ ଚାଟାର୍ଜୀ |
| ୧୮୯. | କାନ୍ଥୀ | ସୌମେନ୍ଦୁ ଅଧିକାରୀ |
| ୧୯୦. | ଘାଟଲ | ହିରଣ୍ମୟ ଚଟ୍ଟୋପାଧ୍ୟାୟ |
| ୧୯୧. | ପୁରୁଲିଆ | ଜ୍ୟୋତିର୍ମୟ ସିଂହ ମହାତୋ |
| ୧୯୨. | ବାଙ୍କୁଡା | ସୁଭାଷ ସର୍କାର |
| ୧୯୩. | ବିଷ୍ଣୁପୁର (ଏସ୍‌ସି) | ସୌମିତ୍ର ଖାନ୍ |
| ୧୯୪. | ଆସାନସୋଲ | ପୱନ ସିଂହ |
| ୧୯୫. | ବୋଲପୁର (ଏସ୍‌ସି) | ପ୍ରିୟା ସାହା |

# ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶା ନାହିଁ

ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)

- ୬ରେ ରାଜ୍ୟ ନିର୍ବାଚନ କମିଟି ବୈଠକ ପରେ ଘୋଷଣା: ମନମୋହନ
- ଧର୍ମେନ୍ଦ୍ର,ଜୁଏଲ ଏବଂ ଅପରାଜିତାଙ୍କ ନାଁ ଏହି ପର୍ଯ୍ୟାୟରେ ଘୋଷଣା ହୋଇପାରେ ନେଇ ଚର୍ଚ୍ଚା

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାଜପା ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ପକ୍ଷରୁ ମୋଟ ୧୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୧୯୫ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ତାଲିକାରେ ଓଡ଼ିଶାର କାହାରି ନାଁ ନାହିଁ। ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟ ନେତୃବୃନ୍ଦ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରୁ ୨ କିମ୍ବା ୩ ଜଣଙ୍କ ନାମ ଘୋଷଣା କରାଯାଇପାରେ ବୋଲି କହୁଥିଲେ। ସେମିତି କିଛି ହେଲାନାହିଁ। ଶେଷରେ ଗଣମାଧ୍ୟମ ଆଗରେ ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ମନମୋହନ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଆସନ୍ତା ୬ ତାରିଖରେ ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ। ଏହାପରେ ପ୍ରାର୍ଥୀ ତାଲିକା ଆସିବ। ଏହି ବୈଠକ ପରେ କେନ୍ଦ୍ରକୁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପଠାଯିବ। ଅନୁମୋଦନ ମିଳିଲା ପରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହେବ। ପ୍ରାର୍ଥୀଙ୍କୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଦଳର ସଂସଦୀୟ କମିଟି ବୈଠକରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଓଡ଼ିଶାର ଇଲେକ୍ସନ କମିଟି ବୈଠକ ବସିବ। ରବିବାର ସୁଦ୍ଧା ରାଜ୍ୟର ସମସ୍ତ ବିଧାନସଭା ଓ ଲୋକ ସଭା ପାଇଁ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଆସିବ। କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ଏହି ନାଁଗୁଡ଼ିକୁ ଅନୁମୋଦନ ମିଳିବା ପରେ ଓଡ଼ିଶାର ଲୋକ ସଭା ଆସନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବ ବୋଲି ସେ କହିଛନ୍ତି। ତେବେ କିଛିଦିନ ହେଲା ଭାଜପାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଜୁଏଲ ଓରାମ ଏବଂ ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀଙ୍କ ନାଁ ଦଳ ଆଗୁଆ ଘୋଷଣା କରିଦେଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସେପରି କିଛି ନ ହେବାକୁ ନେଇ ମଧ୍ୟ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଡ଼ି ଦଳ ଛାଡ଼ିଲେ



ମାଲକାନଗିରି, ୨।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିର ପୂର୍ବତନ ବିଜେଡି ବିଧାୟକ ମୁକୁନ୍ଦ ସୋଡ଼ି ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ସେଥିରେ ଇସ୍ତଫାର କାରଣ ଦର୍ଶାଇ ନ ଥିବା ବେଳେ ରବିବାର ସେ ଭାଜପାରେ ଭୁବନେଶ୍ୱରଠାରେ ମିଶିବେ ବୋଲି କହିଛନ୍ତି। ଦଳ ଛାଡିବାର କାରଣ ପଚାରିବାରୁ ଭାଜପାରେ ଯୋଗଦେବା ପରେ ଗଣମାଧ୍ୟମକୁ ସମସ୍ତ ସୂଚନା ଦେବେ ସେ ବୋଲି କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜିଲେ
ହାତ ଚିକ୍କଣ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟ ସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଉଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ ସେହିପରି ଯିଏ ଅନ୍ୟର ଅର୍ଥ କାରବାର କରେ , ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନେ ନାହିଁ କାଳେ ନାହିଁ
ଗହ୍ମା ପୂନିଅଁରେ ମାଇଁ ମାଇଁ।**

ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଫଳପ୍ରାପ୍ତି ଆଶାରେ ଅଚିହ୍ନା ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। କିଛି ଲାଭ ଆଶାରେ ଅପରିଚିତ ବ୍ୟକ୍ତିଙ୍କ ସହିତ ସମ୍ବନ୍ଧ ସ୍ଥାପନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡିଜିଟାଲ ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣକୁ ଗୁରୁତ୍ୱ




ବିଶ୍ୱ ବନ୍ୟପ୍ରାଣୀ ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାରେ ଆୟୋଜିତ ତଡ଼ୋବା ଫେଷ୍ଟିଭାଲ-୨୦୨୪ ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ୫୦ ଫୁଟ ଲମ୍ବ ବାଘର ବାଲୁକା କଳା।

## ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ

**ଭୁବନେଶ୍ୱର, ୨।୩(ଅସମାପିକା ସାହୁ)**

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚ ୩କୁ ବନ୍ୟଜନ୍ତୁ ଓ ଉଦ୍ଭିଦଙ୍କ ପାଇଁ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି। ତେବେ ଚଳିତ ବର୍ଷର ଥିମ୍ ରଖାଯାଇଛି 'କନେକ୍ଟିଙ୍ଗ ପିପୁଲ ଆଣ୍ଡ୍ ପ୍ଲାନେଟ: ଏକ୍ସପ୍ଲୋରିଂ ଡିଜିଟାଲ ଇନୋଭେଶନ୍ ଇନ୍ ୱାଇଲ୍ଡଲାଇଫ୍ କଞ୍ଜରଭେଶନ' ବା 'ମଣିଷ ଏବଂ ଗ୍ରହ ମଧ୍ୟରେ ସଂଯୋଗ ସ୍ଥାପନ ନିମନ୍ତେ ଡିଜିଟାଲ ଉଦ୍ଭାବନ ଅନ୍ୱେଷଣ'। ଖାଦ୍ୟଠାରୁ ଆରମ୍ଭ କରି ଇନ୍ଧନ, ଔଷଧ, ଗୃହ ଏବଂ ପୋଷାକ ପର୍ଯ୍ୟନ୍ତ ସବୁ କାମରେ ମଣିଷ ନିଜର ଆବଶ୍ୟକତା ପୂରଣ ପାଇଁ ବନ୍ୟଜନ୍ତୁ ଓ ଜୈବ ବିବିଧତା ଭିତ୍ତିକ ଉତ୍ସ ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ପ୍ରକୃତିରୁ ନେଉଥିବା ସୁବିଧା ସୁଯୋଗ ବଦଳରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ଏବଂ ପ୍ରାଣୀ ତଥା ଉଦ୍ଭିଦଜଗତର ସନ୍ତୁଳନ ବଜାୟ ରଖିବା ମଧ୍ୟ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ। ସେଥିପାଇଁ ଚଳିତବର୍ଷ ବନ୍ୟପ୍ରାଣୀ ଦିବସର ଥିମ ମାଧ୍ୟମରେ ଜାତିସଂଘ ପକ୍ଷରୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ଅପରାଧ ନିୟନ୍ତ୍ରଣରେ ଡିଜିଟାଲ ଜ୍ଞାନକୌଶଳ ପ୍ରୟୋଗ ସହିତ ଲୋକଙ୍କ ସହଭାଗିତା ଉପରେ ଜୋର ଦିଆଯାଇଛି। ଏକ୍ଷେତ୍ରରେ ଓଡ଼ିଶା କିଛି ମାତ୍ରାରେ ସଫଳତା ପାଇଛି। କିନ୍ତୁ ଅନେକ ସମୟରେ ମୁଷ୍ଟିମେୟ ବ୍ୟକ୍ତିଙ୍କ ଦୂରଦୃଷ୍ଟି ଅଭାବ ଜନିତ କାର୍ଯ୍ୟକଳାପ ଯୋଗୁ ଏହି ସଫଳତାର ହାର କମ୍ ରହୁଛି। ଆଗରୁ ଅପରାଧୀଙ୍କ ମୋବାଇଲ ଫୋନ ଟ୍ରାକିଂ କାମ ପାଇଁ ବନ ଅଧିକାରୀମାନେ ପୋଲିସର ସହାୟତା ନେଇ କରୁଥିଲେ, ଏବେ ସରକାର ନୂଆ ନିୟମ ପ୍ରଣୟନ କରି ବନ ଅଧିକାରୀଙ୍କୁ ଏହି କ୍ଷମତା ଦେଇଛନ୍ତି। ଫଳରେ ଆପରାଧିକ କାର୍ଯ୍ୟକଳାପ ଉପରେ ରାଜ୍ୟ ବନ ବିଭାଗ ସିଧାସଳଖ ନଜର ରଖିପାରୁଛି। ହେଲେ ବନ୍ୟପ୍ରାଣୀଙ୍କୁ ନେଇ ଡିଜିଟାଲ ମିଡିଆର ଅପବ୍ୟବହାର ଚିନ୍ତା ବଢ଼ାଉଛି। ଓଡ଼ିଶାରେ ସାପ, ମାଙ୍କଡ଼, ଶୁଆ, ନେଉଳ ଆଦି ବନ୍ୟପ୍ରାଣୀଙ୍କ ସହିତ ଭିଡିଓ ଶୁଟିଂକରି ବେଆଇନ ଭାବେ ସୋସିଆଲ ମିଡିଆରେ ପୋଷ୍ଟ କରି ଟଙ୍କା ରୋଜଗାର କରାଯାଉଛି। ଯେକୌଣସି ବନ୍ୟପ୍ରାଣୀ(ଜୀବନ୍ତ/ଟ୍ରଫି) ସହିତ ଫଟୋ ବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ୨୦୧୪ ମସିହାରୁ ବେଆଇନ ଘୋଷଣା କରାଯାଇଛି। ନିୟମ ଉଲ୍ଲଂଘନ କଲେ ବନ୍ୟପ୍ରାଣୀ ଆଇନ ଅନୁସାରେ ଜେଲ ଯିବାର ମଧ୍ୟ ପ୍ରାବଧାନ ରହିଛି। ସେହିଭଳି ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଉପସ୍ଥିତ ଥିବା ଫଟୋ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ ହେଉଛି, ଯାହା ମଧ୍ୟ ବେଆଇନ। ତେବେ ଏ କ୍ଷେତ୍ରରେ ଦେଶ ତଥା ରାଜ୍ୟର କେତେଜଣ ବ୍ୟକ୍ତି ଗିରଫ ହୋଇଥିଲେ ମଧ୍ୟ ରୋକାଯାଇପାରୁ ନାହିଁ। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଭାରତରେ ଅନ୍ୟ ଜଙ୍ଗଲରେ ଯେଉଁସବୁ ଫଟୋ ବା ଭିଡିଓ ଡିଜିଟାଲ ମିଡିଆରେ ଉପଲବ୍ଧ ସେଗୁଡ଼ିକ ପ୍ରାୟସବୁ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକଙ୍କ ଦ୍ୱାରା ଉଠାଯାଇଛି ବା ଶୁଟ୍ ହୋଇଛି। କିନ୍ତୁ ଓଡ଼ିଶାରେ ଅଧିକ ଫଟୋ ବା ଭିଡିଓ ନିଜେ ବନ ଅଧିକାରୀମାନେ ହିଁ ଡିଜିଟାଲ ମାଧ୍ୟମରେ ଉପଲବ୍ଧ କରାଇ ଥାଆନ୍ତି। ସମସ୍ତେ ମନେରଖିବା ଦରକାର କି ଡିଜିଟାଲ ମିଡିଆ କେବଳ ପର୍ଯ୍ୟଟକ ଯେ ଦେଖିବେ ତାହା ନୁହେଁ, ଏହା ଶିକାରୀଙ୍କ ପାଖରେ ମଧ୍ୟ ପହଞ୍ଚିପାରିବ। ଏହି କାରଣରୁ ଓଡ଼ିଶାରେ ଶିକାର ବଢୁଛି ଓ ପ୍ରତିବର୍ଷ ବହୁ ବନ୍ୟପ୍ରାଣୀ ଶିକାରୀ ଧରା ପଡୁଛନ୍ତି। ଶିକାରୀ ଧରା ପଡ଼ିବା ଯଦି ଆମର ସଫଳତା, ଜନ୍ତୁଙ୍କୁ ସୁରକ୍ଷା ନ ଦେଇପାରିବା ମଧ୍ୟ ଆମର ବିଫଳତା ବୋଲି ଶୁଭେନ୍ଦୁ କହିଛନ୍ତି।

# ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଡାକ୍ତର-କର୍ମଚାରୀ ମାରପିଟ

**ସମ୍ବଲପୁର, ୨।୩
(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ଶନିବାର ଏକ ଅଭାବନୀୟ ଘଟଣା କ୍ରମରେ ଦୁଇଜଣ ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ମାରପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ପୃଥକ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ ସକାଳେ ଦୁଇଜଣ ନବନିଯୁକ୍ତ ଡାକ୍ତର ବୁର୍ଡ ପ୍ରାଥମିକ ଚିକିତ୍ସାଳୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ଓରାମ ଓ ବାବୁନିକିତିମାଲ ପ୍ରାଥମିକ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପାଣିଗ୍ରାହୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟକୁ ଆସି ମହିଳା ଆକାଉଣ୍ଟାଣ୍ଟ ସଙ୍ଗୀତା ବୋଷଙ୍କ ସହ ଆଲୋଚନା କରିଥିଲେ। ପରେ କୌଣସି କଥାକୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ଡାକ୍ତର ସେଠାରୁ ଚାଲିଯାଇ ପୁଣି ଅପରାହ୍ନ ସାଢ଼େ ୩ଟାରେ ଆଉ ଦୁଇଜଣ ସହଯୋଗୀଙ୍କୁ ଧରି ସିଡିଏମ୍‌ଓଙ୍କ ଅଫିସରେ ପହଞ୍ଚିଥିଲେ। ହଠାତ୍ ସେମାନେ କାର୍ଯ୍ୟାଳୟର କବାଟ, ଝରକା ଭଙ୍ଗାରୁଜା କରିବା ସହ ବରିଷ୍ଠ କିରାଣି ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହା ଦେଖି କନିଷ୍ଠ କିରାଣି ଶୁକଦେବ

### ଟାଉନ ଥାନାରେ ପୃଥକ୍ ମାମଲା ରୁଜୁ

ଦେବାଙ୍ଗନ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରିବାରୁ ଡାକ୍ତର ଓ ସହଯୋଗୀମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡାକ୍ତରଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ରାଣୀ ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତାଙ୍କ ନିକଟରେ ଅଭିଯୋଗ ହୋଇଛି। ତେବେ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ ଜରିଆରେ ଘଟଣାର ତଦନ୍ତ କରାଯାଉଥିବା ସେ କହିଥିଲେ। ଅପରପକ୍ଷେ ଏହାକୁ ନେଇ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀଙ୍କ ପ୍ରଦତ୍ତ ଏତଲା ଆଧାରରେ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ଓରାମ ଓ ଡା. ଦିଲୀପ କୁମାର ପାଣିଗ୍ରାହୀଙ୍କ ବିରୋଧରେ ଟାଉନ ଥାନାରେ କେସ୍ ନଂ.୮୪/୨୪ରେ ମାମଲା ରୁଜୁ ହୋଇଛି। ଅନୁରୂପ ଭାବେ ଉଭୟ ଡାକ୍ତରଙ୍କ ପାଲଟା ଏତଲାକ୍ରମେ ସିଡିଏମ୍‌ଓ କାର୍ଯ୍ୟାଳୟର ମହିଳା କର୍ମଚାରୀ ସଙ୍ଗୀତା ବୋଷ, ପ୍ରଶାନ୍ତ କୁମାର ମିଶ୍ର ଓ ଶୁକଦେବ ଦେବାଙ୍ଗନଙ୍କ ବିରୋଧରେ ପୋଲିସ ମାମଲା (ନଂ.୮୫/୨୪) ରୁଜୁ କରି ତଦନ୍ତ କରୁଥିବା ଟାଉନ ଥାନା ସୂତ୍ରରୁ ପ୍ରକାଶ।

## ପ୍ରଥମ ପୃଷ୍ଠାରୁ...

### ଭାଜପାର ପ୍ରଥମ ପ୍ରାର୍ଥୀ ...

ରାଜୀବ ଚନ୍ଦ୍ରଶେଖର, ଅର୍ଜ୍ଜୁନ ରାମ ମେଘୱାଲ ଏବଂ ଅର୍ଜ୍ଜୁନ ମୁଣ୍ଡା। ବିପୁଳ ଜନାଦେଶ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାଜପା ତୃତୀୟ ଥର ସରକାର ଗଢ଼ିବ ବୋଲି ପ୍ରାର୍ଥୀ ତାଲିକା ଘୋଷଣା ଅବସରରେ ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡ଼େ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ବିଭିନ୍ନ ରାଜ୍ୟରେ ଭାଜପା ନିଜର ସ୍ଥିତି ବଢ଼ାଇବା ସହ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପୂର୍ବରୁ ଭାଜପା ତା'ର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ୨୮ ମହିଳା ଏବଂ ୪୭ ଯୁବନେତା ରହିଛନ୍ତି। ଉତ୍ତରପ୍ରଦେଶର ୫୧ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିବାବେଳେ ପଶ୍ଚିମବଙ୍ଗର ୨୦ ଏବଂ ଦିଲ୍ଲୀର ୫ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାଁ ପ୍ରକାଶ ପାଇଛି। ଦିଲ୍ଲୀରେ ରମେଶ ବିଧୁରୀ, ପର୍ଭେଶ ବର୍ମା, ମୀନାକ୍ଷୀ ଲେଖି ଏବଂ ହର୍ଷବର୍ଦ୍ଧନଙ୍କୁ ସେମାନଙ୍କ ଆସନରୁ ବାଦ୍ ଦିଆଯାଇଥିବାବେଳେ ଭୋପାଳ ଆସନରୁ ସାଧ୍ୱୀ ପ୍ରଜ୍ଞା ଠାକୁର ବାଦ୍ ପଡ଼ିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଝିଅ ବାଂଶୁରୀଙ୍କୁ ନୂଆଦିଲ୍ଲୀ ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ପଶ୍ଚିମ ଦିଲ୍ଲୀରୁ କମଲଜିତ ସେହରାୱତ, ଦକ୍ଷିଣ ଦିଲ୍ଲୀରୁ ବିଧାୟକ ରାମବୀର ସିଂ ବିଧୁରୀ, ଚାନ୍ଦିନୀଚୌକରୁ ପ୍ରବୀଣ ଖଣ୍ଡେଲୱାଲ ଏବଂ ଉତ୍ତରପୂର୍ବ ଦିଲ୍ଲୀ ଆସନରୁ ମନୋଜ ତିୱାରୀ ଲଢ଼ିବେ। ଭୋଜପୁରୀ ଗାୟକ ତଥା ଅଭିନେତା ପୱନ ସିଂଙ୍କୁ ପଶ୍ଚିମବଙ୍ଗର ଆସାନସୋଲ୍‌ରୁ ପ୍ରାର୍ଥୀ କରାଯାଇଛି।

ସେହିପରି ଉତ୍ତରପ୍ରଦେଶର ପୂର୍ବତନ ବିଏସ୍‌ପି ଏମ୍‌ପି ରିତେଶ ପାଣ୍ଡେଙ୍କୁ ଭାଜପା ଆମ୍ବେଦ୍କର ନଗରରୁ ପ୍ରାର୍ଥୀ କରିଥିବାବେଳେ ହେମା ମାଳିନୀ, ରବି କିଷନ, ଅଜୟ ମିଶ୍ରା ଟେନି, ମହେଶ ଶର୍ମା, ଏସ୍‌ପିଏସ୍ ବାଘେଲ ଏବଂ ସାକ୍ଷୀ ମହାରାଜ ସେମାନଙ୍କ ପୂର୍ବ ଆସନରେ ଲଢ଼ିବେ। ଝାଡ଼ଖଣ୍ଡର ସିଂହଭୂମ ଆସନରେ ପୂର୍ବତନ କଂଗ୍ରେସ ଏମ୍‌ପି ଗୀତା କୋଡ଼ାଙ୍କୁ ପ୍ରାର୍ଥୀ କରାଯାଇଛି। ୨୦୧୯ ନିର୍ବାଚନରେ ଭାଜପା ୩୦୩ ଆସନ ଜିତିଥିବାବେଳେ ଏବେ ଲୋକ ସଭାରେ ଏହାର ୨୯୦ ଜଣ ସଦସ୍ୟ ରହିଛନ୍ତି। ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ନିକଟରେ କେତେଜଣ ଏମ୍‌ପି ଇସ୍ତଫା ଦେଇଥିଲେ। ଗତ ଗୁରୁବାର ବିଳମ୍ବିତ ରାତିରେ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ବସି ପ୍ରାର୍ଥୀମାନଙ୍କ ନାଁ ଚୂଡ଼ାନ୍ତ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ରାଜନାଥ ସିଂ ପ୍ରମୁଖ ସିଇସି ସଦସ୍ୟମାନେ ବିଭିନ୍ନ ରାଜ୍ୟର ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ସମ୍ପର୍କରେ ଆଲୋଚନା କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିଥିଲେ। ଏହା ପୂର୍ବରୁ ଶାହା ଏବଂ ନଡ୍ଡା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ବିଚାରବିମର୍ଶ କରିଥିଲେ। ଆସନ୍ତା ସପ୍ତାହରେ ପରିବର୍ତ୍ତୀ ସିଇସି ବୈଠକ ବସି ଅନ୍ୟ ଆସନ ପାଇଁ ପ୍ରାର୍ଥୀମାନଙ୍କ ନାଁ ଉପରେ ଆଲୋଚନା କରାଯିବ।

### ୫ ମେଡିକାଲ କଲେଜର...

ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଲେ, ଗ୍ରାମାଞ୍ଚଳର ସବୁ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଆସନ୍ତା ୬ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରଠାରୁ ଶୁଭାରମ୍ଭ କରିବେ। ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତକରି ପାଣ୍ଡିଆନ କହିଲେ, ତାଙ୍କ ଜିଲା ଗସ୍ତ ସମୟରେ ସେମାନେ ଯେଉଁ ପ୍ରସ୍ତାବ ଓ ଅଭିଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ ତାହା ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। ସେହିପରି ବଲାଙ୍ଗୀର କାର୍ଯ୍ୟକ୍ରମରେ ଜଳ ସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ, ସୁନ୍ଦରଗଡ଼ରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ଯୋଗେଶ ସିଂ, କଟକରେ ବିଧାୟକ ସୌଭିକ ବିଶ୍ୱାଳ ଓ ବ୍ରହ୍ମପୁରରେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ।

# ମହାନଦୀ ବାଲିରେ କୁମ୍ଭୀର



**ଗଣିଆ, ୨।୩ (ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମ ନିକଟ ମହାନଦୀ ବାଲିପଠାରେ ଏକ କୁମ୍ଭୀର ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କୁମ୍ଭୀରଟି ନଦୀ ବାଲିରେ ବୁଲୁଥିବାର ଦେଖି ଲୋକେ ଗଣିଆ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖବରପାଇ ବନ କର୍ମଚାରୀମାନେ କୁମ୍ଭୀରଟିକୁ କୌଶଳକ୍ରମେ ଉଦ୍ଧାର କରି ମହାନଦୀର ସାତକୋଶିଆ ଗଣ୍ଡରେ ଛାଡି ଦେଇଛନ୍ତି। ଏହା ଏକ ଗୋମୁହାଁ କୁମ୍ଭୀର ବୋଲି ଜଣାପଡାଛି। କୁମ୍ଭୀର ବାଲିରେ ବୁଲିବା ଦେଖିବା ପରେ ସ୍ଥାନୀୟ ଲୋକେ ମହାନଦୀକୁ ସ୍ନାନ ଓ ଶୌଚ କରିବାକୁ ଯିବାକୁ ନିରାପଦ ମଣୁନାହାନ୍ତି। ସୂଚନାଯୋଗ୍ୟ, ମହାନଦୀରେ ବନ୍ୟାଜଳ ଆସିବା ସମୟରେ କେତେକ କୁମ୍ଭୀର ମହାନଦୀ ପାଣିରେ ନାଳ ପୋଖରୀ ଆଦି ଜଳାଶୟକୁ ଚାଲିଯାଇଥାନ୍ତି। ସେଠାରେ ଖରାଦିନେ ପାଣି ଶୁଖିଯିବା ସହ ଖାଦ୍ୟାଭାବ ପରେ ଆପେ ଆପେ ମହାନଦୀକୁ ଚାଲିଯାଇଥାନ୍ତି। ଏହି କୁମ୍ଭୀରଟି କୌଣସି ଆଖପାଖ ଜଳାଶୟରୁ ମହାନଦୀକୁ ଯାଉଥିବା ସମୟରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିବା ଅନୁମାନ କରାଯାଉଛି। ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମ ପଦ୍ମପୋଖରୀରେ ୩ଟି କୁମ୍ଭୀର ଓ ଗୋପୀନାଥପୁର ଗ୍ରାମ ପୋଖରୀରେ ୨ଟି କୁମ୍ଭୀର ଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

# ଅଲଟ୍ରାସାଉଣ୍ଡ ମେଶିନ ସିଲ୍‌କଲା ଜିଲା ପ୍ରଶାସନ

**ନୟାଗଡ଼, ୨।୩(ଲୋକନାଥ ମିଶ୍ର)**

ନୟାଗଡ଼ ସହରର ସାଇ ଅଲଟ୍ରାସାଉଣ୍ଡ କେନ୍ଦ୍ର ଶନିବାର ସିଲ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ କର୍ଣ୍ଣଦେବ ସମାଦରଙ୍କ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଇଥିଲା। ଉକ୍ତ ଯାଞ୍ଚ ସମୟରେ ଅଧିକୃତ ବିଶେଷଜ୍ଞ ଡା. ତାଙ୍କର ସମ୍ମତି ପ୍ରତ୍ୟାହାର କରିବା ସମ୍ପର୍କରେ ପଚରା ଉଚରା କରାଯାଇଥିଲା। କେନ୍ଦ୍ରର ପରିଚାଳିକା ନିର୍ମଳା ବାରିକ ଗ୍ରହଣ କରିଥିଲେ। ପୁନଶ୍ଚ ଉକ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ରକୁ ବର୍ତ୍ତମାନ ସ୍ଥିତିରେ ପରିଚାଳନା କରିବା କଷ୍ଟକର ବୋଲି କହିଥିଲେ। ସେଥିପାଇଁ ପ୍ରାଧିକୃତ ବିଶେଷଜ୍ଞ ଡାକ୍ତର ଅନୁପସ୍ଥିତି କାରଣରୁ ଲିଙ୍ଗ ନିରୂପଣ ଭଳି ବେଆଇନ କାମର ମେଶିନ, ଆସବାବପତ୍ର ଓ ଅନେକ କାଗଜପତ୍ର ସିଲ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ସୁଭାସ ଚନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବେଆଇନ ଲିଙ୍ଗ ନିରୂପଣ



### କଟକ ତାରକସିକୁ ...

ଅଳଙ୍କାର ଓ ମେଢ଼ରେ ଚାନ୍ଦିର ସାଜସଜ୍ଜା ଏକ ଅନନ୍ୟ ଆକର୍ଷଣ ତଥା ପରମ୍ପରା ପାଲଟିଛି। ତେବେ କଟକ ତାରକସିକୁ ଜିଆଇ ଟ୍ୟାଗ୍ ମିଳିବା ପରେ ସହରବାସୀଙ୍କ ସମେତ ଗହଣା କାରିଗରମାନଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅଖିଳ ଭାରତୀୟ ସ୍ୱର୍ଣ୍ଣକାର ସଂଘର ଯୁଗ୍ମ ସମ୍ପାଦକ ତଥା ଉତ୍କଳ ସ୍ୱର୍ଣ୍ଣ-ରୌପ୍ୟ ଶିଳ୍ପୀ ସଂଘର ଯୁବ ସଭାପତି ଭାନୁପ୍ରତାପ ସାହୁ କହିଛନ୍ତି, କଟକର ରୁପା ତାରକସି କାର୍ଯ୍ୟକୁ ଜିଆଇ ଟ୍ୟାଗ ପ୍ରଦାନ ପାଇଁ ଦୀର୍ଘଦିନ ହେବ ଆମେମାନେ ଲାଗିଥିଲୁ। ଯାହାହେଉ ଏବେ ମିଳିଲା। କାରିଗରମାନଙ୍କ ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଏହି ଜିଆଇ ଟ୍ୟାଗ୍ ଦ୍ୱାରା କଟକର ତାରକସି କାରୁକାର୍ଯ୍ୟ ବିଶ୍ୱର କୋଣଅନୁକୋଣରେ ପହଞ୍ଚିବ। ଗବେଷକମାନେ ମଧ୍ୟ ଆସି ଏହା ଉପରେ ଗବେଷଣା କରିବେ। ଏହାବାଦ ରୁପା ତାରକସିର ଖ୍ୟାତି ବ୍ୟାପ୍ତ ହେବା ସହ କାରିଗର ଓ ବ୍ୟବସାୟୀଙ୍କ ମେରୁଦଣ୍ଡ ସଳଖିବାରେ ସହାୟକ ହେବ। ଓଡ଼ିଶାର ଗୌରବ ଆହୁରି ଉଜ୍ଜ୍ୱଳ ହେବ। ଉଲ୍ଲେଖଯୋଗ୍ୟ, ଗତ ଜାନୁଆରୀରେ ଓଡ଼ିଶାର ଖଜୁରି ଗୁଡ଼, ଢେଙ୍କାନାଳର ମଗଜି ଲଡ୍ଡୁ, ସିମିଳିପାଳର କାଇ ଚଟଣି, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ, କପଡ଼ଗଣ୍ଡାର ଡୁଙ୍ଗରିଆ କନ୍ଧଙ୍କ ହାତବୁଣା ଶାଲ୍, କୋରାପୁଟର କଳାଜିରା ଚାଉଳ ଓ ଲାଞ୍ଜିଆ ସଉରା ଜନଜାତିଙ୍କ ଚିତ୍ରଶିଳ୍ପକୁ ଜିଆଇ ଟ୍ୟାଗ୍ ମିଳିଥିଲା।

### ଜିଆଇ ଟ୍ୟାଗ୍ କ'ଣ

ଏକ ନିର୍ଦ୍ଦିଷ୍ଟ ଉତ୍ପାଦର ଭୌଗୋଳିକ ସ୍ଥିତି ବା ଏହାର ମୂଳସ୍ଥାନ (ସହର, ଅଞ୍ଚଳ ବା ଦେଶ)କୁ ସୂଚାଇବା ପାଇଁ ଭୌଗୋଳିକ ସଙ୍କେତ (ଜିଆଇ)କୁ ବ୍ୟବହାର କରାଯାଇଥାଏ। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ସଦସ୍ୟ ଭାବେ ଭାରତ ୧୯୯୯ରେ ଜୋଗ୍ରାଫିକାଲ ଇଣ୍ଡିକେଶନ୍ସ ଅଫ୍ ଗୁଡ୍ସ (ରେଜିଷ୍ଟ୍ରେଶନ ଆଣ୍ଡ ପ୍ରୋଟେକ୍ସନ) ଆକ୍ଟ ଆଣିଥିଲା ଏବଂ ୨୦୦୩ ସେପ୍ଟେମ୍ବର ୧୫ରୁ ଏହା କାର୍ଯ୍ୟକାରୀ ହୋଇଥିଲା। ଜିଆଇ ଟ୍ୟାଗ୍ ଏକ ଉତ୍ପାଦର ଉତ୍ପତ୍ତି ସ୍ଥାନକୁ ସୂଚାଇବା ସହ ଏହାର ଗୁଣବତ୍ତା ଏବଂ ଗୁଣକୁ ନିଶ୍ଚିତ କରିଥାଏ। ବିଶେଷ କରି ଲୋକପ୍ରିୟତା ବା ପ୍ରସିଦ୍ଧି ହାସଲ କରିଥିବା ସାମଗ୍ରୀକୁ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଇଥାଏ, ଯାହାଦ୍ୱାରା ଏହାର ପ୍ରଚାର ପ୍ରସାର ବିଶ୍ୱ ଦରବାରରେ ହୋଇଥାଏ।



୨ ନବଗଠିତ ପୌରପାଳିକା, ୮ ଏନ୍‌ଏସି ଏବଂ ୪ ପୃଥକ ସଂଗଠନର କର୍ମକର୍ତ୍ତାମାନେ ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ସ୍ତରରେ ୧.୬୨ଲକ୍ଷ କୋଟିର ପ୍ରକଳ୍ପ ଉଦ୍‌ଘାଟିତ

## ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦି



ନୂଆଦିଲ୍ଲୀ,୨।୩

ଘରୋଇ ବଜାରର ତୈଳ ଏବଂ ଗ୍ୟାସ୍‌ର ଚାହିଦା ମେଣ୍ଟାଇବା ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଭାରତୀୟସ୍ତରରେ ୧.୬୨ଲକ୍ଷ କୋଟିର ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଶୁଭାରମ୍ଭ ସହ ବିହାରର ବେଗୁସରାଇରୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନ୍‌ଜିସିର କ୍ରିଷ୍ଣା-ଗୋଦାବରୀ ଡିପ୍‌ୱାଟର ପ୍ରୋଜେକ୍ଟରୁ ପ୍ରଥମ ତୈଳ ଟ୍ୟାଙ୍କର କେଜି ବେସିନ୍‌ରୁ ଉତ୍ତୋଳନ ହୋଇଛି। ଉକ୍ତ ଟ୍ୟାଙ୍କରଗୁଡିକୁ ପ୍ରଧାନମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିହାରର ବହୁ ମନ୍ତ୍ରୀ, ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ରାଜ୍ୟ ବିହାର, ହରିୟାଣା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଏବଂ କର୍ନାଟକ ଭଳି ରାଜ୍ୟରେ ଏହି ଅଏଲ ଆଣ୍ଡ ଗ୍ୟାସ୍ ପ୍ରକଳ୍ପର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ ସହିତ ୪ଟି ରେଳ ଗାଡ଼ିର ଶୁଭାରମ୍ଭ କରାଯାଇଥିଲା।

# ୫ ସରକାରୀ ଆଇଟିଆଇ ସହ ଟିପିସିଓଡିଏଲ୍‌ର ବୁଝାମଣା




ଭୁବନେଶ୍ୱର,୨।୩

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୫ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ଘୋଷଣା କରି ଓଡ଼ିଶାର ଯୁବବର୍ଗଙ୍କ ସମ୍ଭାବନାକୁ ସମୃଦ୍ଧ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷାଗତ ଜ୍ଞାନ ଓ ଶିଳ୍ପ ଆବଶ୍ୟକତା ଭିତରେ ଥିବା ଅନ୍ତରକୁ ଦୂରକରି ଯୁବବର୍ଗଙ୍କ ପ୍ରତିଭାକୁ ସୁଦୃଢ଼ କରିବା ଏବଂ ପେସାଦାର ଯାତ୍ରା ଲାଗି ସୁବିଧା ପ୍ରଦାନ କରିବା ଦିଗରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଏହି ବୁଝାମଣାପତ୍ର ଦର୍ଶାଉଛି। ଏମ୍‌ଓୟୁଗୁଡ଼ିକ ସ୍ୱାକ୍ଷର ଅବସରରେ ଟିପିସିଓଡିଏଲ୍‌ର ଚିଫ୍-ଅପରେଶନ ସର୍ଭିସେସ୍ ରାଜକୁମାର ରସ୍ତୋଗୀ, ବରିଷ୍ଠ ମହାପ୍ରବନ୍ଧକ (ମାନବ ସମ୍ବଳ) ବୁଦ୍ଧିଶ କୁମାର ବେହେରା, ଓଡ଼ିଶା ଡିସ୍‌କମ୍‌ଗୁଡ଼ିକର ଶିକ୍ଷଣୀୟ ଓ ବିକାଶ ମୁଖ୍ୟ ଏବଂ କଲେଜର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପୁରୀ ସରକାରୀ ଆଇଟିଆଇ,ଢେଙ୍କାନାଳ ସରକାରୀ ଆଇଟିଆଇ, କଟକ ସରକାରୀ ଆଇଟିଆ, ଭୁବନେଶ୍ୱର ସରକାରୀ ଆଇଟିଆଇ ଏବଂ ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ସହ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଓଡ଼ିଶାରେ ଦକ୍ଷତା ବିକାଶ ଓ ସଶକ୍ତୀକରଣକୁ ଆଗକୁ ବଢ଼ାଇବାରେ ଆମ ଉଦ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବିଷୟରେ ଘୋଷଣାକରି ଆମେ ବେଶ୍ ଆନନ୍ଦିତ।

# ଜେଏସ୍‌ଡବ୍ଲ୍ୟୁ ଓଡ଼ିଶା ମାଇନ୍ସ ଡିଭିଜନ ପୁରସ୍କୃତ




ଭୁବନେଶ୍ୱର,୨।୩

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍(ଓଡ଼ିଶା ଖଣି ଡିଭିଜନ)କୁ ନିକଟରେ ସମ୍ମାନଜନକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୫ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହର ଅନ୍ତିମ ଓ ପୁରସ୍କାର ବିତରଣ ଉତ୍ସବରେ କମ୍ପାନୀକୁ ବିଭିନ୍ନ ବର୍ଗରେ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ୍) ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ୪ଟି ଖଣି କ୍ଷେତ୍ରର ବିଭିନ୍ନ ବର୍ଗରେ ଉନ୍ନତ ପ୍ରଦର୍ଶନ ଲାଗି ପୁରସ୍କୃତ ହୋଇଛି। ଏପରିକି ପରିବେଶର ସୁରକ୍ଷା ଦିଗରେ କମ୍ପାନୀର ଅବଦାନକୁ ସ୍ୱୀକୃତି ଦେବା ସହ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ପାଇଁ ଯଯାଙ୍ଗ ମାଇନ୍ସ ପ୍ରଥମ ପୁରସ୍କାର ଲାଭ କରିଛି। ଏହାସହ ନାରାୟଣପୋଷି ମାଇନ୍ସ ବର୍ଜ୍ୟବସ୍ତୁ ଡମ୍ପିଂ ପରିଚାଳନା ବର୍ଗରେ ପ୍ରଥମ ପୁରସ୍କାର ହାସଲ କରିଛି। ସେହିଭଳି ନୂଆଗାଁ ଖଣିରେ ବ୍ୟବସ୍ଥିତ ବୈଜ୍ଞାନିକ ବିକାଶରେ ଦ୍ୱିତୀୟ ପୁରସ୍କାର ଓ ପରିବେଶ ମନିଟରିଂରେ ତୃତୀୟ ପୁରସ୍କାର ହାସଲ କରିଛି। ସେହିପରି ଗୋନୁଆ ଖଣିକୁ ସ୍ଥାୟୀ ବିକାଶ ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ଅପରପକ୍ଷରେ ଗୋନୁଆ ଆଇରନ ଓ୍ୱର ମାଇନ୍ସର ମାଇନ୍ସ ମ୍ୟାନେଜର ନିଖିଲ ବେହୁରିଆଙ୍କୁ ପରିବେଶ ଉପଯୋଗୀ କାର୍ଯ୍ୟ ଲାଗି ପରିବେଶ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଇଣ୍ଡିଆନ୍ ବ୍ୟାଙ୍କର ନବୀକରଣ ଶାଖା ପରିସର ଉଦ୍‌ଘାଟିତ



ଭୁବନେଶ୍ୱର,୨।୩ (ଅଭୟ ଦାଶ)

ଇଣ୍ଡିଆନ୍ ବ୍ୟାଙ୍କର ଗଞ୍ଜାମସ୍ଥିତ ଭେଜିପୁଟଠାରେ ଥିବା ପଥରା ଶାଖାର ନବୀକରଣ ପରିସର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍.ଅରୁଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର (ପଥରା ଶାଖାର ନବୀକରଣ ପରିସର) ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଉଚ୍ଛବ ଚନ୍ଦ୍ର ପାତ୍ର,ଉପ-ଆଞ୍ଚଳିକ ମୁଖ୍ୟ ଅରକ୍ଷିତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଯୋଗଦେଇଥିବା ସମସ୍ତ ଗ୍ରାହକଙ୍କୁ ପାତ୍ର ଧନ୍ୟବାଦ ଜଣାଇବା ସହ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଉତ୍ପାଦ ଯଥା: ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ଗୃହ ଋଣ, ଗାଡ଼ି ଋଣ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦ ଏବଂ ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ବ୍ୟାଙ୍କର ୩୦୦ ଓ ୪୦୦ ଦିନିଆ ମିଆଦୀ ଜମା ଉପରେ ବ୍ୟାଙ୍କର ଉଚ୍ଚତମ ସୁଧ ହାର ଉପରେ ସେ ବିସ୍ତୃତ ସୂଚନା ଦେଇଥିଲେ। ଅପରପକ୍ଷରେ ୨୪ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସେବା ନିମନ୍ତେ ଡିଜିଟାଲ ପ୍ଲାଟ୍‌ଫର୍ମକୁ ଆପଣେଇବା ପାଇଁ ପାତ୍ର ସମସ୍ତ ଗ୍ରାହକଙ୍କୁ ନିବେଦନ କରିଥିଲେ। ପରିଶେଷରେ ପଥରା ଶାଖାର ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ସିଜିୟୁର ୪ର୍ଥ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୨।୩

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ର ୪ର୍ଥ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଧୀନ୍ଦ୍ର ନାଥ ପଣ୍ଡାଙ୍କ ମୁଖ୍ୟ ଅଭିବାଦନ ସହ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୀବ କୁମାର ରାଉତଙ୍କ ବକ୍ତବ୍ୟ ଶ୍ରୋତାମଣ୍ଡଳୀଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲା। ରାଉତ ଉତ୍ସାହର ସହିତ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ପାଇଁ ନିଜର ଦୃଷ୍ଟିକୋଣ ଓ ଏହାର ଗତିପଥ ଗଠନ ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକୁ ଦର୍ଶାଇଥିଲେ।

ସେହିଭଳି ସିଜିୟୁ କ୍ୟାମ୍ପସ ମଧ୍ୟରେ ଏକ ଷ୍ଟାର୍ଟଅପ୍ ଇକୋସିଷ୍ଟମ କରିବା ପାଇଁ ରାଉତଙ୍କର ଅଦମ୍ୟ ପ୍ରତିବଦ୍ଧତା ପ୍ରକାଶିତ ହୋଇଥିଲା। ରାଉତ ୨୬ଟି ସେଣ୍ଟର ଅଫ୍ ଏକ୍ସିଲେନ୍ସ ଏବଂ ଦୁଇଟି ବ୍ୟବସାୟ ଇନ୍‌କ୍ୟୁବେଟର ସିଭିଇସିଇ ଟିଆଇଏଫ୍ (CVECE TIF) ଓ ଏଆଇସି ସିଭିଆରସିଇଏଫ୍ (AIC CVRCEF) ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସାମାଜିକ ଉଦ୍ୟୋଗୀ ତଥା ଅଗ୍ରଣୀ ନିବେଶକ ନାଗରାଜ ପ୍ରକାଶଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଆଗକୁ ବଢ଼ିଥିଲା। ନାଗରାଜ ଏହି ଅବସରରେ ତାଙ୍କର ଏକ ପୁସ୍ତକ ବ୍ୟାକ୍ ଟୁ ଭାରତ (Back to Bharat)ର ଉନ୍ମୋଚନ କରିଥିଲେ।

# ପିଭିଏମ୍‌ଆଇର ନୂତନ ଉତ୍ପାଦ

ଭୁବନେଶ୍ୱର,୨।୩

ପରଫେଟି ଭ୍ୟାନ୍ ମେଲେ ଇଣ୍ଡିଆ (ପିଭିଏମ୍‌ଆଇ)ର ନୂତନ ଉତ୍ପାଦ ତଥା ଫ୍ଲାଗ୍‌ଶିପ୍ ଗମ୍ ଏବଂ ମିଣ୍ଟସ୍ ବ୍ରାଣ୍ଡର ଶୁଭାରମ୍ଭ ସହ ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ସେଣ୍ଟର ଫ୍ରେସ୍‌ର ନୂତନ ଉତ୍ପାଦ ସେଣ୍ଟର ଫ୍ରେସ୍ ମିଣ୍ଟସ୍ ମିଣ୍ଟରେ ଲେମନ ହନି ସ୍ୱାଦର ନୂତନ ଉପସ୍ଥାପନ ହୋଇଛି।

ଏ ସମ୍ପର୍କରେ ପିଭିଏମ୍‌ଆଇର ମାର୍କେଟିଂ ନିର୍ଦ୍ଦେଶକ ଗୁଞ୍ଜନ ଖେତାନ କହିଛନ୍ତି, ଆମର ଫ୍ଲାଗ୍‌ଶିପ୍ ଗମ୍ ଏବଂ ମିଣ୍ଟସ୍ ବ୍ରାଣ୍ଡ ସେଣ୍ଟର ଫ୍ରେସ୍ ତା'ର ଦୀର୍ଘସ୍ଥାୟୀ ତାଜା ନିଃଶ୍ୱାସ ସହିତ ସମକକ୍ଷ ହୋଇଛି। ଏପରିକି ଲେମ୍ବୁ ଓ ହନି ସ୍ୱାଦର ଶୁଭାରମ୍ଭ ସହିତ ଆମେ ବେଶ୍ ଉତ୍ସାହିତ ଅଛୁ। ଆମର ଗ୍ରାହକମାନଙ୍କୁ ସେମାନେ ବିଶ୍ୱାସ କରୁଥିବା ସତେଜତାକୁ ଉପଭୋଗ କରିବା ପାଇଁ ଏକ ନୂତନ ଉତ୍ପାଦ ପ୍ରଦାନ କରୁଛୁ।


# Classified Everyday
0674-2580101, 2549949



## MATRIMONIAL

## BRIDE WANTED

Bride required for handsome, Khyatriya groom, 6 ft. 34 years, M.Tech., MNC Job, Salary 18 lakhs PA, own house at Bhubaneswar from Khyatriya / Karan / Khandayat caste. Mob.: 9937960677, 9827040725. D-2636

## GROOM WANTED

Govt. Job, ବୟସ-33 ବିଧବା ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8260950613. D-2682

Age-30, Private ଚାକିରି କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75319

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। (Urgent Need). 7077871702. D-2681



## REAL ESTATE

## SALE

Book 3BHK, 4BHK premium flat at Saubhagya Nagar, OUAT Square, Near Khimji & Narula Sweets, Handover Aug. 2024. 9439716901. D-75522

29decimal Gharabadi Commercial plot SALE at Puri near Mangala-ghat new Bus Stand. Best for Apartment, Market Complex, School etc. Only Genuine Buyer please call- 9438109040/ 9438220432, No Broker. D-2676

Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854. D-75916

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348. D-71069

Fullyfurnished 3BHK flat for sale at Sahidnagar, Bhubaneswar 2nd Floor 1697sqft. 500mtr. from Vanivihar Chhak opposite Income Tax Office, Close to NH- Price- 1.70cr. Contact Owner- 9437061571, 6372063203. D-75923

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

Ready to Move New (2BHK- Rs. 22,00,000/-) and (1BHK- Rs.11,00,000/-) flats for sales at Sundarpada, Bhubaneswar. Contact- 7008346486. D-75523

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75712

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

Gharabari plot sale Bhubaneswar- Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର Hot Location ତ୍ରିଶୁଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921



## CONSTRUCTION

Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469. D-75917

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

## GENERAL

## SALE

ଗାଈ ଖାଇବା ଘାସ ପାଇଁ ଯୋଗାଯୋଗ କରନ୍ତୁ। Ph- 9438184813, 9238697188. D-2675




Newly open health benefits spa special offer@999 Bapujinagar, 8018429809. D-76105

Relax, refresh your body, mind by expert therapist. Contact: 9938843929. D-76104

Relax refreshment body massage therapy by experience lady therapist. 7008773793. D-76102

Relax, Refresh your body, Mind at Saikrupa Spa with best therapies. 8984068077. D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Ashirvaad Salon and SPA get good massage for your health tha best therapy. 7077181074. D-75711

## AFFIDAVIT

By virtue of an affidavit No-1222 dated 15.02.2024, sworn before Executive Magistrate, Bhadrak, I, Bijay kumar Soren (45), S/o- Udayanath Soren, Vill- Baralpokhari, P.S.- Bhadrak(T), Dist.- Bhadrak hereby declare that at the time of preparation of my Driving Licence my name mentioned as per spelling as Bijaya ku. Soren. Hence Bijay kumar Soren and Bijaya ku. Soren same and one person. D-2683

## LEGAL NOTICE

ମାନନୀୟ,
ଶ୍ରୀଯୁକ୍ତ ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ, ତାଳଚେର
ସିଭିଲ୍ ସୁଟ୍ ନଂ.-୩୦୪/୨୦୨୧

ଦିପକ ବେହେରା ଏବଂ ଅନ୍ୟମାନେ .....ବାଦୀ
ବନାମ
ମଧୁ ନାଏକ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ

ପ୍ରାପ୍ତେଷୁ,
୧) ଲକ୍ଷ୍ମୀ ବେହେରା, ବୟସ ୫୮ବର୍ଷ, ସ୍ୱାମୀ- ୰ମାର୍କଣ୍ଡ ବେହେରା, ସା/ପୋ.ଅ- ସିରିଗିଡ଼ା, ଥାନା- ତେଲକୋଇ, ଜି- କେନ୍ଦୁଝର, ୨) ଦାରୁବ୍ରହ୍ମ ନାଏକ, ବୟସ ୫୦ବର୍ଷ, ପିତା- ଗୌରାଙ୍ଗ ନାଏକ, ସା/ପୋ.ଅ- ସାନତ୍ରିବିଡ଼ା, ଥାନା- କଣିହାଁ, ସ.ଡି- ତାଳଚେର, ଜି- ଅନୁଗୋଳ।

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଛି କି ଯେ, ଆପଣଙ୍କ ନାମରେ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ଏଣୁ ଆପଣମାନେ ଧାର୍ଯ୍ୟ ତାରିଖ ତା୧୦।୦୪।୨୪ରିଖ ସମୟ ସକାଳ ୧୦.୩୦ ଘଟିକାରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ମକଦ୍ଦମାର ଜବାବ ସୱାଲ ଦାଖଲ କରିବେ, ନଚେତ୍ ଆପଣଙ୍କ ନାମରେ ଅଦାଲତ ଏକତରଫା ଭାବରେ ମକଦ୍ଦମା ବିଚାର କରିବେ। ଅଦ୍ୟ ତା୨୯।୦୨।୨୪ରିଖରେ ଅଦାଲତଙ୍କର ମୋହର ଦସ୍ତଖତ ଦିଆଗଲା।

ତାଳଚେର
ତା ୨୯।୦୨।୨୦୨୪

ମୋହର ସହ ସ୍ୱାକ୍ଷର
ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ, ତାଳଚେର
ଧ-୨୬୭୪

## CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## OAS HUB

*Make your dreams into reality*

OAS / IAS

JOIN NEW PRELIMS TO PERSONALITY TEST (P2P) BATCH.

For Odisha Administrative Services.

ADMISSION OPEN NOW

Somi Palace, Plot No. M5/17, Ground Floor, Acharya Vihar, Bhubaneswar

Contact Us:
8926232634
9827166018

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଜବ୍ ଖୋଜା



ପାଠ ପଢ଼ିବା ପରେ ଭଲ ଜବ୍‌ଟିଏ ପାଇବାକୁ ସବୁ ଯୁବପିଢ଼ିଙ୍କର ଲକ୍ଷ୍ୟ ଥାଏ। ତେବେ ଏଥିପାଇଁ ଠିକ୍ ସମୟରେ ବିଭିନ୍ନ ଜବ୍ ଭ୍ୟାକେନ୍ସି ସମ୍ପର୍କରେ ଜାଣିବା ଏବଂ ଆପ୍ଲାଏ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଇଞ୍ଜିନିୟରିଂ, ମେଡିକାଲ୍, ଶିକ୍ଷା, ରେଲ୍‌ୱେ, ବ୍ୟାଙ୍କିଙ୍ଗ୍, କର୍ପୋରେଟ୍, ମାର୍କେଟିଂ, ଏନ୍‌ଜିଓ ଭଳି ବିଭିନ୍ନ କ୍ଷେତ୍ରରେ ଜବ୍ ଖୋଜିବା ଲାଗି ବିଭିନ୍ନ ୱେବ୍‌ସାଇଟ୍ ଉପଲବ୍ଧ। ତେବେ କେଉଁ ଜବ୍ ପାଇଁ କେଉଁ ୱେବ୍‌ସାଇଟ୍ ଫଲୋ କଲେ ଉପକୃତ ହେବେ, ସେ ସମ୍ପର୍କରେ ଧାରଣା ରହିବା ଆବଶ୍ୟକ...

**ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ସମ୍ବନ୍ଧୀୟ ଜବ୍:**– ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ମେକାନିକାଲ୍, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରୋନିକ୍ସ, ସିଭିଲ୍, କମ୍ପ୍ୟୁଟର୍ ଇଞ୍ଜିନିୟରିଂ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏଭଳି ଜବ୍ ପାଇଁ ଶିକ୍ଷାଗତ ଯୋଗ୍ୟତା ଥିଲେ ବି ଅନେକେ ଭଲ ଜବ୍ ପାଇବାରୁ ବଞ୍ଚିତ ହୋଇଥାଆନ୍ତି। ଏହାର ମୁଖ୍ୟ କାରଣ ହେଉଛି ସଠିକ୍ ସୂଚନାର ଅଭାବ ବା ଠିକ୍ ଭାବେ ଜବ୍ ନ ଖୋଜିପାରିବା। ହେଲେ ଯଦି ଆପଣ ଏଭଳି ଜବ୍ ଖୋଜୁଛନ୍ତି, ତେବେ ଫ୍ରି ଜବ୍ ଆଲର୍ଟ (www.freejobalert.com), ଆଡା୨୪୭ (www.adda247.com), ନୌକ୍ରୀ.କମ୍ (naukri.com), କ୍ୱିକର୍‌ଜବ୍ (QuikrJobs.com) ଭଳି ସାଇଟ୍‌ଗୁଡ଼ିକରେ ଜବ୍ ଭ୍ୟାକେନ୍ସି ସୂଚନା ସହଜରେ ପାଇପାରିବେ। ସେହିପରି ବର୍ତ୍ତମାନ ସଫ୍ଟୱେର୍ ଏବଂ ଟେକ୍ନୋଲୋଜି ସମ୍ବନ୍ଧିତ ବିଭିନ୍ନ କ୍ଷେତ୍ରରେ ଜବ୍‌ର ଡିମାଣ୍ଡ ବହୁତ ବଢ଼ିଚାଲିଛି। ଏଭଳି ଜବ୍ ଖୋଜୁଥିଲେ ଡାଇସ୍.କମ୍(www.dice.com) ସାଇଟ୍ ଆପଣଙ୍କ ପାଇଁ ବେଷ୍ଟ ସାଇଟ୍। ପ୍ରଥମେ ଏହି ସାଇଟ୍‌ରେ ରେଜିଷ୍ଟର କରିବାକୁ ହୋଇଥାଏ। ଏଠାରେ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଏଆଇ, ମୋବାଇଲ୍ ଆପ୍ଲିକେଶନ୍ ଡେଭେଲପର୍, ଜାଭା, ଓରାକ୍ଲ, ନେଟ୍‌ୱର୍କ ଇଞ୍ଜିନିୟର, ସିଷ୍ଟମ ଇଞ୍ଜିନିୟର, ପିଏଚ୍‌ପି, ଲିନକ୍ସ ଆଦି ସମ୍ବନ୍ଧିତ ଅଧିକାଂଶ ଜବ୍ ସମ୍ପର୍କରେ ତଥ୍ୟ ଖୁବ୍ ସହଜରେ ପାଇଯିବେ। କେବଳ ଏତିକି ନୁହେଁ, ଏଥିରେ ଥିବା ସାଲାରି କାଲ୍‌କୁଲେଟର୍ ଟୁଲ୍ ବ୍ୟବହାର କରି ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ଅନୁଯାୟୀ କେଉଁ ଜବ୍ ପାଇଁ କେତେ ଦରମା ସେ ସମ୍ପର୍କରେ ଜାଣିପାରିବେ। ଆହୁରି ମଧ୍ୟ ଏହି ସାଇଟ୍‌ରେ ଟପ୍ ଏମ୍ପ୍ଲୟର୍ସ, କଷ୍ଟମ ଜବ୍ ନୋଟିଫିକେଶନ୍ ସହିତ କ୍ୱିକ୍ ଆପ୍ଲାଏ ଭଳି ଅପ୍ସନ ବି ରହିଛି।

**ସରକାରୀ ଚାକିରି:** ଭଲ ଦରମା ସହ ଏକ ଦୀର୍ଘସ୍ଥାୟୀ ଜବ୍ କରିବାକୁ ସବୁ ଯୁବପିଢ଼ିଙ୍କ ମନରେ ଲକ୍ଷ୍ୟ ଥାଏ। ଆଉ ଏଥିପାଇଁ ସରକାରୀ ଚାକିରିଠୁ ଭଲ ବିକଳ୍ପ ଆଉ କ'ଣ ବା ହୋଇପାରେ! ତେବେ ଏଭଳି ଚାକିରିର ନୋଟିସ୍ ଅବା ବିଜ୍ଞପ୍ତି କେବେ, କେଉଁଠି ପ୍ରକାଶ ପାଏ ସେ ସମ୍ପର୍କରେ ଯଥା ସମୟରେ ଜାଣି ନ ପାରିବା କାରଣରୁ ଅନେକେ ଏହି ଜବ୍ ପାଇବାରୁ ବଞ୍ଚିତ ହୁଅନ୍ତି। ତେଣୁ ସରକାରୀ ଚାକିରି ସମ୍ପର୍କରେ ସୂଚନା ପାଇବା ଲାଗି ଫ୍ରିଜବ୍ ଆଲର୍ଟ (www.freejobalert.com) ୱେବ୍‌ସାଇଟ୍ ବେଶ୍ ଉପକାରରେ ଆସିପାରେ। ଏଠାରେ ସମସ୍ତ ପ୍ରକାରର ସରକାରୀ ତଥା ସାର୍ବଜନୀନ କ୍ଷେତ୍ରରେ ଚାକିରି ସମ୍ପର୍କରେ ସୂଚନା ଉପଲବ୍ଧ। ଏହା ବ୍ୟତୀତ ବିଭିନ୍ନ ପ୍ରମୁଖ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ସମ୍ବନ୍ଧିତ ନୋଟିଫିକେଶନ୍ ବି ଏହି ସାଇଟ୍‌ରେ ମିଳିଥାଏ। ଏହାକୁ ବ୍ୟବହାର କରିବା ଲାଗି ରେଜିଷ୍ଟ୍ରେଶନ୍‌ର ଆବଶ୍ୟକତା ବି ନାହିଁ। ଏହା ବ୍ୟତୀତ ସରକାରୀ ରେଜଲ୍ଟ (www.sarkariresult.com), ଇଜି ଆପ୍ଲାଏ (www.easyapply.co.in), ଇଣ୍ଡିଆନ୍ ଗଭର୍ନମେଣ୍ଟ ଜବ୍ (www.indiangovtjobs.in) ଭଳି ୱେବ୍‌ସାଇଟ୍ ମଧ୍ୟ ବେଶ୍ କାମରେ ଆସିଥାଏ।

**ନନ୍ ପ୍ରଫିଟ୍ ଅର୍ଗାନାଇଜେଶନ୍ ଜବ୍:** କେବଳ ସରକାରୀ ସଂସ୍ଥା କିମ୍ବା କମ୍ପାନୀଗୁଡ଼ିକରେ ନୁହେଁ, ବର୍ତ୍ତମାନ ନନ୍‌ପ୍ରଫିଟ୍ ଅର୍ଗାନାଇଜେଶନ୍‌ଗୁଡ଼ିକରେ ମଧ୍ୟ ଚାକିରି ଅପ୍ସନ ଢେର୍। ହେଲେ ଏ କ୍ଷେତ୍ରରେ କେଉଁଠି ଭ୍ୟାକେନ୍ସି ଅଛି ଜାଣିବା ସହଜ ହେଉ ନ ଥିବାରୁ ଅନେକେ ଆଶାୟୀ ଭଲ ଜବ୍ ପାଇବାରୁ ବଞ୍ଚିତ ହୁଅନ୍ତି। ହେଲେ ଏ କ୍ଷେତ୍ରରେ ବିଭିନ୍ନ ଜବ୍ ସମ୍ପର୍କରେ ଜାଣିବା ଲାଗି ଆଇଡିଆଲିଷ୍ଟ.ଓଆର୍‌ଜି (idealist.org) ସବୁଠୁ ଭଲ ବିକଳ୍ପ। ଏହି ୱେବ୍‌ସାଇଟ୍‌ରୁ ଆପଣ ବିଭିନ୍ନ ଅର୍ଗାନାଇଜେଶନ୍‌ରେ ନିଜ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଏବଂ ଆବଶ୍ୟକତା ଅନୁଯାୟୀ ପାର୍ଟଟାଇମ୍, ଫୁଲଟାଇମ୍ ଜବ୍ ଖୋଜି ପାରିବେ।

**ଦିନଥିଲା, ଭଲ ଜବ୍‌ଟିଏ ଖୋଜିବା ଥିଲା ଏକ କଷ୍ଟକର କାର୍ଯ୍ୟ। କେବେ ଖବରକାଗଜରେ ବିଜ୍ଞାପନକୁ ଅପେକ୍ଷା କରିବାକୁ ପଡୁଥିଲା ତ ଆଉ କେବେ ବାୟୋଡାଟା ଏବଂ ସାର୍ଟିଫିକେଟ୍ ଧରି ଏ ଅଫିସ୍‌ରୁ ସେ ଅଫିସ୍‌କୁ ଧାଇଁବାକୁ ପଡୁଥିଲା। ହେଲେ ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ବିଭିନ୍ନ ଜବ୍ ସମ୍ପର୍କରେ ସୂଚନା ପାଇଁ ଅନେକ ୱେବ୍‌ସାଇଟ୍ ଉପଲବ୍ଧ। ତେବେ କେଉଁ ଜବ୍ ପାଇଁ କେଉଁ ସାଇଟ୍ ଖୋଜିବା ଦରକାର, ସେ ସମ୍ପର୍କରେ ଜାଣିରଖିଲେ ଜବ୍ ଖୋଜିବା କାର୍ଯ୍ୟ ହୋଇଯାଏ ଆହୁରି ସହଜ...**

**ଜବ୍ ସମ୍ପର୍କରେ ସୂଚନା ଦେଉଥିବା କେତୋଟି ପ୍ରମୁଖ ୱେବ୍‌ସାଇଟ୍...**
www.freejobalert.com
www.adda247.com
www.sarkariresult.com
www.easyapply.co.in
www.indiangovtjobs.in
www.naukri.com
www.linkedin.com
www.quikr.com
www.dice.com
www.monsterindia.com
http://neuvoo.com
www.indeed.com
www.ziprecruiter.com







## ଏ ସପ୍ତାହର ପ୍ରଶ୍ନ

୧– ତାଡ଼ି ଉତ୍ସବ ................ଠାରେ ପାଳନ କରଯାଏ ?
୨– ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ–୨୦୨୪ର ମାସ୍କଟ୍ .............. ?
୩– କାଜାଖସ୍ତାନର ନୂଆ ପ୍ରଧାନମନ୍ତ୍ରୀ............... ?
୪– ନ୍ୟାଶନାଲ୍ ସାଇନ୍ସ ଡେ'– ୨୦୨୪ର ଥିମ୍ ........... ?
୫– ଆସାନୁର୍ ପାଇପ୍‌ଲାଇନ୍ ଟର୍ମିନାଲ୍ ........... ରାଜ୍ୟରେ ଅବସ୍ଥିତ ?

## ଗତ ସପ୍ତାହର ଉତ୍ତର

୧ ସୁରଟ ଏୟାରପୋର୍ଟ
୨ ହରିୟାଣା
୩ ଦିଶ୍ ମୁମେଣ୍ଟ
୪ ୟେମେନ୍
୫ ଫାତିମା ୱାଶିମ୍

## ଉତ୍ତରଦାତା


ଅନ୍ନପୂର୍ଣ୍ଣା ମହାନ୍ତି, କଟକ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ପୃଥିବୀର ଲୋକପ୍ରିୟ ଏସି ବ୍ରାଣ୍ଡ




୧ ..................... ଡାଇକିନ
୨ ..................... ହିଟାଚି
୩ ..................... ବ୍ଲୁଷ୍ଟାର୍
୪ ..................... କ୍ୟାରିୟର୍
୫ ..................... ୱର୍‌ପୁଲ୍
୬ ..................... ଭୋଲ୍ଟାସ୍
୭ ..................... ପାନାସୋନିକ୍
୮ ..................... ଏଲ୍‌ଜି
୯ ..................... ସାମ୍‌ସଙ୍ଗ
୧୦ ..................... ଇଲେକ୍ଟ୍ରୋଲକ୍ସ

## ଜାଣନ୍ତୁ ଦୁନିଆ

# ବ୍ରୁନେଇ

**ବ୍ରୁନେଇ ହେଉଛି ପୃଥିବୀର ଧନୀ ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ। ଦକ୍ଷିଣ–ପୂର୍ବ ଏସୀୟ ଏହି ବିକାଶଶୀଳ ଦେଶଟି କେତେକ ସ୍ୱତନ୍ତ୍ର କାରଣ ପାଇଁ ଅନ୍ୟମାନଙ୍କଠାରୁ ଭିନ୍ନ। ଜାଣନ୍ତୁ ଏହି ଦେଶ ସମ୍ପର୍କରେ...**



* ଦକ୍ଷିଣ–ପୂର୍ବ ଏସିଆରେ ବ୍ରୁନେଇ ହେଉଛି ସର୍ବାଧିକ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଥିବା ଦେଶ। ସେଠାରେ ୫୧ ପ୍ରତିଶତ ସ୍କୁଲ୍ ପିଲାଙ୍କଠାରେ ମେଦବହୁଳତା ଦେଖିବାକୁ ମିଳେ। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସେଠାକାର ଲୋକେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ନାହିଁ, ଯେଉଁଥିପାଇଁ ସେଠାରେ ମାତ୍ର ହାତଗଣତି ମ୍ୟାକ୍ ଡୋନାଲ୍ଡ ଭଳି ରେଷ୍ଟୁରାଣ୍ଟ ରହିଛି।
* ବ୍ରୁନେଇ ଦାରୁସାଲାମ୍ ହେଉଛି ଏହି ଦେଶର ଅଫିସିଆଲ୍ ନାମ। ଏହା ୧, ଜାନୁୟାରୀ ୧୯୮୪ରେ ଏକ ସ୍ୱାଧୀନ ଦେଶ ହୋଇଥିଲେ ସୁଦ୍ଧା ଏଠାରେ ଏବେବି ରାଜତନ୍ତ୍ରକୁ ଗୁରୁତ୍ୱ ଦିଆଯାଏ। ହାଜି ହସନ୍‌ଲାଲ୍ ବୋଲ୍‌କିଆହ ମୁଇଜାଦ୍ଦୀନ୍ ୱାଦା ବର୍ତ୍ତମାନ ଏହି ଦେଶର ରାଜା ବା ସୁଲତାନ୍। ସେଠାକାର ସୁଲତାନ୍ ପ୍ରଧାନମନ୍ତ୍ରୀ ପଦ ସହିତ ଡିଫେନ୍ସ, ଫାଇନାନ୍ସ ଏବଂ ଫରେନ୍ ଆଫାୟାର୍ସ ଏବଂ ଟ୍ରେଡ୍ ମିନିଷ୍ଟର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।
* ସୁଲ୍‌ତାନଙ୍କ ପାଖରେ ଅନେକ ଦାମୀ କାମ୍ କଲେକ୍ସନ ଥିବା ବେଳେ ଗୋଟିଏ ସୁନାରେ ତିଆରି ପ୍ରାଇଭେଟ୍ ଜେଟ୍ ମଧ୍ୟ ରହିଛି।
* ଏହି ଦେଶର ଲୋକଙ୍କ ଆୟୁକାଳ ସାଧାରଣତଃ ଅନ୍ୟମାନଙ୍କଠାରୁ ବେଶି। ଅର୍ଥାତ୍ ୭୫–୯୩ ବର୍ଷ।
* ଏହା ପୃଥିବୀର ଏକ ଧନୀ ଦେଶ ହୋଇଥିଲେ ସୁଦ୍ଧା ଏଠାକାର ଲୋକେ ଦାମୀ ଏବଂ ବଡ଼ ଘର ପରିବର୍ତ୍ତେ କାର୍‌ରେ ଅଧିକ ସଉକ ରଖନ୍ତି। ଆଉ ଏଥିପାଇଁ ପୃଥିବୀର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହି ଦେଶରେ କାର୍ ଉପଭୋକ୍ତାଙ୍କ ସଂଖ୍ୟା ସର୍ବାଧିକ।
* ଏଠାକାର ପ୍ରତିଟି ଘର ବାହାର କାନ୍ଥରେ ଘର ମାଲିକଙ୍କୁ ନିଜ ପତ୍ନୀଙ୍କ ଫଟୋ ସହିତ ସୁଲତାନ୍‌ଙ୍କ ଫଟୋ ଲଗାଇବା ବାଧ୍ୟତାମୂଳକ।
* ଏହି ଦେଶରେ ଆଲ୍‌କହଲ୍ ବିକ୍ରି ଏବଂ ପିଇବା ଆଇନବିରୁଦ୍ଧ। ହେଲେ ଏଠାରେ ରହୁଥିବା ଅଣ–ମୁସ୍‌ଲିମ୍‌ମାନେ ୨ ଲିଟର ପର୍ଯ୍ୟନ୍ତ ଆଲ୍‌କହଲ୍ ଦେଶକୁ ଆଣିବାର ଅନୁମତି ରହିଛି।
* ସେଠାରେ ବହୁ ପରିମାଣରେ ଗଚ୍ଛିତ ତୈଳ ଥିବାରୁ ଖୁବ୍ କମ୍ ଦରରେ ତେଲ ମିଳିଥାଏ।
* ଏହା ହେଉଛି ଦକ୍ଷିଣ ଏସିଆର ସବୁଠୁ ଅଧିକ ମୁସଲମାନ ରହୁଥିବା ଦେଶ। ଏଠାରେ ଅନେକ ସୁନ୍ଦର ମସ୍‌ଜିଦ୍ ରହିଛି।



## ୟୁଥ୍ ଆଲର୍ଟ

# ବ୍ଲାକ୍ କଫି ଅଧିକ ପିଉଥିଲେ...

**ବର୍ତ୍ତମାନ ବ୍ଲାକ୍ କଫି ପିଇବା ଅନେକ ଯୁବତୀ ଯୁବକଙ୍କର ଏକ ସଉକ ପାଲଟିଗଲାଣି। କ୍ଷୀର ସହିତ କଫି ଏବଂ ଚିନିର କମ୍ବିନେଶନ୍ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ଥିବା ବେଳେ ବ୍ଲାକ୍ କଫି ଭଲ ବୋଲି ମଧ୍ୟ କୁହାଯାଏ। ଶରୀର ଓ ମନକୁ ଫୂର୍ତ୍ତି କରିବା ଲାଗି ଅନେକେ ଦିନରେ ଏକାଧିକ ଥର ମଧ୍ୟ ବ୍ଲାକ୍ କଫି ପିଇଥାଆନ୍ତି। ହେଲେ ଜାଣନ୍ତିକି ଅଧିକ ବ୍ଲାକ୍ କଫି ପିଇବା ବି ସ୍ୱାସ୍ଥ୍ୟପକ୍ଷେ ହାନିକାରକ...**





**ଏସିଡିଟି ବଢ଼ାଇଥାଏ:** କଫିରେ ଅମ୍ଳ ପରିମାଣ ଅଧିକ। ତେଣୁ ଅଧିକ କଫି ପିଇବା ଦ୍ୱାରା ଏସିଡିଟି, ଛାତି ଜଳିବା, ପିଏଚ୍ ବାଲାନ୍ସ ଅସନ୍ତୁଳିତ ହେବା, ବଦହଜମୀ ହେବା ସହ ହାଡ଼ ଏବଂ ଜଏଣ୍ଟରେ ଯନ୍ତ୍ରଣା ହେବା ଆଦି ସମସ୍ୟା ଦେଖାଦେଇଥାଏ।

**ଉପୁଯାଏ କୋଷ୍ଠକାଠନ୍ୟ ସମସ୍ୟା:** କଫିରେ ଅଧିକ ପରିମାଣରେ କଫିନ୍ ରହିଥାଏ ଯାହା କୋଷ୍ଠକାଠିନ୍ୟ ସମସ୍ୟା ବଢ଼ାଇଥାଏ। କେବଳ ଏତିକି ନୁହେଁ, କଫି ପିଇବା ଏକ ଏଭଳି ଆଡିକ୍ସନରେ ପରିଣତ ହୋଇଯାଏ, ଦିନେ ନ ପିଇଲେ ମୁଣ୍ଡ ବିନ୍ଧିବା, ଅଳସୁଆ ବା ମାନ୍ଦା ଲାଗିବା ଭଳି ସମସ୍ୟା ଉପୁଜିଥାଏ।

**ହ୍ରାସ କରେ ଶକ୍ତି:** ଆଡ୍ରେନାଲ୍ ଗ୍ଲାଣ୍ଡ ପ୍ରାକୃତିକ ଉପାୟରେ ଶରୀରକୁ ଶକ୍ତି ଯୋଗାଇଥାଏ। କଫିରେ ଥିବା କଫିନ୍ ଆଡ୍ରେନାଲ୍ ଗ୍ଲାଣ୍ଡକୁ ଶରୀରକୁ ଶକ୍ତି ଯୋଗାଉଥିବା ହର୍‌ମୋନ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ତେଣୁ ଅଳ୍ପ ପରିମାଣରେ ଏହାକୁ ପିଇବା ସ୍ୱାସ୍ଥ୍ୟପକ୍ଷେ ଲାଭଦାୟକ। ହେଲେ ବାରମ୍ବାର କଫି ପିଇବା ଦ୍ୱାରା ଆଡ୍ରେନାଲ୍ ଗ୍ଲାଣ୍ଡ ଉପରେ ଚାପ ପଡ଼ିଥାଏ। ଫଳରେ ତାହା ପ୍ରାକୃତିକ ଉପାୟରେ ଶକ୍ତି ଯୋଗାଇ ନ ପାରିବା ସହ ଆଡ୍ରେନାଲ୍ ଫଟିଗ୍, ବର୍ନଆଉଟ୍ କିମ୍ବା ହର୍ମୋନ ଇମ୍‌ବାଲାନ୍ସ ଭଳି ସମସ୍ୟା ଉପୁଜିଥାଏ।

**ବଢ଼ାଏ ଡାଇବେଟିସ୍ ଆଶଙ୍କା:** ମାନସିକ ଚାପ ଦୂର କରିବା ଲାଗି ଅନେକେ କଫି ପିଅନ୍ତି। ଏହାଦ୍ୱାରା କିଛି ସମୟ ପାଇଁ ଏଥିରୁ ମୁକ୍ତି ମିଳିଥାଏ। ହେଲେ ଟେନ୍‌ସନ୍ ଫ୍ରି ହେବା ଆଳରେ ବାରମ୍ବାର ବ୍ଲାକ୍ କଫି ପିଇଲେ ଶରୀରରେ କର୍ଟିସଲ୍ ବୃଦ୍ଧି ପାଇଥାଏ। ଫଳରେ ଶରୀରରେ ଚର୍ବି ଅଂଶ ବଢ଼ିଥାଏ। କେବଳ ଏତିକି ନୁହେଁ, ବାରମ୍ବାର ବ୍ଲାକ୍ କଫି ପିଇବା ଦ୍ୱାରା ଇନ୍‌ସୁଲିନ୍ କ୍ଷରଣ କମିଥାଏ, ଯାହାକି ଡାଇବେଟିସ୍ ହେବାର ମୁଖ୍ୟ କାରଣ।

**ସାଜେ ନିଦ୍ରାହୀନତାର କାରଣ:** ବ୍ଲାକ୍ କଫି ଅଧିକ ପିଇବା ଦ୍ୱାରା ନିଦ୍ରାହୀନତା ସମସ୍ୟା ଉପୁଜିପାରେ। ତେଣୁ ରାତିରେ ଏକ ଭଲ ଏବଂ ଶାନ୍ତିପୂର୍ଣ୍ଣ ନିଦ୍ରା ଚାହୁଁଥିଲେ ଶୋଇବାର ଦୁଇ ଘଣ୍ଟା ପୂର୍ବରୁ ଆଦୌ ବ୍ଲାକ୍ କଫି କିମ୍ବା କ୍ଷୀରଯୁକ୍ତ କଫି ପିଅନ୍ତୁ ନାହିଁ।

# ବିଜୟ ସହ ଶୀର୍ଷରେ ମୁମ୍ବାଇ ଇଣ୍ଡିଆନ୍ସ



ଆର୍‌ସିବି ଦଳର ଉଇକେଟ ପତନରେ ଉଲ୍ଲସିତ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି।

**ବେଙ୍ଗାଲୁରୁ, ୨।୩**

ଓମେନ୍ସ ପ୍ରିମିୟର ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୭ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)କୁ ପରାସ୍ତ କରିଛି। ଆର୍‌ସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୩୧ ରନ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୫.୧ ଓଭରରେ ୩ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା। ୪ ମ୍ୟାଚରୁ ତୃତୀୟ ବିଜୟ ସହ ମୁମ୍ବାଇ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଏହି ଦଳର ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆର୍‌ସିବି ୪ ମ୍ୟାଚରୁ ୨ୟ ପରାଜୟ ସହ ୪ ନମ୍ବର ସ୍ଥାନକୁ ଖସିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଦଳର କାମଚଳା ଅଧିନାୟିକା ନାଟ

## ଓମେନ୍ସ ପ୍ରିମିୟର ଲିଗ୍

ସ୍କିଭର-ବ୍ରଣ୍ଟ। ବୋଲରମାନେ ଚମତ୍କାର ବୋଲିଂ କରି ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ଦଳୀୟ ସ୍କୋର ୧୪ ହୋଇଥିବାବେଳେ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଉଇକେଟ ହରାଇ ଆର୍‌ସିବି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମନ୍ଧାନା ୯, ସୋଫି ଡିଭାଇନ ୯ ଓ ସାଭିନେନି ମେଘନା ୧୧ ରନ କରି ପ୍ୟାଭିଲିୟନ ଫେରିବାରୁ ଆର୍‌ସିବି ସ୍କୋର ୫.୪ ଓଭର ବେଳକୁ ୩୩/୩ ହୋଇ ଯାଇଥିଲା। ଗୋଟିଏ ପଟରେ ଏଲିସ ପେରୀ ଦକ୍ଷତାର ସହ ବିପକ୍ଷ ଦଳର ବୋଲରଙ୍କୁ ମୁକାବିଲା କରିଥିବାବେଳେ ଅନ୍ୟପଟରେ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ଡିଭାଇନ ୩୮ ବଲ୍‌ରୁ ସର୍ବାଧିକ ୪୫ ରନ କରି ଅପରାଜିତ ରହିଥିଲେ। ରିଚା ଘୋଷ ୭, ସୋଫି ମୋଲିନକ୍ସ ୧୨ ଓ ଜର୍ଜିଆ ୱେରହାମ ୨୭ ରନ କରି ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ନାଟ ସ୍କିଭର-ବ୍ରଣ୍ଟ ଓ ପୂଜା ବସ୍ତ୍ରକାର ୨ଟି ଲେଖାଏ ଏବଂ ଇସି ୱଙ୍ଗ ଓ ସାଇକା ଇସାକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟରମାନେ ଆର୍‌ସିବି ବୋଲରଙ୍କୁ ସଫଳ ମୁକାବିଲା କରିଥିଲେ। ଟପ୍ ଅର୍ଡରରେ ୟାସ୍ତିକା ଭାଟିଆ ୩୧, ହିଲି ମାଥ୍ୟୁସ ୨୬, ନାଟ୍ ସ୍କିଭର-ବ୍ରଣ୍ଟ ୨୭ ରନ କରି ଆଉଟ ହୋଇଥିବାବେଳେ ଆମେଲିଆ କେର ୨୪ ବଲ୍‌ରୁ ଦ୍ରୁତ ୪୦ ଓ ପୂଜା ବସ୍ତ୍ରକାର ୮ ରନରେ ଅପରାଜିତ ରହିଥିଲେ। ଆର୍‌ସିବି ପକ୍ଷରୁ ସୋଫି ଡିଭାଇନ, ଜର୍ଜିଆ ୱେରହାମ ଓ ଶ୍ରେୟଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୩୧/୬ (ଏଲିସ ପେରୀ-୪୪*, ଜର୍ଜିଆ ୱେରହାମ-୨୭, ନାଟ୍ ସ୍କିଭର ବ୍ରଣ୍ଟ-୨/୨୭, ପୂଜା ବସ୍ତ୍ରକାର-୨/୧୪, ଇସି ୱଙ୍ଗ-୧/୨୦, ସାଇକା ଇସାକ-୧/୯)। ମୁମ୍ବାଇ ଇଣ୍ଡିଆନ୍ସ ୧୫.୧ ଓଭରରେ ୧୩୩/୩ (ଆମେଲିଆ କେର-୪୦*, ୟାସ୍ତିକା ଭାଟିଆ-୩୧, ନାଟ ସ୍କିଭର ବ୍ରଣ୍ଟ-୨୭, ହିଲି ମାଥ୍ୟୁସ-୨୬, ସୋଫି ଡିଭାଇନ-୧/୧୬, ଜର୍ଜିଆ ୱେରହାମ-୧/୧୮, ଶ୍ରେୟଙ୍କା ପାଟିଲ-୧/୧୫)।

# ଗୋକୁଲମ୍‌କୁ ଭେଟିବ ସ୍ପୋର୍ଟ୍ସ ଓଡ଼ିଶା




ଗୋକୁଲମ କେରଳ ଓ ସ୍ପୋର୍ଟ୍ସ ଓଡ଼ିଶାର କୋଚ୍ ଓ ଖେଳାଳି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ରବିବାର ସ୍ପୋର୍ଟ୍ସ ଓଡ଼ିଶା ଓ ଗୋକୁଲମ୍ କେରଳ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ସ୍ଥାନୀୟ କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଏହି ମ୍ୟାଚ ଖେଳାଯିବ। ଗୋକୁଲମ କେରଳ ୯ ମ୍ୟାଚରୁ ୬ ବିଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଏହି ଦଳ ଭଲ ପ୍ରଦର୍ଶନ ବଜାୟ ରଖିବା ନେଇ ଆଶା ପ୍ରକାଶ କରିଛନ୍ତି ଦଳର ମୁଖ୍ୟ କୋଚ୍ ଆନ୍ଥୋନ ଆଣ୍ଡ୍ର୍ୟୁସ ଓ ଖେଳାଳି ଫଜିଲା ଇକ୍ୱାପୁଟ। ଅନ୍ୟପକ୍ଷରେ ସ୍ପୋର୍ଟ୍ସ ଓଡ଼ିଶା ୯ଟି ମ୍ୟାଚ ଖେଳି ସାରିଥିଲେ ହେଁ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ମାତ୍ର ୨ ପଏଣ୍ଟ ସହ ଦଳ ଟେବୁଲର ନିମ୍ନରେ ରହିଛି। ଘରୋଇ ପରିବେଶରେ ଆଗାମୀ ମ୍ୟାଚରେ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ମୁଖ୍ୟ କୋଚ୍ ପାରୋମିତା ସିଟ୍ ଓ ଖେଳାଳି ଜାହ୍ନବୀ କିଶାନ।

# ବ୍ଲୁ କାର୍ଡ ପ୍ରଚଳନ କରିବ ନାହିଁ ଫିଫା

**ଲୋଚ୍ ଲୋମଣ୍ଡ (ସ୍କଟଲାଣ୍ଡ), ୨।୩ (ଏପି)**



ଅନ୍ତର୍ଜାତୀୟ ଫୁଟ୍‌ବଲ ଆସୋସିଏଶନ ମହାସଂଘ(ଫିଫା) ପ୍ରସ୍ତାବିତ 'ବ୍ଲୁ କାର୍ଡ' ଯୋଜନାକୁ କାର୍ଯ୍ୟକାରୀ କରିବ ନାହିଁ। ଖେଳର ନିୟମ ପ୍ରସ୍ତୁତକାରୀ ପ୍ୟାନେଲ ଆଇଏଫ୍‌ଏବି (ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ ବୋର୍ଡ)ର ବାର୍ଷିକ ବୈଠକ ପୂର୍ବରୁ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଶନିବାର ଏକଥା ସ୍ପଷ୍ଟ କରିଛନ୍ତି। ମାସକ ପୂର୍ବେ ଶୁଣିବାକୁ ମିଳିଥିଲା ଏଣିକି ରେଫରିଙ୍କ ପକେଟରେ ରେଡ୍ କାର୍ଡ, ୟେଲୋ କାର୍ଡ ସହ ବ୍ଲୁ କାର୍ଡ ସ୍ଥାନ ପାଇବ। ଏହି କାର୍ଡ ଦେଖାଇ ରେଫରି ଜଣେ ନିୟମ ଉଲ୍ଲଂଘନକାରୀ ଖେଳାଳିଙ୍କୁ କିଛି ମିନିଟ ପାଇଁ ପଡ଼ିଆରୁ ବାହାର କରିପାରିବେ। ଇନ୍‌ଫାଣ୍ଟିନୋ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଭିଡିଓ କ୍ଲିପ୍ ପୋଷ୍ଟ କରିଛନ୍ତି। ଏଲିଟ୍ ଲେଭଲରେ କୌଣସି ବ୍ଲୁ କାର୍ଡ ବ୍ୟବହାର କରାଯିବ ନାହିଁ। ଫିଫା ଏହାକୁ ସମ୍ପୂର୍ଣ୍ଣ ବିରୋଧ କରେ ବୋଲି ସେ ଏଥିରେ ରିପୋର୍ଟରମାନଙ୍କୁ କହିଛନ୍ତି। ଖେଳକୁ ଅଧିକ ଶୃଙ୍ଖଳିତ ରୂପେ ପରିଚାଳନା କରିବା ଉଦ୍ଦେଶ୍ୟରେ 'ବ୍ଲୁ କାର୍ଡ' ପ୍ରଥମେ ୨୦୧୯-୨୦ ସିଜନରେ ତୃଣମୂଳ ସ୍ତରରେ ବ୍ୟବହାର କରାଯାଇଥିଲା। ମାତ୍ର ଇଂଲିଶ ପ୍ରିମିୟର ଲିଗ୍‌ରେ ଲୋକେ ଏହି ବ୍ୟବସ୍ଥାକୁ ନାପସନ୍ଦ କରିଥିଲେ। କୌଣସି ବିଶୃଙ୍ଖଳା କାର୍ଯ୍ୟ ପାଇଁ ଯଦି ଜଣେ ଖେଳାଳିଙ୍କୁ ୧୦ ମିନିଟ ପାଇଁ ପଡ଼ିଆରୁ ବାହାର କରି ଦିଆଯାଏ ତେବେ ଦଳଗୁଡ଼ିକ ରକ୍ଷଣାତ୍ମକ ଏବଂ ନକାରାତ୍ମକ କୌଶଳ ଅବଲମ୍ବନ କରିବେ। ଆଇଏଫ୍‌ଏବିରେ କୌଣସି ପ୍ରସ୍ତାବ ଗୃହୀତ ହେବାକୁ ହେଲେ ଏହା ସପକ୍ଷରେ ୬ଟି ଭୋଟର ଆବଶ୍ୟକତା ରହିଛି। କେବଳ ୪ଟି ମହାସଂଘ ଯଥା ଇଂଲଣ୍ଡ, ନର୍ଦ୍ଦର୍ନ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ୱେଲ୍ସର ସମର୍ଥନ ମିଳିଛି। ବ୍ଲୁ କାର୍ଡ ରଗ୍‌ବୀ ଖେଳରେ ବିଭିନ୍ନ ପ୍ରକାର ଫାଉଲ ପାଇଁ ବ୍ୟବହାର କରାଯାଇ ଆସୁଛି। ଆଇସ୍ ହକିରେ ମଧ୍ୟ ଏହାର ବ୍ୟବହାର କରାଯାଉଛି। ଏଥିରେ ଜଣେ ଖେଳାଳିଙ୍କୁ ବ୍ଲୁ କାର୍ଡ ଦେଖାଇ ରେଫରି ଦୁଇ ମିନିଟ ପାଇଁ ପେନାଲ୍ଟି ବକ୍ସକୁ ପଠାଇ ଦେଇ ପାରନ୍ତି। ଏକ୍ଷେତ୍ରରେ ଅନ୍ୟ ଦଳକୁ ପାୱାର ପ୍ଲେ ଡାକିବା ଫାଇଦା ମିଳିବ ଏବଂ ଅଧିକ ଗୋଲ୍ ସ୍କୋରିଂ ସୁଯୋଗ ସୃଷ୍ଟି ହେବ।

# କିଟ୍ ଓ କିସ୍ ପଦକ ବିଜେତାଙ୍କୁ ଅଚ୍ୟୁତଙ୍କ ପ୍ରଶଂସା



କିଟ୍ ଓ କିସ୍‌ର ପଦକ ବିଜେତାଙ୍କ ଗହଣରେ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨।୩ (ବିଜୟ ରଣା)**

ଗତ ଦୁଇ ମାସରେ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ଓ କିସ୍‌ର ଖେଳାଳିମାନେ ଅନେକ ପଦକ ହାସଲ କରିଛନ୍ତି। ସେମାନେ ମୋଟ ୩୦ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପାଇଛନ୍ତି। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡକ୍ଟର ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ଆଗାମୀ ପ୍ରତିଯୋଗିତାଗୁଡ଼ିକ ଲାଗି ଖେଳାଳିମାନଙ୍କୁ ନିଃସର୍ତ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତର-ପୂର୍ବାଞ୍ଚଳ ଚତୁର୍ଥ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପୁରୁଷ ଟେନିସ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ୫୫କେଜି ଭାରୋତ୍ତୋଳନରେ ସ୍ନେହ ସୋରେନ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ପୁନିତ ଚନ୍ଦ୍ର ସାହୁ ୧୦୨ କେଜିରେ ରୌପ୍ୟ ଜିତିଛନ୍ତି। କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃ-ୟୁନିଭର୍ସିଟି ସ୍ପୋର୍ଟ୍ସ ମିଟ୍‌ରେ ଚମତ୍କାର ପ୍ରଦର୍ଶନ କରି କିଟ୍ ଦଳ ୮ଟି ଚାମ୍ପିୟନ୍ସ ଟ୍ରଫି (ମହିଳା ଓ ପୁରୁଷ ଚେସ୍, ମହିଳା ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଓ ଡବଲ୍ସ, ଖୋ ଖୋ ପୁରୁଷ, ଭଲିବଲ ପୁରୁଷ ଓ ମହିଳା ଏବଂ ମହିଳା କ୍ରିକେଟ) ହାସଲ କରିଛି। ଏହାଛଡ଼ା ୫ଟି ଖେଳରେ ରନରଅପ୍ ଟ୍ରଫି ହାସଲ କରିଛି। ସେଗୁଡ଼ିକ ହେଲା ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ, ପୁରୁଷ ଓ ମହିଳା ବାସ୍କେଟ ବଲ୍, ମହିଳା ହକି ଓ ମହିଳା କବାଡ଼ି। ଏଥିସହିତ ଦଳ ଓଭର ଅଲ ଚାମ୍ପିୟନ ହୋଇପାରିଛି। ସେହିପରି ଉତ୍କଳ ୟୁନିଭର୍ସିଟିରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ କିଟ୍‌ର ଆଥ୍‌ଲେଟିକ୍ସ ଟିମ୍ ୧୬ ପଦକ (୯ସ୍ୱର୍ଣ୍ଣ, ୫ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ) ଲାଭ କରିଛି। ଏଥିସହିତ ସେମାନେ ଓଭର ଅଲ୍ ଚାମ୍ପିୟନ୍ସ ଟ୍ରଫି ହାସଲ କରିଛନ୍ତି। ନୂଆ-ଓ- ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ଓ କିସ୍‌ର ଛାତ୍ରୀଛାତ୍ରମାନେ ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରି ମହିଳା ଭଲିବଲ, କବାଡ଼ି ଓ ଖୋ ଖୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ଇ-ଲିଗ୍ ଉଦ୍‌ଘାଟିତ: ଓଡ଼ିଶା ପୋଷ୍ଟାଲ ବିଜୟୀ

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପଡ଼ିଆରେ ଶନିବାର ୮ମ ଇ-ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଓଡ଼ିଶା ପୋଷ୍ଟାଲ ୪ ଉଇକେଟରେ କଲ୍ଟସ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଲ୍ଟସ ଏକାଦଶ ୩୬ ଓଭରରେ ୯୭ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଅମନ ଦାସ ସର୍ବାଧିକ ୨୧ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ନାୟକ ୩ଟି ଏବଂ ଅନୁରାଗ ଷଡ଼ଙ୍ଗୀ ଓ ସାଇ ପ୍ରସାଦ ଆଚାର୍ଯ୍ୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ପୋଷ୍ଟାଲ ୨୮.୪ ଓଭରରେ ୬ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ନେଇଥିଲା। ଦଳ ଏକଦା ୬୪ ରନ ମଧ୍ୟରେ ୬ ଉଇକେଟ ହରାଇଥିଲେ ହେଁ ଅଧିନାୟକ ଅନୁରାଗ ଷଡ଼ଙ୍ଗୀ (୨୯*) ଓ ଶୁଭେନ୍ଦୁ ସାମଲ (୧୩*) ଅସମାପ୍ତ ୭ମ ଉଇକେଟରେ ୩୭ ରନ ଯୋଗକରି ଦଳକୁ ବିଜୟୀ କରିଥିଲେ। ପ୍ରତିପକ୍ଷ ଦଳର ଲିପୁ ନାୟକ ମାତ୍ର ୨୦ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କାନ୍ତା ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏପ୍ରିଲ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି।




ଲିପୁ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପଦକ ବିଜୟୀ ଟେବୁଲ ଟେନିସ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଇନ୍ଦୋରରେ ଜାନୁଆରୀ ୧୬ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ୮୫ତମ ଜାତୀୟ ଆନ୍ତଃ ରାଜ୍ୟ ସବ୍-ଜୁନିୟର ଓ କ୍ୟାଡେଟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳକୁ ଶନିବାର ନବନିର୍ମିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ସଞ୍ଜୟ କୁମାର ସିଂ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓଡ଼ିଶା ଦଳର ସଦସ୍ୟ ଥିବା ଜିଜ୍ଞାଶୁ ସାହୁ, ଅନିନ୍ଦ୍ୟ ଏ. ଦାସ, ଜିଜ୍ଞାଶୁ ସାଇ କିରଣ ପ୍ରଧାନ, ତକମିଲ ମହମ୍ମଦ ଏବଂ କୋଚ୍ ରାଜ ଏସ୍. ସୁବ୍ୟମାନିଆନ, ସମ୍ବିତ ଦାସଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଟେବୁଲ ଟେନିସ ଖେଳାଳିମାନେ।

# ସେଥୁକୁ ୪-୦ରେ ହରାଇଲା ଓଡ଼ିଶା ଏଫ୍‌ସି



ଗୋଲ ଦେବାପରେ ଓଡ଼ିଶା ଏଫ୍‌ସି ଖେଳାଳିମାନେ ଖୁସି ମନାଉଛନ୍ତି।

## ଇଣ୍ଡିଆନ ଓମେନ୍ସ ଲିଗ୍

**ଭୁବନେଶ୍ୱର, ୨।୩ (ତପନ ସ୍ୱାଇଁ)**

ଗୋଆର ତିଲକ ମଇଦାନ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୦ ଗୋଲରେ ସେଥୁ ଏଫ୍‌ସିକୁ ପରାସ୍ତ କରିଛି। ଦଳ ପକ୍ଷରୁ ପ୍ୟାରୀ ଖାଖା ୬୦ ଓ ୭୮ ମିନିଟରେ ୨ଟି ଏବଂ ୱିନ୍ ଥନ୍‌ଗି ଟୁନ୍ ୪ର୍ଥ ଓ ଇନ୍ଦୁମତୀ କାଥିରେସାନ ୨୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ମ୍ୟାଚ ଆରମ୍ଭରୁ ଓଡ଼ିଶା ଏଫ୍‌ସି କ୍ଲିନ୍ ଶିଟ୍ ମଧ୍ୟ ହାସଲ କରିଛି। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶା ଏଫ୍‌ସି ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୪ର୍ଥ ମିନିଟରେ ୱିନ୍‌ଙ୍କ ଗୋଲ ସହାୟତାରେ ଓଡ଼ିଶା ଏଫ୍‌ସି ସ୍ଥାନୀୟ ଦଳ ସେଥୁ ଉପରେ ଚାପ ପ୍ରୟୋଗ କରିଥିଲେ। ୨୩ତମ ମିନିଟରେ ଇନ୍ଦୁମତୀ ଏହାକୁ ୨-୦ରେ ପରିଣତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରିଥିଲେ ପ୍ୟାରୀ। ସେ ୬୦ତମ ମିନିଟରେ ଏବଂ ୭୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଓଏଫ୍‌ସିର ବିଜୟ ନିଶ୍ଚିତ କରିଥିଲେ। ଓଡ଼ିଶା ଏଫ୍‌ସି ୯ ମ୍ୟାଚରୁ ୭ ବିଜୟ ସହ ୨୨ ପଏଣ୍ଟ ସହ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ସେଥୁ ୯ ମ୍ୟାଚରୁ ୧୦ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ଦଳର ଏହାଥିଲା ୫ମ ପରାଜୟ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ଚଳିତ ମାସ ୮ରେ ଦିଲ୍ଲୀର ଡକ୍ଟର ଆମ୍ବେଦକର ଷ୍ଟାଡିୟମରେ ହୋପ୍ସ ଏକାଦଶକୁ ଭେଟିବ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ